

‘ବର୍ଡର ୨’ରେ ଦେଖାଯିବେ ଏହି ଚାରି ନାୟିକା

▶ପୃଷ୍ଠା ୧୧ ଦେଖନ୍ତୁ...

ସକାଳ
THE SAKALA
PRINTED AT BHUBANESWAR JEYPORE SAMBALPUR PANIKOILI
♦VOLUME- 43 ♦ISSUE-177 ♦TUESDAY ♦23 DECEMBER 2025 ♦PAGE-12 ♦₹ 6.00
BHUBANESWAR
♦ବର୍ଷ-୪୩ ♦ସଂଖ୍ୟା-୧୭୭ ♦ମଙ୍ଗଳବାର ♦୨୩ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦

## ହକିରେ ଓଡ଼ିଶାର ବିରଳ ରେକର୍ଡ

# ତ୍ରିପୁରାକୁ ଦେଲା ୫୦ ଗୋଲ୍

■ ଭୁବନେଶ୍ୱର, ୨୨।୧୨ (ସମିସ): ଗୌହାଟୀରେ ଚାଲିଥିବା ପୂର୍ବାଞ୍ଚଳ ସବ୍‌ଜୁନିଅର ବାଳିକା ଅସ୍ମିତା ହକି ଚାମ୍ପିଅନସିପ୍‌ରେ ଓଡ଼ିଶା ବିରାଟ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଓଡ଼ିଶା ଦଳ ପ୍ରଥମ ମ୍ୟାଚରେ ୫୦-୦

### ପୂର୍ବାଞ୍ଚଳ ସବ୍‌ଜୁନିଅର ବାଳିକା ଅସ୍ମିତା ହକି

ଗୋଲ୍‌ରେ ଏକପାଖିଆ ଭାବେ ତ୍ରିପୁରାକୁ ହରାଇ ଚହଳ ସୃଷ୍ଟି କରିଛି। ହକି ଇଣ୍ଡିଆ ପକ୍ଷରୁ ଆୟୋଜିତ ଯେକୌଣସି ବୟସବର୍ଗର ଟୁର୍ଣ୍ଣାମେଣ୍ଟରେ ଏକ ମ୍ୟାଚରେ ଗୋଟିଏ ଦଳ ୫୦ଟି ଗୋଲ୍ ଦେବାରେ ଏହା ବିରଳ ଘଟଣା ବୋଲି କୁହାଯାଉଛି।

ଏହି ମ୍ୟାଚର ପ୍ରଥମ ମିନିଟ୍‌ରୁ ଗୋଲ୍ ଖାତା



ଖୋଲିଥିବା ଓଡ଼ିଶା ୬୦ତମ ମିନିଟ୍‌ରେ ଅନ୍ତିମ ତଥା ୫୦ତମ ଗୋଲ୍‌ଟି ଦେଇଥିଲା। ଫଳରେ ମ୍ୟାଚର ପ୍ରତି ୫ ମିନିଟ୍‌ରେ ଓଡ଼ିଶା ହାରାହାରି ୪ଟି ଲେଖାଏ ଗୋଲ୍ ସ୍କୋର କରିଥିଲା। ଓଡ଼ିଶା ମ୍ୟାଚର ୪ଟି ଯାକ କ୍ୱାର୍ଟରରେ ଯଥାକ୍ରମେ ୧୦ଟି, ୮ଟି, ୧୭ଟି ଓ ୧୫ଟି ଗୋଲ୍ ଦେଇଥିଲା। ଫଳରେ ପ୍ରଥମାର୍ଦ୍ଧରେ ୧୮ଟି ଓ ଦ୍ୱିତୀୟାର୍ଦ୍ଧରେ ୩୨ଟି ଗୋଲ୍ ହୋଇଥିଲା। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚରେ ଆସାମକୁ ଭେଟିବ। ପ୍ରକାଶଯୋଗ୍ୟ, ଅନ୍ତର୍ଜାତୀୟ ହକିରେ ଭାରତୀୟ ସିନିଅର ପୁରୁଷ ଦଳ ୨୦୧୮ ଏସୀୟ କ୍ରୀଡ଼ାରେ ୨୬-୦ ଗୋଲ୍‌ରେ ହଂକଂକୁ ପରାସ୍ତ କରିଥିଲା। ଯାହାକି ଭାରତୀୟ ଦଳର ସବୁଠୁ ବଡ଼ ବିଜୟ ଭାବେ ରେକର୍ଡ ହୋଇରହିଛି।

ଏସିଆ ମହାଦେଶରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ଏସିଆ-ଓସେନିଆ ବାଳିକା ହକିରେ ଦକ୍ଷିଣ

### ପ୍ରତି ୫ ମିନିଟ୍‌ରେ ହାରାହାରି ୪ଟି ଗୋଲ୍

କୋରିଆ ୯୨-୦ରେ ଥାଇଲାଣ୍ଡକୁ ଓ ୱିଣ୍ଟର ଅଲିମ୍ପିକ୍ସ ଲାଗି ୟୁରୋପୀୟ କ୍ୱାଲିଫିକେସନ ମହିଳା ହକିରେ ସ୍ଲୋଭାକିଆ ୮୨-୦ରେ ବୁଲଗାରିଆକୁ ହରାଇବାର ରେକର୍ଡ ରହିଛି। ୧୯୮୭ ୱାର୍ଲ୍ଡ ଚାମ୍ପିଅନସିପ୍ ଗ୍ରୁପ୍ ଡି’ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ସିନିଅର ଟିମ୍ ୫୮-୦ ଗୋଲରେ ନ୍ୟୁଜିଲାଣ୍ଡକୁ ହରାଇଥିଲା।

# ନିଲାମ ହେବ ରାଜ୍ୟର ୪୯ ଖଣି

## ତାଲିକାରେ କେନ୍ଦୁଝରର ୧୬, ସୁନ୍ଦରଗଡ଼ର ୧୨, ରାୟଗଡ଼ାର ୩ ଖଣି

■ ଭୁବନେଶ୍ୱର,୨୨।୧୨(ସମିସ): ଆଗାମୀ ଦିନରେ ରାଜ୍ୟର ୪୯ଟି ଖଣି ନିଲାମ ହେବ। ଏଥିପାଇଁ ରାଜ୍ୟ ସରକାରଙ୍କ ଖଣି ବିଭାଗ ପ୍ରକ୍ରିୟା ଆରମ୍ଭ କରିଛି। ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ପକ୍ଷରୁ ଏନେଇ ୪୯ଟି ଖଣିକୁ ଚିହ୍ନଟ କରାଯାଇଥିବା ବେଳେ ଆସନ୍ତା ୩ ତାରିଖରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହେବ। ଏଥିରେ ବାର୍ଷିକ ନିଲାମ କ୍ୟାଲେଣ୍ଡର ପ୍ରସ୍ତୁତି ପାଇଁ ପ୍ରସ୍ତାବିତ ଖଣି ବିଷୟରେ ଆଲୋଚନା ହୋଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।



ସୂଚନା ଅନୁସାରେ କେନ୍ଦ୍ର ଖଣି ମନ୍ତ୍ରଣାଳୟ ଖଣି ଗୁଡ଼ିକର ବାର୍ଷିକ ନିଲାମ କ୍ୟାଲେଣ୍ଡରର ପ୍ରସ୍ତୁତି ତଥା ପ୍ରକାଶନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ନିଲାମ ପ୍ରକ୍ରିୟାରେ ସ୍ୱଚ୍ଛତା ପାଇଁ କେନ୍ଦ୍ର ସରକାର ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ନିଜ ନିଜର କ୍ୟାଲେଣ୍ଡର ପ୍ରସ୍ତୁତ ସହ ଏହାକୁ ଦାଖଲ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଏହିକ୍ରମରେ ରାଜ୍ୟ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ରାଜ୍ୟର ପ୍ରମୁଖ ଖଣିଜ ବ୍ଲକ୍ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ବ୍ଲକର ଏକ ତାଲିକା ପ୍ରସ୍ତାବ ଦେଇଛନ୍ତି। ଏଥିରେ ୪୯ଟି ଖଣିର ତାଲିକା ଥିବାବେଳେ ଏହାକୁ ମିଳିତ ଭାବେ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ, ଓଏମସି, ଜିଏସଆଇ ଓ ଏମଇସିଏଲ ଅନ୍ୱେଷଣ ସହ ପ୍ରସ୍ତୁତ କରିଛନ୍ତି।

### ଜାନୁଆରୀ ୩ ତାରିଖରେ ନିଆଯିବ ଚୂଡ଼ାନ୍ତ ନିଷ୍ପତ୍ତି

ପ୍ରସ୍ତାବିତ ନିଲାମ ସୂଚୀରେ କେନ୍ଦୁଝରର ୧୬ଟି ଖଣି ଥିବାବେଳେ ସୁନ୍ଦରଗଡର ୧୨ଟି, ରାୟଗଡାର ୩ଟି, ମୟୂରଭଞ୍ଜର ୨ଟି ତଥା ସମ୍ବଲପୁର, କଳାହାଣ୍ଡି ଓ ବରଗଡ଼ର ୧ଟି ଲେଖାଏଁ ବ୍ଲକ ରହିଛି। ଏହି ୩୫ଟି ଖଣି ମଧ୍ୟରେ ବକ୍ସାଇଟ, ଲୁହାପଥର, ▶ପୃଷ୍ଠା-୭

# ୨୪ ନୂଆ ଏନ୍‌ଏସି ପାଇଁ ଚୂଡ଼ାନ୍ତ ସୂଚୀ ପ୍ରକାଶ

■ ଭୁବନେଶ୍ୱର,୨୨।୧୨(ସମିସ): ରାଜ୍ୟରେ ଆଉ ୨୪ ନୂଆ ବିଜ୍ଞପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ର ଚୂଡ଼ାନ୍ତ ଓ ୫ ଟି ମ୍ୟୁନିସିପାଲିଟି ପାଇଁ ଚିଠା ବିଜ୍ଞପ୍ତି ତାଲିକା ପ୍ରକାଶ ପାଇଛି। ଏହି ନୂତନ ଏନ୍‌ଏସି ପାଇଁ କିଛି ମାସ ପୂର୍ବେ ଚିଠା ବିଜ୍ଞପ୍ତି ତାଲିକା ପ୍ରକାଶ ପାଇଥିଲା। ଏହାପରେ ସରକାର ଆପତ୍ତି ଅଭିଯୋଗ ଗ୍ରହଣ କରିବା ସହ ବିଭିନ୍ନ ଦିଗକୁ ଅନୁଧ୍ୟାନ କରି ସୋମବାର ଚୂଡ଼ାନ୍ତ ବିଜ୍ଞପ୍ତି ତାଲିକା

### ୫ ମ୍ୟୁନିସିପାଲିଟି ପାଇଁ ଚିଠା ବିଜ୍ଞପ୍ତି ଜାରି

ପ୍ରକାଶ କରିଛନ୍ତି। ଏବେ ପ୍ରକାଶିତ ୫ଟି ମ୍ୟୁନିସିପାଲିଟି ପାଇଁ ଆପତ୍ତି ଅଭିଯୋଗ ଗ୍ରହଣ କରାଯିବାକୁ ସ୍ଥିର ହୋଇଛି। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରକାଶିତ ଏହି ତାଲିକାରେ ମୋଟ୍ ୧୪ ଟି ଜିଲ୍ଲାରେ ୨୪ ଟି ନୂତନ ଏନ୍‌ଏସି ଗଠନ ସ୍ପଷ୍ଟ ହୋଇଛି। ଏହାସହିତ ୩ଟି ଜିଲ୍ଲାରେ ୫ ଟି ମ୍ୟୁନିସିପାଲିଟିଗଠନ ନେଇ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଛି। ଜାରି ଏନ୍‌ଏସି ତାଲିକା ଅନୁଯାୟୀ ଅନୁଗୁଳ ଜିଲ୍ଲାର ପାଲଲହଡ଼ା, ବାଲେଶ୍ୱର ଜିଲ୍ଲାର ସିମୁଳିଆ, ବରଗଡ଼ର ସୋହେଲା, ଭଦ୍ରକ ଜିଲ୍ଲାର ତିହିଡ଼ି ଓ ଧୁଷୁରୀ, କଟକ ଜିଲ୍ଲାର ସାଲେପୁର, ବଡ଼ମ୍ବା, ନରସିଂହପୁର, ଢେଙ୍କାନାଳ ▶ପୃଷ୍ଠା-୭

## ଦେଶର ସବୁଠୁ ବଡ଼ ତଥ୍ୟ ପ୍ରଘଟ

# ୬୮ କୋଟି ୟୁଜରଙ୍କ ଡାଟା ଚୋରି


■ ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି): ଦେଶରେ ଏକ ବଡ଼ ଧରଣର ଡାଟା ଲିକ୍ ହୋଇଛି। ଏଥିରେ ୬୮ କୋଟିରୁ ଅଧିକ ବ୍ୟବହାରକାରୀଙ୍କ ଇ-ମେଲ୍ ଆଇଡି ଏବଂ ପାସୱାର୍ଡ ପ୍ରଘଟ ହୋଇଛି। ଏହାଫଳରେ ସାଇବର ଅପରାଧୀମାନଙ୍କ ହାତରେ ଏହି ୬୮ କୋଟି ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ଇ-ମେଲ୍ ଆଇଡି ଏବଂ ପାସୱାର୍ଡ ପଡିଯାଇଛି। ଘଟଣା ଜଣାପଡ଼ିବା ପରେ ମଧ୍ୟପ୍ରଦେଶ ସାଇବର ସେଲ୍ ଏହାକୁ ନେଇ ସତର୍କ କରାଇଛି। ଇ-ମେଲ୍ ବ୍ୟବହାରକାରୀ ସେମାନଙ୍କର ପାସ୍‌ୱାର୍ଡ ପୁନଃସେଟ୍ କରିବାକୁ ସାଇବର ସେଲ୍ ନିର୍ଦ୍ଦେଶାବଳୀ ଜାରି କରିଛି।



ସାଇବର ଅପରାଧୀଙ୍କ ହାତରେ ଇ-ମେଲ୍ ଆଇଡି ଓ ପାସ୍‌ୱାର୍ଡ

ସାଇବର ସେଲ୍ ପକ୍ଷରୁ ଜାରି ପରାମର୍ଶପତ୍ରରେ କୁହାଯାଇଛି ଯେ, ସାଇବର ଠକମାନେ ଏକ ଇ-ମେଲ୍ ଆକାଉଣ୍ଟ ହ୍ୟାକ୍ କରି ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ, ଡିଜିଟାଲ୍ ୱାଲେଟ୍ ଏବଂ ଅନ୍ୟାନ୍ୟ ଆପ୍ ଓ ସୋସିଆଲ ମିଡିଆ ଆକାଉଣ୍ଟକୁ ମଧ୍ୟ ପ୍ରବେଶ କରିପାରିବେ। ଏହାକୁ ରୋକିବା ପାଇଁ ବାରମ୍ବାର ପାସୱାର୍ଡ ପରିବର୍ତ୍ତନ କରିବା ବ୍ୟତୀତ ବିଭିନ୍ନ ସେବା ପାଇଁ ପୃଥକ ପାସୱାର୍ଡ ବଜାୟ ରଖିବା ହେଉଛି ସବୁଠାରୁ ପ୍ରଭାବଶାଳୀ ପ୍ରତିରକ୍ଷା ପଦକ୍ଷେପ। ସନ୍ଦେହଜନକ ଇ-ମେଲ୍, ଏସ୍‌ଏମ୍‌ଏସ୍ କିମ୍ବା ଲିଙ୍କ୍ ଉପରେ କ୍ଲିକ୍ ନ କରିବାକୁ କୁହାଯାଇଛି। ବର୍ତ୍ତମାନ ସାଇବର ଅପରାଧୀମାନେ ଠକେଇ କରିବା ପାଇଁ ନୂତନ କୌଶଳ ଅବଲମ୍ବନ କରୁଛନ୍ତି। ଡିଜିଟାଲ୍ ଆରେଷ୍ଟ, ଋଣ ଆପ୍ ଠକେଇ ଏବଂ ଆର୍ଥିକ ଠକେଇ ଘଟଣା ବୃଦ୍ଧି ପାଉଛି। ବୟସ୍କ ଲୋକମାନେ ସାଇବର ଅପରାଧୀଙ୍କ ଦ୍ୱାରା ସର୍ବାଧିକ ଟାର୍ଗେଟ୍ ହେଉଛନ୍ତି। ଠକମାନେ ଡକ୍ୟୁମେଣ୍ଟ ଅପଡେଟ୍ କରିବା, ଉପହାର ପଠାଇବା ଏବଂ ଲିଙ୍କ୍ ପଠାଇବା ଭଳି ଅନେକ ପ୍ରସ୍ତାବ ମାଧ୍ୟମରେ ଡାଟା ଚୋରି କରୁଛନ୍ତି ଏବଂ ଆକାଉଣ୍ଟ ଖାଲି କରୁଛନ୍ତି।

ଏହି ଠକେଇ ପ୍ରସ୍ତାବରେ ଷ୍ଟକ୍ ବଜାରରେ ଲାଭର ପ୍ରଲୋଭନ, ଅନଲାଇନ୍ ବାଣିଜ୍ୟ, ଘରେ ଚାକିରି, ଅନଲାଇନ୍ ପାର୍ସଲ୍ ଅଫର୍ ଏବଂ ମୋବାଇଲ୍ ହ୍ୟାକିଂ ଅନ୍ତର୍ଭୁକ୍ତ। ଏପରି ଘଟଣା ମଧ୍ୟ ଘଟିଛି, ଯେଉଁଠାରେ ଓଟିପି ନ ମାଗି ଆକାଉଣ୍ଟରୁ ଟଙ୍କା ଉଠାଯାଇଛି।



୧୦% କମିଶନ ସାଧାରଣ କଥା

## ଦଳୀୟ ନେତାଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ପରାମର୍ଶ

# ୫% କମିଶନରେ କାମ ଚଳାଅ

■ ପାଟନା, ୨୨।୧୨ (ଏଜେନ୍ସି): ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା ମୁଖ୍ୟ ତଥା କେନ୍ଦ୍ର ମନ୍ତ୍ରୀ ଜିତନ ରାମ ମାନ୍‌ଝୀ ନିଜ ଦଳର ବିଧାୟକ ଏବଂ ସାଂସଦଙ୍କୁ କମିଶନ ନେବାକୁ ପରାମର୍ଶ ଦେଇଛନ୍ତି। ୧୦% ନ ମିଳିଲେ ୫ ପ୍ରତିଶତ କମିଶନରେ ଚଳାଇବାକୁ କହିଛନ୍ତି। ତାଙ୍କର ଏହି ମନ୍ତବ୍ୟ କ୍ଷମତାସୀନ ଏନ୍‌ଡିଏ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି। ଏହାକୁ ନେଇ ବିରୋଧୀ ଦଳ ସରକାରଙ୍କୁ ସମାଲୋଚନା କରିଛନ୍ତି। ଦିଲ୍ଲୀରୁ ପାଟନା ପର୍ଯ୍ୟନ୍ତ ଦୁର୍ନୀତି ଏବଂ କମିଶନର କଳାକାରନାମା ଚାଲିଛି ବୋଲି ଆରଜେଡି ଅଭିଯୋଗ କରିଛି। ସୂଚନା ▶ପୃଷ୍ଠା-୭

# ରାଜଧାନୀରେ ୧୫ ମାଓବାଦୀ

## ଦିନେ ଦୁଇଦିନ ମଧ୍ୟରେ କରିବେ ଆତ୍ମସମର୍ପଣ

■ ଭୁବନେଶ୍ୱର,୨୨।୧୨ (ସମିସ): ରାଜଧାନୀ ଆସିଛନ୍ତି ୧୫ ଜଣ ମାଓବାଦୀ। ଆତ୍ମସମର୍ପଣ ନିମନ୍ତେ ଆଗ୍ରହ ପ୍ରକାଶ କରିଥିବା ମାଲକାନଗିରି ଜିଲ୍ଲାର ଏହି ମାଓବାଦୀମାନଙ୍କୁ ପୁଲିସ ଆତିଥ୍ୟେୟତା ଦେଇଛି। ଦିନେ ଦୁଇଦିନ ମଧ୍ୟରେ ସରକାରଙ୍କ ନିକଟରେ ଅସ୍ତ୍ରଶସ୍ତ୍ର ସହ ସେମାନେ ଆତ୍ମସମର୍ପଣ କରିବେ ବୋଲି ସୂଚନା ମିଳିଛି।


ଦେଶକୁ ୨୦୨୬ ମାର୍ଚ୍ଚ ସୁଦ୍ଧା ମାଓମୁକ୍ତ କରିବାକୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆହ୍ୱାନ ଦେଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପରାମର୍ଶ କ୍ରମେ ମାଓ ଅଧ୍ୟୁଷିତ ଅଞ୍ଚଳରେ ଯବାନମାନେ ଦିନରାତି ନିଜର ଅଭିଯାନରେ ଲାଗିପଡିଛନ୍ତି। ଆତ୍ମସମର୍ପଣ କରୁଥିବା ମାଓବାଦୀମାନଙ୍କୁ ସରକାର ଭଲରାସ୍ତାରେ ବଞ୍ଚିବା ପାଇଁ ସାମାଜିକ ଓ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରୁଛନ୍ତି। ଟପ୍ କ୍ୟାଡର୍ ମାଓନେତାମାନେ ଟାର୍ଗେଟ୍‌ରେ ଥିବାରୁ ଏନ୍‌କାଉଣ୍ଟର୍ ଭୟରେ ଜଣେ ପରେ ଜଣେ କ୍ୟାଡର୍ ମୁଖ୍ୟସ୍ରୋତକୁ ଫେରୁଛନ୍ତି। ▶ପୃଷ୍ଠା-୭

## ଅଘଟଣ ନା ଷଡ଼ଯନ୍ତ୍ର

# ମା’ ସମେତ ୨ ପୁଅ ମୃତ

■ ଅନୁଗୋଳ/ହିନ୍ଦୋଳ, ୨୨।୧୨(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନମଣ୍ଡଳୀରେ ଏକ ଦୁଃଖଦ ଘଟଣା ଘଟିଛି। ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ୍ କଣ୍ଟାବଣିଆ ଥାନା ଅନ୍ତର୍ଗତ ଅସନବଣିଆ ଗ୍ରାମରେ ମା’ ସମେତ ଦୁଇ ପୁଅଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ଗାଁର ଅନ୍ତର୍ଯ୍ୟାମୀ ସାହୁଙ୍କ ସ୍ତ୍ରୀ ଗୋଲାପ ସାହୁ (୫୦), ତାଙ୍କ ପୁଅ ପିଣ୍ଟୁ ସାହୁ (୩୨) ଓ ଲିଟୁ ସାହୁ (୨୪)। କଣ୍ଟାବଣିଆ ପୁଲିସ ଶବଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଖାଦ୍ୟରେ ବିଷକ୍ରିୟା କିମ୍ବା ଅଣନିଃଶ୍ୱାସୀ ଯୋଗୁଁ ୩ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଉଥିବା ବେଳେ ଏହା ପଛରେ ଅନ୍ୟ କିଛି ଷଡ଼ଯନ୍ତ୍ର ଥାଇପାରେ ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ପୁଲିସ ସବୁ ଦିଗକୁ ନେଇ ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ରହସ୍ୟ ପଦାକୁ ଆସିବ।

ସୂଚନାନୁଯାୟୀ, ଅନ୍ତର୍ଯ୍ୟାମୀ ଦୁଇଟି ବିବାହ କରିଛନ୍ତି। ଦ୍ୱିତୀୟ ପତ୍ନୀ ବିନୋଦିନୀ ସାହୁ ଗତକାଲି ସଂଧ୍ୟାରେ ରୋଷେଇ କରିଥିଲେ। ସମସ୍ତେ ରାତିରେ କୁକୁଡ଼ା ମାଂସ ତରକାରୀ ଓ ସଜନା ଶାଗ ଖାଇ ଶୋଇଥିଲେ। ବିନୋଦିନୀ ଓ ତାଙ୍କ ପୁଅ ଗୋଟିଏ ରୁମ୍‌ରେ ଶୋଇଥିବା ବେଳେ ଅନ୍ୟ ଏକ ରୁମ୍‌ରେ ଦୁଇ ପୁଅଙ୍କ ସହ ଗୋଲାପ ଶୋଇଥିଲେ। ଅନ୍ତର୍ଯ୍ୟାମୀ ବାହାରେ ଶୋଇଥିଲେ। ଥଣ୍ଡାରୁ ବର୍ତ୍ତିବା ପାଇଁ ଗୋଲାପ ଓ ତାଙ୍କ ଦୁଇ ପୁଅ କୋଇଲାରେ ଆଞ୍ଚ କରି ନିଆଁ ଜାଳି ଶୋଇଥିଲେ। ଆଜି ସକାଳେ ଗୋଲାପ ଓ ତାଙ୍କ ଦୁଇ ପୁଅ ଅଚେତ ହୋଇ ପଡ଼ିଥିବା ଦେଖି ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ପଡ଼ୋଶୀଙ୍କ ସହାୟତାରେ ସେମାନଙ୍କୁ ଅନୁଗୋଳ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନଥିବା ବେଳେ ▶ପୃଷ୍ଠା-୭




## ନିଯୁକ୍ତି ବୟସ ସୀମା ବୃଦ୍ଧି ଭେଳିକି

# ସରକାର ଓ ସରକାରୀ ଉଦ୍ୟୋଗ ମଧ୍ୟରେ ତାଳମେଳ ନାହିଁ

■ ଭୁବନେଶ୍ୱର,୨୨।୧୨(ସମିସ): ନିଯୁକ୍ତି ପାଇଁ ଆବେଦନ ବୟସ ସୀମା ବଢ଼ାଇ ୪୨ ବର୍ଷ କରିଛନ୍ତି ସରକାର। ମାତ୍ର ଏହାକୁ ମାନୁ ନାହାନ୍ତି ସରକାରୀ ଉଦ୍ୟୋଗ ବା ପିଏସ୍‌ୟୁ। ନୂତନ ଆଇନ୍‌କୁ ପୁନଃ ସଂଶୋଧନ କରା ନ ଗଲେ ପିଏସ୍‌ୟୁମାନେ ସରକାରଙ୍କ ଏହି ନିୟମକୁ ପାଳନ କରିବେ ନାହିଁ ବୋଲି ମଧ୍ୟ ରୋକଠୋକ୍ ଶୁଣାଇଛନ୍ତି। ଏପରିକି ନିକଟରେ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ (ଓଏଚ୍‌ପିସି) ପକ୍ଷରୁ ପ୍ରକାଶ ପାଇଥିବା ନିଯୁକ୍ତି ବିଜ୍ଞପ୍ତିରେ ବୟସ ସୀମା ୩୨ ବର୍ଷ ରଖାଯାଇଥିବାରୁ

### ୪୨ ବର୍ଷ କରିବାକୁ ନାରାଜ ସରକାରୀ ପିଏସ୍‌ୟୁ

### ଆଇନ ସଂଶୋଧନରେ ତ୍ରୁଟି ଦର୍ଶାଇଲା ଓଏଚ୍‌ପିସି



ବହୁ ଆଶାୟୀ ଆବେଦନ କରିବାରୁ ବଞ୍ଚିତ ହୋଇଛନ୍ତି। ବୟସ ବୃଦ୍ଧିକୁ ନେଇ ସରକାର ଓ ସରକାରୀ ଉଦ୍ୟୋଗ ମଧ୍ୟରେ ତାଳମେଳ ରହୁନାହିଁ। ଖୋଦ୍ ମୁଖ୍ୟମନ୍ତ୍ରୀ ସାଧାରଣ ସଭାରେ ସମସ୍ତ ପ୍ରକାର ନିଯୁକ୍ତି ପାଇଁ ବୟସ ୪୨ ବର୍ଷକୁ ବୃଦ୍ଧି କରାଯାଇଥିବା କହୁଛନ୍ତି। ଏହାକୁ ଏକ ଐତିହାସିକ ନିଷ୍ପତ୍ତି ବୋଲି ମଧ୍ୟ ସରକାର କହୁଛନ୍ତି। ଅପରପକ୍ଷରେ ଓଏଚ୍‌ପିସି ପକ୍ଷରୁ ଗତ ନଭେମ୍ବର ୭ ତାରିଖରେ ମୋଟ୍ ୨୭ଟି ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ସର୍ବୋଚ୍ଚ ବୟସ ସୀମା ୩୨ ବର୍ଷ ରଖାଯାଇଛି। ଏ ସମ୍ପର୍କରେ ଓଏଚ୍‌ପିସିର ବରିଷ୍ଠ ଅଧିକାରୀଙ୍କ କହିବା କଥା, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ନିଯୁକ୍ତି ସଂକ୍ରାନ୍ତୀୟ ଆଇନ୍।ରେ କରାଯାଇଥିବା ସଂଶୋଧନରେ ତ୍ରୁଟି ରହିଛି। ସଂଶୋଧିତ ନିୟମରେ ଅନ୍ୟ ସମସ୍ତ ନିଯୁକ୍ତି ▶ପୃଷ୍ଠା-୭




ସକାଳ
THE SAKALA
www.sakalaepaper.com

## ପୂର୍ବତନ ଆଇଜିଙ୍କ ଆତ୍ମହତ୍ୟା ଉଦ୍ୟମ

ପଟିଆଲା, ୨୨।୧୨(ଏଜେନ୍ସି): ପଞ୍ଜାବର ପଟିଆଲାରେ ପୂର୍ବତନ ଇନିସପେକ୍ଟରଜେନେରାଲ ଅଫ୍ ପୁଲିସ (ଆଇଜି) ଅମର ସିଂହ ଚହଲ ନିଜକୁ ଗୁଳି କରି ଆତ୍ମହତ୍ୟା ପ୍ରୟାସ କରିଛନ୍ତି। ସେ ସୁରକ୍ଷାକର୍ମୀଙ୍କ ରିଭଲଭରରୁ ନିଜ ପେଟକୁ ଗୁଳି କରିଥିଲେ। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଘଟଣାସ୍ଥଳରୁ ୧୨ ପୃଷ୍ଠାର ସୁଇସାଇଡ୍ ନୋଟ୍ ମିଳିଛି। ଏଥିରେ ସେ ଅନ୍‌ଲାଇନ ଠକେଇରେ ୮.୧୦ କୋଟି ଟଙ୍କା ହରାଇଥିବା ଉଲ୍ଲେଖ କରିଛନ୍ତି। ସେ ସମ୍ପର୍କୀୟଙ୍କଠାରୁ ୭.୫ କୋଟି ଟଙ୍କାର ଋଣ ମଧ୍ୟ ନେଇଥିଲେ। ସୁଇସାଇଡ ନୋଟରେ ସେ ପଞ୍ଜାବ ଡିଜିପି ଗୌରବ ଯାଦବଙ୍କ ନାମ ଲେଖିଛନ୍ତି। ଆଇଜି ପଦରୁ ଅବସର ନେବା ପରେ ସେ ପଟିଆଲାରେ ରହୁଥିଲେ। ୨୦୧୫ରେ ଫରିଦକୋଟରେ ବହବଲ କଲାଁ ଓ କୋଟୋକପୁରା ଗୁଳିକାଣ୍ଡ ମାମଲାରେ ସେ ଅଭିଯୁକ୍ତ ଥିଲେ। ଏହି ଗୁଳିକାଣ୍ଡରେ ୨ ଜଣ ଲୋକ ମୃତ୍ୟୁବରଣ କରିଥିଲେ। ଋଣ ପରିଶୋଧ ଏବଂ ଏହାକୁ ନେଇ ସେ ଚିନ୍ତାରେ ଥିଲେ।

## ଦଳ ଗଠନ କଲେ ହୁମାୟୁନ କବୀର

ମୁର୍ସିଦାବାଦ୍, ୨୨।୧୨(ଏଜେନ୍ସି): ପଶ୍ଚିମବଙ୍ଗରେ ବାବ୍ରୀ ମସ୍‌ଜିଦର ନିଅଁ ରଖି ଟିଏମ୍‌ସିରୁ ବହିଷ୍କୃତ ଭରତପୁର ବିଧାୟକ ହୁମାୟୁନ କବୀର ନୂଆ ଦଳ ଗଠନ କରି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ମମତାଙ୍କୁ ମୁର୍ଶିଦାବାଦ୍‌ରେ ଗୋଟିଏ ହେଲେ ବି ଆସନ ଜିତିବାକୁ ଦେବିନି ବୋଲି ସେ କହିଛନ୍ତି। କବୀର ନିଜ ଦଳର ନାମ 'ଜନତା ଉନ୍ନୟନ ପାର୍ଟି' ରଖିଛନ୍ତି। ବେଲଡାଙ୍ଗାରେ ଆୟୋଜିତ ରାଲିରେ ସେ ରାଜ୍ୟର ସବୁ ୨୯୪ଟି ଆସନରେ ପ୍ରାର୍ଥୀ ଦେବେ ବୋଲି କହିଛନ୍ତି। କିନ୍ତୁ ମୁସଲିମ ବହୁଳ ଆସନ ତାଙ୍କ ନଜରରେ ରହିବ। ସେ ନିଜେ ବେଲଡାଙ୍ଗା ଓ ରେଜି ନଗର ଆସନରେ ଲଢିବେ। ସେ ଅନ୍ୟ ପ୍ରାର୍ଥୀଙ୍କ ନାମ ମଧ୍ୟ ଘୋଷଣା କରିଛନ୍ତି।

## ମୁନୀରଙ୍କୁ ସମ୍ମାନିତ କଲା ସାଉଦି ଆରବ

ରିୟାଦ, ୨୨।୧୨(ଏଜେନ୍ସି): ପାକିସ୍ତାନର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ତଥା ଫିଲ୍ଡ ମାର୍ଶାଲ ଅସିମ ମୁନୀରଙ୍କୁ ସାଉଦି ଆରବ ସମ୍ମାନିତ କରିଛି। ସାଉଦି ଆରବ ଗସ୍ତରେ ଯାଇଥିବା ମୁନୀରଙ୍କୁ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ 'କିଙ୍ଗ ଅବଦୁଲାଜିଜ ମେଡାଲ ଅଫ୍ ଏକ୍ସିଲେନ୍ସ' ପ୍ରଦାନ କରାଯାଇଛି। ପାକିସ୍ତାନ ସେନା ଏହି ସୂଚନା ଦେଇଛି। ମୁନୀରଙ୍କ ପେସାଦାର ମନୋବୃତ୍ତି ଓ ରଣନୈତିକ ଦୃଷ୍ଟିକୋଣକୁ ସାଉଦି ଆରବ ନେତୃତ୍ୱ ପ୍ରଶଂସା କରିଛନ୍ତି। ପାକିସ୍ତାନ ଓ ସାଉଦି ଆରବ ମଧ୍ୟରେ ଦୀର୍ଘକାଳୀନ ଓ ଘନିଷ୍ଠ ସମ୍ପର୍କକୁ ଦୃଢ କରିବାରେ ମୁନୀରଙ୍କ ଭୂମିକାକୁ ସାଉଦି ପ୍ରଶଂସା କରିଛି। ମୁନୀର ମଧ୍ୟ ଏଥିପାଇଁ ସାଉଦି ରାଜା ସଲମାନ ଓ ସାଉଦି ନେତୃତ୍ୱକୁ କୃତଜ୍ଞତା ଜଣାଇଛନ୍ତି। ଏହି ଗସ୍ତରେ ମୁନୀର ସାଉଦି ଆରବ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଭେଟିଥିଲେ। ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା, ଆଞ୍ଚଳିକ ସୁରକ୍ଷା, ସାମରିକ ସହଯୋଗ, ରଣନୈତିକ ସହଯୋଗ ଓ ଭୂରାଜନୈତିକ ଚ୍ୟାଲେଞ୍ଜ ସମେତ ପାରସ୍ପରିକ ସ୍ୱାର୍ଥ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା।

## ୨ ପ୍ରେମିକଙ୍କ ସହ ମିଶି ବ୍ୟବସାୟୀ ସ୍ୱାମୀଙ୍କୁ ହତ୍ୟା

ସମ୍ଭଲ, ୨୨।୧୨ (ଏଜେନ୍ସି): ଉତ୍ତର ପ୍ରଦେଶ ସମ୍ଭଲ ଅନ୍ତର୍ଗତ ରଜପୁରାର କସ୍‌ବା ଗ୍ରାମର ପିଶାଚୀ ସ୍ତ୍ରୀ ରୁବି ଦୁଇ ପ୍ରେମିକଙ୍କ ସହ ମିଶି ଜୋତା ବ୍ୟବସାୟୀ ସ୍ୱାମୀ ରାହୁଲଙ୍କୁ ହତ୍ୟା କରିଛି। ତିନି ହତ୍ୟାକାରୀ ପ୍ରଥମେ ଲୁହା ଛଡ଼, ହାତୁଡ଼ାରେ ବ୍ୟବସାୟୀଙ୍କ ମୁଣ୍ଡକୁ ମାରି ଥିଲେ। ମୃତ୍ୟୁ ପରେ କଟରରେ ମୃତଦେହକୁ ଖଣ୍ଡ ଖଣ୍ଡ କରିଥିଲେ। ଗଣ୍ଡି ଏବଂ କଟା ଯାଇଥିବା ହାତକୁ ୮୦୦ ମିଟର ଦୂର ନାଳରେ ଏବଂ ମୁଣ୍ଡକୁ ଗଙ୍ଗାନଦୀର ରମାଘାଟରେ ଭସେଇ ଦେଇଥିଲେ। ଏହାର ୬ ଦିନ ପରେ ନିଜକୁ ବଞ୍ଚାଇବା ପାଇଁ ପତ୍ନୀ ଥାନାରେ ଅଭିଯୋଗ କରି ଫସି ଯାଇଥିଲା। ୨୭ ଦିନ ପରେ ପୁଲିସ ନାଳରୁ ଗଳିତ ଶବଖଣ୍ଡ ଉଦ୍ଧାର କରିଥିଲା। ଏହାର ୫ ଦିନ ପରେ କଟା ହାତରେ ଥିବା ଟାଟୁ ଦେଖି ମୃତକଙ୍କୁ ଚିହ୍ନଟ କରାଯାଇଥିଲା। ଜେରା ସମୟରେ ପତ୍ନୀଙ୍କ ଉପରେ ସନ୍ଦେହ ହୋଇଥିଲା। ଘରେ ଯାଞ୍ଚ କରିବାରୁ ହତ୍ୟା ଗୁମର ଖୋଲି ଯାଇଥିଲା। ପଡୋଶୀଙ୍କଠାରୁ ପୁଲିସ ମହିଳାଙ୍କ ପରକୀୟାପ୍ରୀତି ବିଷୟରେ ଜାଣିବାକୁ ପାଇଥିଲା। ଶେଷରେ ପୁଲିସ ପତ୍ନୀ ରବି ଏବଂ ତାର ପ୍ରେମିକ ଗୌରବକୁ ଜେଲ୍ ପଠାଇ ଦେଇଛି। ଅନ୍ୟ ଜଣେ ପ୍ରେମିକକୁ ପୁଲିସ ଅଟକ ରଖିଛି। ୧୫ ବର୍ଷ ତଳେ ରାହୁଲ ଏବଂ ରୁବିଙ୍କ ବିବାହ ହୋଇଥିଲା। ଉଭୟଙ୍କ ୧୨ ବର୍ଷର ପୁଅ ଏବଂ ୧୦ ବର୍ଷର ଝିଅ ଅଛି। ନଭେମ୍ବର ୧୮ ତାରିଖରେ ପ୍ରେମିକଙ୍କ ସହ ମିଶି ରୁବି ସ୍ୱାମୀକୁ ମାରିଥିଲା।

# ଦେଶରେ ଚାଲିଛି ୫,୧୪୯ଟି ଭୂତ ସ୍କୁଲ

ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି): ଭାରତରେ ସରକାରୀ ଶିକ୍ଷା ବ୍ୟବସ୍ଥା କ୍ରମାଗତ ଭାବେ ଭୁଶୁଡ଼ିବାରେ ଲାଗିଛି। ଘରୋଇ ବିଦ୍ୟାଳୟ ବୋଝ ବଢ଼ାଉଥିବାବେଳେ ସରକାରୀ ବିଦ୍ୟାଳୟ ପ୍ରତି ଅଭିଭାବକ ଏବଂ ପିଲାଙ୍କ ଆଭିମୁଖ୍ୟ ବଦଳିବା ପରିବର୍ତ୍ତେ ଦିନକୁ ଦିନ ତଳକୁ ତଳକୁ ଯାଉଛି। ଏଥିଯୋଗୁଁ ଭାରତରେ ଭୂତ ସ୍କୁଲ ସଂଖ୍ୟା ବଢ଼ିବାରେ ଲାଗିଛି। ଅନେକ ବିଦ୍ୟାଳୟରେ କୋଠା ଖାଲି ପଡ଼ିଛି, ସାଇନ ବୋର୍ଡ ଲାଗିଛି, ପାଣି ଆସୁଛି, ଶିକ୍ଷକ ନିଯୁକ୍ତି ହୋଇଛନ୍ତି, ମାତ୍ର ପଢ଼ିବାକୁ ଛାତ୍ରଛାତ୍ରୀ ନାହାନ୍ତି। କେବଳ କାଗଜ କଲମରେ ଏହି ସ୍କୁଲ୍ ଗୁଡ଼ିକ ଚାଲିଛି। ଶହେ କି ହଜାରେ ନୁହେଁ, ଭାରତର ୫,୧୪୯ ସରକାରୀ ବିଦ୍ୟାଳୟରେ ଏଭଳି ସ୍ଥିତି ରହିଛି। ଏହି ସବୁ ସ୍କୁଲ୍‌ରେ ଜଣେ ହେଲେ ବି ଛାତ୍ରଛାତ୍ରୀ ନାହାନ୍ତି। ସଂସଦରେ ସରକାର ଦେଇଥିବା ୨୦୨୪-୨୫ ଶିକ୍ଷାବର୍ଷର ତଥ୍ୟରୁ ଏହି ଭୟାନକ ସୂଚନା ସାମ୍ନାକୁ ଆସିଛି। ଏହା ସରକାରୀ ଶିକ୍ଷା ପ୍ରତି ଲୋକଙ୍କ ଭରସା ଏବଂ ଶିକ୍ଷାର ବିକଳ ଚିତ୍ରକୁ ଦର୍ଶାଉଛି।

ଏବେ ଭାରତରେ ୧୦.୧୩ ଲକ୍ଷ ସରକାରୀ ବିଦ୍ୟାଳୟ ରହିଛି। କିନ୍ତୁ ଏହି ଭୂତ ବିଦ୍ୟାଳୟ ସତର୍କ ସୂଚନା ଦେଉଛି।



ସଂସଦରେ ଦିଆଯାଇଥିବା ରିପୋର୍ଟ ଅନୁଯାୟୀ, ଛାତ୍ରଛାତ୍ରୀ ନ ଥିବା ବିଦ୍ୟାଳୟ ମଧ୍ୟରେ କେବଳ ତେଲଙ୍ଗାନା ଏବଂ ପଶ୍ଚିମବଙ୍ଗରେ ୭୦ ପ୍ରତିଶତ ରହିଛି। ଶିଶୁ, ଶ୍ରେଣୀଗୃହ ଏବଂ ବ୍ୟବସ୍ଥାକୁ ନେଇ ଖରାପ ଚିନ୍ତାଧାରା ଥିବା ଅଞ୍ଚଳରେ ଏଭଳି ସ୍କୁଲ୍ ଅଧିକ ରହିଛି। ତଥ୍ୟ ଅନୁଯାୟୀ, ୫,୧୪୯ ବିଦ୍ୟାଳୟରେ କୌଣସି ଛାତ୍ରଛାତ୍ରୀ ନ ଥିବାବେଳେ ୬୫,୦୫୪ଟିରେ ୧୦ରୁ କମ୍ ପିଲା ଅଛନ୍ତି। ଏଭଳି ସ୍କୁଲ୍ ସଂଖ୍ୟା ୨୦୨୨-୨୩ରେ ୫୨,୩୦୯ ରହିଥିଲା। ମାତ୍ର ୨୦୨୪-

■ ସ୍କୁଲରେ ନିଯୁକ୍ତି ପାଇଛନ୍ତି ୧.୪୪ ଲକ୍ଷ ଶିକ୍ଷକ
■ ୬୫୦୫୪ ବିଦ୍ୟାଳୟରେ ୧୦ରୁ କମ୍ ଛାତ୍ରଛାତ୍ରୀ

୨୫ରେ ଏହା ୨୪ ପ୍ରତିଶତ ବୃଦ୍ଧି ପାଇଛି। କୌଣସି ଛାତ୍ରଛାତ୍ରୀ ନ ଥିବା ତଥା ଶୂନ ସଂଖ୍ୟା ହୋଇ ଆସୁଥିବା ବିଦ୍ୟାଳୟରେ ୧.୪୪ ଲକ୍ଷ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ଏହା ପ୍ରଶାସନିକ ବିଫଳତାକୁ ଦେଖାଉଛି। ଯୋଜନା, ପରିଚାଳନା, ଶିକ୍ଷାର ମାନ ହ୍ରାସ ପାଉଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। କିଛି ସ୍ଥାନରେ ସ୍କୁଲ୍ ଥିବାବେଳେ ପିଲା ଆସୁନାହାନ୍ତି। ଆଉ କିଛି ସ୍ଥାନରେ ଛାତ୍ରଛାତ୍ରୀ ଅଛନ୍ତି, ମାତ୍ର ସ୍କୁଲ୍ କୋଠା ନାହିଁ କିମ୍ବା ଦୁର୍ବଳ ରହିଛି। ଛାତ୍ରଛାତ୍ରୀ ନ ଥିବା ୫,୧୪୯ ବିଦ୍ୟାଳୟ ମଧ୍ୟରୁ ପଶ୍ଚିମବଙ୍ଗରେ ୩,୬୦୦ଟି ଏବଂ ତେଲଙ୍ଗାନାରେ ୩,୭୦୦ଟି ରହିଛି। ତେଲଙ୍ଗାନାର ୧୦୦ ଜିଲ୍ଲାର ପ୍ରାୟ ୧୦ ସ୍କୁଲ୍‌ରେ କୌଣସି ପିଲା ନାହାନ୍ତି। ରାଜ୍ୟର ସବୁ ୩୩ ଜିଲ୍ଲା ଏବଂ ପଶ୍ଚିମବଙ୍ଗର ୨୨ ଜିଲ୍ଲାରେ ଏଭଳି ସ୍ଥିତି ରହିଛି। ପଶ୍ଚିମବଙ୍ଗର ୬.୭୦୩ ସ୍କୁଲରେ ୧୦ କିମ୍ବା କୌଣସି ଛାତ୍ରଛାତ୍ରୀ ନାହାନ୍ତି। ଏ ସବୁରେ ୨୭, ୩୪୮ ଶିକ୍ଷକ ଅଛନ୍ତି। ଉତ୍ତର ପ୍ରଦେଶରେ ଶୂନ କିମ୍ବା ୧୦ରୁ କମ୍ ଛାତ୍ରଛାତ୍ରୀ ଥିବା ସ୍କୁଲ୍‌ରେ ୨୨,୧୬୬ ଶିକ୍ଷକ ଅଛନ୍ତି। ମହାରାଷ୍ଟ୍ର ଏଭଳି ସ୍କୁଲ୍ ସଂଖ୍ୟା ୬,୫୫୨ (୧୧,୦୫୬ ଶିକ୍ଷକ), ରାଜସ୍ଥାନରେ ୫,୨୩୫ ( ୧୧, ୬୨୦ ଶିକ୍ଷକ), ତେଲଙ୍ଗାନାରେ ୫,୦୨୧ (୪,୮୫୦ ଶିକ୍ଷକ), କେରଳରେ ୨୨୮, ଗୋଆରେ ୧୧୦, ଦିଲ୍ଲୀରେ ୧୧, ସିକିମରେ ୧୩୧ ଏବଂ ପଞ୍ଜାବରେ ୩୭୨ ବିଦ୍ୟାଳୟ ରହିଛି।

# ବାଂଲାଦେଶରେ ବ୍ୟାପୁଛି ଅରାଜକତା

ଢାକା, ୨୨।୧୨(ଏଜେନ୍ସି): ନିର୍ବାଚନ ଏଡ଼ାଇବା ପାଇଁ ଯୋଜନାବଦ୍ଧ ଭାବେ ଆରମ୍ଭ କରାଯାଇଥିବା ବାଲାଂଦେଶ ହିଂସା ଥମିବାର ନା ଧରୁନି। ଏହା ଉଗ୍ର ରୂପ ଧାରଣ କରି ଦେଶରେ ଅରାଜକତା ସୃଷ୍ଟି କରିଛି। ଆଇନଶୃଙ୍ଖଳା ଭୁଶୁଡ଼ି ଯାଇଛି। ଖୋଲାଖୋଲି ଭାବେ ସଂଖ୍ୟାଲଘୁ ହିନ୍ଦୁଙ୍କୁ ଉପରେ ଆକ୍ରମଣ ହେଉଛି। ଜାଣିଶୁଣି ଦେଶରେ ହିଂସା କରାଯାଉଛି। ଏହି କ୍ରମରେ

■ ଆଉ ଜଣେ ହସିନା ବିରୋଧୀ ନେତାଙ୍କୁ ଆକ୍ରମଣ
■ ଘରେ ପଶି ମୁଣ୍ଡକୁ ମାରିଲେ ଗୁଳି, ସ୍ଥିତି ଗମ୍ଭୀର

ଉସ୍‌ମାନ ହାଦିଙ୍କ ପରେ ବାଂଲାଦେଶରେ ଆଉ ଜଣେ ଶେଖ ହସିନା ବିରୋଧୀ ନେତାଙ୍କ ଉପରେ ଆକ୍ରମଣ କରାଯାଇଛି। ବାଂଲାଦେଶ ଗଣମାଧ୍ୟମ ପ୍ରକାଶିତ କରିଥିବା ରିପୋର୍ଟ ଅନୁସାରେ ଖୁଲନାରେ ସୋମବାର ଦ୍ୱିପହର ୧୨ଟାରେ ନ୍ୟାସନାଲ ସିଟିଜେନ ପାର୍ଟି (ଏନ୍‌ସିପି) ତଥା ଶ୍ରମିକ ଶକ୍ତିର ଆୟୋଜକ ମୋତାଲେବ ସିକଦେରଙ୍କୁ ତାଙ୍କ ଘରେ ପଶି ମୁଣ୍ଡକୁ ଗୁଳି କରାଯାଇଛି। ସେ ଗୁରୁତର ଭାବେ ଆହତ ହୋଇ ତଳେ ପଡ଼ିଯାଇଥିଲେ। ଆଖାପାଖରେ ଥିବା ଲୋକ ତାଙ୍କୁ ଉଠାଇ କୁଲନା ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଗୁଳି ତାଙ୍କ କାନ ଦେଇ ବାହାରି ଯାଇଛି ବୋଲି କୁହାଯାଇଥିଲା। କିନ୍ତୁ ସୌଭାଗ୍ୟବଶତଃ ଗୁଳି ତାଙ୍କ ମସ୍ତିଷ୍କ ପାଖରେ ପହଞ୍ଚି ନ ଥିଲା। ଫଳରେ ତାଙ୍କର ଜୀବନ ବଞ୍ଚିଯାଇଛି ବୋଲି ପୁଲିସ ଅଧିକାରୀ ଅନିମେଶ ମଣ୍ଡଳ କହିଛନ୍ତି। ମୋତାଲେବ ଶିକଦାର ଏନ୍‌ସିପି ଖୁଲନା ବିଭାଗର ମୁଖ୍ୟ ଓ ଦଳ ସହ ଜଡିତ ଏକ ଶ୍ରମିକ ସଂଗଠନ ଏନ୍‌ସିପି ଶ୍ରମିକ ଶକ୍ତିର ଜଣେ ପ୍ରମୁଖ ସଂଗଠକ। ତାଙ୍କ ଉପରେ ହୋଇଥିବା ଏହି ଆକ୍ରମଣ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି। ଖୁଲନାରେ ଏନ୍‌ସିପିର ଏକ ଶ୍ରମିକ ରାଲି ଆୟୋଜନ ହେବାକୁ ଯାଉଥିଲା ଓ ଶିକଦାର ଏଥିରେ କାର୍ଯ୍ୟ କରୁଥିଲେ। ଆକ୍ରମଣର କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ।




ବାଂଲାଦେଶରେ ହିନ୍ଦୁ ଯୁବକ ଦୀପୁ ଦାସଙ୍କୁ ହତ୍ୟା କରାଯିବା ପରେ ଢାକାରେ ହିନ୍ଦୁ ସଂଗଠନ ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ପ୍ରେସ୍ କ୍ଲବ ସାମ୍ନାରେ ବିକ୍ଷୋଭ କରିଛନ୍ତି। ଧାର୍ମିକ ପରିଚୟ ପାଇଁ ହିନ୍ଦୁଙ୍କୁ ଅତ୍ୟାଚାର କରାଯାଉଛି। ରକ୍ଷାସୂତ୍ର ବାନ୍ଧିଥିବା ହିନ୍ଦୁଙ୍କୁ ବାଂଲାଦେଶରେ ବିଦେଶୀ ଏଜେଣ୍ଟ ବୋଲି କୁହାଯାଉଛି। ଏଭଳି ସ୍ଥିତିରେ ସଂଖ୍ୟାଲଘୁ ଭୟରେ ବଞ୍ଚୁଛନ୍ତି। ଚଳିତବର୍ଷ ଜାନୁଆରୀରୁ ଏପର୍ଯ୍ୟନ୍ତ ୫୦ରୁ ଅଧିକ ଅଣ-ମୁସଲମାନଙ୍କୁ ହତ୍ୟା କରାଯାଇଛି। ବହୁ ଲୋକଙ୍କ ବିରୋଧରେ ମିଥ୍ୟା ଈଶନିନ୍ଦା ମାମଲା ରୁଜୁ ହୋଇଛି। କେବଳ ଚଳିତ ମାସରେ ୫ ଜଣ ହିନ୍ଦୁଙ୍କୁ ହତ୍ୟା କରାଗଲାଣି।

## ୧୭ ବର୍ଷ ପରେ ଫେରିବେ ଖାଲିଦା ଜିଆଙ୍କ ପୁଅ

ଢ଼ାକା, ୨୨।୧୨(ଏଜେନ୍ସି): ବାଂଲାଦେଶ ପୂର୍ବତନ ପ୍ରଧାନମନ୍ତ୍ରୀ ବେଗମ ଖାଲିଦା ଜିଆଙ୍କ ପୁଅ ତଥା ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି) କାର୍ଯ୍ୟକାରୀ ଅଧ୍ୟକ୍ଷ ତାରିକ ରହମାନ ଦୀର୍ଘ ୧୭ ବର୍ଷ ପରେ ଆତ୍ମନିର୍ବାସନ ଶେଷ କରି ବାଂଲାଦେଶ ପ୍ରତ୍ୟାବର୍ତ୍ତନ କରିବେ। ଡିସେମ୍ବର ୨୫ରେ ସେ ରାଜଧାନୀ ଢାକା ଫେରିବେ ବୋଲି ବିଏନ୍‌ପି ତରଫରୁ କୁହାଯାଇଛି। ସେ ଗତ ୧୭ ବର୍ଷ ହେବ ଲଣ୍ଡନରେ ରହୁଥିଲେ। ଆଗାମୀ ଫେବୃଆରୀରେ ବାଂଲାଦେଶରେ ସାଧାରଣ ନିର୍ବାଚନ ହେବାକୁ ଯାଉଥିବା ବେଳେ ୬୦ ବର୍ଷୀୟ ତାରିକଙ୍କ ପ୍ରତ୍ୟାବର୍ତ୍ତନକୁ ନେଇ ଚର୍ଚ୍ଚା ଓ ଆକଳନ ଆରମ୍ଭ ହୋଇଛି। ଖାଲିଦା ଏବେ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ଓ ତାଙ୍କ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଛି।

# ପୁଣି ଡରାଇଲା ଏୟାର ଇଣ୍ଡିଆ

## ମଝି ଆକାଶରେ ବନ୍ଦ ହୋଇଗଲା ବିମାନ ଇଞ୍ଜିନ

ନୂଆଦିଲ୍ଲୀ, ୨୨।୧୨(ଏଜେନ୍ସି): ଦିଲ୍ଲୀରୁ ମୁମ୍ବଇ ଯାଉଥିବା ଏୟାର ଇଣ୍ଡିଆର ବିମାନକୁ ମାତ୍ର ୪୦ ମିନିଟ୍ ମଧ୍ୟରେ ଜରୁରୀକାଳୀନ ଅବତରଣ କରିବାକୁ ପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ବୋଇଂ ୭୭୭-୩୦୦ଇଆର ଏଆଇ୮୮୭ ବିମାନ ଉଡ଼ାଣ ଭରିବା ପରେ ଏହାର ଡାହାଣ ପଟ ଇଞ୍ଜିନ ବନ୍ଦ ହୋଇଯାଇଥିଲା। ଏଥିରେ ତୈଳ ଚାପ ଶୂନ୍ୟକୁ ଖସି ଯାଇଥିଲା। ଫଳରେ ବିମାନକୁ ପୁଣି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାକୁ ପଡ଼ିଥିଲା। ବିମାନ ସୋମବାର ସକାଳ ୬.୧୦ରେ ଏଆଇ ୮୮୭ ଭାବେ ମୁମ୍ବଇ ଅଭିମୂଖେ ଯାତ୍ରା କରିଥିଲା। କିନ୍ତୁ ଏହା ସକାଳ ୬.୫୨ରେ ଫେରି ଆସିଥିଲା। ଗୋଟିଏ ଇଞ୍ଜିନ ଖରାପ ହୋଇଥିଲେ ମଧ୍ୟ ଦ୍ୱିତୀୟ ଇଞ୍ଜିନ ସହାୟତାରେ ବିମାନଟି ସୁରକ୍ଷିତ ଭାବେ ଅବତରଣ କରିଥିଲା। ଫ୍ଲାଇଟ୍ ଟ୍ରାକିଂ ୱେବସାଇଟ୍ ଫ୍ଲାଇଟରାଡାର୨୪ଡଟ୍ କମ୍ ଅନୁଯାୟୀ, ଉଡାଣ ଆରମ୍ଭ କରିବା ପରେ ବିମାନଟି ଏକ ଘଣ୍ଟା ପର୍ଯ୍ୟନ୍ତ ଆକାଶରେ ରହିଥିଲା। ଏଥିରେ ୩୩୫ ଜଣ ଯାତ୍ରୀ ଥିଲେ। ସମସ୍ତଙ୍କୁ ଏବେ ମୁମ୍ବଇ ପଠାଯିବା ନେଇ ବ୍ୟବସ୍ଥା କରାଯାଉଛି। ଏହି ଘଟଣା ନେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏୟାର ଇଣ୍ଡିଆଠାରୁ ରିପୋର୍ଟ ମାଗିଛି। ଏଥିସହ ମନ୍ତ୍ରଣାଳୟ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ)କୁ ଏହି ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛି। ଅଏଲ ପ୍ରେସର ଜିରୋ ହେବା ନିଶ୍ଚିତ ଭାବେ ଗମ୍ଭୀର ବିଷୟ। କିନ୍ତୁ ବିମାନ ତୁରନ୍ତ ଦୁର୍ଘଟଣା ସମ୍ମୁଖୀନ ହେବ ବୋଲି ଆଶଙ୍କା କରିବା ଭୁଲ ବୋଲି କୁହାଯାଇଛି। ଦ୍ୱିତୀୟ ଇଞ୍ଜିନ ସହାୟତାରେ ବିମାନକୁ ନିକଟସ୍ଥ ବିମାନ ବନ୍ଦରରେ ଓହ୍ଲାଯାଇପାରିବ।




## ପ୍ରେମ ପାଇଁ ପ୍ରେମିକ ହାତରେ ପିତାଙ୍କୁ ମାରିଲା ଝିଅ

ଭଦୋଦାରା, ୨୨।୧୨(ଏଜେନ୍ସି): ଗୁଜରାଟରେ ଜଣେ ଝିଅ ତା'ର ପିତାଙ୍କୁ ନିଶା ଦେଇ ପ୍ରେମିକ ଦ୍ୱାରା ହତ୍ୟା କରିବାର ଘଟଣା ସାମ୍ନାକୁ ଆସିଛି। କେବଳ ସେତିକି ନୁହେଁ, ସେ ପିତାଙ୍କର ହତ୍ୟାକୁ ନିଜ ଆଖିରେ ମଧ୍ୟ ଦେଖିଥିଲା। ଗତ ସପ୍ତାହରେ ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟିଥିଲା। ପୁଲିସ ଏହି ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ଓ ସମ୍ପୃକ୍ତ ୧୭ ବର୍ଷୀୟ ଝିଅକୁ ଶିଶୁ ସୁରକ୍ଷା ଗୃହକୁ ପଠାଇ ଦେଇଛି। ଝିଅ ହିଁ ଯୋଜନାବଦ୍ଧ ଭାବେ ଏହି ହତ୍ୟାକାଣ୍ଡ ଘଟାଇଥିଲା। ମୃତ ବ୍ୟକ୍ତି ହେଉଛନ୍ତି ଶାନା ଚଭଡା। ନିଜ ଝିଅ ଓ ତା'ର ୨୪ ବର୍ଷୀୟ ପ୍ରେମିକ ରଞ୍ଜିତ ଗଜେନ୍ଦ୍ରଭାଇ ବାଘେଲାଙ୍କ ସମ୍ପର୍କକୁ ସେ ବିରୋଧ କରୁଥିଲା। ଗତ ଜୁଲାଇରେ ଦୁହେଁ ପଳାଯାଇଥିଲେ। ଝିଅର ବାପା ଏତଲା ଦେବାରୁ ରଞ୍ଜିତକୁ ଗିରଫ କରାଯାଇଥିଲା। କିନ୍ତୁ ଅଗଷ୍ଟରେ ରଞ୍ଜିତ ଜାମିନ ପାଇ ବାହାରକୁ ଆସିଥିଲା। ଏହାପରେ ଝିଅ ଓ ରଞ୍ଜିତ ଶାନାଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରିଥିଲେ।

## ୟୁକ୍ରେନ ସେନା ଦ୍ୱାରା ବନ୍ଦୀ ଗୁଜରାଟ ଛାତ୍ର ପଠାଇଲେ ଭିଡିଓ

ଅହମ୍ମଦାବାଦ, ୨୨।୧୨(ଏଜେନ୍ସି): ୟୁକ୍ରେନ ସେନା ଦ୍ୱାରା ବନ୍ଦୀ ହୋଇଥିବା ଗୁଜରାଟର ଜଣେ ଛାତ୍ର ସାହିଲ ମହମ୍ମଦ ହୁସେନ ଭିଡିଓ ମେସେଜ ପଠାଇଛନ୍ତି। ଏଥିରେ ସେ ଭାରତୀୟ ଯୁବକଙ୍କୁ କୌଣସି ପ୍ରକାର ପରିସ୍ଥିତିରେ ରୁଷ ସେନାରେ ସାମିଲ ନ ହେବାକୁ ନିବେଦନ କରିଛନ୍ତି। ଏହି ଭିଡିଓ ସୋମବାର ସାମ୍ନାକୁ ଆସିଛି। ରୁଷ୍‌ରେ ଏକ ମିଥ୍ୟା ଡ୍ରଗ୍ସ ମାମଲାରେ ତାଙ୍କୁ ଫସାଇବା ସହ ବ୍ଲାକ୍‌ମେଲ କରାଯାଇଥିଲା। ଏଥିସହ ତାଙ୍କୁ ଜୋର ଜବରଦସ୍ତି ରୁଷିଆ ସେନାବାହିନୀରେ ସାମିଲ ହେବାକୁ ବାଧ କରାଯାଇଥିଲା ବୋଲି ସେ ଭିଡିଓରେ କହିଛନ୍ତି। ହୁସେନଙ୍କୁ ଏବେ ୟୁକ୍ରେନର କେଉଁଠାରେ ରଖାଯାଇଛି ସେ ନେଇ କୌଣସି ସୂଚନା ମିଳିନାହିଁ। ୟୁକ୍ରେନ ସୁରକ୍ଷା ବାହିନୀ ଏହି ଭିଡିଓ ଗୁଜରାଟରେ ଥିବା ହୁସେନଙ୍କ ମା'ଙ୍କ ନିକଟକୁ ପଠାଇଛି। ପୁଅକୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ ହୁସେନଙ୍କ ମା ଦିଲ୍ଲୀର ଏକ କୋର୍ଟରେ ଆବେଦନ କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଫେବୃଆରୀରେ ହେବ।

## କାର୍ ବୋମା ବିସ୍ଫୋରଣରେ ରୁଷ ଜେନେରାଲ ମୃତ

ମସ୍କୋ, ୨୨।୧୨(ଏଜେନ୍ସି): ରୁଷ୍ ରାଜଧାନୀ ମସ୍କୋରେ ଏକ କାର୍ ବୋମା ବିସ୍ଫୋରଣରେ ସେନାର ଜଣେ ଜେନେରାଲ ମୃତ୍ୟୁବରଣ କରିଛନ୍ତି। ରୁଷର ଯାଞ୍ଚ୍ ଏଜେନ୍ସି ସୋମବାର ଏକ ବିବୃତ୍ତିରେ ଏହି ସୂଚନା ଦେଇଛି। ରୁଷିଆ ସେନାର ଅପରେସନାଲ ଟ୍ରେନିଂ ଡିପାର୍ଟମେଣ୍ଟର ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ପାନିଲ ସର୍ବାରେଭ କାର୍ ଯୋଗେ ଯିବାକୁ ପ୍ରସ୍ତୁତ ହେଉଥିବା ବେଳେ ଏହି ବିସ୍ଫୋରଣ ଘଟିଥିଲା। ତାଙ୍କ କାର୍ ତଳେ ରଖାଯାଇଥିବା ବିସ୍ଫୋରକକୁ ବିସ୍ଫୋରଣ କରି କାର୍‌କୁ ଉଡାଇ ଦିଆଯାଇଥିଲା। ସକାଳ ୭ଟାରେ ମସ୍କୋର ୟାସେନେଭା ଷ୍ଟ୍ରିଟ୍‌ରେ ଏକ ପାର୍କିଂ ସ୍ଥାନରେ ଏହି ବିସ୍ଫୋରଣ ହୋଇଥିଲା। ସେତେବେଳେ ଡ୍ରାଇଭର ମଧ୍ୟ କାର୍ ଭିତରେ ଥିଲେ। ଏହି ଘଟଣାରେ ଜଣେ ସାମରିକ ଅଧିକାରୀଙ୍କ ହତ୍ୟା ନେଇ ଆପରାଧିକ ମାମଲା ରୁଜୁ କରାଯାଇଛି। ରୁଷିଆର ଯାଞ୍ଚ୍ ଏଜେନ୍ସି ଏହି ଘଟଣାର ତଦନ୍ତ କରୁଛି। ଏଥିରେ ୟୁକ୍ରେନ ସମ୍ପୃକ୍ତିର ଦୃଷ୍ଟିକୋଣକୁ ନେଇ ମଧ୍ୟ ଯାଞ୍ଚ୍ କରାଯାଉଛି। ଏହି ବିସ୍ଫୋରଣ ନେଇ କେହି ଏପର୍ଯ୍ୟନ୍ତ ନିଜକୁ ଦାୟୀ କରିନାହାନ୍ତି। ଏହାକୁ ୟୁକ୍ରେନର ଗୁପ୍ତଚର ସଂସ୍ଥା କରିଥାଇ ପାରେ ବୋଲି ଆଶଙ୍କା କରାଯାଉଛି।

**କାନ୍ଦୁଛି ଆରାବଳୀ**

# ୮ ହଜାର ସ୍ଥାନରେ ଖଣି ଖନନ ଅନୁମତି

ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି): ଉତ୍ତର-ପଶ୍ଚିମ ଭାରତର ପର୍ବତମାଳା ଆରାବଳୀ ଏବେ କାନ୍ଦୁଛି। ମରୁଭୂମି, ଲୁ ଏବଂ ଧୂଳି ଝଡ଼କୁ ଧାରଣ କରି ଦିଲ୍ଲୀ, ହରିୟାଣା, ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶକୁ ସୁରକ୍ଷା ଦେଉଥିବା ଏବଂ ରାଜସ୍ଥାନର ଉର୍ବର କ୍ଷେତ ପାଇଁ ସୁରକ୍ଷା ପ୍ରାଚୀର ହୋଇ ରହିଥିବା ଆରାବଳୀ ଏବେ ବିପଦରେ। ଭୂତଳ ଜଳ ସଂରକ୍ଷଣ ସହିତ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କୁ ଆଶ୍ରୟ ଦେଇ ଲୋକଙ୍କୁ ସ୍ୱଚ୍ଛ ବାୟୁ ପ୍ରଦାନ କରୁଥିବା ଆରାବଳୀର ଭବିଷ୍ୟତକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୁଜରାଟ ଦେଇ ରାଜସ୍ଥାନ ଏବଂ ହରିୟାଣାରୁ ଦିଲ୍ଲୀ ୬୯୦ କିମି ପର୍ଯ୍ୟନ୍ତ ବ୍ୟାପିଥିବା ଏହି ପୁରାତନ ପର୍ବତମାଳା ଖଣି ଖନନ ପାଇଁ ସଙ୍କଟରେ ପଡ଼ିଛି। ସୁପ୍ରିମକୋର୍ଟ ଦେଇଥିବା ରାୟ ଯୋଗୁଁ କୋଟି କୋଟି ଜନତା, ଜୀବଜନ୍ତୁଙ୍କ ପାଇଁ ବିପଦ ସୃଷ୍ଟି ହୋଇଥିବାବେଳେ ଖଣି ଖନନକାରୀ ଏବଂ ସରକାର ଅଟ୍ଟହାସ୍ୟ କରୁଛନ୍ତି। କାରଣ ସର୍ବୋଚ୍ଚ ନ୍ୟାୟାଳୟ ୧୦୦ ମିଟର ଉଚ୍ଚତା ବିଶିଷ୍ଟ ପାହାଡ଼କୁ କେବଳ ଆରାବଳୀ ମାନିବାକୁ ରାୟ ଦେଇଥିଲେ। ଅନ୍ୟ ଛୋଟ ଛୋଟ ପାହାଡ଼କୁ ଆରାବଳୀ ମାନିବାକୁ ମନା କରିଦେଇଥିଲେ। ଏହା ଦ୍ୱାରା ୯୦ ପ୍ରତିଶତ ଆରାବଳୀ ଧ୍ୱଂସ ହୋଇଯିବାର ସମ୍ଭାବନା ରହିଛି। ଜୈବ ବିବିଧତାକୁ ନଷ୍ଟ କରିବାକୁ ଅନୁମତି ଦେଉଥିବା ସୁପ୍ରିମକୋର୍ଟଙ୍କ ରାୟ ବିରୋଧରେ ଆନ୍ଦୋଳନ ଜୋରଦାର ହୋଇଛି। ସାମାଜିକ ଗଣମାଧ୍ୟମରୁ ନେଇ ସଡ଼କ ପର୍ଯ୍ୟନ୍ତ ଲୋକେ ଏକାଠି ହୋଇ ରାଜସ୍ଥାନ ସରକାରଙ୍କ ଆଭିମୁଖ୍ୟ, କେନ୍ଦ୍ରର ନିରବତା ଏବଂ ସୁପ୍ରିମକୋର୍ଟଙ୍କ ରାୟକୁ ବିରୋଧ କରୁଛନ୍ତି। ଆରାବଳୀରେ ଖଣି ଖନନ ମଞ୍ଜୁରିକୁ ବିରୋଧ କରି ଆଜି ରାଜସ୍ଥାନରେ ଲକ୍ଷାଧିକ ଲୋକ ରାସ୍ତାକୁ ଓହ୍ଲାଇଛନ୍ତି। କଂଗ୍ରେସ ଏବଂ ସାମାଜିକ ସଂଗଠନ କର୍ମୀ ୯୪୫ ମିଟର ଉଚ୍ଚ ସିକରର ହର୍ଷ ପାହାଡ଼ ଉପରେ ଚଢ଼ି ବିକ୍ଷୋଭ କରିଛନ୍ତି।

■ ତେଜୁଛି ଆନ୍ଦୋଳନ, ରାଜସ୍ଥାନରେ ପୁଲିସର ଲାଠିଚାର୍ଜ
■ ଅନେକ ସହରରେ ପୁଲିସ-ଆନ୍ଦୋଳନକାରୀ ମୁହାଁମୁହିଁ
■ ୯୦% ଜଙ୍ଗଲକୁ ସଂରକ୍ଷିତ ରଖାଯିବ: କେନ୍ଦ୍ର

ରାଜସ୍ଥାନର ଫୁସଫୁସକୁ କାଟିବାକୁ ଅନୁମତି ଦିଆଯିବନି ବୋଲି କହିଛନ୍ତି। ବିଭିନ୍ନ ସ୍ଥାନରେ ପୁଲିସ ଆନ୍ଦୋଳନକାରୀଙ୍କୁ ଘଉଡ଼ାଇବା ପାଇଁ ଲାଠିଚାର୍ଜ କରିଛି। ଏହାକୁ ନେଇ ପୁଲିସ ଏବଂ ଆନ୍ଦୋଳନକାରୀ ମୁହାଁମୁହିଁ ହୋଇଛନ୍ତି।

ଆରାବଳୀ ପର୍ବତମାଳାରେ ଖଣି ଖନନ ସମଗ୍ର ଭାରତ ପାଇଁ ବିପଦ ବୋଲି ପରିବେଶବିତ କହିଛନ୍ତି। ସାରା ଦେଶକୁ ମୌସୁମୀ ବାୟୁ ଆସିବନି। ପ୍ରଦୂଷଣ ପାଇଁ ଦିଲ୍ଲୀ ବାସୀଙ୍କ ଦୁର୍ଦ୍ଦଶା ବଢ଼ିବ। ଥର୍ ମରୁଭୂମି କାୟା ବିସ୍ତାର କରିବ। ଉର୍ବର କ୍ଷେତକୁ ନିଜ ଭିତରେ ସମାହିତ କରିଦେବ। ଆରାବଳୀ ଦିଲ୍ଲୀ, ଗୁରୁଗ୍ରାମ, ଫରିଦାବାଦ ଭଳି ବଡ଼ ସହରକୁ ପାଣି ଯୋଗାଉଛି। ମାତ୍ର ଖଣି ଖନନ ହେଲେ ବିପୁଳ ଗଛ କଟାଯିବ।



ଏହା ଭୂତଳ ଜଳସ୍ତର ହ୍ରାସ କରି ସଙ୍କଟ ସୃଷ୍ଟି କରିବ। ଏହାକୁ ନେଇ ସାମାଜିକ କର୍ମୀ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଏବଂ ରାଷ୍ଟ୍ରପତିଙ୍କୁ ଚିଠି ଲେଖିଛନ୍ତି। ରାୟ ପୁନର୍ବିଚାର କରିବାକୁ ଅନୁରୋଧ କରିଛନ୍ତି।

ଫରେଷ୍ଟ ସର୍ଭେ ଅଫ ଇଣ୍ଡିଆ (ଏଫଏସଆଇ) ୧୦ ହଜାର ପାହାଡ଼କୁ ଆରାବଳୀ କହିଥିଲା। ଏହି ସବୁ ସ୍ଥାନରୁ ଖଣି ଖନନ ବନ୍ଦ କରିବାକୁ କୁହାଯାଇଥିଲା। ମାତ୍ର ରାଜସ୍ଥାନର ବିଜେପି ସରକାର ଏହା ବିରୋଧରେ ସୁପ୍ରିମକୋର୍ଟ ଯାଇଥିଲେ। ଏହା ଦ୍ୱାରା ସବୁ ଖଣି ଖନନ ବନ୍ଦ ହୋଇଯିବ ବୋଲି କୁହାଯାଇଥିଲା। ଏହା ଉପରେ ବିଚାର କରି ସୁପ୍ରିମକୋର୍ଟ ଶହେ ମିଟର କିମ୍ବା ତାଠାରୁ ଅଧିକ ଉଚ୍ଚ ପର୍ବତକୁ ଆରାବଳୀ ମାନିବାକୁ ରାୟ ଦେଇଥିଲେ। ଏହି ରାୟ ପରେ ପ୍ରାୟ ୮ ହଜାର ସ୍ଥାନରେ ଖଣି ଖନନ ପାଇଁ ଅନୁମତି ମିଳିଥିବା କୁହାଯାଇଛି। କମ୍ପାନୀ ଏବଂ ସରକାରୀ ଅଧିକାରୀଙ୍କ ସାଣ୍ଟଗାଣ୍ଠରେ ଉଚ୍ଚ ପାହାଡ଼କୁ ୬୦ ମିଟର କିମ୍ବା ୮୦ ମିଟର ଦେଖାଇ ଖନନ ଅନୁମତି ନିଆଯାଉଛି। ଏହାକୁ ନେଇ ରାଜସ୍ଥାନର ବିଭିନ୍ନ ସ୍ଥାନରେ ମାମଲା ମଧ୍ୟ ଚାଲିଛି। ଏବେ ସରକାରଙ୍କ ଏହି ଖଣି ନୀତିକୁ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକ ମଧ୍ୟ ବିରୋଧ କରିଛନ୍ତି।

ବିବାଦ ତେଜୁଥିବା ଦେଖି କେନ୍ଦ୍ର ସରକାର ମାମଲାରେ ସ୍ପଷ୍ଟୀକରଣ ଦେଇଛନ୍ତି। ଆରବଳୀ କ୍ଷେତ୍ରର ୯୦ ପ୍ରତିଶତ କ୍ଷେତ୍ରକୁ ସଂରକ୍ଷିତ କରାଯିବ ବୋଲି କୁହାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଦ୍ୱାରା ଖଣି କାର୍ଯ୍ୟକଳାପ ବୃଦ୍ଧି ପାଇବା ନେଇ କରାଯାଉଥିବା ଦାବିକୁ ଖାରଜ କରିଦିଆଯାଇଛି।

**ହାଇଦରାବାଦରେ ୩୮ ଶିଳ୍ପପତିଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା**

# ୧୩ ଏମ୍‌ଓୟୁ, ୨୭,୬୫୦ କୋଟିର ନିବେଶ ସୁଯୋଗ

ଭୁବନେଶ୍ୱର,୨୨।୧୨(ସମିସ): ହାଇଦରାବାଦରେ ଦୁଇଦିନ ଧରି ବିଭିନ୍ନ ଶିଳ୍ପପତି ଓ ନିବେଶକଙ୍କ ସହିତ ଆଲୋଚନା ଅତ୍ୟନ୍ତ ଉତ୍ସାହଜନକ ରହିଛି। ଆଗାମୀ ଦିନରେ ଶିଳ୍ପାୟନ ପାଇଁ ଆମର ରୋଡ୍ ମ୍ୟାପରେ ଏକ ନୂଆ ମାଇଲ୍ ଷ୍ଟୋନ୍ ସ୍ଥାପନ ହେବାକୁ ଯାଉଛି। ଆସନ୍ତା ଜାନୁଆରୀ ୨୮ ଓ ୨୯ ତାରିଖରେ ରାଉରକେଲାରେ ଏଣ୍ଟରପ୍ରାଇଜ୍ ଓଡ଼ିଶା ଅନୁଷ୍ଠିତ ହେବ। ଏହା ସହିତ କଲିକତାରେ ମଧ୍ୟ ଏକ ଶିଳ୍ପ କନ୍‌କ୍ଲେଭ୍ ହେବାର ଯୋଜନା ରହିଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।



ହାଇଦରାବାଦରେ ଆୟୋଜିତ ୨ ଦିନିଆ ଓଡ଼ିଶା ନିବେଶକ ସମ୍ମିଳନୀରେ ଯୋଗ ଦେବା ପରେ ଭୁବନେଶ୍ୱରରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଦୁଇ ଦିନରେ ସେ ନିଜେ ୩୮ ଜଣ ଶିଳ୍ପପତିଙ୍କ ସହିତ ୱାନ ଟୁ ୱାନ ଆଲୋଚନା କରିଛନ୍ତି। ଏହି ଅବସରରେ ହାଇଦ୍ରାବାଦରେ ଅନୁଷ୍ଠିତ ଏକ ମେଗା ଓଡ଼ିଶା ନିବେଶକ ରୋଡଶୋ ୫୦୦ ରୁ ଅଧିକ ଶିଳ୍ପପତି, ବ୍ୟବସାୟିକ ସଂଗଠନ ଏବଂ ଆନୁଷ୍ଠାନିକ ଅଂଶୀଦାରମାନେ ଅଂଶଗ୍ରହଣ କରିଛନ୍ତି। ଏହି ଆଲୋଚନା ଦ୍ୱାରା ଶିଳ୍ପପତିମାନେ ଓଡ଼ିଶାର ଶିଳ୍ପ ପରିବେଶ, ଭିତ୍ତିଭୂମି ଏବଂ ନୀତି-ଚାଳିତ ଅଭିବୃଦ୍ଧି ମଡେଲ ସମ୍ପର୍କରେ ଏକ ସ୍ପଷ୍ଟ ଚିତ୍ର ପାଇ ପାରିଥିଲେ। ଓଡ଼ିଶାରେ ନିବେଶକୁ ସହଜ ଓ ସରଳ କରିବା ପାଇଁ, ଇଜ୍ ଅଫ୍ ଡୁଇଙ୍ଗ ବିଜନେସ୍‌ରେ ଉନ୍ନତି ଆଣିବା ପାଇଁ ବିଭିନ୍ନ ଆଇନ୍‌ରେ ପ୍ରାୟ ୨୩ଟି ସଂଶୋଧନ କରାଯାଉଛି। ବହୁତ୍ ପୁରୁଣା ଆଇନ୍, ଯାହାର ବର୍ତ୍ତମାନ କୌଣସି ଆବଶ୍ୟକତା ନାହିଁ,

**ରାଉରକେଲାରେ ହେବ 'ଏଣ୍ଟରପ୍ରାଇଜ୍ ଓଡ଼ିଶା' ସମ୍ମେଳନ**

ସେଗୁଡିକ ସଂଶୋଧନ କରାଯାଇ, ବର୍ତ୍ତମାନ ସମୟର ଆବଶ୍ୟକତାକୁ ଦେଇ ପ୍ରସ୍ତୁତ କରାଯାଉଛି ବୋଲି ସେ କହିଥିଲେ। ଗସ୍ତ ସମୟରେ ୧୩ଟି ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହେବା ସହିତ ୨୭,୬୫୦ କୋଟି ଟଙ୍କାର ନିବେଶ ସୁଯୋଗ ମିଳିଛି। ଏହାଦ୍ୱାରା ୧୫,୯୦୫ ନିଯୁକ୍ତି ସୃଷ୍ଟି ହେବ। ଏହା ବ୍ୟତୀତ ୯ଟି ଇନଭେଷ୍ଟମେଣ୍ଟ ଇଣ୍ଟେଣ୍ଟ ଫାଇଲିଂ ମଧ୍ୟ ହୋଇଥିଲା। ଏହାଦ୍ୱାରା ୩୯,୧୩୧ କୋଟିର ଅଧିକ ନିବେଶ ସମ୍ଭାବନା ଏବଂ ୪୦,୪୩୫ ଲୋକଙ୍କ ପାଇଁ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ଯେହେତୁ ସମସ୍ତ ଶିଳ୍ପ ପ୍ରକଳ୍ପ ଗୁଡିକୁ ମୁଁ ବ୍ୟକ୍ତିଗତ ଭାବେ ମନିଟରିଂ କରୁଛି, ସେଥିପାଇଁ ଶିଳ୍ପପତିମାନେ ଓଡ଼ିଶା ପ୍ରତି ଖୁବ୍ ଉତ୍ସାହିତ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**ପୁଲିସ ଏସଆଇ ନିଯୁକ୍ତି କେଲେଙ୍କାରୀ ମାମଲା**

# ବିହାରରୁ ଅମିତ ଭାରତୀ ଗିରଫ

ଭୁବନେଶ୍ୱର,୨୨।୧୨(ସମିସ): ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ଆଉ ଜଣେ ଅଭିଯୁକ୍ତ ଅମିତ ଭାରତୀଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ବା ସିବିଆଇ ବିହାରରୁ ଗିରଫ କରିଛି। ଅମିତ ହେଲେ ଦଲାଲ୍ ନେଟ୍‌ୱର୍କର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିଙ୍କ ସହଯୋଗୀ। ପ୍ରଶ୍ନପତ୍ର ଲିକ୍‌ରେ ସେ କୁଆଡ଼େ ଶଙ୍କରଙ୍କ ଗୁରୁ ବୋଲି କୁହାଯାଉଛି। ୟୁପି ଏବଂ ବିହାରରେ ଶିକ୍ଷା କ୍ଷେତ୍ରରେ ହୋଇଥିବା କିଛି ଠକେଇ ମାମଲାରେ ପୂର୍ବରୁ ସେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ପୁଲିସ ଏସ୍‌ଆଇ ପରୀକ୍ଷା ସ୍କାମ୍‌ରେ ତାଙ୍କର ବଡ଼ ଭୂମିକା ରହିଥିଲା। ପ୍ରିଣ୍ଟିଂ ବେଳେ ପ୍ରଶ୍ନପତ୍ର କିଭଳି ହାସଲ କରାଯିବ, ଏହାକୁ କିଭଳି ପରୀକ୍ଷାର୍ଥୀଙ୍କ ପାଖରେ ପହଁଞ୍ଚାଯିବ, ଅମିତ ଏସବୁର ଦାୟିତ୍ୱ ନେଇଥିଲେ।

**୩ ଅଭିଯୁକ୍ତଙ୍କ ସିବିଆଇ ରିମାଣ୍ଡ ଶେଷ**

ଅନ୍ୟପକ୍ଷରେ ୪ଦିନିଆ ରିମାଣ୍ଡରେ ଥିବା କ୍ରାଇମ୍ ସିଣ୍ଡିକେଟ୍‌ର ତିନି ଅଭିଯୁକ୍ତ ସିଲିକନ୍ ସିଇଓ ସୁରେଶ ନାୟକ, ପଞ୍ଚସପ୍ତର ମାଲିକ ଶଙ୍କର ପୃଷ୍ଟି ଏବଂ ମଧ୍ୟସ୍ଥ ସାଗରଙ୍କ ସିବିଆଇ ରିମାଣ୍ଡ ଅବଧି ଶେଷ ହୋଇଛି। ସେମାନେ ଜେରା ବେଳେ ଏସ୍‌ଆଇ ସ୍କାମ୍ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସିବିଆଇକୁ ଦେଇଛନ୍ତି। ଏହି ମାମଲାରେ କିଛି ବଡ଼ବଡିଆଙ୍କ ସମ୍ପୃକ୍ତି ରହିଥିବା ସିବିଆଇ ଜାଣିବାକୁ ପାଇଛି। ଏହି ଆଧାରରେ ଆଗାମୀ ଦିନରେ ଭୁବନେଶ୍ୱର ଅଞ୍ଚଳର ଜଣେ ବ୍ୟବସାୟୀ ଏବଂ ଜଣେ ସରକାରୀ କର୍ମଚାରୀଙ୍କ ନାମ ସାମ୍ନାକୁ ଆସିଛି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ସୋମବାର ରିମାଣ୍ଡରେ ଥିବା ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ସମସ୍ତଙ୍କୁ ଜେଲ୍ ପଠାଇ ଦେଇଛନ୍ତି।

# ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ପାଇଁ କ'ଣ ପଦକ୍ଷେପ ନେଇଛ ଜଣାଅ: ହାଇକୋର୍ଟ

କଟକ, ୨୨।୧୨ (ସମିସ): ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆରବି) ଦ୍ୱାରା ପରିଚାଳିତ ହେଉଥିବା ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରୀ ମାମଲାକୁ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ରାଜ୍ୟ ସରକାର ଓ ଅନ୍ୟ ପ୍ରତିପକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି ଅଦାଲତ। ଏଥିସହ ପୁଲିସ ବିଭାଗରେ ବହୁ ପଦ ଖାଲି ପଡ଼ିଥିବା ବେଳେ ଏସ୍‌ଆଇ ଭଳି ଗୁରୁତ୍ୱପୂର୍ଣ୍ଣ ପଦରେ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ପାଇଁ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି, ସେନେଇ ସରକାରଙ୍କୁ ଜବାବତଲବ କରିଛନ୍ତି ହାଇକୋର୍ଟ। ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ତରଫରୁ ରୁଜୁ ଏହି ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏସ.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି କେଲେଙ୍କାରୀ ଘଟଣାରେ ସିବିଆଇ ତଦନ୍ତ ଜାରି ରଖିଛି ବୋଲି ମାମଲା ଶୁଣାଣି ବେଳେ ସରକାରଙ୍କ ପକ୍ଷରୁ କୁହାଯାଇଥିଲା।

ନିଯୁକ୍ତି କେଲେଙ୍କାରୀ ଘଟଣା ସାମ୍ନାକୁ ଆସିବା ପରେ ନିଯୁକ୍ତି ପ୍ରକ୍ରିୟା ସ୍ଥଗିତ ରହିଥିବା ବେଳେ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ଅଦ୍ୟାବଧି କିଛି ପଦକ୍ଷେପ ନିଆଯାଇନଥିବା ଆବେଦନକାରୀ ଦର୍ଶାଇଥିଲେ।



ଆବେଦନକାରୀ ନିଜ ଆବେଦନରେ ଦର୍ଶାଇଥିଲେ ଯେ ସରକାରଙ୍କ ଗତ ୨୦୨୫ ସେପ୍ଟେମ୍ବର ୨୨ର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର୍ (ଏସ୍‌ଓପି)କୁ କଡ଼ାକଡ଼ି ପାଳନ ସହ ଏକ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ତତ୍ତ୍ୱାବଧାନରେ ନିଯୁକ୍ତି ପ୍ରକ୍ରିୟା ସମ୍ପନ୍ନ କରାଯାଉ। ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ଓ ଗୃହ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଏହି ଉଚ୍ଚସ୍ତରୀୟ ତଦାରଖ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଉ। ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ ଏବଂ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଅନ୍ୟାନ୍ୟ ନିଯୁକ୍ତି ସଂସ୍ଥା ଦ୍ୱାରା ପରିଚାଳିତ ହେଉଥିବା ଏବଂ ଭବିଷ୍ୟତରେ ହେବାକୁ ଥିବା ନିଯୁକ୍ତି ପରୀକ୍ଷାରେ ସ୍ୱଚ୍ଛତା, ନିରପେକ୍ଷତା ଏବଂ ଏସଓପି ଅନୁପାଳନର ତଦାରଖ ଏହି କମିଟି କରୁ ବୋଲି ଆବେଦନକାରୀ ପ୍ରାର୍ଥନା କରିଛନ୍ତି।

ନିର୍ଦ୍ଧାରିତ ଏସଓପିରୁ ବିଚ୍ୟୁତି ଏବଂ ପୁଲିସ ଏସଆଇ ନିଯୁକ୍ତି ପରିଚାଳନାରେ ଅବହେଳା, ଅନିୟମିତତା ପାଇଁ ଦାୟୀ କର୍ତ୍ତୃପକ୍ଷ ଏବଂ ସଂସ୍ଥାଗୁଡ଼ିକ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିବେଦନ କରାଯାଇଛି। ମାମଲାରେ ସାଧାରଣ ପ୍ରଶାସନ ବିଭାଗ ସଚିବ, ଗୃହ ସଚିବ, ପୁଲିସ ଡିଜି, ଓପିଆରବି ଅଧ୍ୟକ୍ଷ ଓ ସିବିଆଇ ଏସପିଙ୍କୁ ପକ୍ଷଭୁକ୍ତ କରାଯାଇଛି।

# ବଡ଼ଦିନରୁ ବଢ଼ିବ ଶୀତ

ଭୁବନେଶ୍ୱର,୨୨।୧୨(ସମିସ): ବଡ଼ଦିନରୁ ରାଜ୍ୟରେ ଆହୁରି ବଢ଼ିବ ଶୀତ। ଡିସେମ୍ବର ୨୫ରୁ ରାଜ୍ୟରେ ଶୀତ ବଢ଼ିବା ନେଇ ପୂର୍ବାନୁମାନ କରାଯାଇଛି। ପଶ୍ଚିମାଝଡ଼ର ପ୍ରଭାବ କମିବା ସହ ରାଜ୍ୟକୁ ପୁଣି ଥରେ ଶୁଷ୍କ ଓ ଥଣ୍ଡା ବାୟୁ ପ୍ରବାହ ବଢ଼ିବ। ଫଳରେ ଶୀତର ପ୍ରଭାବ ପୁଣି ବଢ଼ିବାର ସମ୍ଭାବନା ରହିଛି। ବର୍ତ୍ତମାନ ରାଜ୍ୟରେ ପୂର୍ବାପେକ୍ଷା ଶୀତରେ ସାମାନ୍ୟ ପ୍ରଭାବ କମିଛି। ଶୀତ କମିବା ସହ ରାଜ୍ୟକୁ ବଙ୍ଗୋପସାଗରୀୟ ଜଳୀୟବାଷ୍ପପୂର୍ଣ୍ଣ ବାୟୁର ପ୍ରବାହ ହେତୁ କୁହୁଡ଼ି ମଧ୍ୟ ବୃଦ୍ଧି ପାଇଛି।

**ଉପକୂଳ ଓଡ଼ିଶା ବ୍ୟତୀତ ଅନ୍ୟ ଅଞ୍ଚଳକୁ ଘନ କୁହୁଡ଼ି ସତର୍କତା**

କୋରାପୁଟ ୫.୫, ଜି ଉଦୟଗିରି ୬.୮, ଦାରିଙ୍ଗବାଡ଼ି ୭, ସେମିଲିଗୁଡ଼ା ୮, ଫୁଲବାଣୀ ୮, ନବରଙ୍ଗପୁର ୮.୮ ଓ ରାଉରକେଲାରେ ତାପମାତ୍ରା ୯.୯ ଡିଗ୍ରୀ ରେକର୍ଡ ହୋଇଛି। ଅନ୍ୟପଟେ ରାଜ୍ୟରେ ବର୍ତ୍ତମାନ ଜାରି ରହିଥିବା କୁହୁଡ଼ି ସ୍ଥିତି ଆଗାମୀ ୪ ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି କରିଛି। ବିଭାଗ କହିଛି ଯେ ମଙ୍ଗଳବାର ସନ୍ଧ୍ୟାରୁ ବୁଧବାର ସକାଳ ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, କନ୍ଧମାଳ, ବଲାଙ୍ଗିର ଓ ସୋନପୁରରେ ଘନକୁହୁଡ଼ି ହେବାର ଆଶଙ୍କା ରହିଛି। ଏହାସହିତ ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, କଳାହାଣ୍ଡି, ଜଗତସିଂହପୁର, କୋରାପୁଟ ଓ କେନ୍ଦ୍ରାପଡ଼ାରେ ମଧ୍ୟମ ଧରଣର କୁହୁଡ଼ି ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ସତର୍କତା ରହିବାକୁ ପରାମର୍ଶ ଦେଇଛି।

# ନିଜ ଜିଲ୍ଲାରେ ରହିପାରିବେନି ବନ ଅଧିକାରୀ

ଭୁବନେଶ୍ୱର,୨୨।୧୨(ସମିସ): ନିଜ ଗୃହ ଜିଲ୍ଲାରେ ରହିପାରିବେନି ବନ ବିଭାଗର ଅଧିକାରୀ। ଡିଏଫ୍‌ଓ, ଏସିଏଫ୍, ରେଞ୍ଜର ଓ ଡେପୁଟି ରେଞ୍ଜରମାନଙ୍କୁ ନିଜର ଗୃହ ଜିଲ୍ଲାରେ ନିଯୁକ୍ତି ଦିଆଯିବ ନାହିଁ। ପୂର୍ବରୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗରେ ଏଭଳି ନିୟମ ରହିଥିଲେ ମଧ୍ୟ ଏହି ନିୟମର ସଠିକ୍ ଅନୁପାଳନ ହେଉନାହିଁ। ମାତ୍ର ଅଧିକାରୀମାନଙ୍କ ବଦଳି ପାଇଁ ବର୍ଷ ସାରା ବହୁ ସୁପାରିସ ଆସୁଛି। ହେଲେ ବଦଳି ଓ ସ୍ଥାନାନ୍ତର ପାଇଁ ଜିଏ ବିଭାଗର ନିର୍ଦ୍ଦେଶନାମା ଆଧାରରେ ବନ ବିଭାଗ ଏକ ନିର୍ଦ୍ଦିଷ୍ଟ ମାନଦଣ୍ଡକୁ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଛି। ତେଣୁ ବନ ବିଭାଗରେ ଏଣିକି କେବଳ ଏପ୍ରିଲ୍ ୧୫ ରୁ ଜୁନ୍ ୧୫ ମଧ୍ୟରେ (ବଦଳି ଅବଧି) ଅଧିକାରୀଙ୍କ ବଦଳି ଉପରେ ନିଷ୍ପତ୍ତି ନିଆଯିବ। ଯଦି ଏହି ଅବଧି

**ଗୋଟିଏ ଷ୍ଟେସନରେ ୫ ବର୍ଷରୁ ଅଧିକ ସମୟ ମନା**

ବାହାରେ କୌଣସି ବଦଳି ଆବଶ୍ୟକତା ପଡ଼େ, ତେବେ ତାଙ୍କ ପରବର୍ତ୍ତୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମୋଦନ ଆବଶ୍ୟକ ହେବ। ସେହିପରି ପ୍ରମୁଖ ୨ଟି କ୍ଷେତ୍ର ଯଥା ପ୍ରଶାସନିକ ଓ ବ୍ୟକ୍ତିଗତ କାରଣ ପାଇଁ ବଦଳି ହୋଇପାରିବ ବୋଲି ନିର୍ଦ୍ଦେଶନାମାରେ ଦର୍ଶାଯାଇଛି। ଏହାସହିତ ଯଦି କେହି କୌଣସି ନିର୍ଦ୍ଦିଷ୍ଟ ବୃତ୍ତିଗତ ଚାକିରିରେ ସ୍ୱତନ୍ତ୍ର ଦକ୍ଷତା ଅର୍ଜନ କରିଥାନ୍ତି, ତାଙ୍କ ସ୍ୱତନ୍ତ୍ର ଦକ୍ଷତାର ଉପଯୋଗ ପାଇଁ ତାଙ୍କୁ ଆଉ ୫ ବର୍ଷ ପାଇଁ ସେହି ୱିଙ୍ଗରେ ରଖାଯାଇପାରିବ ବୋଲି ନିଷ୍ପତ୍ତି ହୋଇଛି। କୌଣସି ବୈଷୟିକ ପ୍ରଶିକ୍ଷଣ ପରେ ମଧ୍ୟ ଅଧିକାରୀମାନେ ସେହି ୱିଙ୍ଗରେ କାର୍ଯ୍ୟ କରିପାରିବେ ବୋଲି କୁହାଯାଇଛି। ଯଦି କୌଣସି ପ୍ରଶାସନିକ କାରଣ ନ ଥାଏ ତେବେ କୌଣସି ଅଧିକାରୀଙ୍କୁ ଗୋଟିଏ ସ୍ଥାନରୁ ୩ ବର୍ଷ ପୂର୍ବରୁ ବଦଳି ନ କରିବାକୁ ବିଭାଗୀୟ ନିର୍ଦ୍ଦେଶନାମାରେ ଦର୍ଶାଯାଇଛି। ମାତ୍ର କୌଣସି ଅଧିକାରୀଙ୍କୁ ୫ ବର୍ଷରୁ ଅଧିକ ସମୟ ପାଇଁ ଗୋଟିଏ ଷ୍ଟେସନରେ ରହିବାକୁ ଅନୁମତି ଦିଆଯିବ ନାହିଁ।

ପୂର୍ବ ନିର୍ଦ୍ଦେଶନାମାକୁ କଡ଼ାକଡ଼ି ପାଳନ କରିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ପରେ ବନ ବିଭାଗର ବହୁ ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ଭାଲେଣି ପଡ଼ିଛି। ଅନେକ ବନଖଣ୍ଡରେ ଡେପୁଟି ରେଞ୍ଜରଙ୍କଠାରୁ ଆରମ୍ଭ କରି ଅନ୍ୟ ବରିଷ୍ଠ ଅଧିକାରୀମାନେ ନିଜ ଜିଲ୍ଲାରେ ଆସ୍ଥାନ ଜମାଇ ବସିଛନ୍ତି। ଏବେ ଏହି ନିର୍ଦ୍ଦେଶନାମା ପରେ ବନ ବିଭାଗରେ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଛି।

ବିଭାଗ ପକ୍ଷରୁ ଜାରି ବିସ୍ତୃତ ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ବିଭାଗ ଅଧିନରେ କାର୍ଯ୍ୟରତ ଉପ ବନ ସଂରକ୍ଷକ /ଏସିଏଫ୍/ଏଫ୍‌ଆରଙ୍କୁ କୌଣସି ନିର୍ଦ୍ଦିଷ୍ଟ ରାଜସ୍ୱ ଜିଲ୍ଲାରେ ୬ ବର୍ଷରୁ ଅଧିକ ସମୟ କାମ କରିବାକୁ ଅନୁମତି ଦିଆଯିବ ନାହିଁ। ଏହା ବ୍ୟତୀତ ଡେପୁଟି ସିଏଫ୍/ଏସିଏଫ୍/ଏଫ୍‌ଆରଙ୍କୁ ସେମାନଙ୍କ ନିଜ ଜିଲ୍ଲାରେ ନିଯୁକ୍ତି ଦିଆଯିବ ନାହିଁ। ଉପରୋକ୍ତ ବ୍ୟବସ୍ଥା ବିଭିନ୍ନ ଫରେଷ୍ଟ ରେଞ୍ଜରେ ରେଞ୍ଜ ଅଫିସର ଦାୟିତ୍ୱରେ ଥିବା ଡେପୁଟି ରେଞ୍ଜରମାନଙ୍କ ପାଇଁ ଲାଗୁ ହେବ। ଅଧିକାରୀମାନଙ୍କୁ ସେମାନଙ୍କ ଅବସର ଗ୍ରହଣର ଦୁଇ ବର୍ଷ ପୂର୍ବରୁ ସେମାନଙ୍କ ନିଜ ଜିଲ୍ଲାରେ ନିଯୁକ୍ତ କରାଯାଇପାରେ। ସେହିପରି ଜଣେ ଅଧିକାରୀଙ୍କ ବଦଳି ନିର୍ଦ୍ଦେଶନାମା ଜାରି ହେବା ପରେ ନିୟନ୍ତ୍ରଣ କର୍ତ୍ତୃପକ୍ଷ ୭ ଦିନ ମଧ୍ୟରେ ଅଧିକାରୀଙ୍କୁ ଦାୟିତ୍ୱ ମୁକ୍ତ କରିବେ।

# ପ୍ରଦୂଷଣ ପ୍ରମାଣପତ୍ର ପାଇଁ ୧୫ ଦିନ ମହଲତ

ଭୁବନେଶ୍ୱର, ୨୨।୧୨ (ସମିସ): ବୈଧ ପ୍ରଦୂଷଣ ପ୍ରମାଣ ନ ଥିଲେ ପେଟ୍ରୋଲ୍ ପମ୍ପରେ ପେଟ୍ରୋଲ ଡିଜେ୍ଲ ନ ଦେବାକୁ ରାଜ୍ୟ ପରିବହନ ବିଭାଗ ଜାରି କରିଥିବା ମାର୍ଗଦର୍ଶିକାକୁ ନେଇ ସାରା ରାଜ୍ୟରେ ହଟଚମଟ ସୃଷ୍ଟି ହୋଇଛି। ଗ୍ରାହକ ଓ ପେଟ୍ରୋଲ ପମ୍ପ ସଂସ୍ଥାଗୁଡ଼ିକ ପାଇଁ ଏହି ନିୟମ ପାଳନକୁ ନେଇ ଛକାପଞ୍ଝା ଲାଗି ରହିଥିବା ବେଳେ ସୋମବାର ରାଜ୍ୟ ପରିବହନ ବିଭାଗ, ତୈଳ କମ୍ପାନୀ ଓ ଡିଲର ଆସୋସିଏସନ୍ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପରିବେଶ ସୁରକ୍ଷା ଦିଗରେ ଜନସଧାରଣଙ୍କ ସହଯୋଗ କାମନା କରାଯାଇଛି। ଏହାସହିତ ଆଗମୀ ୧୫ ଦିନ ପର୍ଯ୍ୟନ୍ତ ଏହି କ୍ଷେତ୍ରରେ ଗ୍ରାହକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ନିଷ୍ପତ୍ତି ହୋଇଛି। ଯଦି ଏହା ପରେ ମଧ୍ୟ ଗ୍ରାହକମାନେ ନିୟମର ଅନୁପାଳନ ନ କରନ୍ତି ତେବେ ସେମାନଙ୍କଠାରୁ ଆଇନ ଅନୁଯାୟୀ ୧୦ ହଜାର ଟଙ୍କା ଜରିମାନା ଆଦାୟ କରିବାକୁ ନିଷ୍ପତ୍ତି ହୋଇଛି। ଏହା ବ୍ୟତୀତ ସମସ୍ତେ ପ୍ରଦୂଷଣ ପ୍ରମାଣପତ୍ର କେନ୍ଦ୍ରଗୁଡ଼ିକ ମଧ୍ୟ ଆବଶ୍ୟତାକୁ ଦୃଷ୍ଟିରେ ରଖି ଗାଡ଼ିରେ ଷ୍ଟିକର ଲଗାଇ ପ୍ରଦୂଷଣ ପ୍ରମାଣପତ୍ରର ବୈଧତା ଉଲ୍ଲେଖ କରିବେ। ସେହିଭଳି ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚର ଅନ୍ୟ ଦିଗ ଗୁଡ଼ିକ ସଂପର୍କରେ ମଧ୍ୟ ପେଟ୍ରୋଲ ପମ୍ପ କର୍ମଚାରୀ ଓ ଜନସାଧାରଣଙ୍କୁ ସଚେତନତା କାର୍ଯ୍ୟକ୍ରମ ଜରିଆରେ ଅବଗତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

**ନିୟମ ନ ମାନିଲେ ୧୦ ହଜାର ଜରିମାନା**

**ତୈଳ କମ୍ପାନୀ, ଡିଲର ଆସୋସିଏସନ ସହ ବୈଠକ**

ରାସ୍ତାରେ ଚାଲୁଥିବା ବିଏସ୍-୪ ଓ ବିଏସ୍-୫ ସମେତ ସମସ୍ତ ପେଟ୍ରୋଲ, ଡିଜେଲ ମୋଟରଯାନ ପାଇଁ ବୈଧ ପ୍ରଦୂଷଣ ପ୍ରମାଣପତ୍ର ଆବଶ୍ୟକ ରହିଛି। ମୋଟର ଯାନ ଆଇନ ଅନୁଯାୟୀ ଏହାର ବୈଧତା ନିର୍ଦ୍ଧାରିତ ହୋଇଛି। ଏହି ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚ ପାଇଁ ରାଜ୍ୟର ସମସ୍ତ ଟୋଲ ଗେଟରେ ଇ-ଡିଟେକ୍ସନ ବ୍ୟବସ୍ଥାରେ ମଧ୍ୟ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି ବୈଠକରେ ପରିବହନ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଇଣ୍ଡିଆନ୍ ଅଏଲ ସିଜିଏମ୍ କମଲ୍ ଶିଲ୍, ଏଚପିସିଏଲ୍ ରୁ ସି.ଆର୍ ବିଜୟ କୁମାର, ଉତ୍କଳ ପେଟ୍ରୋଲିୟମ ଡିଲର୍ ଆସୋସିଏସନ୍ ସଞ୍ଜୟ ଲାଠ୍ ପ୍ରମୁଖ ଯୋଗ ଦେଇଥିଲେ।

# ଦୁଷ୍କର୍ମକାରୀକୁ ୨୫ ବର୍ଷ ଜେଲ୍

ଅନୁଗୋଳ,୨୨।୧୨(ସମିସ): ଅନୁଗୋଳ ଅତିରିକ୍ତ ଜିଲ୍ଲା ଓ ସେସନ୍ ଜଜ୍ ସୋମବାର ଜଣେ ଦୁଷ୍କର୍ମକାରୀକୁ ୨୫ବର୍ଷ ଜେଲ୍ ଓ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ଏକ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଆସାମୀଜଣଙ୍କ ହେଲା, ନାଲକୋ ହଟିଙ୍ଗରେ ରହୁଥିବା କାରି ଓରଫ ଭରତ ତିମିଆ (୨୩)।

ମାମଲାର ବିବରଣୀ ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲାର ଜଣେ ଯୁବତୀ ନାଲକୋ ଥାନା ଅନ୍ତର୍ଗତ ହଟିଙ୍ଗରେ ଆଜକୁ ୯ ବର୍ଷ ହେବ ରହି ଦିନମଜୁରିଆ ଭାବେ କାମ କରୁଥିଲେ। ୨୦୨୪ ଫେବ୍ରୁଆରୀ ୧୩ ତାରିଖ ରାତି ପ୍ରାୟ ୧ଟା ବେଳେ ଭରତ ସମ୍ପୃକ୍ତ ଯୁବତୀଙ୍କ ଘରେ ଜୋରଜବରଦସ୍ତ ପଶି ତାଙ୍କୁ ଦୁଷ୍କର୍ମ କରି ଫେରାର୍ ହୋଇଯାଇଥିଲା। ୧୪ ତାରିଖ ସକାଳେ ଯୁବତୀଜଣଙ୍କ ଏ ସଂପର୍କରେ ନାଲକୋ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଭରତକୁ ଗିରଫ କରିଥିଲା। ସୋମବାର ଏହି ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ସମସ୍ତ ତଥ୍ୟ ପ୍ରମାଣ ତଥା ୮ ଜଣ ସାକ୍ଷୀଙ୍କ ବୟାନ ଆଧାରରେ ଅତିରିକ୍ତ ଜିଲ୍ଲା ଓ ସେସନ ଜଜ୍ ବିରଞ୍ଚି ନାରାୟଣ ମିଶ୍ର ଭରତଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ଅର୍ଥରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ପ୍ରଦୀପ ଭୂତିଆ ଏହି ମାମଲା ପରିଚାଳନା କରୁଥିଲେ।

**■ ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଚିଠି**

# ତୁରନ୍ତ ପୁନର୍ଗଠନ ହେଉ ପଛୁଆ ବର୍ଗ ଆୟୋଗ

ଭୁବନେଶ୍ୱର,୨୨।୧୨(ସମିସ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ପତ୍ର ଲେଖି ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗ (ଓଏସସିବିସି)ର ତୁରନ୍ତ ପୁନର୍ଗଠନ ପାଇଁ ଅନୁରୋଧ କରିଛନ୍ତି। ସାମାଜିକ ନ୍ୟାୟ ପ୍ରଦାନ ଏବଂ ପଛୁଆ ବର୍ଗର ଲୋକଙ୍କ ଆଶା ଆକାଂକ୍ଷା ପୂରଣ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ସେ ଏହି ପତ୍ରରେ ଉଲ୍ଲେଖ କରିଛନ୍ତି।

ଶ୍ରୀ ପ୍ରଧାନ ଲେଖିଛନ୍ତି ଯେ ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗଙ୍କ କାର୍ଯ୍ୟକାଳ ଗତ ୨୦୨୪ ଜାନୁଆରୀ ୩ରେ ଶେଷ ହୋଇସାରିଛି। ନୂତନ ସଦସ୍ୟ ନିଯୁକ୍ତ ହୋଇ ନଥିବାରୁ ଏହା ବର୍ତ୍ତମାନ କାର୍ଯ୍ୟକ୍ଷମ ନାହିଁ। ଓଡ଼ିଶା ରାଜ୍ୟର ଜନସଂଖ୍ୟାର ଏକ ପ୍ରମୁଖ ଅଂଶ ଭାବେ ପ୍ରାୟ ୨୧୬ଟି ସାମାଜିକ ଏବଂ ଶିକ୍ଷାଗତ ପଛୁଆ ବର୍ଗ (ଏସଇବିସି) ସମୁଦାୟ ଓଡ଼ିଶାରେ ବସବାସ କରୁଛନ୍ତି। ଆୟୋଗ କାର୍ଯ୍ୟକ୍ଷମ ନ ଥିବାରୁ ଏହି ବର୍ଗର ଲୋକମାନେ ଶିକ୍ଷା, ନିଯୁକ୍ତି ଓ କଲ୍ୟାଣକାରୀ ଯୋଜନାର ସୁଫଳ ପାଇବାରେ ବହୁବିଧ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ନିଜର ସମସ୍ୟା ଉପସ୍ଥାପନ କରିବା ପାଇଁ ସେମାନେ ଏକ ସାମ୍ବିଧାନିକ ମଞ୍ଚରୁ ବଞ୍ଚିତ ହେଉଛନ୍ତି। ନୂତନ ଜାତିକୁ ଏସଇବିସି ତାଲିକାରେ ଅନ୍ତର୍ଭୁକ୍ତ କରିବା, ଅଭିଯୋଗର ସମାଧାନ କରିବା ଏବଂ ପଛୁଆ ବର୍ଗଙ୍କ ପାଇଁ ସରକାରଙ୍କୁ ନୀତିଗତ ପରାମର୍ଶ ଦେବାରେ ଓଏସସିବିସିଙ୍କ ମୁଖ୍ୟ ଭୂମିକା ରହିଛି। ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗ (ସଂଶୋଧନ) ଅଧିନିୟମ, ୨୦୨୦ ଅନୁଯାୟୀ, ଏହି କମିଶନଙ୍କୁ ପଛୁଆ ବର୍ଗଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ଉପରେ ସର୍ଭେ କରିବାର ଦାୟିତ୍ୱ ମଧ୍ୟ ଦିଆଯାଇଛି। ତେଣୁ ରାଜ୍ୟରେ ସାମାଜିକ ନ୍ୟାୟର ପ୍ରତିଷ୍ଠା ଏବଂ ପଛୁଆ ବର୍ଗଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ କମିଶନର ଶୀଘ୍ର ପୁନର୍ଗଠନ ଏକାନ୍ତ ଆବଶ୍ୟକ। ରାଜ୍ୟର ପଛୁଆ ବର୍ଗର ହିତକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏଥିରେ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରି ଆୟୋଗର ପୁନର୍ଗଠନ କରିବାକୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି।

**■ ରାମକୃଷ୍ଣ ମିଶନ ସ୍କୁଲ୍‌ରେ ଅଘଟଣ**

# ଗଛରୁ ପଡ଼ି ଛାତ୍ର ମୃତ

ବିଷମ କଟକ, ୨୨।୧୨(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଅନ୍ତର୍ଗତ ହାଟମୁନିଗୁଡ଼ା ପଞ୍ଚାୟତ ଅଞ୍ଚଳରେ ଥିବା ରାମକୃଷ୍ଣ ମିଶନ ସ୍କୁଲର ଜଣେ ଦଶମ ଶ୍ରେଣୀ ଛାତ୍ର ଆଜି ଗଛରୁ ପ୍ରାଣ ହରାଇଛି। ମୃତକ ହେଲେ, ବଂଶୀ ଦିଶାରୀ। ଘର ନବରଙ୍ଗପୁର ଜିଲ୍ଲା ପୂଜାରୀଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ବୁଟିପଦର ଗ୍ରାମରେ। ସୂଚନାନୁଯାୟୀ, ଆଜି ମଧ୍ୟାହ୍ନରେ ବଂଶୀ ମିଶନ୍ ପରିସରରେ ଥିବା ଏକ ଆମ୍ବଗଛରେ ଚଢ଼ିଥିବା ବେଳେ ଅସାବଧାନତାବଶତଃ ତଳକୁ ଖସି ପଡ଼ିଥିଲା। ସ୍କୁଲ କର୍ତ୍ତୃପକ୍ଷ ତାକୁ ଉଦ୍ଧାର କରି ବିଷମକଟକ ଖ୍ରୀଷ୍ଟୀୟାନ୍ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାରଲୋକ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ମୁନିଗୁଡ଼ା ଥାନାଧିକାରୀ ସୌଦାମିନୀ ବେହେରା ସୂଚନା ଦେଇଛନ୍ତି।

**ମନରେଗା ନାମ ପରିବର୍ତ୍ତନ ଓ ଗାନ୍ଧିଜୀଙ୍କୁ ବାଦ ପ୍ରସଙ୍ଗ**

# ସାରା ରାଜ୍ୟରେ କଂଗ୍ରେସର ପ୍ରତିବାଦ

ଭୁବନେଶ୍ୱର,୨୨।୧୨(ସମିସ): ମହାତ୍ମା ଗାନ୍ଧୀ ନରେଗା ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ବାଦ ଦେବା ପ୍ରସଙ୍ଗକୁ ନେଇ ସାରା ରାଜ୍ୟରେ ପ୍ରତିବାଦକୁ ତୀବ୍ର କରିଛି ରାଜ୍ୟ କଂଗ୍ରେସ। ସୋମବାର ରାଜ୍ୟରେ ପ୍ରତି ସାଂଗଠନିକ ଜିଲ୍ଲାରେ କଂଗ୍ରେସ ପକ୍ଷରୁ ପ୍ରତିବାଦ ରାଲି ଆଦି ଆୟୋଜନ କରାଯାଇଛି। ଏହି କ୍ରମରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଧାରଣା ଓ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ବେଳେ କେନ୍ଦ୍ର ବିଜେପି ସରକାର ମହାତ୍ମା ଗାନ୍ଧୀ ନରେଗା ଯୋଜନାରୁ ହଟାଇବାକୁ ନେଇ ସରକାରଙ୍କ ଉପରେ ଦଳର ନେତାମାନେ ବର୍ଷିଛନ୍ତି।




ସ୍ଥାନୀୟ ନାଲକୋ ଛକ ସ୍ଥିତ ମହାତ୍ମା ଗାନ୍ଧୀ ପାର୍କଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଏକ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଜେନା କହିଲେ ଯେ କେନ୍ଦ୍ର ସରକାର ଚକ୍ରାନ୍ତ କରି ନରେଗା ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ବାଦ ଦେଇଛନ୍ତି। ଏହା ଭାରତର କୋଟି କୋଟି ଜନସାଧାରଣଙ୍କ ଭାବାବେଗ ପ୍ରତି ଆଘାତ ପହଞ୍ଚାଇଛି। ଏହାସହିତ ଏହି ଯୋଜନାକୁ ମାରି ସରାକର ହିତାଧିକାରୀଙ୍କ ଅଧିକାରଙ୍କୁ ସଂକୁଚିତ କରିଛନ୍ତି। ଫଳରେ ଲାଭବାନ ହେଉଥିବା ଗରିବ ଲୋକମାନେ ପ୍ରଭାବିତ ହେବାର ଆଶଙ୍କା ରହିଛି। ଖୁବଶୀଘ୍ର ପୂର୍ନବିଚାର କରାଯାଇ ଏହି ଆଇନକୁ ପୂର୍ବଭଳି ଅକ୍ଷୁର୍ଣ୍ଣ ରଖିବାକୁ ଶ୍ରୀ ଜେନା ଦାବି କରିଛନ୍ତି। କାର୍ଯ୍ୟକ୍ରମ ପରେ ଶ୍ରୀ ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏଡିଏମଙ୍କ କାର୍ଯ୍ୟାଳୟକୁ ଯାଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

**ଚିଟ୍‌ଫଣ୍ଡ ଦୁର୍ନୀତି**

# ଶୀଘ୍ର ଟଙ୍କା ଫେରି ପାଇବେ କ୍ଷୁଦ୍ର ଜମାକାରୀ

ଭୁବନେଶ୍ୱର,୨୨।୧୨(ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ କ୍ଷୁଦ୍ର ଜମାକାରୀଙ୍କ ଅର୍ଥ ଫେରସ୍ତ ପ୍ରକ୍ରିୟାକୁ ବ୍ୟାପକ କରାଯାଇଛି। ଏହି ପ୍ରକ୍ରିୟାର ସୁଯୋଗ ନେବାକୁ ଅର୍ଥ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ସହ ଏହାର ସୁଯୋଗ ନେବାକୁ ଅନୁରୋଧ କରାଯାଇଛି। ଏହି ଟଙ୍କା ଫେରସ୍ତ ପ୍ରକ୍ରିୟା ଆସନ୍ତା ଜାନୁଆରୀ ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ତେଣୁ ଜମାକାରୀମାନେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଆବଶ୍ୟକ କାଗଜପତ୍ର ସହ ଆବେଦନ କଲେ ସେମାନଙ୍କୁ ୧୫ ଦିନ ମଧ୍ୟରେ ଟଙ୍କା ମିଳିବ ବୋଲି ବିଭାଗ ନିଜ ବିଜ୍ଞପ୍ତିରେ ଉଲ୍ଲେଖ କରିଛି।

ବିଜ୍ଞପ୍ତି ଅନୁଯାୟୀ, ଚିଟ୍‌ଫଣ୍ଡ ତଦନ୍ତ କମିଶନ ସୁପାରିସ କରିଥିବା ଓ ଫେରସ୍ତ ପାଇ ନ ଥିବା ସମସ୍ତ କ୍ଷୁଦ୍ର ଜମାକାରୀ ଅର୍ଥାତ୍ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଜମା କରିଥିବା ଲୋକେ ଏହାର ସୁଫଳ ପାଇବେ। ସେହିପରି ଗୋଲ୍‌ଡେନ୍ ଲ୍ୟାଣ୍ଡ ଡେଭଲପର୍ସ କମ୍ପାନୀ ସମୂହର ପ୍ରଥମ ପର୍ଯ୍ୟାୟରେ ଫେରସ୍ତ ପାଇ ନ ଥିବା ସମସ୍ତ କ୍ଷୁଦ୍ର ଜମାକାରୀ (୮,୦୦୦ ଟଙ୍କା ପର୍ଯ୍ୟନ୍ତ ଜମା କରିଥିବା ଲୋକେ ଏଥିପାଇଁ ମଧ୍ୟ ଯୋଗ୍ୟ ବିବେଚିତ ଅଟନ୍ତି। ନିଜ ଜିଲ୍ଲାର ସରକାରୀ ୱେବସାଇଟରେ ଫେରସ୍ତ ପାଇ ନ ଥିବା ଜମାକାରୀମାନଙ୍କର ସମ୍ପୂର୍ଣ୍ଣ ତାଲିକା ଉପଲବ୍ଧ ଅଛି। ଏତଦ୍ ବ୍ୟତୀତ ତଦନ୍ତ କମିଶନ ରିପୋର୍ଟ ପାଇଁ ଜମାକାରୀଙ୍କର ନାମ / ସତ୍ୟପାଠ ନମ୍ବର ଏବଂ ଗୋଲ୍‌ଡେନ୍ ଲ୍ୟାଣ୍ଡ ଡେଭଲପର୍ସ କମ୍ପାନୀ ପାଇଁ ଜମାକାରୀଙ୍କ ନାମ, ଆବେଦନ ନମ୍ବର ନିର୍ଦ୍ଦିଷ୍ଟ ୱେବସାଇଟରେ ଦେଇ, ସେମାନଙ୍କର ଆବେଦନପତ୍ରର ସାଂପ୍ରତିକ ସ୍ଥିତି ସମ୍ପର୍କରେ ଜାଣିପାରିବେ। ଟଙ୍କା ଫେରସ୍ତ ପାଇଁ କ୍ଷୁଦ୍ର ଜମାକାରୀମାନେ ଆବଶ୍ୟକ ଦସ୍ତାବିଜ ସହିତ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକଙ୍କ ପାଖରେ ଯୋଗାଯୋଗ କଲେ ୧୫ ଦିନ ମଧ୍ୟରେ ସେମାନଙ୍କର ଜମା ଟଙ୍କା ଫେରି ପାଇବାର ପ୍ରାବଧାନ କରାଯାଇଛି ବୋଲି ଅର୍ଥ ବିଭାଗ ସ୍ପଷ୍ଟ କରିଛି।




## ଚାଇଁପାଲ ଓଭରବ୍ରିଜ୍‌ରେ ଆଲୋକୀକରଣ କେବେ?



ଅନୁଗୋଳ,୨୨ ।୧୨(ସମିସ): ୧୦ବର୍ଷ ପୂର୍ବରୁ ନିର୍ମିତ ତାଳଚେର ବ୍ଲକ ଚାଇଁପାଲ ଓଭରବ୍ରିଜରେ ଆଲୋକୀକରଣ ବ୍ୟବସ୍ଥା ନ ଥିବାରୁ ସେଠାରେ ଚୋରି, ରାହାଜାନୀ, ଦୁର୍ଘଟଣା ଆଦି ବୃଦ୍ଧି ପାଉଥିବା ବିଭିନ୍ନ ସଂଗଠନ ପକ୍ଷରୁ ତାଳଚେର ଉପଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ନିକଟରେ ସମାଜସେବୀ ରଣଜିତ୍ ମହାପାତ୍ର, ଅଭୟ ପାଣି, ବିଜୟ ପ୍ରଧାନ, ବିଭୂତି ପଟ୍ଟନାୟକ, ସୁକାନ୍ତ ଦାସ ପ୍ରମୁଖ ଉପଜିଲ୍ଲାପାଳଙ୍କୁ ଭେଟି ଚାଇଁପାଲ ଓଭରବ୍ରିଜ ଓ ନିକଟରେ ଥିବା ତାଳଚେର ରୋଡ୍ ଷ୍ଟେସନଠାରୁ ଚାଇଁପାଳ ବ୍ରିଜ ପର୍ଯ୍ୟନ୍ତ ଉଭୟ ପାଶ୍ୱର୍ରେ ଆଲୋକୀକରଣ ଓ ରାସ୍ତା ମରାମତିକୁ କରିବାକୁ ଦାବିପତ୍ର ପ୍ରଦାନ କରିଥିଲେ । ଏହି ଷ୍ଟେସନ ଉପରେ ୩ ଜିଲ୍ଲାର ଯାତ୍ରୀ ନିର୍ଭର କରନ୍ତି । ଦିନ ତଥା ରାତିରେ ଯାତ୍ରୀମାନେ ଷ୍ଟେସନକୁ ଯାତାୟାତ କରୁଥିଲେ ମଧ୍ୟ ରାସ୍ତା ଖାଲଖମା ହେବା ସହ ଆଲୋକୀକରଣ ବ୍ୟବସ୍ଥା ନ ଥିବାରୁ ଦୁର୍ଘଟଣା ଓ ଅପରାଧ ବଢୁଛି । ଫଳରେ ଯାତ୍ରୀମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି । କିଛିମାସ ପୂର୍ବରୁ ଜଣେ ଯୁବତୀଙ୍କୁ ଏହି ରାସ୍ତାରେ ଅପହରଣ କରାଯାଇ ଦୁଷ୍କର୍ମ ଓ ହତ୍ୟା କରାଯାଇଥିଲା । ଏହି ଘଟଣା କେବଳ ତାଳଚେର ନୁହେଁ ସମଗ୍ର ଓଡ଼ିଶାରେ ଚହଳ ପକାଇଥିଲା । ତୁରନ୍ତ ଜିଲ୍ଲା ପ୍ରଶାସନ ଚାଇଁପାଲ ଓଭରବ୍ରିଜରେ ଆଲୋକୀକରଣ, ରାସ୍ତା ମରାମତି କରିବାକୁ ସାଧାରଣରେ ଦାବି ହେଉଛି । ଦାବି ପୂରଣ ନ ହେଲେ ଆଗାମୀ ଦିନରେ ବଡ଼ଧରଣର ଆନ୍ଦୋଳନ କରିବାକୁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି ।

## କିଶୋରନଗର +୨ କଲେଜର ବାର୍ଷିକ କ୍ରୀଡ଼ା

କିଶୋରନଗର,୨୨ ।୧୨(ସମିସ): କିଶୋରନଗର +୨ କଲେଜର ୨ଦିନିଆ ବାର୍ଷିକ କ୍ରୀଡ଼ା କଲେଜ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଛି । କଲେଜ ଅଧ୍ୟକ୍ଷ ଅକ୍ଷୟ କୁମାର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତହସିଲଦାର ବିକ୍ରମ କେଶରୀ ନାୟକ, ଅନ୍ୟତମ ଅତିଥି ଭାବେ ବିଡିଓ ସୁବ୍ରତ କୁମାର ବେହେରା, ଏବିଇଓ ରମଣୀ ରଞ୍ଜନ ସାହୁ ଯୋଗଦେଇଥିଲେ । କ୍ରୀଡ଼ା ଅଧ୍ୟାପକ ଦିଲୀପ ମହାରଣା ଓ ପୂର୍ବତନ କ୍ରୀଡ଼ା ଶିକ୍ଷକ ବସନ୍ତ ପ୍ରଧାନ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ । ବାଳକରେ ସୁବ୍ରତ ନାୟକ ଓ ବାଳିକାରେ ଧରିତ୍ରୀ ବିଶ୍ୱାଳ ଚାମ୍ପିଅନ ହୋଇ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କଲେଜର ଛାତ୍ରୀ ବିଜୟଲକ୍ଷ୍ମୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗ୍ରନ୍ଥାଗାରିକ ଦେବରାଜ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



# ମଧୁସ୍ମିତା ମୃତ୍ୟୁ ରହସ୍ୟ ଉପରୁ ହଟୁନି ପରଦା

ଅନୁଗୋଳ,୨୨ ।୧୨(ସମିସ):




- ୨୦ଦିନ ପରେ ବି ପୁଲିସ ହାତ ଖାଲି
- ନାଲକୋନଗରବାସୀଙ୍କ ସୁରକ୍ଷା ନେଇ କର୍ମଚାରୀ ମହଲରେ ଅସ୍ଥିରତା
- ସୁରକ୍ଷା ଦାବିରେ ଆଲୁମିନିୟମ ମଜଦୁର ସଂଘର ଗଣଧାରଣା

ନାଲକୋ ନଗରରେ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ବିପର୍ଯ୍ୟସ୍ତ ଓ ନୈରାଶ୍ୟଜନକ ହୋଇପଡ଼ିଛି । ଡିସେମ୍ବର ୧ ତାରିଖ ନାଲକୋନଗରର ଏକ କ୍ୱାର୍ଟରେସରେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାର ଆଜିପର୍ଯ୍ୟନ୍ତ ପର୍ଦ୍ଦାଫାସ କରିପାରିନି ପୁଲିସ । ମହିଳାଙ୍କ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଥିଲେ ମଧ୍ୟ ପୁଲିସ ଆଜିଯାଏ ହତ୍ୟାକାରୀଙ୍କ ସନ୍ଧାନ ପାଇପାରିନାହିଁ । ଫଳରେ ନାଲକୋବାସୀ ପୁଲିସ ଉପରୁ ଆସ୍ଥା ହରାଇଲେଣି । ନାଲକୋ କଲୋନୀରେ ପ୍ରାୟ ୧୮ଟି ସ୍ଥାନରେ ଉଚ୍ଚ ଶକ୍ତିସମ୍ପନ୍ନ ସିସି କ୍ୟାମେରା ଲାଗିଛି । ମାତ୍ର ଏ ସବୁ ଅପରାଧ ନିୟନ୍ତ୍ରଣ କାମରେ ଆସୁନି । ଦିନ ଦ୍ୱିପ୍ରହରରେ ସନ୍ଦିଗ୍ଧ ହତ୍ୟାକାଣ୍ଡର ସୁରାକ ନ ମିଳିବା ଉଦବେଗର ବିଷୟ ହୋଇଛି ।

ଏପଟେ ନାଲକୋ ନଗରରେ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ତଥା ନାଲକୋ ଇଷ୍ଟେଟ ବିଭାଗ ଦ୍ୱାରା ପରିଚାଳିତ ଘରୋଇ ସୁରକ୍ଷା ସଂସ୍ଥା ସ୍ଥାଣୁ ପାଲଟିଛି । କଂକ୍ରିଟ ପାଚେରି ଘେରା କଲୋନୀର ପ୍ରବେଶ ଦ୍ୱାରରେ ମାଳ ମାଳ ସୁରକ୍ଷା କର୍ମୀ ସାଙ୍ଗକୁ କଲୋନୀର ବିଭିନ୍ନ ଛକ, ବଜାର, ସ୍କୁଲ, ମନ୍ଦିର, ଗେଷ୍ଟ ହାଉସ, ପାର୍କ, କଲ୍ୟାଣମଣ୍ଡପ, ଷ୍ଟାଡିୟମ ପ୍ରଭୃତି ସ୍ଥାନ ଓ ଗଳିକନ୍ଦି ରାସ୍ତାରେ ୨୪ଘଣ୍ଟିଆ ପ୍ରହରା ସହିତ ଭ୍ରାମ୍ୟମାଣ ସୁରକ୍ଷା ପ୍ରହରା ସତ୍ତ୍ୱେ ନାଲକୋ ଟାଉନସିପର ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ଉପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଟାଉନସିପ ନିଶାଡ଼ି ଓ ଉଚ୍ଛୃଙ୍ଖଳିତ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ନାଲକୋ କର୍ମଚାରୀମାନେ ପିଲା ପରିବାରଙ୍କ ସୁରକ୍ଷା ନେଇ ଚିନ୍ତିତ ରହିଛନ୍ତି । କର୍ମଚାରୀଙ୍କ ଏଭଳି ସମସ୍ୟାକୁ କର୍ମଚାରୀ ସଙ୍ଗଠନଗୁଡ଼ିକ ପକ୍ଷରୁ ନାଲକୋ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅତୀତରେ ବହୁବାର ଅବଗତ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ସୁଧାର ହୋଇପାରିନି । ଫଳରେ କର୍ମଚାରୀ ମହଲରେ ଅସନ୍ତୋଷ ବୃଦ୍ଧି ପାଉଛି । ଏ ପରିପ୍ରେକ୍ଷୀରେ ସୋମବାର ସକାଳ ୮ଟାରେ ନାଲକୋ ଇଷ୍ଟେଟ ଅଫିସ ସମ୍ମୁଖରେ ନାଲକୋର ଅଗ୍ରଣୀ ଶ୍ରମିକ ସଂଘଠନ ବିଏମଏସ ସହବନ୍ଧିତ ଆଲୁମିନିୟ ମଜଦୁର ସଙ୍ଘ ସଭାପତି ମୁନା ସାମଲ, ସାଧାରଣ ସମ୍ପାଦକ ଗୋପାଳକୃଷ୍ଣ ମଲ୍ଲିକଙ୍କ ନେତୃତ୍ୱରେ ମଧୁସ୍ମିତାଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହେବା ସହ ନାଲକୋ କଲୋନୀରେ ସୁଦୃଢ଼ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ଏବଂ ମଧୁସ୍ମିତାଙ୍କ ହତ୍ୟାକାରୀକୁ ତୁରନ୍ତ ଧରିବା ଦାବିରେ ଧାରଣା ଦିଆଯାଇଥିଲା । ଏଥିରେ ପ୍ରକାଶ କୁମାର ସିଂହ, ସୁଜିତ କୁମାର ସେଠ, ମନୋଜ ଅମାନ୍ତ, ବୁନୁ ସିଂହ, ସୁଶାନ୍ତ ସାମଲ, ଚିତ୍ତରଞ୍ଜନ ନାଏକ, ବିନୋଦ ବେହେରା, କାହ୍ନୁ ପ୍ରଧାନଙ୍କ ସମେତ ବହୁ ମହିଳା ଓ ଶତାଧିକ ନାଲକୋବାସୀ ସାମିଲ ହୋଇଥିଲେ ।

## ବଜ୍ରକୋଟ ହାଇସ୍କୁଲର କ୍ରୀଡ଼ା ଓ ବାର୍ଷିକ ଉତ୍ସବ



କଣିହାଁ,୨୨ ।୧୨(ସମିସ): କଣିହାଁ ବ୍ଲକ ବଜ୍ରକୋଟ ଜନତା ଉଚ୍ଚ ବିଦ୍ୟାଳୟର ୬୦ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଓ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ନୃସିଂହ ଚରଣ ବରାଳ, ମୁଖ୍ୟବକ୍ତା ଭାବେ ପରିଚାଳନା ସମିତି ସଦସ୍ୟ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କ୍ଷେତ୍ରବାସୀ ସାହୁ, ସମ୍ମାନିତ ଅତିଥି ଭାବେ ପଞ୍ଚସଖା ଶିକ୍ଷାସେତୁ ସଭାପତି ବୀରବର ସାମଲ, ସମିତି ସଭ୍ୟ ସୀମାଞ୍ଚଳ ପଣ୍ଡା, ପଞ୍ଚସଖା ଶିକ୍ଷାସେତୁ ସଭ୍ୟ ରାମଚନ୍ଦ୍ର ଜେନା, ବିଭୂତି ଭୂଷଣ କବି, ମନ୍ଦର ସେଠୀ ପ୍ରମୁଖ ଯୋଗଦେଇଥିଲେ ।

ବିଦ୍ୟାଳୟରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ । ଶିକ୍ଷକ ଲମ୍ବୋଦର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବସନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ସୁଶାନ୍ତ ବେହେରା, ଜ୍ୟୋତିକାନ୍ତ ନାଏକ, ଦୀପିକା ପ୍ରିୟଦର୍ଶିନୀ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କ୍ରୀଡ଼ା ଶିକ୍ଷକ ସୁରେଶ କୁମାର ସାହୁ, ପ୍ରିୟବ୍ରତ ପ୍ରଧାନ, ସସ୍ମିତା ପ୍ରଧାନ, ଶିଶିର କୁମାର ମହାନ୍ତି, ପ୍ରଶାନ୍ତ କୁମାର ବଳ, ମାନସ କୁମାର ନାଏକ, ଗିରିଧାରୀ ବରାଳ ସହଯୋଗ କରିଥିଲେ ।

## ସଡ଼କ ଦୁର୍ଘଟଣାରେ ପ୍ରଧାନଆଚାର୍ଯ୍ୟ ଗୁରୁତର

ତାଳଚେର,୨୨ ।୧୨(ସମିସ): ସଡ଼କ ଦୁର୍ଘଟଣାରେ ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟ ଅନିଲ କୁମାର ଦେହୁରୀ ଗୁରୁତର ଆହତ ହୋଇଛନ୍ତି । ସ୍କୁଲ ଛୁଟି ପରେ ଅନିଲ ସହକର୍ମୀ ଗୁରୁଜୀ ପବିତ୍ର ସାହୁଙ୍କୁ ବାଇକରେ ବସାଇ ନିଜ ଗ୍ରାମ କୁମଣ୍ଡକୁ ଯାଉଥିଲେ । ନତଡ଼ା ଗ୍ରାମ ବିଷ୍ଣୁ ମନ୍ଦିର ପାଖରେ ହଠାତ୍ ଏକ କାର୍ ଦ୍ରୁତଗତିରେ ଆସି ତାଙ୍କୁ ସାମ୍ନାରୁ ଧକ୍କା ଦେଇଥିଲା । ଫଳରେ ଅନିଲ ଓ ପବିତ୍ର ବାଇକରୁ ଛିଟିକି ପଡ଼ିଥିଲେ । ଏହି ଦୁର୍ଘଟଣାରେ ଅନିଲଙ୍କ ଡାହାଣ ଆଖିରେ ଗୁରୁତର ଆଘାତ ଲାଗିଥିବା ବେଳେ ଗୋଡ଼ ଓ ଜଙ୍ଘ ହାଡ଼ ଭାଙ୍ଗିଯାଇଛି । ପବିତ୍ରଙ୍କ ମୁଣ୍ଡ ପଛ ପାଶ୍ୱର୍ ମାଡ଼ ହେବାରୁ ସେ ବେହୋସ ହୋଇଯାଇଥିଲେ । ଗୁରୁତର ଅବସ୍ଥାରେ ଉଭୟଙ୍କୁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ମାତ୍ର ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅନିଲଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି । ଏହି ଘଟଣା ପରେ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ କାର ଡ୍ରାଇଭର ଅତ୍ୟଧିକ ମଦ୍ୟପାନ କରି ଦ୍ରୁତ ଗତିରେ ଗାଡ଼ି ଚଳାଇଥିବାରୁ ଏଭଳି ଭୟଙ୍କର ଦୁର୍ଘଟଣା ଘଟିଛି । ଅନ୍ୟପଟେ ଏହି ଦୁର୍ଘଟଣା ଘଟାଇବା ପରେ କାର୍‌ଟି ରାସ୍ତା ପାଶ୍ୱର୍ ଏକ ଦୋକାନ ଘର ପିଣ୍ଡାରେ ଧକ୍କା ହୋଇଥିଲା । ରନ୍ତଲେଇ ପୁଲିସ କାର ଜବତ କରିବା ସହ ତଦନ୍ତ ଚଳାଇଛି ।

## ଆମ୍ରପାଳ ପଞ୍ଚାୟତରେ ଜନଶୁଣାଣି



କିଶୋରନଗର,୨୨ ।୧୨(ସମିସ): କିଶୋରନଗର ବ୍ଲକ ଆମ୍ରପାଳ ପଞ୍ଚାୟତରେ ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ବିଡିଓ ସୁବ୍ରତ କୁମାର ବେହେରା ଯୋଗଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ତାହାର ସମାଧାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୋଗାଣ ଅଧିକାରୀ ରୁଷଭ ଚନ୍ଦ୍ର ନାୟକ, ବିଏସଏସଓ ଝସକେତନ ସାହୁ, ବିପିସି (ଆରଏଚ) ସୌ÷÷ମ୍ୟରଞ୍ଜନ ପ୍ରଧାନ, ସରପଞ୍ଚ ସୁଲୋଚନା ବୀର, ସମିତି ସଭ୍ୟାଙ୍କ ସମେତ ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ଥିଲେ ।

## ବିଦ୍ୟାଳୟରେ ଜାତୀୟ ଗଣିତ ଦିବସ ପାଳିତ




**କଣିହାଁ,୨୨ ।୧୨(ସମିସ):** ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ବଡ଼ହୀରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗଣିତ ଓ ବିଜ୍ଞାନ କ୍ଲବ ଏବଂ ବିଜ୍ଞାନ ଚେତନା ମଞ୍ଚ, ଓଡ଼ିଶା ଆନୁକୂଲ୍ୟରେ ସୋମବାର ଜାତୀୟ ଗଣିତ ଦିବସ ପାଳିତ ହୋଇଛି । ଭାରତର ବିଶିଷ୍ଟ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ଗଣିତ ଶାସ୍ତ୍ର ପ୍ରତି ଅତୁଳନୀୟ ଅବଦାନ ଯୋଗୁଁ ତାଙ୍କ ଜନ୍ମଦିନ ଡିସେମ୍ବର ୨୨ ତାରିଖ ଜାତୀୟ ଗଣିତ ଦିବସ ଭାବେ ପାଳନ କରାଯାଉଥିବା ବିଜ୍ଞାନ ଚେତନା ମଞ୍ଚର ଅନୁଗୋଳ ଜିଲ୍ଲା ସଂଯୋଜକ ବିଜ୍ଞାନ ଶିକ୍ଷକ ମୁନା ନାଏକ ଅବଗତ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ ଗଣିତ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା । କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ପ୍ରଧାନଶିକ୍ଷକ ଲିଙ୍ଗରାଜ ମହାନ୍ତିଙ୍କ ତତ୍ତ୍ୱାବଧାନ ଓ ବିଜ୍ଞାନ ଶିକ୍ଷକ ମୁନା ନାଏକଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ସହକାରୀ ଶିକ୍ଷକ ପ୍ରଦୀପ କୁମାର ବେହେରା, ଶିକ୍ଷୟିତ୍ରୀ ପ୍ରଭାତୀ ବେହେରା, ସୁପ୍ରିୟା ପ୍ରଧାନ, ବିଜ୍ଞାନ ଓ ଗଣିତ କ୍ଲବ ସଦସ୍ୟ ଦିବ୍ୟରଞ୍ଜନ ସାହୁ, ଆସିକ ସାହୁ, ସ୍ୱର୍ଣ୍ଣଶ୍ରୀ ମାହାର, ବିଜୟଲକ୍ଷ୍ମୀ ସାହୁ, ଆଦ୍ୟାଶା ନାଏକ, ରୋହଣୀ ଶୁଭଦର୍ଶିନୀ ସାହୁ, ଇତିଶ୍ରୀ ମାହାର ପ୍ରମୁଖ ସହଯୋଗ କରିଥିଲେ ।

## ପଲ୍ଲୀସଭା ନ ଡାକି ଜମି ଅଧିଗ୍ରହଣକୁ ବିରୋଧ

**ବଁଅରପାଳ,୨୨ ।୧୨(ସମିସ):** ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ବଁଅରପାଳଠାରୁ ଗୋଡ଼ିବନ୍ଧ ପର୍ଯ୍ୟନ୍ତ ଜମି ଅଧିଗ୍ରହଣ ନୀତିକୁ ବଁଅରପାଳ, ନୂଆହତା, ବୁଢ଼ାପଙ୍କ ଗ୍ରାମବାସୀ ବିରୋଧ କରିବା ସହ ଆଇନର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି । ଶନିବାର ସ୍ଥାନୀୟ ଆଶା କଲ୍ୟାଣ ମଣ୍ଡପରେ ଏ ନେଇ ଏକ ବୈଠକ ବସିଥିଲା । ସନ୍ତ୍ରୀ ଛକରୁ ବଁଅରପାଳ ପର୍ଯ୍ୟନ୍ତ ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ଆବଶ୍ୟକ ଜାଗା ଅଧିଗ୍ରହଣ ନିମନ୍ତେ କୌଣସି ପଲ୍ଲୀସଭା କରାଯାଇ ନାହିଁ କିମ୍ବା ନିୟମ ଅନୁଯାୟୀ ନୋଟିସ ଜାରି କରାଯାଇ ନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଥିଲେ । ଏ ସମ୍ପର୍କରେ ଗ୍ରାମବାସୀ ଗତ ସପ୍ତାହରେ ଅନୁଗୋଳ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ । ଅନ୍ୟପକ୍ଷରେ ୨୦୧୬ରେ ରାଜ ରାସ୍ତାରେ ଯାଇଥିବା ଜାଗା ପାଇଁ ଅଧିକ କ୍ଷତିପୂରଣ ମିଳିଥିବା ବେଳେ ବର୍ତ୍ତମାନ ଜାଗାର ମୂଲ୍ୟ ବହୁତ କମ ହୋଇଥିବାରୁ ଗ୍ରାମବାସୀ ମୂଲ୍ୟର ପୁନର୍ବିଚାର କରିବାକୁ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ । କିନ୍ତୁ କୌଣସି ସନ୍ତୋଷ ଜନକଉତ୍ତର ମିଳି ନ ଥିବାରୁ ଶନିବାର ଗ୍ରାମବାସୀ ବୈଠକ କରି ଆଇନର ଆଶ୍ରୟ ନେବେ ବୋଲି ପ୍ରକାଶ କରିଛନ୍ତି ।

# ମୃତ ବ୍ୟକ୍ତିଙ୍କ ଜମି ହଡ଼ପ ମସୁଧା

ପାଲଲହଡ଼ା,୨୨ ।୧୨(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ତହସିଲରେ ଦଲାଲମାନଙ୍କ ଦ୍ୱାରା ବ୍ୟାପକ ଜମି ଜାଲିଆତି କାରବାର ଚାଲୁଥିବା ବେଳେ ରାଜ୍ୟ ସରକାରଙ୍କ ଦ୍ୱାରା ଜମି ପଟ୍ଟା ସଂଶୋଧନର ଫାଇଦା ଉଠାଇ କିଛି ଅସାଧୁ କର୍ମଚାରୀଙ୍କୁ ହାତବାରିସି କରି ଦଲାଲମାନେ ଉତ୍ତରାଧିକାରୀ ହେରଫେର କରୁଥିବା ଅଭିଯୋଗ ହେଉଛି । ଆଉ କିଛି ଦଲାଲ କର୍ମଚାରୀଙ୍କ ଦ୍ୱାରା ମୃତବ୍ୟକ୍ତିଙ୍କ ନାଁରେ ମିଛ ଉତ୍ତରାଧିକାରୀ ଯୋଗାଡ଼

### ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ

କରି ଜମି ହଡ଼ପ କରିବାକୁ ମସୁଧା କରୁଥିବା ଘଟଣା ସାମ୍ନାକୁ ଆସିଛି । ପାଲଲହଡ଼ା ଉପଖଣ୍ଡ ଝାରବେଡ଼ା ପଞ୍ଚାୟତ ଟେଣ୍ଟଇନାଲି ଗାଁର ସଙ୍ଖାଳି ପଲେଇଙ୍କ ପୁଅ ହାଡ଼ି ପଲେଇ (ଜାତି-ଗଉଡ଼)ଙ୍କ ନାମରେ ଖାତା ନମ୍ବର-୩୧ରେ ୧୭.୫୩ ଡିସିମିଲ ଜାଗା ପଟ୍ଟା ଥିବା ବେଳେ ହାଡ଼ି ପଲେଇଙ୍କର ୧୯୭୫ ମସିହା ପୂର୍ବରୁ ମୃତ୍ୟୁ ହୋଇସାରିଛି । ରାଜସ୍ୱ ଆଇନ ଅନୁସାରେ ୧୯୭୫ ମସିହା ସେଟେଲମେଣ୍ଟ ପଟ୍ଟା ପ୍ରକାଶନ ବେଳେ ହାଡ଼ି ପଲେଇଙ୍କ କୌଣସି ଉତ୍ତରାଧିକାରୀ ନ ଥିବାରୁ ସମସ୍ତ ଜାଗା ଗ୍ରାମର ବିଭିନ୍ନ ବ୍ୟକ୍ତି ଜବରଦଖଲ କରିଥିବା ଦର୍ଶାଯାଇଛି । ମାତ୍ର ଗତ ନଭେମ୍ବର ୧୧ ତାରିଖ



ପାଲଲହଡ଼ା ତହସିଲ କନ୍ତଲା ରାଜସ୍ୱ କାର୍ଯ୍ୟାଳୟର ରାଜସ୍ୱ ନିରୀକ୍ଷକ ବର୍ତ୍ତମାନର ନୂଆ ରାଜସ୍ୱ ନିୟମ ଆଧାରରେ ଜଣେ ଝାରି ବୋଇତା (ମହିଳା)ଙ୍କୁ ହାଡ଼ି ପଲେଇଙ୍କ ଉତ୍ତରାଧିକାରୀ ଦର୍ଶାଇ ପଟ୍ଟା ସଂଶୋଧନ କରିବାକୁ ଅନଲାଇନ ମାଧ୍ୟମରେ ତହସିଲଦାରଙ୍କ ନିକଟକୁ ପଠାଇଥିବା ଜଣାପଡ଼ିଥିଲା । ତେବେ କୌଣସି ସୂତ୍ରରୁ ଗ୍ରାମବାସୀ ଖବର ପାଇବା ପରେ ସେହି ମାସ ୧୩ ତାରିଖ ତହସିଲଦାର ଏବଂ ଉପଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ତହସିଲଦାର ଉତ୍ତରାଧିକାରୀ ସୂତ୍ରରେ ଖତିଆନ ପରିବର୍ତ୍ତନରେ ରୋକ୍ ଲଗାଇଥିବା ଜଣାପଡ଼ିଛି । ପରେ ୧୬ ତାରିଖ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ପାଲଲହଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାଏକଙ୍କ ନେତୃତ୍ୱରେ ପାଲଲହଡ଼ା ଥାନାରେ ଅଭିଯୋଗ ଦାଖଲ କରିଥିଲେ । ମାତ୍ର ଦୀର୍ଘଦିନ ଧରି ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ପୁନଶ୍ଚ ଗ୍ରାମବାସୀ ଅନୁଗୋଳ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଥିଲେ । ଜିଲ୍ଲାପାଳ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ଆଜି ଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ତେବେ ଗ୍ରାମବାସୀଙ୍କ ଦ୍ୱାରା ରାଜସ୍ୱ କାର୍ଯ୍ୟାଳୟରୁ ସଂଗ୍ରହ କରାଯାଇଥିବା କାଗଜପତ୍ରରୁ କନ୍ତଲା ରାଜସ୍ୱ ନିରୀକ୍ଷକ ତହସିଲଦାରଙ୍କୁ ପ୍ରଦାନ କରିଥିବା ପ୍ରଜା ଖାତା ସଂଶୋଧନ ନିମିତ୍ତ ତଦନ୍ତ ବିବରଣୀ ଅନୁସାରେ ଝାରି ବୋଇତା ହାଡ଼ି ପଲେଇଙ୍କ ଉତ୍ତରାଧିକାରୀ ହୋଇଥିବାବେଳେ ବୁଧୁରାମ ପୂର୍ତ୍ତି ଏବଂ ଶଙ୍କର ବେହେରାଙ୍କୁ ସାକ୍ଷୀ ଭାବେ ଦର୍ଶାଯାଇଛି । ମୃତ ରୟତଙ୍କ ବଂଶାବଳୀର ତଦନ୍ତ ବିବରଣୀରେ ହାଡ଼ି ବୋଇତଙ୍କ ଝିଅ ରୁଦୁନା ବୋଇତା ଏବଂ ରୁଦୁନାଙ୍କ ଝିଅ ଝାରି ବୋଇତା (୨୫) । ଏହା ସହିତ ଝାରି ବୋଇତାଙ୍କ ଆଧାର କାର୍ଡ ଅନୁସାରେ ତାଙ୍କ ପୈତୃକ ଘର କଣିହାଁ ଅଞ୍ଚଳ ଡେରେଙ୍ଗ ଅଟେ । ବର୍ତ୍ତମାନ ସେ ନମପସୀ ପଞ୍ଚାୟତ ଯମରା ଗ୍ରାମରେ ବିବାହ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତୁରନ୍ତ ପ୍ରଶାସନ ଏହି ଜମି ଜାଲିଆତିରେ ସମ୍ପୃକ୍ତ ଦଲାଲମାନଙ୍କ ଅସଲ ମୁଖା ଖୋଲି ଗ୍ରାମବାସୀଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଦାବି କରିଛନ୍ତି ।

## ସେଣ୍ଟ ଜନ୍ ସ୍କୁଲର ୬ଷ୍ଠ ବାର୍ଷିକ ଉତ୍ସବ



ତାଳଚେର,୨୨ ।୧୨(ସମିସ): ତାଳଚେର ପୌରପରିଷଦ ଅଙ୍ଗାରୁଆସ୍ଥିତ ସେଣ୍ଟ ଜନ ସ୍କୁଲର ୬ଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଟିଟିପିଏସ୍ ଏନଟିପିସିର ଜିଏମ ପ୍ରବୀଣ କୁମାର ଯୋଗଦେଇଥିଲେ । ଏହି ଅବସରରେ ୨୦୨୪ ଦଶମ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ ।

## କେନ୍ଦ୍ରୀୟ ବିଦ୍ୟାଳୟ (୧)ର ବାର୍ଷିକୋତ୍ସବ

**ଅନୁଗୋଳ,୨୨ ।୧୨(ସମିସ):** ସ୍ଥାନୀୟ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ (୧)ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ. ଅକ୍ଷୟ କୁମାର ପଣ୍ଡା ଯୋଗଦେଇ ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟର ସମସ୍ୟା



ସମାଧାନ ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ । ବିଦ୍ୟାଳୟ ଅଧ୍ୟକ୍ଷ ହିରଣ୍ମୟ ପ୍ରସାଦ ଚାନ୍ଦ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ବାର୍ଷିକ ବିବରଣୀ ପାଠ କରିଥିଲେ । କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । ବିଦ୍ୟାଳୟର ସଙ୍ଗୀତ ଶିକ୍ଷୟିତ୍ରୀ ସ୍ୱାତୀ ଦାସ ଓ ନୃତ୍ୟ ଶିକ୍ଷୟିତ୍ରୀଙ୍କ ସ୍ୱର୍ଣ୍ଣିଙ୍କି ଦାସଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶିକ୍ଷକ ସନ୍ଦୀପ ନେହେରା ଓ ଶିକ୍ଷୟିତ୍ରୀ ଶୋଭନା ସାହୁ ମଞ୍ଚ ସଞ୍ଚାଳନ କରିଥିଲେ । ବରିଷ୍ଠ ଶିକ୍ଷକ ବିପିନ ବିହାରୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶିଶୁ ବିଦ୍ୟାମନ୍ଦିରର ବନବିହାର କାର୍ଯ୍ୟକ୍ରମ

**ବଁଅରପାଳ,୨୨ ।୧୨(ସମିସ):** ଗୋତମରାସ୍ଥିତ ଶିବମନ୍ଦିର ପ୍ରାଙ୍ଗଣରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବନବିହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଗୋତମରା ସରପଞ୍ଚ ଓ



ମନ୍ଦିର କମିଟି ସଭ୍ୟମାନେ ଉପସ୍ଥିତ ରହି ସମସ୍ତ ସହଯୋଗ କରିଥିଲେ । ବିଦ୍ୟାଳୟ ପରିଚାଳନା ସମିତି ସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ ଓ ପୂର୍ବତନ ପରିଚାଳନା ସମିତି ସଭ୍ୟମାନେ ଉପସ୍ଥିତ ଥିଲେ । ପ୍ରଧାନଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନ ତଥା ସମସ୍ତ ଗୁରୁଜୀ, ଗୁରୁମାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା ।

# ରାଜ୍ୟସ୍ତରୀୟ ବାଗଡ଼ିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ

ଛେଣ୍ଡିପଦା,୨୨ ।୧୨(ସମିସ):

ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ବାଗଡ଼ିଆ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ବାଗଡ଼ିଆ କ୍ରିକେଟ ଆସୋସିଏସନ ପକ୍ଷରୁ ୭ମ ବାଗଡ଼ିଆ କ୍ରିକେଟ କପ୍ ଉଦ୍‌ଘାଟିତ ହୋଇଛି । ଏଥିରେ ୧୬ ଟିମ୍ ଭାଗ ନେଇଛନ୍ତି । ୮ଟି ଲିଗ ମ୍ୟାଚ, ୪ଟି କ୍ୱାର୍ଟର ଫାଇନାଲ, ଦୁଇଟି ସେମିଫାଇନାଲ ଓ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ବିଜେତା ଦଳକୁ ୧ଲକ୍ଷ ଟଙ୍କା ଓ ଉପବିଜେତା ଦଳକୁ ୬୦ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ଆସୋସିଏସନ ପକ୍ଷରୁ ଘୋଷଣା କରାଯାଇଛି । ବାଗଡ଼ିଆ କ୍ରିକେଟ ଆସୋସିଏସନ ସଭାପତି ତ୍ରିଲୋଚନ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ସମ୍ମାନିତ ଅତିଥି ଭାବେ ସମାଜସେବୀ ବିନୋଦ କୁମାର ସରଳିଆ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋଲକ ବିହାରୀ ପ୍ରଧାନ, ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଦୀପ କର,



ବାଗଡ଼ିଆ କ୍ରିକେଟ ଆସୋସିଏସନର ପୂର୍ବତନ ସଭାପତି ବିଜୟ କୁମାର ପ୍ରଧାନ, ପୂର୍ବତନ ସରପଞ୍ଚ ପ୍ରମିଳା ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ । ଅତିଥିମାନେ ବାଗଡ଼ିଆ ଜଗନ୍ନାଥ ମନ୍ଦିରଠାରୁ ମଶାଲ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିବା ପରେ ପଡ଼ିଆରେ ସ୍ଥାପନ କରାଯାଇଥିଲା । ପରେ ଅତିଥିମାନେ ଖେଳ ପତାକା ଉତ୍ତୋଳନ କରିଥିଲେ । ବାଗଡ଼ିଆ କ୍ରିକେଟ ଆସୋସିଏସନର ସ୍ୱର୍ଗତ ବାଦଲ ପ୍ରଧାନ, ଶରତ ସାହୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଫିତାକାଟି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ ।

ଉଦ୍‌ଘାଟନୀ ମ୍ୟାଚ ଭୁବନେଶ୍ୱରର ଏମଆରଏଫ କମାଣ୍ଡୋ ଇଲେଭେନ ଓ ସମ୍ବଲପୁର ଆଙ୍ଗ୍ରି ଟାଇଗର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଭୁବନେଶ୍ୱର ୯ ୱିକେଟରେ ବିଜୟୀ ହୋଇ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛି । ଅପରାହ୍ଣରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ କେନ୍ଦ୍ରାପଡ଼ା ଡିସିସି ସନ୍ଥପୁରା ସହ କୋରାପୁଟ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । କେନ୍ଦ୍ରାପଡ଼ା ଡିସିସି ସନ୍ଥପୁରା ୬୬ରନରେ ବିଜୟୀ ହୋଇ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛି । ଅମ୍ପାୟର ବେଣୁଧର ସାହୁ ଓ ପ୍ରସନ୍ନ କୁମାର ମ୍ୟାଚ୍ ପରିଚାଳନା କରିଥିଲେ । ଫାଇନାଲ ମ୍ୟାଚ ଡିସେମ୍ବର ୩୧ ତାରିଖ ଅନୁଷ୍ଠିତ ହେବ । ବାଗଡ଼ିଆ କ୍ରିକେଟ ଆସୋସିଏସନର ସମ୍ପାଦକ ପ୍ରଶାନ୍ତ ପ୍ରଧାନ, ଦେବାଶିଷ ପ୍ରଧାନ, ସମରେଶ ନାଥ, ଉମେଶ ଚନ୍ଦ୍ର ମାଝୀ, ଲିଙ୍କନ ଦେହୁରୀ, ଚନ୍ଦନ ପ୍ରଧାନ, ଆସିକ୍ ମାହାଳିକ, ପ୍ରିୟବ୍ରତ ସାହୁ, ଡମ୍ବରୁ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ଢେଙ୍କାନାଳ ଜିଲ୍ଲା ମହୋତ୍ସବ ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ

ଢେଙ୍କାନାଳ,୨୨।୧୨(ସମିସ)




ସ୍ଥାନୀୟ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟରରେ ଜିଲ୍ଲା ମହୋତ୍ସବ ନିମନ୍ତେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଇଯାଇଛି। ଏହି ବୈଠକରେ ଜିଲ୍ଲା ମହୋତ୍ସବ ପାଇଁ ମୁଖ୍ୟ ପରିଚାଳନା କମିଟି ଓ ଅନ୍ୟ ୧୭ ଗୋଟି ଉପକମିଟି ଗଠନ ପାଇଁ ପ୍ରସ୍ତାବ ଦିଆଯାଇଥିଲା।ଏହି ବୈଠକରେ ଉପସ୍ଥିତ ଥିବା ବ୍ୟକ୍ତିବିଶେଷମାନଙ୍କ ଠାରୁ ମଧ୍ୟ ଏହି ପ୍ରରିପ୍ରେକ୍ଷୀରେ ମତାମତ ଗ୍ରହଣ ଯାଇଥିଲା। ପରିଶେଷରେ ସର୍ବସମ୍ମତି କ୍ରମେ ଏହି କମିଟି ଗୁଡ଼ିକୁ ଚୂଡାନ୍ତ କରାଯାଇଥିଲା।ଏହି ବୈଠକରେ ଯୋଗଦେଇ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ କହିଥିଲେ ଯେ, ଜିଲ୍ଲା ମହୋତ୍ସବ ହେଉଛି ଗୋଟେ ଜିଲ୍ଲାର ସଂସ୍କୃତି ର ପ୍ରତିଫଳନ। ଏହି ମହୋତ୍ସବ କିପରି ଭାବେ ସୁରୁଖୁରୁରେ ସମ୍ପାଦିତ ହେବ ସେ ନେଇ ଜିଲ୍ଲାବାସୀଙ୍କ ସହଯୋଗ କାମନା କରିଥିଲେ।ଏହି ବୈଠକରେ ପୌରପରିଷଦ ଅଧ୍ୟକ୍ଷା ଜୟନ୍ତୀ ପାତ୍ର ଯୋଗଦେଇ କହିଥିଲେ ଯେ, ଏତେ ବର୍ଷ ପରେ ଜିଲ୍ଲା ମହୋତ୍ସବ ହେଉଥିବାରୁ ଜିଲ୍ଲାବାସୀମାନଙ୍କ ମଧ୍ୟରେ ଉତ୍ସାହ ରହିଛି। ତେଣୁ ଏହି ମହୋତ୍ସବ କୁ ସଫଳ କରିବା ଆମ ସମସ୍ତଙ୍କ ଦାୟିତ୍ୱ। ଏହି ବୈଠକରେ ବନ ଖଣ୍ଡ ଅଧିକାରୀ ସୁମିତ କର, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୂର୍ଯ୍ୟମଣି ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୀପ୍ତି ରଞ୍ଜନ ସେଠି, ଉପଜିଲ୍ଲାପାଳ ସଦର ବିବୁଧ ଗଡ଼ନାୟକ, ଉପଜିଲ୍ଲାପାଳ କାମାକ୍ଷାନଗର ଦିନମଣୀ ନାୟକ, ବିଭିନ୍ନ ଅନୁଷ୍ଠାନ ଓ ସଂଗଠନ ର ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ଅଭିଷେକ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲରେ ଖାଦ୍ୟମେଳା




ଖଜୁରିଆକଟା,୨୨।୧୨(ସମିସ): ହିନ୍ଦୋଳ ଉପଖଣ୍ଡ କାରନ୍ଦାସ୍ଥିତ ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲରେ ଖାଦ୍ୟ ପ୍ରଦର୍ଶନୀ ଓ ପ୍ରସ୍ତୁତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସ୍କୁଲ ଅଧ୍ୟକ୍ଷା ସୁଜାତା ଶତପଥୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସାଣ୍ଡଉଇଚ୍, ଭେଜ୍ ସୁପ୍, ପାଓଭାଜି, ଭେଲପୁରି, କର୍ଣ୍ଣ ଚାଟ, ଇଟିଲି, ଚଟଣୀ, ଦୋସା, ପ୍ୟାନ କେକ୍, ଫ୍ରୁଟ କଷ୍ଟାର୍ଡ, ପନିର ରୋଲ, ମୁଗଡାଲି ଚିଲି, ଦହିବରା, ଟମାଟୋ ରାଇସ, ଗୁପଚୁପ, ଆଳୁ ପାମ୍ପଡ଼ି ଚାଟ୍, ଭେଜ୍ ଚାଓମିନ, ଭେଜ ବିରିୟାନି ଇତ୍ୟାଦି ଖାଦ୍ୟ ପ୍ରଦର୍ଶିତ ହୋଇଥିଲା। ଅଧ୍ୟକ୍ଷା ଶତପଥୀ, ସମ୍ପାଦକ ସୁବ୍ରତ କୁମାର ମିଶ୍ର, ଚେୟାରମ୍ୟାନ ସୁବ୍ରତ କୁମାର ସାମଲ, ସାମ୍ବାଦିକ ପ୍ରଶାନ୍ତ କୁମାର ଜେନାମଣି ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

## ନୂଆଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଗଁଦିଆ,୨୨।୧୨(ସମିସ): ଗଁଦିଆ ବ୍ଲକ ନୂଆଗଡ଼ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ଯୁଗଳ କିଶୋର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସରପଞ୍ଚ ସୁଭଦ୍ରା ପୃଷ୍ଟି ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ ଓଡ଼ିଶାର ସଭାପତି ପ୍ରକୃତିବନ୍ଧୁ ହରିହର ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସକାରାତ୍ମକ ସ୍ୱପ୍ନ ଦେଖି ମଣିଷ ପରି ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ବିଜୟ କୁମାର ସାମନ୍ତ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ନେତା ଅକ୍ଷୟ କୁମାର ମିଶ୍ର, ସ୍ଥାନୀୟ ସମିତି ସଭ୍ୟ ବିରଞ୍ଚି ନାରାୟଣ ସାହୁ, ପରିଚାଳନା ପରିଷଦ ସଭାପତି ମନସ୍ମିତା ପଣ୍ଡା, ପଞ୍ଚସଖା ଶିକ୍ଷାସେତୁ ସଭାପତି ସୁଶାନ୍ତ କୁମାର ସାମନ୍ତ, ଶିକ୍ଷକ ନେତା ଅଭୟ ଚରଣ ପାଣିଗ୍ରାହୀ, ସିଆରସିସି ରାହାସ ବିହାରୀ ମଲ୍ଲିକ ଯୋଗଦେଇଥିଲେ। ଇଛାପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବୀରେନ୍ଦ୍ର କୁମାର ସାମନ୍ତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କାଶୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଲେଖ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାକୁ ଶ୍ରୀ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟାନନ୍ଦ ପାଣି ଉଦ୍‌ଘାଟନ କରିଥିଲେ। ଶିକ୍ଷୟିତ୍ରୀ ସବିତା ମହାନ୍ତି, ସସ୍ମିତା ମହାନ୍ତି, ଛବିରାଣୀ ଖଟୁଆ, ଶିକ୍ଷକ ଶ୍ରୀନିବାସ ସାମନ୍ତ, ବିଶ୍ୱନାଥ ଭୋଇ, ସୁଶାନ୍ତ ନାଥ, ପ୍ରଭାକର ଭୋଇ, ସାମାଜିକ କର୍ମୀ ପ୍ରମୋଦ କୁମାର ରାଉତ, ପ୍ରହଲ୍ଲାଦ ପଣ୍ଡା, ନିରଞ୍ଜନ ସାହୁ, ବିଜୟ କୁମାର ବରାଳ ସହଯୋଗ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ମୋ ଢେଙ୍କାନାଳ ମହୋତ୍ସବ ଉଦଯାପିତ




ଢେଙ୍କାନାଳ,୨୨।୧୨(ସମିସ): ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁରୁଦେବଜୀ ଫାଉଣ୍ଡେସନ ଏବଂ ମୋ ଢେଙ୍କାନାଳ ଚ୍ୟାନେଲ ପକ୍ଷରୁ ପ୍ରତିଷ୍ଠା ଦିବସ ମୋ ପ୍ରତିଭା ମୋ ପରିଚୟ ସାଂସ୍କୃତିକ ଓ ଶିକ୍ଷା ଭିତିକ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସମସ୍ତ ମନୋନୀତ ପ୍ରତିଯୋଗୀଙ୍କୁ ନେଇ ଜିଲ୍ଲା ସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା, ସଙ୍ଗୀତ, ନୃତ୍ୟ, ଅଭିନୟ, ଦଳଗତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିବସରେ ଜିଲ୍ଲାର ସମସ୍ତ ବ୍ଲକର ବିଭିନ୍ନ ସ୍କୁଲ, କଲେଜର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇ ତାଙ୍କର ପ୍ରତିଭା ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ଭଳି ମହୋତ୍ସବ ସାରା ଜିଲ୍ଲାରେ କରୁଥିବାରୁ କମିଟିକୁ ପ୍ରଂଶସା କରିଥିବା ବେଳେ ମୂଖ୍ୟବକ୍ତା ଭାବେ ରୋଟାରୀ କ୍ଲବର ସଭାପତି ରିଟାରିଆନ ସାଗରିକା ମିଶ୍ର, ସମ୍ମାନିତ ଅତିଥି ରୂପେ ରାଜ୍ୟ ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ଅକ୍ଷୟ କୁମାର ମହାନ୍ତି, ସମାଜସେବୀ ରୋଟାରୀଆନ ରାଜକିଶୋର ବେହେରା, ଡ. ରୟମନ ମିଶ୍ର ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

## ମହିଳା ମହାବିଦ୍ୟାଳୟରେ ଗଣିତ ଦିବସ

ଢେଙ୍କାନାଳ,୨୨।୧୨(ସମିସ): ଢେଙ୍କାନାଳ ମହିଳା ମହାବିଦ୍ୟାଳୟ ପରିସରରେ ଜାତୀୟ ଗଣିତ ଦିବସ ପାଳିତ ହୋଇଛି। ଏଥିରେ ବୁର୍ଲା ଭିସୁଟର ପ୍ରଫେସର ଜୟପ୍ରକାଶ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଣିତର ବିଭିନ୍ନ ଉପଯୋଗିତା ଓ ରାମାନୁଜନଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବିଭାଗର ମୁଖ୍ୟ ଭୁବନେଶ୍ୱର ମୁଦୁଲି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡ. ରୋଜାଲିନୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କୁଇଜ ଓ ପୋଷ୍ଟର ତିଆରି ପ୍ରତିଯୋଗିତା କରାଯାଇ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ରାମାନୁଜନଙ୍କ ଉପରେ ନିର୍ମିତ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଡ. ଜିତେନ୍ଦ୍ର କୁମାର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

## ଜଙ୍ଗିରା ଚୈତନ୍ୟ ମନ୍ଦିରରେ ଭଜନମାଳା ପୁସ୍ତକ ଉନ୍ମୋଚିତ

## ‘ସାହିତ୍ୟ ସଙ୍ଗୀତରେ ଅଭିରୁଚି ଆମ ସଂସ୍କୃତିର ପରିଚାୟକ’



ଢେଙ୍କାନାଳ,୨୨।୧୨(ସମିସ): ସଦର ବ୍ଲକ୍ ବେଲଟିକିରି ପଞ୍ଚାୟତ ଜଙ୍ଗିରାସ୍ଥିତ ଶ୍ରୀଚୈତନ୍ୟ ମନ୍ଦିର ପରିସରରେ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ ସତ୍ୟାନନ୍ଦ ମଲ୍ଲିକଙ୍କ ରଚିତ ଭଜନମାଳା ପୁସ୍ତକ ଉନ୍ମୋଚିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ଶ୍ରୀଜଗନ୍ନାଥ ସେବା ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ ଯୋଗଦେଇ ସାହିତ୍ୟ ସଙ୍ଗୀତରେ ଅଭିରୁଚି ରଖିବା ଆମ ଐତିହ୍ୟ ଓ ସଂସ୍କୃତିର ପରିଚାୟକ ବୋଲି କହିଥିଲେ। ଅଲେଖ ମହିମାଙ୍କଠାରୁ ଆରମ୍ଭ କରି ବିଭିନ୍ନ ଦେବଦେବୀଙ୍କ ପ୍ରତି ୬୪ଟି ସ୍ତୁତି ଗାନ ସମ୍ବଳିତ ଏହି ଭଜନମାଳା ପୁସ୍ତକଟି ସତ୍ୟବ୍ରତ ଦାଶଙ୍କ ଦ୍ୱାରା ଢେଙ୍କାନାଳ ଜଟିଆବାଉତି ପ୍ରେସ୍‌ରେ ମୁଦ୍ରିତ ହୋଇଛି। ଏହି ଭଜନମାଳା ପୁସ୍ତକ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ପରିବେଷଣ ପାଇଁ ଉପଯୁକ୍ତ ବୋଲି ମୁଖ୍ୟଅତିଥି ରଥ ମତ ଦେଇଥିଲେ। ଜଙ୍ଗିରା ମଠ ପରିଚାଳନା କମିଟି ସଭାପତି ମୁରଲିଧର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରକାଶକ ସନାତନ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଥିଙ୍କର୍ସ ଫୋରମ୍ ସମ୍ପାଦକ ଆଇନଜୀବୀ ପ୍ରକାଶ ଚନ୍ଦ୍ର ରାଉତ, ଅବସରପ୍ରାପ୍ତ ଶିକ୍ଷକ ରବିନାରାୟଣ ମହାନ୍ତି, ବେଲଟିକିରି ସରପଞ୍ଚ ବଳଭଦ୍ର ସାମଲ, ପୁସ୍ତକ ପ୍ରକାଶକ ସତ୍ୟବ୍ରତ ଦାଶ, ବାବା ଭଗବାନ ଦାସ, ସଞ୍ଜୟ ସାହାଣୀ, ସଞ୍ଜୟ କୁମାର ସାହୁ ଓ କୋଦଣ୍ଡଧର ଦେହୁରୀ ପ୍ରମୁଖ ଯୋଗଦେଇଥିଲେ। ମଠ ପରିଚାଳନା କମିଟି ସମ୍ପାଦକ ସଞ୍ଜୟ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ସୂର୍ଯ୍ୟାଲୋକ ଫାଉଣ୍ଡେସନର ସପ୍ତମ ବାର୍ଷିକୋତ୍ସବ




ଢେଙ୍କାନାଳ,୨୨।୧୨(ସମିସ): ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ସୂର୍ଯ୍ୟାଲୋକ ଫାଉଣ୍ଡେସନର ସପ୍ତମ ବାର୍ଷିକୋତ୍ସବ ଓ ପ୍ରତିଭା ମହୋତ୍ସବ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଗୋପବନ୍ଧୁ ଟାଉନ ହଲରେ ବରିଷ୍ଠ ସାମ୍ବାଦିକ ତଥା ଅନୁଷ୍ଠାନର ଆଇନ ପରାମର୍ଶଦାତା ଶିଶିର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଉଦ୍‌ଘାଟକ ଓ ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ମହେଶ ସାହୁ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଅଥୟ କୁମାର ସାହୁ, ଆଇନଜୀବୀ ଦୀପକ ପ୍ରସାଦ ପଟ୍ଟନାୟକ, ସାଗରିକା ମିଶ୍ର ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଅନୁଷ୍ଠାନର ଅଧ୍ୟକ୍ଷ ଦୀପକ ରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ମୁଖ୍ୟବକ୍ତା ଭାବେ ସମାଜସେବୀ ଡା. ଶାନ୍ତିଭୂଷଣ ପଣ୍ଡା ଯୋଗଦେଇଥିଲେ। ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ସ୍ମିତା ପ୍ରିୟଦର୍ଶିନୀ ଷଡ଼ଙ୍ଗୀ ବାର୍ଷିକ ବିବରଣୀ ପାଠ କରିଥିଲେ। ନିର୍ଦ୍ଦେଶିକା ଶୁଭଦର୍ଶିନୀ ପରିଡ଼ା ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଶାନ୍ତ କୁମାର ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୁଚିତ୍ର କୁମାର ବେହେରା, ସୁଶୀଲ କୁମାର ସାହୁ, ପ୍ରଶାନ୍ତ କୁମାର ତ୍ରିପାଠୀ, ଆଶୁତୋଷ ପାଢ଼ୀ, ଆର୍ଯ୍ୟସ୍ମିତା ମହାନ୍ତି, ଜ୍ୟୋତିର୍ମୟୀ ବେହେରା ସହଯୋଗ କରିଥିଲେ। ନୀତା ନୃତ୍ୟାଙ୍ଗନା ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଜ୍ଞାନ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

## ଇ-ଟେକ୍ ୟୁପି ସ୍କୁଲ୍‌ର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

## ବାଳିକା ବିଭାଗରେ ସୋନାଲୀ, ବାଳକରେ ଶଶାଙ୍କ ଚାମ୍ପିଅନ




ଢେଙ୍କାନାଳ,୨୨।୧୨(ସମିସ): ଢେଙ୍କାନାଳ ସହର ଉପକଣ୍ଠର ମଙ୍ଗଳପୁର ଗ୍ରାମସ୍ଥିତ ଇ-ଟେକ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୭ତମ ବାର୍ଷିକ କ୍ରୀଡ଼ା ଦୁଇଦିନ ଧରି ଅନୁଷ୍ଠିତ ହୋଇଛି। ବାଳିକା ବିଭାଗରେ ସୋନାଲୀ ପ୍ରଧାନ ଓ ବାଳକରେ ଶଶାଙ୍କ ଶେଖର ପରିଡ଼ା ଚାମ୍ପିଅନ ହୋଇଛନ୍ତି। ବିଦ୍ୟାନିକେତନ ଚାରିଟେବୁଲ ଟ୍ରଷ୍ଟ ସଭାପତି ସୁପ୍ରଭା ଶତପଥୀ ଏବଂ ବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁରେଶ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷକ ସରିତା ବିଶ୍ୱାଳ, ଘନଶ୍ୟାମ ପ୍ରଧାନ, ପ୍ରଦୀପ୍ତ ଦଳେଇ, ଦୁଷ୍ମନ୍ତ ସେଠୀ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ବିଭାଗର ଅବସରପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ ଡ. ବିଦ୍ୟୁତ କୁମାର ନନ୍ଦ, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ବିବି ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ଡ. ଦେବୀପ୍ରସାଦ ମିଶ୍ର ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଇ-ଟେକ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସାରଦା ପ୍ରସାଦ ମହାନ୍ତି ଉପସ୍ଥିତ ଥିଲେ। ଉପାଧ୍ୟକ୍ଷ ଅନିଲ କୁମାର ଗଛାୟତ ଧନ୍ୟବାଦ ଅର୍ପଣ କରିଥିଲେ।

## ମହୁମାଛି ଆକ୍ରମଣରେ ୨ ଗୁରୁତର

କାମାକ୍ଷାନଗର,୨୨।୧୨(ସମିସ): କାମାକ୍ଷାନଗର ବ୍ଲକ କାଦୁଆ ଗାଁରେ ସୋମବାର ମହୁମାଛି ଆକ୍ରମଣରେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଗାଁର ଜଳଧର ପୃଷ୍ଟି (୭୨) ଓ ସର୍ବେଶ୍ୱର ସାହୁ (୯୫)। ଏମାନେ ଘର ନିକଟରେ ବସିଥିବା ବେଳେ ମହୁମାଛି ଆକ୍ରମଣ କରିଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଛି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

ଢେଙ୍କାନାଳ,୨୨।୧୨(ସମିସ): ସଦର ବ୍ଲକ ଗେଙ୍ଗୁଟିଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୭ତମ ବାର୍ଷିକୋତ୍ସବ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ମୁଖ୍ୟବକ୍ତା ଭାବେ ଧର୍ମ ଜାଗରଣ ବିଭାଗ ପ୍ରମୁଖ ଶରତ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଗେଙ୍ଗୁଟିଆ ସରପଞ୍ଚ କୈଳାସ ଦେହୁରୀ ଯୋଗଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଦୀନବନ୍ଧୁ ମଲ୍ଲିକ ଓ ସମ୍ପାଦକ ରମେଶ ଚନ୍ଦ୍ର ରାଉତ ପ୍ରମୁଖଙ୍କ ଉପସ୍ଥିତିରେ ଅତିଥିମାନେ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଦ୍ୟାଳୟର ଶିଶୁ ଭାଇଭଉଣୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୱତ ପରିଷଦ ସଭାପତି ପ୍ରସନ୍ନ ସାହାଣୀ, ଅବସରପ୍ରାପ୍ତ ଶିକ୍ଷକ ତଥା ବିଦ୍ୟାଳୟର ଆଚାର୍ଯ୍ୟ ବିଜୟ କୁମାର ସାହୁ ସହଯୋଗ କରିଥିଲେ।

## ବାଜିରାଉତ କଲେଜରେ ୪ ପ୍ରକଳ୍ପ ଉଦ୍‌ଘାଟିତ



ଭୁବନ,୨୨।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବାଜିରାଉତ ସ୍ମୃତି ମହାବିଦ୍ୟାଳୟରେ ବିଭିନ୍ନ ପ୍ରକଳ୍ପ ଉଦଘାଟିତ ହୋଇଛି। ୩୦ଲକ୍ଷ ଟଙ୍କାରେ ନିର୍ମିତ ସାଂସ୍କୃତିକ ମଞ୍ଚ, ସମ୍ମିଳନୀ କକ୍ଷ ପ୍ରଶାସନିକ ଅଧିକାରୀଙ୍କ ସୌଧ, ରାସ୍ତା ପ୍ରକଳ୍ପକୁ ସୋମବାର କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଉଦଘାଟନ କରିଛନ୍ତି। ଆଗାମୀ ଦିନରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ଉନ୍ନତ ମାନର ଖେଳପଡ଼ିଆ ସହ ଷ୍ଟାଡିୟମ ନିର୍ମାଣ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଭୁବନ ବିଡିଓ ଆୟୁଷୀ ମହାପାତ୍ର ଯୋଗଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଭାତ କୁମାର ଆଚାର୍ଯ୍ୟଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଏବଂ ପୁରାତନ ଛାତ୍ର ଉପସ୍ଥିତ ଥିଲେ।

## ଜନଶୁଣାଣି ଶିବିରରେ ୪୭ ଅଭିଯୋଗର ଫଇସଲା




ଗଁଦିଆ,୨୨।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ସଭାଗୃହରେ ସୋମବାର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୧୩୩ ଅଭିଯୋଗ ହୋଇଥିଲା। ସେଥିମଧ୍ୟରୁ ୪୭ ଅଭିଯୋଗର ଫଇସଲା କରାଯାଇଛି। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩୦ହଜାର ଓ ରେଡକ୍ରସ ପାଣ୍ଠିରୁ ୮୦ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଶିବିରରେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ, ସିଡିଏମଓ ସଞ୍ଜୟ କୁମାର ମହାପାତ୍ର, ବ୍ଲକ ଅଧ୍ୟକ୍ଷା ରୀନାରାନୀ ଖଟୁଆଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଗଁଦିଆ ବିଡିଓ ପବିତ୍ର କୁମାର ବେହେରା, ତହସିଲଦାର ସତ୍ୟଜିତ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ‘ମନରେଗା’ରୁ ଗାନ୍ଧୀଙ୍କ ନାମ ହଟାଯିବା ଘଟଣାରେ କଂଗ୍ରେସର ପ୍ରତିବାଦ



ଢେଙ୍କାନାଳ,୨୨।୧୨(ସମିସ): ନିକଟରେ ସଂସଦର ଶୀତକାଳୀନ ଅଧିବେଶନରେ ମୋଦୀ ସରକାର କଂଗ୍ରେସ ସରକାର ଦ୍ୱାରା ଆରମ୍ଭ ହୋଇଥିବା ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି (ମନରେଗା) ଯୋଜନାର ନାମରୁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ନାମ ହଟାଇ ଦେଇ ଏହାକୁ ବିକଶିତ ଭାରତ ଗ୍ୟାରେଣ୍ଟି ରୋଜଗାର ଓ ଆଜୀବିକା ମିଶନ (ଗ୍ରାମୀଣ) ବା ଜିରାମ ଜି କରିଛନ୍ତି। ଏହା ବାପୁଙ୍କ ପ୍ରତି ଘୋର ଅସମ୍ମାନ ବୋଲି କହି କଂଗ୍ରେସ ଦୃଢ଼ ପ୍ରତିବାଦ କରିବା ସହିତ ମୋଦୀ ସରକାରଙ୍କ ଏତାଦୃଶ ବ୍ୟବହାରକୁ ତୀବ୍ର ନିନ୍ଦା କରିଛି। ଜିଲ୍ଲା କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳଙ୍କ ନେତୃତ୍ୱରେ ନେତା ଏବଂ କର୍ମୀମାନେ ଗାନ୍ଧି ମନ୍ଦିରରଠାରୁ ଶୋଭାଯାତ୍ରାରେ ବାହାରି ବସଷ୍ଟାଣ୍ଡ ନିକଟ ଗାନ୍ଧୀ ପାର୍କରେ ଏକତ୍ରିତ ହୋଇ ଧାରଣା ଦେଇଥିଲେ। ସେଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ନେତା ସମରେନ୍ଦ୍ର ନନ୍ଦ, ଡା. ତୁଷାରକାନ୍ତି ନାୟକ, ବିପ୍ରବର ସାହୁ, ଦିଲୀପ ବରାଳ, ପ୍ରେମଶଙ୍କର ମିଶ୍ର, ସରୋଜ ଶତପଥୀ, ସୁଶାନ୍ତ ଧଳ, ସ୍ମିତାରାଣୀ ସାମଲ, ଅବିନାଶ ପଣ୍ଡା ପ୍ରମୁଖ ଉଦବେଗ ପ୍ରକାଶ କରିଥିଲେ। ମହାତ୍ମା ଗାନ୍ଧୀଙ୍କୁ ଅବମାନନା କରୁଥିବା ବ୍ୟକ୍ତି ଦେଶଦ୍ରୋହୀ ଓ ମାନସିକ ସ୍ତରରେ ଏବେ ବି ପରାଧୀନ ବୋଲି ନେତାମାନେ ବକ୍ତବ୍ୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ରୁଦ୍ରପ୍ରକାଶ ଶରଣ, ସମସୀଦା ତାଏବ, ପ୍ରଭୁଦତ୍ତ ଭଟ୍ଟ, ନୁରୁଲ ଇସଲାମ, ସୁବାସ ପାଲ, ତ୍ରିନାଥ ବେହେରା, ରାଜୁ ଖାଁ, ଡମ୍ବରୁଧର ସେଠୀ, କାମାକ୍ଷା ବିହାରୀ, ରୁମେନା ବେଗମ୍, ମହମ୍ମଦ ଆର୍ସାଦଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗଦେଇଥିଲେ। ପରେ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏ ନେଇ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

## ବିବେକାନନ୍ଦ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

## ‘ଆଦର୍ଶ ମଣିଷ ଗଢ଼ିବା ଶିକ୍ଷାନୁଷ୍ଠାନର ଲକ୍ଷ୍ୟ ହେବା ଜରୁରୀ’

ଭୁବନ,୨୨।୧୨(ସମିସ)

ଭୁବନ ବ୍ଲକ ଯମୁନକୋଟ ବିବେକାନନ୍ଦ ଶିଶୁ ମନ୍ଦିରର ୨୫ତମ ବାର୍ଷିକ କ୍ରୀଡ଼ା ଓ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପୂର୍ବତନ ସରପଞ୍ଚ ନଟବର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଭୁବନ ପଞ୍ଚାୟତ ସମିତି ଅଧ୍ୟକ୍ଷା ସିପ୍ରା ବରାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷାଦାନ ସହ ପିଲାଙ୍କୁ ଆଦର୍ଶ ମଣିଷ ଭାବେ ଗଢ଼ିତୋଳିବା ଶିକ୍ଷାନୁଷ୍ଠାନର ଲକ୍ଷ୍ୟ ହେବା ଆବଶ୍ୟକ ବୋଲି କହିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅଭିଭାବକମାନେ ପିଲାଙ୍କ ଅନ୍ତର୍ନିହିତ ଗୁଣକୁ ଚିହ୍ନି ସେମାନଙ୍କ ରୁଚିକୁ ଗୁରୁତ୍ୱ ଦେବା ଉଚିତ୍ ବୋଲି କହିଥିଲେ। ପୂର୍ବତନ ପ୍ରଧାନଶିକ୍ଷକ ତଥା ବ୍ୟଙ୍ଗକବି ଗଜେନ୍ଦ୍ର କୁମାର ନାୟକ, କଙ୍କଡ଼ାହାଡ଼ କନ୍ଧରା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଜୟ କୁମାର ନାୟକ, ପୂର୍ବତନ ବିଆରସିସି ମାୟାଧର ଜେନା, ପୂର୍ବତନ ସରପଞ୍ଚ ଖୁଲଣା ରାଉତ, ଆରୋଗ୍ୟ କେନ୍ଦ୍ର ସେବାଧିକାରିଣୀ ସୁଭଦ୍ରା ବେହେରା, ପୂର୍ବତନ ପୁଲିସ ଅଧିକାରୀ ଅଦ୍ୱୈତ ସାହୁ, ସିଆରସିସି ରାଜୀବ ଲୋଚନ ସାହୁ, ଚନ୍ଦ୍ରଶେଖର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ବିଦ୍ୟାଳୟ ପ୍ରତି ବଳିଷ୍ଠ ଅବଦାନ ପାଇଁ ରମେଶ ଚନ୍ଦ୍ର ପାଣିଙ୍କୁ ଅତିଥି ପ୍ରଶଂସା କରିଥିଲେ। ପ୍ରଧାନଆଚାର୍ଯ୍ୟା ନିରୁପମା ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଗୁରୁମା ନିରୁପମା ନାୟକ, ପ୍ରତିମା ରାଉତ, ରଶ୍ମିତା ବେହେରା, ସ୍ୱାଗତିକା ଜେନା, ସଙ୍ଘମିତ୍ରା ଦାସ, ଅହଲ୍ୟା ବାରିକ, ଇନିବାଳା ଭୂତିଆ, ସ୍ନେହାଞ୍ଜଳି ବେହେରା, ରଶ୍ମିତା ବାରିକ, ମିନତି ଲେଙ୍କା ସହଯୋଗ କରିଥିଲେ।

ପାୱାରଗ୍ରିଡ POWERGRID

ନୋଟିସ

୧. "ପୂର୍ବ ଅଞ୍ଚଳ ବିସ୍ତାର ଯୋଜନା–XXVII (ERES-XXVII)" ଅଧୀନରେ ପୂର୍ବ ଅଞ୍ଚଳରେ ସ୍ଥାପିତ ସଂପତ୍ତି ପାଇଁ ଟାରିଫ୍ ନିର୍ଣ୍ଣୟ ସମ୍ବନ୍ଧୀୟ ଅନୁରୋଧ, ଯାହା ଭାରତୀୟ ବିଦ୍ୟୁତ ଆଇନ, 2003 ର ଧାରା 62 ସହିତ ଧାରା 79(1)(d) ଅନୁଯାୟୀ ଏବଂ କେନ୍ଦ୍ରୀୟ ବିଦ୍ୟୁତ ନିୟନ୍ତ୍ରଣ ଆୟୋଗ (କାରୋବାର ପ୍ରଚାଳନ) ନିୟମାବଳୀ, 2023 ର ନିୟମ 15(1)(a) ଓ ନିୟମ 23 ସହିତ, କେନ୍ଦ୍ରୀୟ ବିଦ୍ୟୁତ ନିୟନ୍ତ୍ରଣ ଆୟୋଗ (ଟାରିଫ୍ ନିୟମ ଓ ସର୍ତ୍ତାବଳୀ) ନିୟମାବଳୀ, 2024 ଅନୁସାରେ ଦାଖଲ କରାଯାଇଛି।
୨. ଉପରୋକ୍ତ ଉଲ୍ଲେଖିତ ପୂର୍ବ ଅଞ୍ଚଳର ଟ୍ରାନ୍ସମିଶନ୍ ପ୍ରଣାଳୀର ଲାଭାନ୍ୱିତମାନେ ହେଲେ: i) ବିହାର ରାଜ୍ୟ ପାୱାର (ହୋଲ୍ଡିଂ) କମ୍ପାନୀ ଲିମିଟେଡ୍, ii) ପଶ୍ଚିମବଙ୍ଗ ରାଜ୍ୟ ବିଦ୍ୟୁତ ବଣ୍ଟନ କମ୍ପାନୀ ଲିମିଟେଡ୍, iii) ଗ୍ରିଡ୍ କର୍ପୋରେସନ୍ ଅଫ୍ ଓଡ଼ିଶା ଲିମିଟେଡ୍, iv) ଦାମୋଦର ଭ୍ୟାଲି କର୍ପୋରେସନ୍, v) ସିକ୍କିମ ସରକାରଙ୍କ ପାୱାର ବିଭାଗ, vi) ଝାରଖଣ୍ଡ ବିଜୁଳି ବିତରଣ ନିଗମ୍ ଲିମିଟେଡ୍।
୩. ଅନୁମୋଦିତ ମୂଳଧନ ଖର୍ଚ୍ଚ (ଲକ୍ଷରେ), ବାଣିଜ୍ୟିକ ଚାଳନା ଆରମ୍ଭ ତାରିଖ ଏବଂ ମୋଟ ଆନୁମାନିକ ମୂଳଧନ ଖର୍ଚ୍ଚ (ଲକ୍ଷରେ):

| Asset | Approved Capital cost (Rs in Lakhs) | DOCO | Total Estimated Capital cost (Rs in Lakhs) |
|---|---|---|---|
| Asset 1 | 2361.24 | 26.09.2024 | 1512.56 |
| Asset 2 | 3580.43 | 31.08.2025 | 4387.29 |
| Total | 5941.67 | | 5899.85 |

୪. ଟାରିଫ୍ ବିବରଣୀ:
କ) ୨୦୨୪-୨୯ ବ୍ଲକ୍ ଟଙ୍କା (ଲକ୍ଷରେ)


| Sl No | Name of the asset | 2024-25 | 2025-26 | 2026-27 | 2027-28 | 2028-29 |
|---|---|---|---|---|---|---|
| 1 | Asset 1 | 136.03 | 290.48 | 298.33 | 296.70 | 295.38 |
| 2 | Asset 2 | 0.0 | 367.95 | 688.36 | 730.24 | 737.68 |

୫. ଏହି ନୋଟିସ୍ ଏବଂ ଟାରିଫ୍ ନିର୍ଣ୍ଣୟ ପାଇଁ ଦାଖଲ କରାଯାଇଥିବା ଆବେଦନର ଏକ ନକଲ ଆବେଦକଙ୍କ ୱେବସାଇଟ୍ (http://www.powergrid.in) ରେ ଅପଲୋଡ କରାଯାଇଛି।
୬. ଟାରିଫ୍ ନିର୍ଣ୍ଣୟ ସମ୍ବନ୍ଧୀୟ ଏହି ଆବେଦନରେ ସମ୍ମିଳିତ ପ୍ରସ୍ତାବଗୁଡ଼ିକ ବିଷୟରେ ଯଦି କୌଣସି ପରାମର୍ଶ କିମ୍ବା ଆପତ୍ତି ଥାଏ, ତେବେ ଲାଭାନ୍ୱିତମାନେ ସହିତ ସମେତ ଯେକୌଣସି ବ୍ୟକ୍ତି ଏହି ନୋଟିସ୍ ପ୍ରକାଶ ପାଇଥିବା ତାରିଖରୁ 30 ଦିନ ମଧ୍ୟରେ କେନ୍ଦ୍ରୀୟ ବିଦ୍ୟୁତ ନିୟନ୍ତ୍ରଣ ଆୟୋଗର ସଚିବ, ୬ଷ୍ଠ, ୭ମ ଓ ୮ମ ତଳ, ଟାୱର–ବି, ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର, ନାଓରୋଜୀ ନଗର, ନୂଆଦିଲ୍ଲୀ–୧୧୦୦୨୯ (କିମ୍ବା ଆୟୋଗର କାର୍ଯ୍ୟାଳୟ ଯେଉଁ ଠିକଣାରେ ଅବସ୍ଥିତ) ଙ୍କ ନିକଟରେ ଦାଖଲ କରିପାରିବେ। ଏହା ସହିତ, ଆବେଦକଙ୍କ କର୍ପୋରେଟ୍ କାର୍ଯ୍ୟାଳୟର ଠିକଣାକୁ ମଧ୍ୟ ଏକ ନକଲ ପ୍ରେରଣ କରିବା ଆବଶ୍ୟକ।

ସ୍ଥାନ: ଗୁରୁଗାଓଁ, ତାରିଖ: ୨୨.୧୨.୨୦୨୫ ସ୍ୱା/- ଉପ-ମହାପ୍ରବନ୍ଧକ (ବ୍ୟବସାୟିକ)
PG/NOTICE/2025/D360

ପାୱାରଗ୍ରିଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ପଞ୍ଜିକୃତ କାର୍ଯ୍ୟାଳୟ: ବି-୯, କୁତୁବ ଇନଷ୍ଟିଚ୍ୟୁସନାଲ ଏରିଆ, କଟୱାରିଆ ସରାଇ, ନୂଆ ଦିଲ୍ଲୀ-୧୧୦୦୧୬
କର୍ପୋରେଟ୍ କାର୍ଯ୍ୟାଳୟ: 'ସୌଦାମିନୀ, ପ୍ଲଟ ନଂ ୨, ସେକ୍ଟର-୨୯, ଗୁରୁଗାଓଁ-୧୨୨୦୦୧, ହରିୟାଣା
www.powergridindia.com, ସିଆଇଏନ୍: L40101DL1989GOI038121
A Maharatna PSU

# ସମ୍ପାଦକୀୟ



ବର୍ଷରେ ଏମିତି ଦୁଇଟି ଦିନ ଅଛି, ଯେଉଁଦିନ ଆମେ କୌଣସି କାମ କରିପାରିବା ନାହିଁ, ଗତକାଲି ଓ ଆସନ୍ତା କାଲି !

-ମହାତ୍ମା ଗାନ୍ଧୀ

THE SAKALA

## କୁହନ୍ତି ଯେଡ଼େ ନୁହନ୍ତି ସେଡ଼େ

ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଦିନକୁଦିନ ନିୟନ୍ତ୍ରଣ ବାହାରକୁ ଚାଲି ଯାଉଥିବାର ପରିଲକ୍ଷିତ ହେଉଛି। ସତେଯେପରି ମନେ ହେଉଛି ପୁଲିସ ପ୍ରଶାସନ ଉପରେ ଅପରାଧ ତତ୍ତ୍ୱଙ୍କ ଡର ତୁଟିଯାଇଛି। ଭାତ ହାଣ୍ଡିରୁ ଗୋଟିଏ ଚିପିଲା ଭଳି କେବଳ ଯଦି ରାଜଧାନୀ ପରିସ୍ଥିତିକୁ ଅନୁଧ୍ୟାନ କରିବା ତାହା ହିଁ ଯଥେଷ୍ଟ ହେବ ରାଜ୍ୟ ପରିସ୍ଥିତିକୁ ଆକଳନ କରିବାରେ। କ୍ଷମତାକେନ୍ଦ୍ରର ନାକତଳେ ଗୋଟିକ ପରେ ଗୋଟିଏ ନାରୀ ଜନିତ ହିଂସା ଓ ଦୁଷ୍କର୍ମ ଘଟିଚାଲିଛି। ବ୍ୟବସ୍ଥାକୁ ଅଧିକ କଠୋର ଓ ଶୃଙ୍ଖଳିତ କରିବା ସକାଶେ କଟକ-ଭୁବନେଶ୍ୱର ଦ୍ୱୈତନଗରୀକୁ ନେଇ ଗଠିତ କମିଶନରେଟ ପୁଲିସର ଏହି ଚରମ ବିଫଳତା ପାଇଁ ଆମେ କାହାକୁ ଦାୟୀ କରିବା? ରାଜଧାନୀର ଟ୍ରାଫିକ ବିଶୃଙ୍ଖଳାକୁ ଦେଖିଲେ ଯେ କେହି ଅଣନିଃଶ୍ୱାସୀ ହୋଇଯିବ।

ଆଜି ଏଠି ତ କାଲି ସେଠି, କେଉଁଠି ନା କେଉଁଠି ନାରୀଜନିତ ଏମିତି କିଛି ଘଟଣା ଘଟୁଛି ଯେଉଁଥିରେ ରାଜଧାନୀ ବାସିନ୍ଦାଙ୍କ ପୁଲିସ ଉପରୁ ଭରସା ତୁଟିବା ଆରମ୍ଭ କରିଛି। ତେଣିକି ସେ ଲିଙ୍ଗରାଜ ମନ୍ଦିରର ପୂଜକଙ୍କ ବଳାତ୍କାର ଉଦ୍ୟମ ହେଉ କିମ୍ବା ଧଉଳି ନିକଟସ୍ଥ ଦୟାନଦୀ ଉପରେ ନାବାଳିକାକୁ ଗଣଦୁଷ୍କର୍ମ। ପଛକୁ ପଛ ସହିଦନଗରସ୍ଥିତ ଏକ ଭଡ଼ାଘରେ ଚାକିରି ଦେବା ଆଳରେ ମହିଳାଙ୍କୁ ଗଣବଳାତ୍କାର କରାଯାଇଛି। ପୁଲିସ ପକ୍ଷରୁ 'ରେଡଫ୍ଲାଗ' ଜାରି କରି ଘଟଣାର ତ୍ୱରିତ ଅନୁସନ୍ଧାନ ଓ ଚାର୍ଜସିଟର ପ୍ରତିଶ୍ରୁତି ଦିଆଯାଇଛି ସତ, କିନ୍ତୁ ଅପରାଧ ଥମୁନି। ଏହି ଘଟଣା ଠିକ ପରଦିନ ଆଇଜି ପାର୍କରେ ପୁଣି ଜଣେ ମହିଳାଙ୍କୁ ଟଣାଓଟରା କରିବା ଘଟଣା ସାମ୍ନାକୁ ଆସିଛି। ଧଉଳି ଘଟଣାରେ ତିନି ଅଭିଯୁକ୍ତ ଗିରଫ ହୋଇଛନ୍ତି ଏବଂ ଆଉ ଦୁଇଜଣ ଏପର୍ଯ୍ୟନ୍ତ ଧରାପଡ଼ି ନାହାନ୍ତି। ଅବଶ୍ୟ ସହିଦନଗର ଘଟଣାରେ ଦୁଇ ଜଣଙ୍କୁ ଗିରଫ କରି ତୁରନ୍ତ କୋର୍ଟଚାଲାଣ କରାଯାଇଛି। ଏହାପରେ ଯେ ଆଉ କିଛି ଅପରାଧ ଘଟିବ ନାହିଁ ତାହାର କେହି ଗ୍ୟାରେଣ୍ଟି ଦେଇପାରିବେନି। ରାଜ୍ୟରେ ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି ସାଧାରଣ କର୍ମକ୍ଷେତ୍ର ପର୍ଯ୍ୟନ୍ତ କେଉଁଠି ମହିଳା ସୁରକ୍ଷିତ ନୁହନ୍ତି। ପରିସ୍ଥିତି ଏଭଳି ରୂପ ନେଇଛି ଯେ ଗଣମାଧ୍ୟମରେ ଅପରାଧ ଖବରରେ ପୃଷ୍ଠା ଭରିଯାଉଛି। ରାଜ୍ୟରେ ଯେ ଆଇନର ଶାସନ ଚାଲିଛି ସେ ନେଇ ବହୁ ସଚେତନ ନାଗରିକଙ୍କ ମନରେ ସନ୍ଦେହ ଉପୁଜିଲାଣି।

ସେହିଭଳି ରାଜଧାନୀରେ ଟ୍ରାଫିକ ନିୟନ୍ତ୍ରଣ ଏକପ୍ରକାର ଜୁଲମରେ ପରିଣତ ହୋଇଛି। ବ୍ୟବସ୍ଥାକୁ ଏକ ଆଇଟି ସଂସ୍ଥା ହାତକୁ ଟେକି ଦିଆଯାଇଥିବାରୁ ଏବେ ମେସିନ ନିୟନ୍ତ୍ରଣ କରୁଛି ପରିସ୍ଥିତି। ପରିସ୍ଥିତିକୁ ଦେଖି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାର ସୁଯୋଗ ନାହିଁ। ଦାୟିତ୍ୱରେ ଥିବା କର୍ମଚାରୀ ରିଲ୍ସ ଉଠାଇବାରେ ବ୍ୟସ୍ତ। ରସୁଲଗଡ଼ ଓ ଏସ୍ପ୍ଲାନେଡ୍ ସ୍ଥିତି ଏଭଳି ଅସମ୍ଭାଳ ହୋଇପଡ଼ିଛି ଯେ ଥରେ ଭିଡ଼ରେ ଫସିଗଲେ ବାହାରିବାର ଯେମିତି ଉପାୟ ନାହିଁ। ଏହିକ୍ରମରେ ନାଲକୋ ଛକ ସ୍ଥିତ ଏକ ଗେଷ୍ଟହାଉସରୁ ସନ୍ଦିଗ୍ଧ ଅବସ୍ଥାରେ ଜଣେ ବ୍ୟକ୍ତିର ମୃତଦେହ ଉଦ୍ଧାର କରିଛି ପୁଲିସ।

ଆମ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନିଜେ ଗୃହବିଭାଗ ଦାୟିତ୍ୱରେ ଅଛନ୍ତି। ସବୁଦିନ ଆମେ ବିଭିନ୍ନ ସଭା ଓ ସମାବେଶରେ ତାଙ୍କ ଭାଷଣ ଓ ଫଟୋ ସମ୍ବାଦପତ୍ରରେ ଦେଖୁଛୁ। ସକ୍ରିୟ ଓ ଚଳଚଞ୍ଚଳତାରୁ ମନେ ହେଉଛି ସେ ସବୁକିଛି ସମ୍ଭାଳି ପାରିବେ। ତେବେ ଏଭଳି ଏକ ଦୁର୍ଗତିରୁ ରାଜ୍ୟବାସୀଙ୍କୁ ଉଦ୍ଧାରିବାରେ ନିଷ୍ଫଳ କାହିଁକି? ନିର୍ବାଚନ ପ୍ରତିଶ୍ରୁତି କେବଳ କଥା ନୁହେଁ, କାମରେ ପ୍ରତିଫଳିତ ହେବା କରୁରୀ।

## ହକ୍ଆଇ- ଅପରେସନ୍ ସିନ୍ଦୂର

ଆତଙ୍କବାଦୀ କାର୍ଯ୍ୟକଳାପ ବିରୋଧରେ ଲଢ଼ିବାର ଅଧିକାର ସବୁରାଷ୍ଟ୍ରଙ୍କର ଅଛି। ବିଭିନ୍ନ ରାଷ୍ଟ୍ରୀୟ ଶିଖର ସମ୍ମିଳନୀରେ ଆତଙ୍କବାଦ ବିରୋଧରେ ମିଳିତ ଲଢ଼େଇ ପାଇଁ ଭାରତ ପକ୍ଷରୁ ସବୁବେଳେ ଆହ୍ୱାନ ଦିଆଯାଉଛି। ଏପ୍ରିଲ ୨୨ ରେ ପହଲଗାମରେ ଲସ୍କର ଇ ତୋଇବା ସଂଗଠନର ସହଯୋଗୀ ଟିଆରଏଫ କର୍ମୀ ୨୬ ଜଣ ନିରୀହ ପର୍ଯ୍ୟଟକଙ୍କୁ ନୃଶଂସ ଭାବେ ଗୁଳିକରି ହତ୍ୟା କଲେ। ଜବାବ୍‌ରେ ମେ' ୭ ତାରିଖରେ 'ଅପରେସନ ସିନ୍ଦୂର' ମାଧ୍ୟମରେ ପିଓକେରେ ଥିବା ୫ଟି ଓ ପାକିସ୍ତାନର ୪ଟି ଆତଙ୍କବାଦୀ କେନ୍ଦ୍ରକୁ ଭାରତ ଧ୍ୱଂସ କରିଥିଲା। ଏହି କାର୍ଯ୍ୟାନୁଷ୍ଠାନରେ ଶତାଧିକ ଆତଙ୍କବାଦୀ ମଧ୍ୟ ନିହତ ହୋଇଥିଲେ। ପାକିସ୍ତାନର ପରବର୍ତ୍ତୀ କାର୍ଯ୍ୟକଳାପ ଭାରତକୁ ବାଧ୍ୟ କରିଥିଲା ଅଭିଯାନର ଦିଗ ପରିବର୍ତ୍ତନ କରିବାକୁ। ଏକ୍ଷେତ୍ରରେ ତୁର୍କୀ ଓ ଚୀନର ଭୂମିକାକୁ ବିଶ୍ୱ ଜନସମୁଦାୟ ନିନ୍ଦା କରିବା ପରିବର୍ତ୍ତେ ସମୟକ୍ରମେ ଆମେରିକା ମଧ୍ୟ ପାକିସ୍ତାନର ସହଯୋଗୀ ହୋଇଯାଇଛି। ଅଥଚ ଗତ ସପ୍ତାହରେ ସିରିଆର ୭୦ ଆଇଏସ କେନ୍ଦ୍ର ଉପରେ ଆକ୍ରମଣ କରି ଧ୍ୱଂସ କରିଛି ଆମେରିକା। କେନ୍ଦ୍ରୀୟ ସିରିଆର ପାଲିମିରା ସହରରେ ୨ ଜଣ ଆମେରିକୀୟ ସୈନିକ ଓ ଜଣେ ଅନୁବାଦକଙ୍କୁ ଆଇଏସ ଆତଙ୍କବାଦୀ ହତ୍ୟା କରିବା ଘଟଣାର ପ୍ରତିଶୋଧ ନେଉଛି ଆମେରିକା।

ସିରିଆର ନୂଆ ନେତୃତ୍ୱ ରାଷ୍ଟ୍ରପତି ଅହମ୍ମଦ ଅଲ୍ ଶାରାଙ୍କ ବିବାଦୀୟ ଭୂମିକା ସତ୍ତ୍ୱେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ତାଙ୍କର ସାକ୍ଷାତ ଓ ଆଲୋଚନା ମଧ୍ୟ ପ୍ରାଚ୍ୟ କୂଟନୀତିକୁ ପ୍ରଭାବିତ କରୁଛି। ଇସଲାମିକ୍ ଷ୍ଟେଟ୍ ବିରୋଧରେ ଆମେରିକାର ମିଳିତ ମଞ୍ଚ ସହ ଚୁକ୍ତିବଦ୍ଧ ହୋଇଛି ସିରିଆ। ଅଥଚ ଅସଲରେ ଶରା କ୍ଷମତାସୀନ ହେବା ପୂର୍ବରୁ ଥିଲେ ଆଇଏସ ସଂଗଠନର ଜଣେ ପ୍ରମୁଖ କର୍ମକର୍ତ୍ତା। ତେଣୁ ତାଙ୍କ ଭୂମିକା ଏବେ ମଧ୍ୟ ସନ୍ଦେହରୁ ଊର୍ଦ୍ଧ୍ୱରେ ନୁହେଁ। ଆମେରିକା ସହ ଏତେ ବୁଝାମଣା ଓ ସହଯୋଗ ସତ୍ତ୍ୱେ ଅସଲରେ ସିରିଆ ସୁରକ୍ଷା ବାହିନୀର ସଦସ୍ୟ ହିଁ ଆମେରିକା ସୈନ୍ୟଙ୍କ ଉପରେ ଆକ୍ରମଣ କରିଥିଲେ। ଟ୍ରମ୍ପ କହିଛନ୍ତି, ସିରିଆରେ ଆମେରିକା ସୈନିକଙ୍କୁ ଯେଭଳି ନୃଶଂସ ଭାବେ ହତ୍ୟା କରାଯାଇଛି ତାହାର କଠୋର ପ୍ରତିଶୋଧ ନିଆଯାଉଛି। ଏହା ଥିଲା ହକ୍ଆଇ ଷ୍ଟ୍ରାଇକ। ଆତଙ୍କବାଦୀ କେନ୍ଦ୍ରକୁ ଧ୍ୱଂସ କରିବା ପାଇଁ ଉଭୟ 'ହକ୍ଆଇ ଷ୍ଟ୍ରାଇକ' ଓ 'ଅପରେସନ ସିନ୍ଦୂର'ର ଉଦ୍ଦେଶ୍ୟ ମଧ୍ୟରେ ସେଭଳି ପାର୍ଥକ୍ୟ ନ ଥିବା ବେଳେ ଭାରତ ପ୍ରତି ବାଛବିଚାରମୂଳକ ଆଭିମୁଖ୍ୟ କାହିଁକି?

ସମୟ ବଦଳୁଛି। ସର୍ବଶକ୍ତିମାନର ଅହଂକାର ବିରୋଧରେ ମୁଣ୍ଡ ଟେକୁଥିବା ଅସନ୍ତୋଷ ବିରୋଧରେ ବିଶ୍ୱ ଭୂ-ରାଜନୀତିରେ ହଲଚଲ ଆରମ୍ଭ ହୋଇଛି। ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୁଣ୍ଡ ଟେକୁଥିବା ନୂଆ କ୍ଷମତା କେନ୍ଦ୍ର ଆଗାମୀ ଦିନରେ ଆମେରିକାର ପ୍ରାଧାନ୍ୟକୁ କ୍ଷୁର୍ଣ୍ଣ କରିବା ଅସମ୍ଭବ ନୁହେଁ।

# ଓଡ଼ିଶାର ବିଶ୍ୱବିରଳ ସମ୍ପଦ

**ଡ. ବିଜୟ କେତନ ପଟ୍ଟନାୟକ**

ଗତ ଅକ୍ଟୋବର ମାସରେ ଅନ୍ତର୍ଜାତୀୟ ବହୁଳ ପ୍ରସାରିତ ପତ୍ରିକା 'ନ୍ୟାସନାଲ ଜୋଗ୍ରାଫି'ର ପ୍ରଚ୍ଛଦରେ ବିଶିଷ୍ଟ ଫଟୋଗ୍ରାଫର ପ୍ରସନ୍ନଜିତ୍ ଯାଦବଙ୍କ ଦ୍ୱାରା ଉତ୍ତୋଳିତ ଶିମିଳିପାଳର କଳାବାଘର ଫଟୋ ସ୍ଥାନ ପାଇବା ପରେ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହି ଫଟୋଟି ଉଠାଇବା ପାଇଁ ଯାଦବଙ୍କୁ ଶିମିଳିପାଳରେ ୧୨୦ ଦିନ ସମୟ ବିତାଇବାକୁ ପଡ଼ିଛି। କଳାବାଘ ଭାରତର ଅନ୍ୟ କୌଣସି ବ୍ୟାଘ୍ର ଅଭୟାରଣ୍ୟରେ ଦେଖାଯାଆନ୍ତି ନାହିଁ। ଏପରିକି ବିଶ୍ୱରେ ମଧ୍ୟ ବିରଳ। ତେଣୁ ଏପରି ଏକ ବିରଳ ସମ୍ପତ୍ତିର ଅଧିକାରୀ ଭାବେ, ଆମ ଓଡ଼ିଶାବାସୀ ନିଶ୍ଚୟ ଆହ୍ଲାଦିତ ହେଉଥିବେ।

ଏବେ କଳାବାଘ ସଂଖ୍ୟା ବୃଦ୍ଧି ପାଇବା ଫଳରେ ପର୍ଯ୍ୟଟକମାନେ ମଧ୍ୟ ଅନେକ ସମୟରେ ଶିମିଳିପାଳ ଜଙ୍ଗଲରେ ବାଘ ଦେଖୁଛନ୍ତି ଏବଂ ତା'ର ଫଟୋ ଉଠାଇ କ୍ଷେତ୍ର ନିର୍ଦ୍ଦେଶକଙ୍କ ନିକଟକୁ ପଠାଉଛନ୍ତି। ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ପୂର୍ବରୁ କାହିଁକି ପର୍ଯ୍ୟଟକମାନେ, ଏପରିକି ବନ ବିଭାଗର ଅଧିକାରୀମାନେ ମଧ୍ୟ ବିଭିନ୍ନ ସମୟରେ ଶିମିଳିପାଳ ଜଙ୍ଗଲ ଗସ୍ତ କରିବା ଅବସରରେ ବାଘ ଦେଖିବାର ସୁଯୋଗ ପାଇନାହାନ୍ତି? ଏଥିପାଇଁ ବିଭିନ୍ନ ମହଲରେ କ୍ଷୋଭ ମଧ୍ୟ ପ୍ରକାଶ ପାଇଛି।

ସତରେ କ'ଣ ବାଘ ଚତୁରତାର ସହିତ ମନୁଷ୍ୟର ଦୃଷ୍ଟିକୁ ଏଡ଼ାଇ ଯାଏ? ଅବଶ୍ୟ କଥା ଅଛି, ତୁମେ ଥରେ ଜଙ୍ଗଲରେ ବାଘକୁ ଦେଖିବା ପୂର୍ବରୁ ବାଘ ତୁମକୁ ଶହେଥର ଦେଖି ସାରିଥିବ। ଏହାର ପ୍ରମୁଖ କାରଣ ହେଉଛି ଶିମିଳିପାଳର ଅସମତଳ ଭୂଭାଗ ଏବଂ ପରିପୂର୍ଣ୍ଣ ଘଞ୍ଚ ଜଙ୍ଗଲ। ଏହା ମୁଖ୍ୟତଃ କ୍ରାନ୍ତୀୟ ଅର୍ଦ୍ଧ-ଚିରହରିତ ଓ ଆର୍ଦ୍ରମିଶ୍ରିତ ସୂକ୍ଷ୍ମ ପର୍ଣ୍ଣମୋଚୀ ଜଙ୍ଗଲରେ ଭରା। ଶତକଡ଼ା ୫୦ ଭାଗରୁ ଊର୍ଦ୍ଧ୍ୱ ସୁଉଚ୍ଚ ଶାଳ ଜଙ୍ଗଲ। ଏହାଛଡ଼ା ଚମ୍ପା, ଶିମିଳି ଓ ଅନ୍ୟାନ୍ୟ ଗଛ ମଧ୍ୟ ରହିଛି। ମଧ୍ୟମ ଥାକ ଓ ତଳ ଥାକରେ ମଧ୍ୟ ଅନେକ ମଧ୍ୟମ ଓ ଛୋଟ ଧରଣ ଗଛ, ଲତା, ବୁଦା ରହିଛି। ବଣବୁଦାର ଘଞ୍ଚତା ମଧ୍ୟରେ, ବିଶେଷକରି କଳାବାଘଙ୍କର କଳା ରଂଗ ଓ ଛାପଛାପିକିଆ ରଙ୍ଗ, ସହଜରେ ଠଉରେଇ ହୁଏ ନାହିଁ। ଦ୍ୱିତୀୟତଃ, ଶିମିଳିପାଳ ଜଙ୍ଗଲଭିତରେ ଅନେକ ଚିରସ୍ରୋତା ଝରଣା ଓ ନଈ, ନାଳ ରହିଛି। ଯେଉଁ ଜଙ୍ଗଲରେ ପାଣିର ଅଭାବ ରହିଛି, ସେଠି ବାଘ ବା ଅନ୍ୟଜନ୍ତୁ ପାଣି ପିଇବାକୁ ଜଳସ୍ରୋତ ନିକଟକୁ ଆସିଲା ବେଳେ ସେମାନଙ୍କୁ ସହଜରେ ଠାବ କରିହୁଏ। ତୃତୀୟ ଓ ସବୁଠାରୁ ମୁଖ୍ୟ କାରଣ ହେଲା, ଆୟତନ ତୁଳନାରେ ୨୦୦୬ ପରଠାରୁ ଗତ କିଛିବର୍ଷ ହେଲା କ୍ୟାମେରା ଟ୍ରାପ ପଦ୍ଧତିରେ ଶିମିଳିପାଳରେ ଗଣନ କରାଯାଇଥିବା ବାଘ ସଂଖ୍ୟା ଯଥେଷ୍ଟ କମ। ଫଳରେ ସେମାନେ ସହଜରେ ମନୁଷ୍ୟର ନଜରକୁ ଆସନ୍ତି ନାହିଁ କିମ୍ବା ମଣିଷ ସହିତ ମୁହାଁମୁହିଁ ହୁଅନ୍ତି ନାହିଁ।

ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ବନାଞ୍ଚଳ ଅନନ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଜୈବ ବିବିଧତାରେ ପରିପୂର୍ଣ୍ଣ। ଏକାଧାରରେ ଏହା ଏକ ଅଭୟାରଣ୍ୟ, ବ୍ୟାଘ୍ରପ୍ରକଳ୍ପ, ଜାତୀୟଉଦ୍ୟାନ ଓ ଜୈବ ମଣ୍ଡଳର ମାନ୍ୟତା ପାଇଛି। ଅନ୍ୟାନ୍ୟ ବନ୍ୟପ୍ରାଣୀଙ୍କ ମଧ୍ୟରେ ବାଘ ଓ ହାତୀ ଶିମିଳିପାଳର ଆଗଧାଡ଼ିର ବନ୍ୟଜୀବ। ୨୭୫୦ ବର୍ଗ କିଲୋମିଟର ପରିମିତ ଶିମିଳିପାଳ ବନାଞ୍ଚଳ ୧୯୭୩ ମସିହାରେ ଦେଶରେ ପ୍ରଥମ କରି ଘୋଷିତ ହୋଇଥିବା ୯ ଗୋଟି ବ୍ୟାଘ୍ର ପ୍ରକଳ୍ପ ମଧ୍ୟରୁ ଥିଲା ଅନ୍ୟତମ। ଆୟତନ ଦୃଷ୍ଟିରୁ ବିଶାଳ ଓ ଅନୁକୂଳ ସ୍ୱାଭାବିକ ପ୍ରାକୃତିକ ପରିସଂସ୍ଥା କାରଣରୁ ଶିମିଳିପାଳ ଜଙ୍ଗଲ ଦୀର୍ଘମିଆଦୀ ସୂତ୍ରରେ ବାଘ ବଂଶ ଧାରଣ କରିବାକୁ ସକ୍ଷମ। ସେ ବାଘ ଥିଲେ ମହାବଳ ବାଘ ବା ରୟାଲ ବେଙ୍ଗଲ ଟାଇଗର। ବିଶିଷ୍ଟ ପ୍ରାଣୀ ବିଶେଷଜ୍ଞ ଡ. ଲାଲା ଏ.କେ. ସିଂହ ତାଙ୍କ ରଚିତ 'ବର୍ଣ୍ଣବ୍ଲାକ' ପୁସ୍ତକରେ ଦର୍ଶାଇଛନ୍ତି ଯେ ୧୯୭୦ରେ ଶିମିଳିପାଳରେ ଗୋଟିଏ କଳାବାଘ ଠାବ କରାଯାଇଥିଲା। ସେ ସମୟରେ କରଞ୍ଜିଆ ବନଖଣ୍ଡରେ କାର୍ଯ୍ୟରତ ଜନୈକ ବନାଧିକାରୀ କୁହନ୍ତି ୧୯୭୧ରେ ତତ୍କାଳୀନ ଡି.ଏଫ, ଓ ଏବଂ ତାଙ୍କ ଡ୍ରାଇଭର ଗୁଡୁଗୁଡିଆ ଜଙ୍ଗଲରେ କଳାବାଘ ଦେଖିଛନ୍ତି। କିନ୍ତୁ ଏବିଷୟରେ କୌଣସି ପ୍ରାମଣିକ ତଥ୍ୟ ନଥିଲା। ୧୯୯୩ ମସିହା ଜୁଲାଇ ମାସରେ ସେଠିକାର ଜଣେ ଆଦିବାସୀ ବାଳକ ଆତ୍ମରକ୍ଷା ନିମନ୍ତେ ତୀରରେ କାଳାବାଘଟିଏ ମାରି ଆତ୍ମସମର୍ପଣ କରିବାରୁ ବିଧିବଦ୍ଧ ଭାବେ ପ୍ରାମାଣିକ ତଥ୍ୟ ସହ ଶିମିଳିପାଳ ଜଙ୍ଗଲରେ କଳା ବାଘ ଥିବା କଥା ଜଣାପଡ଼ିଲା।

କ୍ୟାମେରା ଟ୍ରାପ ପଦ୍ଧତିରେ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନ୍‌ଟିସିଏ) ଦ୍ୱାରା ପ୍ରତି ଚାରିବର୍ଷ ଅନ୍ତରରେ କରାଯାଇଥିବା ସର୍ବେକ୍ଷଣରେ ଶିମିଳିପାଳ ଜଙ୍ଗଲରେ ମାତ୍ର ୧୭ ରୁ ୨୯ ମଧ୍ୟରେ ବାଘ ରହିଥିବାର ଜଣାପଡ଼ିଛି ସିନା କଳାବାଘ ସଂପର୍କରେ କିଛି ସୂଚନା ମିଳିନାହିଁ। ପ୍ରଥମ କରି ୨୦୨୨ ମସିହାରେ କ୍ୟାମେରା ଟ୍ରାପ ପଦ୍ଧତିରେ କରାଯାଇଥିବା ବାଘ ଗଣନା ରିପୋର୍ଟ ପ୍ରକାଶିତ ହେଲା ପରେ ଜଣାଗଲା ଶିମିଳିପାଳ ବନାଞ୍ଚଳରେ ଠାବ କରାଯାଇଥିବା ମୋଟ ୧୭ ଟି ବାଘଙ୍କ ମଧ୍ୟରୁ ୧୦ଟି ହେଉଛନ୍ତି କଳାବାଘ। ସେହିବର୍ଷ ରାଜ୍ୟସଭାରେ ଦେଶର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଏକ ପ୍ରଶ୍ନର ଉତ୍ତର ଦେଇ କହିଥିଲେ, ଓଡ଼ିଶାର ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପରେ ୧୦ଟି କଳାବାଘ ଠାବ କରାଯାଇଛି। କେବଳ ଆମ ଦେଶର ଅନ୍ୟ ବ୍ୟାଘ୍ର ପ୍ରକଳ୍ପରେ ନୁହେଁ, ସମଗ୍ର ବିଶ୍ୱରେ ମଧ୍ୟ ଅନ୍ୟତ୍ର କଳା ବାଘ ଦେଖିବାକୁ ବିରଳ। ୨୦୨୩-୨୪ ମସିହାରେ ରାଜ୍ୟ ବନ୍ୟପ୍ରାଣୀ କର୍ତ୍ତୃପକ୍ଷ ନିଜସ୍ୱ ଉଦ୍ୟମରେ ପ୍ରାୟ ୧୫୦୦ କ୍ୟାମେରା ବସାଇ କରିଥିବା ଗଣନାରୁ ଜଣାପଡ଼ିଛି ଯେ ଏବେ ଶିମିଳିପାଳରେ ୨୭ଟି ବାଘ ଅଛନ୍ତି। ତନ୍ମଧ୍ୟରୁ ୬ଟି କୃଷ୍ଣକାୟ ବାଘ ଓ ୭ ଟି କୃଷ୍ଣକାୟ ବାଘୁଣୀ। ଏହାଛଡ଼ା କେତେକ କୃଷ୍ଣକାୟ ବାଘ ଛୁଆ ଥିବାର ମଧ୍ୟ ଦୃଷ୍ଟିଗୋଚର ହୋଇଛି। ଦେଖିବାକୁ ଗଲେ କଳାବାଘ ସଂଖ୍ୟା ୫୦ ପ୍ରତିଶତରୁ ଟପିଗଲାଣି।

ବାସ୍ତବିକ୍ କଳାବାଘ କୌଣସି ଅଲଗା ପ୍ରଜାତି ନୁହେଁ। ବରଂ ସାଧାରଣ ରଙ୍ଗର। ଅର୍ଥାତ୍ ସୁନା ପରି ହଳଦିଆ ରଙ୍ଗର ଦେହରେ ସରୁ ସରୁ କଳା ପଟିଥିବା ମହାବଳ ବାଘର ଏହା ଏକ ବର୍ଣ୍ଣ ବ୍ୟତିକ୍ରମ। ମେଲାନିନ୍ ଏକ ପ୍ରାକୃତିକ କଳାରଙ୍ଗର ରଞ୍ଜକ। ଶରୀରରେ ମେଲାନିନ୍ ବା 'କୃଷ୍ଣବର୍ଣ୍ଣ' ଅତ୍ୟଧିକ ଭାବରେ ଉତ୍ପାଦିତ ହେଲେ କ୍ରୋମୋଜୋମ୍ ବା ଗୁଣସୂତ୍ରରେ ଜିନୀୟ ପରିବର୍ତ୍ତନ ଘଟିଥାଏ। ଏହାକୁ 'ସ୍ୟୁଡୋ ମେଲାନିଜିମ୍' କୁହାଯାଏ। ଏହି ପରିବର୍ତ୍ତନ ଦ୍ୱାରା ବାଘ ଶରୀରରେ ଦେଖାଯାଉଥିବା କଳା କଳା ପଟିର ଚଉଡ଼ା ବୃଦ୍ଧି ପାଇ ପରସ୍ପର ସହିତ ମିଶିଯାଏ। ଫଳରେ ଚମଡ଼ାର ରଙ୍ଗରେ ଏକ ବିଶେଷ ପରିବର୍ତ୍ତନ ଘଟି ପ୍ରାୟତଃ କଳା ଦେଖାଯାଏ। ଟାକ୍‌ପେପ୍ ନାମକ ଏକ ଜିନ ବିଲେଇ ପରିବାର ସଦସ୍ୟମାନଙ୍କର ଚର୍ମର ରଙ୍ଗ ବଦଳାଇବା କ୍ଷେତ୍ରରେ ବିଶେଷ ଭାବେ ପ୍ରଭାବିତ କରିଥାଏ।

ଏହାଭିତରେ ଶିମିଳିପାଳ ଜଙ୍ଗଲରେ ବାଘଙ୍କ ସଂଖ୍ୟା ବେଶ୍ କମିଯାଇଥିଲା। କରିଡର ବା ସଂଯୋଗ ପଥ ଅଭାବରୁ ସେମାନେ ଅନ୍ୟ ଜଙ୍ଗଲର ବାଘଙ୍କଠାରୁ ଅଲଗା, ବିଚ୍ଛିନ୍ନ ହୋଇ ରହୁଛନ୍ତି। ୨୦୧୦ ବାଘ ଗଣନାରେ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ୮ଟି ବାଘ ଥିବାର ଦର୍ଶାଯାଇଥିଲା। ଏବେ ସେଠାରେ ବାଘ ସଂଖ୍ୟା ଶୂନ୍ୟ। ଓଡ଼ିଶାର ଅନ୍ୟ ଜଙ୍ଗଲରେ ମଧ୍ୟ ପ୍ରାୟତଃ ବାଘ ନାହାନ୍ତି କହିଲେ ଚଳେ। ଏକ ଦ୍ୱୀପ ସଦୃଶ ଶିମିଳିପାଳ ବନାଞ୍ଚଳର ଆବଦ୍ଧ ହୋଇ ରହିବା ଫଳରେ ନିଜ ନିଜ ଭିତରେ ଆନ୍ତଃ ପ୍ରଜନନ ଘଟୁଛି ଓ ଏହିପରି ବର୍ଣ୍ଣ ବିଭ୍ରାଟ ଦେଖାଯାଉଛି। ଏହି କାରଣରୁ ସମଗୋତ୍ରରେ ବା ରକ୍ତ ସଂପର୍କ ଥିବା କ୍ଷେତ୍ରରେ ଆମ ସମାଜରେ ବିବାହ କରାଯାଏ ନାହିଁ। ଆନ୍ତଃ-ପ୍ରଜନନ ହେତୁ ଅବସାଦଗ୍ରସ୍ତ ହେବା ଫଳରେ କଳାବାଘ ପ୍ରାୟତଃ ନିଃସ୍ପୃହ ଏବଂ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ପ୍ରତି ଆଘାତପ୍ରବଣ। ଏମାନଙ୍କ ଭିତରେ ଜିନୀୟ ବିବିଧତା କ୍ରମଶଃ କ୍ଷୀଣ ହୋଇ ଯାଉଥିବାରୁ ଜଳବାୟୁ ପରିବର୍ତ୍ତନ କାରଣରୁ ସୃଷ୍ଟି ହେଉଥିବା ରୋଗ ଓ ଅନ୍ୟାନ୍ୟ ପାରିପାର୍ଶ୍ୱିକ ଚାପ ସହିତ ଖାପଖୁଆଇ ଚଳିବା ସେମାନଙ୍କ ପକ୍ଷେ କଷ୍ଟକର। ଏହି ଅବସ୍ଥା ଚାଲୁ ରହିଲେ ସୁଦୂର ଭବିଷ୍ୟତରେ ବାଘ ବଂଶ ଶିମିଳିପାଳରୁ ସଂପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇପାରେ।

ଅନେକ ପ୍ରାଣୀ ବିଶେଷଜ୍ଞଙ୍କ ମତରେ କଳାବାଘର ଆକୃତି ସାଧାରଣ ମହାବଳ ବାଘଠାରୁ ଛୋଟ ହୋଇଥିବାରୁ ଶିକାର କରିବା ପାଇଁ ଏହା ହୁଏତ ବାଧକ ସାଜିପାରେ। ଦ୍ୱିତୀୟତଃ, ସେମାନଙ୍କର ପ୍ରଜନନ କ୍ଷମତା ମଧ୍ୟ ଅପେକ୍ଷାକୃତ କମ ବୋଲି କୁହାଯାଏ। ଶିମିଳିପାଳରେ ବାଘବଂଶର ସଂରକ୍ଷଣ ଓ ଅଭିବୃଦ୍ଧି ନିମନ୍ତେ କଳାବାଘ କ୍ଷେତ୍ରରେ ଜିନୀୟ ବିବିଧତା ହ୍ରାସ ଘଟଣା, ବନ୍ୟ ପ୍ରାଣୀ ବିଭାଗ ପାଇଁ ଏକ ବିଶେଷ ଆହ୍ୱାନ। ଜିନୀୟ ବିବଧତା ବୃଦ୍ଧି ପାଇଁ ପଦକ୍ଷେପ ସ୍ୱରୂପ ମହାରାଷ୍ଟ୍ରର ତରଭା ବା ଅନ୍ଧେରୀ ଜଙ୍ଗଲରୁ ଦୁଇଟି ବାଘୁଣୀ ଯମୁନା ଓ ଜୀନତ୍‌ଙ୍କୁ ଆଣି ଶିମିଳିପାଳରେ ଛଡ଼ାଯିବା ଏକ ସମୟୋଚିତ ପଦକ୍ଷେପ।

(ଓଡ଼ିଶାର ପୂର୍ବତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

# ଦୃଷ୍ଟିକୋଣ ବଦଳୁଛି

**ଡ. ବିରଜା ରାଉତରାୟ**

ସମୟ ଥିଲା, ଶାରୀରିକ ଅବା ମାନସିକ ଅକ୍ଷମତା ସାମାଜିକ ଦୃଷ୍ଟିରେ ବର୍ଜ୍ୟବସ୍ତୁ ପରି ଅଖୋଜା, ଅଲୋଡ଼ା ଓ ଅଦରକାରୀ ଭାବେ ବିବେଚିତ ହେଉଥିଲା। ଏହାସହିତ ପୁଣି ଯୋଡ଼ି ହୋଇଯାଇଥିଲା ରୂଢ଼ିବାଦୀ ମାନସିକତା, ଅସହିଷ୍ଣୁତା ଓ ଅନ୍ଧବିଶ୍ୱାସ। ମାନବ ସଭ୍ୟତାର ବିକାଶ ଯାତ୍ରାରେ ଧୀରେ ଧୀରେ ସମାଜର ମୁଖ୍ୟସ୍ରୋତରୁ ବିଚ୍ଛିନ୍ନ ରହିଯାଇଥିବା ମଣିଷକୁ ଭିନ୍ନ ମାନବୀୟ ଚକ୍ଷୁରେ ବିଚାର କରିବା ପ୍ରକ୍ରିୟାର ସୂତ୍ରପାତ ହେଲା। ମାନବିକ ଅଧିକାରକୁ ନେଇ ସଚେତନତା ସୃଷ୍ଟି ସହ ଆଇନ ପ୍ରଣୟନ ହେଲା ଏବଂ ସ୍ୱୀକୃତି ମଧ୍ୟ ମିଳିଲା। ଏହିସବୁ ସାମାଜିକ ସଂସ୍କାରଧର୍ମୀ ବିବର୍ତ୍ତନ ମୁଖ୍ୟତଃ ଦଶନ୍ଧି ଦଶନ୍ଧି ଧରି ସାମାଜିକ କର୍ମୀ ଓ ମାନବିକ ସଂଗଠନମାନଙ୍କର ନିରବଚ୍ଛିନ୍ନ ଆନ୍ଦୋଳନର ଫଳଶ୍ରୁତି। ଏହିକ୍ରମରେ ସମାଜର ଭିନ୍ନକ୍ଷମମାନଙ୍କ ପ୍ରତି ପୂର୍ବରୁ ରହିଥିବା ଅବଧାରଣା ଓ ଦୃଷ୍ଟିକୋଣ ମଧ୍ୟ ଆଇନଗତ ବ୍ୟବସ୍ଥାରେ ପରିଶୋଧିତ ହୋଇପାରିଛି। ମୋଟାମୋଟି କହିବାକୁ ଗଲେ ଭିନ୍ନକ୍ଷମଙ୍କ ପ୍ରତି ଦୃଷ୍ଟିକୋଣ ବଦଳୁଛି।

ଭିନ୍ନକ୍ଷମମାନଙ୍କ ପ୍ରତି ଏହି ଦୀର୍ଘ ନ୍ୟାୟିକ ଯାତ୍ରାରେ ଦୁଇ ଦୁଇ ଥର ସ୍ୱତନ୍ତ୍ର ଆଇନ୍ ପାରିତ ହୋଇଛି। ପ୍ରଥମଥର ଏ ଦିଗରେ ଭିନ୍ନକ୍ଷମଙ୍କ ନିମନ୍ତେ (ସମାନ ସୁଯୋଗ, ଅଧିକାର ସୁରକ୍ଷା ଓ ପୂର୍ଣ୍ଣ ଅଂଶଗ୍ରହଣ) ଅଧିନିୟମ ୧୯୯୫ ମସିହାରେ ପାରିତ ହୋଇ କାର୍ଯ୍ୟକାରୀ ହୋଇଥିଲା। ଏହା ପ୍ରାଥମିକ ଭାବେ ଭିନ୍ନକ୍ଷମଙ୍କୁ ବିଭିନ୍ନ କ୍ଷେତ୍ରରେ ସଂରକ୍ଷଣ, ସୁବିଧା, ସୁଯୋଗ ଓ ଅଧିକାରକୁ ସୁନିଶ୍ଚିତ କରାଇଥିଲା। ସାମାଜିକ ଦୃଷ୍ଟିରେ ସମବେଦନା, ଅନୁକମ୍ପା ଓ ଦୟାର ପାତ୍ରରୁ ଅଧିକାର ଓ ହକ୍ ପର୍ଯ୍ୟାୟକୁ ଉନ୍ନୀତ କରାଇଲା। ପ୍ରଥମ କରି ଏହି ଆଇନ ବଳରେ ଭିନ୍ନକ୍ଷମମାନଙ୍କୁ ଅନ୍ୟ ନାଗରିକଙ୍କ ପରି ସମାଜରେ ସମାନ ସୁଯୋଗ, ଅଧିକାର ସୁରକ୍ଷା ଓ ପୂର୍ଣ୍ଣ ଅଂଶଗ୍ରହଣ ସହିତ ସମ୍ବିଧାନ ପ୍ରଦତ୍ତ ଧାରା ୧୪ ଓ ୨୧ ମୁତାବକ ସମାନତା ଓ ଆତ୍ମସମ୍ମାନପୂର୍ଣ୍ଣ ଜୀବନଯାପନ ନିମନ୍ତେ ଅଧିନିୟମ ପ୍ରଣୀତ ହୋଇଥିଲା। ମାତ୍ର ଉକ୍ତ ଆଇନ୍‌ରେ କେତେଗୁଡ଼ିଏ ଦୁର୍ବଳ ଦିଗ ରହିଥିବାରୁ ଏହାର ପ୍ରତିବଦଳରେ ଏକ ସଶକ୍ତ ଓ ପ୍ରଭାବଶାଳୀ ଆଇନ୍ ପ୍ରଣୟନ ନିମନ୍ତେ ବିଭିନ୍ନ ସଂଗଠନ ଓ ସାମାଜିକକର୍ମୀ ଦାବି କରି ଆସୁଥିଲେ। ୨୦୦୬ ମସିହା ମିଳିତ ଜାତିସଂଘର ସାଧାରଣ ଅଧିବେଶନରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ଅଧିକାର ଆଧାରିତ ପ୍ରସ୍ତାବ ଗୃହୀତ ହେଇଥିଲା। ଯାହା ଏ ଦିଗରେ ଏକ ଶକ୍ତିଶାଳୀ ଓ ଦୃଢ଼ ଆଇନ ପ୍ରଣୟନ ନିମନ୍ତେ ମାର୍ଗ ଉନ୍ମୋଚନ କରିଥିଲା। ଜାତିସଂଘର ଉକ୍ତ ଘୋଷଣାନାମାର ଏକ ସ୍ୱାକ୍ଷରକାରୀ ଦେଶ ଭାବେ ପୂର୍ବୋକ୍ତ ୧୯୯୫ ଆଇନ୍‌ଠାରୁ ଏକ ଉନ୍ନତ ବିଧେୟକ ୨୦୧୬ ମସିହାରେ ଆମ ଦେଶରେ ପାରିତ ହୋଇସାରିଛି, ଯାହା ନୂତନ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ଅଧିକାର ଅଧିନିୟମ-୨୦୧୬ ରୂପେ ଏକ ସ୍ୱତନ୍ତ୍ର ଆଇନର ମାନ୍ୟତା ଲାଭ କରିଛି।

ଏସବୁ ବିଧିବିଧାନ ସତ୍ତ୍ୱେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ବାସ୍ତବ ମୁଖ୍ୟସ୍ରୋତର ଜୀବନଧାରାରେ ପ୍ରବେଶ କରାଇବା କେବଳ ଆଇନଗତ ବ୍ୟବସ୍ଥା ଦ୍ୱାରା ସମ୍ଭବ ନୁହେଁ। କାରଣ ଆଇନ୍ ପ୍ରଦତ୍ତ ସୁବିଧା, ସୁଯୋଗ ଓ ସୁରକ୍ଷା ଯଦି ଅଣଲେଉଟା ରହିଯାଏ ଏବଂ ଅବଶିଷ୍ଟ ଜନତାଙ୍କଠାରୁ ଅପହଞ୍ଚ ହୋଇ ରହେ, ତେବେ ଆଇନ୍‌ର ଲକ୍ଷ୍ୟ ସୁଦୂରପରାହତ ହୋଇରହିଯିବ। ନୂତନ ଭିନ୍ନକ୍ଷମ ଆଇନ ପ୍ରଣୟନର ଏହି ଦୀର୍ଘବର୍ଷର ବ୍ୟବଧାନ ପରେ ଯଦିଓ ଉପଲବ୍ଧି ସେତେଟା ନିରାଶାଜନକ ନୁହେଁ, କିନ୍ତୁ ଏହାକୁ ଆମେ ଆଶାଜନକ ବୋଲି ମଧ୍ୟ କହିପାରିବା ନାହିଁ।

ଦୃଷ୍ଟିକୋଣ ନିଶ୍ଚୟ ବଦଳୁଛି। ଏହା ଆମକୁ ସନ୍ତୋଷପ୍ରଦ ନ ହେଲେ ସୁଦ୍ଧା ସ୍ୱୀକାର କରିବାକୁ ହେବ। ଶିକ୍ଷାଗ୍ରହଣ ଓ ନିଯୁକ୍ତି ପରି କ୍ଷେତ୍ରରେ ସଂରକ୍ଷଣଠାରୁ ସାମାଜିକ ସୁରକ୍ଷା, ବିବିଧ ପ୍ରୋତ୍ସାହନ, ପେନସନ୍ ଓ ଅନ୍ୟାନ୍ୟ ପ୍ରାବଧାନ ସମାଜର ଏହି ପ୍ରଚଳିତ ନକାରାତ୍ମକ ଦୃଷ୍ଟିକୋଣକୁ ଅନେକାଂଶରେ ମାର୍ଜିତ କରିବାରେ ସହାୟକ ହୋଉଛି - ଏହା ନିଃସନ୍ଦେହ। କିନ୍ତୁ ଏ କଥା ଅବଶ୍ୟ କହିହେବ, ଏବେ ଯେଉଁ ପ୍ରତିଟି କଥାରେ ଏକ ସମ୍ମିଳିତ ସମାଜ ବା ଇନ୍‌କ୍ଲୁସିଭ୍ ସୋସାଇଟି ବିଷୟ ଆମେ ଉତ୍ଥାପନ କରୁଛେ, ସେହି ଲକ୍ଷ୍ୟଠାରୁ ଆମେ ଅନେକ କୋଷ ଦୂରରେ ରହିଛୁ। କାରଣ ଏକ ସମ୍ମିଳିତ ସମାଜ ଦୟା, ଅନୁକମ୍ପା କିମ୍ବା ଆଇନଗତ ଅଧିକାରର ସ୍ତମ୍ଭ ଉପରେ ଗଢ଼ା ହୋଇପାରିବ ନାହିଁ। ଏକ ସମାବେଶୀ ସମ୍ବେଦୀ ଦୃଷ୍ଟିକୋଣ ବହନ କରୁଥିବା ସମାଜକୁ ହିଁ ଆମେ ଯଥାର୍ଥରେ ସମ୍ମିଳିତ ସମାଜ କହି ପାରିବା।

ଏଠାରେ ପହଞ୍ଚିବାକୁ ଗଲେ ସଚେତନତା, ସମ୍ବେଦନଶୀଳତା ଓ ସହାଭାଗିତା ପରି ତିନୋଟି ପର୍ଯ୍ୟାୟ ଉପରେ ପାଦ ଥାପି ସମାଜକୁ ଆଗୁସାର ହେବାକୁ ପଡ଼ିବ। ସମାଜର ମୁଖ୍ୟସ୍ରୋତରେ ସମ୍ପୂର୍ଣ୍ଣ ଅଂଶୀଦାର ହୋଇପାରି ନ ଥିବା ଏହି ପଛୁଆ ଭିନ୍ନକ୍ଷମବର୍ଗଙ୍କୁ ଆଇନଗତ ଅଧିକାର ସମ୍ପର୍କିତ ସଚେତନତାର ଆବଶ୍ୟକତା ଯେପରି ରହିଛି, ବୃହତ୍ତର ସମାଜର ମଧ୍ୟ ସେହିପରି ରହିଛି। ଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସମାଜର ଏକ ସମ୍ମାନଯୁକ୍ତ ଏକକ ମଣିଷ ଭାବେ ବିଚାର କରିବା ପାଇଁ ଆବଶ୍ୟକ ସମ୍ବେଦନଶୀଳତାର ଉଦ୍ରେକ ହେବାକୁ ପଡ଼ିବ। ଅନ୍ୟଥା ଆଇନ ଓ ବିଜ୍ଞାନର ଅଭିଯାତ୍ରା ସତ୍ତ୍ୱେ ବି ଯୁଗଯୁଗର ପ୍ରଥାବଦ୍ଧ କୁସଂସ୍କାର ଓ ଅଭିସମ୍ପାତର କଳଙ୍କ ଓ ବୋଝରୁ ଭିନ୍ନକ୍ଷମଟିଏ ନିଷ୍କୃତି ପାଇବା ଦୁରୁହ ବ୍ୟାପାର ହୋଇ ରହିଥିବ।

ସଚେତନତା ଓ ସମ୍ବେଦନଶୀଳତାର ବ୍ୟାପକ ଓ ସଘନ ଉପସ୍ଥିତି ରହିଲେ ସହାଭାଗିତା ଆପଣାଛାଏଁ ସୃଷ୍ଟି ହେବ। ସହାଭାଗିତାର ଅର୍ଥ ଜଣେ ସାଧାରଣ ବ୍ୟକ୍ତି ଅନ୍ୟଜଣେ ଭିନ୍ନକ୍ଷମ ବ୍ୟକ୍ତିକୁ ନିଜ ପରି ଏକ ବ୍ୟକ୍ତିସତ୍ତା ବୋଲି ମନେକରିବ। ଅର୍ଥାତ୍ ପ୍ରତିଟି କ୍ଷେତ୍ରରେ ଘରଠାରୁ ବିଦ୍ୟାଳୟ, କାର୍ଯ୍ୟାଳୟଠାରୁ ବ୍ୟବସାୟ ପ୍ରତିଷ୍ଠାନ ଏବଂ ସମସ୍ତ ସାମାଜିକ ଅନୁଷ୍ଠାନରେ ଏହି ସହାଭାଗିତାର ଭାବ ଉଦୟ ହେବ। ସେତେବେଳେ ହିଁ ଆମେ ଯଥାର୍ଥରେ ଏକ ସମ୍ମିଳିତ ସମାଜର ଚିତ୍ରକୁ ଚାକ୍ଷୁସ କରିପାରିବା।

ମାଧପୁର(କେନ୍ଦ୍ରାପଡ଼ା)
ମୋ: ୯୬୫୮୮୧୦୨୪୪

# ଜୀବନର ବିବିଧକାଳ ଓ ମସ୍ତିଷ୍କ

**ଶ୍ରୀନନ**

## ବିଜ୍ଞାନ ବାର୍ତ୍ତା



ଜୀବନ କାଳକୁ ସାଧାରଣତଃ ଆମେ ଚାରିଭାଗରେ ବିଭକ୍ତ କରୁ - ଶୈଶବ, ଯୌବନ ପ୍ରୌଢ଼ ଓ ବାର୍ଦ୍ଧକ୍ୟ। ପ୍ରଥମଟି ଜନ୍ମ ସମୟରୁ ୧୬ ବର୍ଷ ମଧ୍ୟରେ ଆସିଲା ବେଳେ ଅବଶିଷ୍ଟ ତିନୋଟି ଯଥାକ୍ରମେ ୧୬ ରୁ ୩୦, ୩୦ ରୁ ୬୦ ଏବଂ ୬୦ ବର୍ଷରୁ ଅଧିକ ବୋଲି ଗଣନା କରାଯାଏ। ଆମ ସମ୍ବିଧାନ ଅନୁସାରେ ୧୮ ବର୍ଷରେ ଜଣେ ପ୍ରାପ୍ତବୟସ୍କ ବୋଲି ଗଣନା ହୁଏ। ସେଥିପାଇଁ ତା'କୁ ଭୋଟ ଦେବାର ଅଧିକାର ମିଳେ। ତେବେ ନିକଟରେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ଗବେଷକମାନେ ବୟସ ଅନୁଯାୟୀ ମସ୍ତିଷ୍କରେ ଆସୁଥିବା ପରିବର୍ତ୍ତନକୁ ଅଧ୍ୟୟନ କରି ଜୀବନ କାଳକୁ ଭିନ୍ନ ଭାବେ ବିଭକ୍ତ କରିଛନ୍ତି ଏବଂ ୧୮ ପରିବର୍ତ୍ତେ ୩୨ ବର୍ଷକୁ 'ପ୍ରାପ୍ତବୟସ୍କ' ବୋଲି ସୂଚୀତ କରିଛନ୍ତି।

କେମ୍ବ୍ରିଜର ଗବେଷକମାନଙ୍କ ଏହି ଅଧ୍ୟୟନର ଅର୍ନ୍ତଭୁକ୍ତ ହୋଇଥିଲେ ପ୍ରାୟ ୪ ହଜାର ବିଭିନ୍ନ ବୟସର (୯୦ ବର୍ଷ ପର୍ଯ୍ୟନ୍ତ ବୟସ) ଲୋକ। ବୟାସାନୁକ୍ରମେ ମୁଖ୍ୟତଃ ମସ୍ତିଷ୍କର କାର୍ଯ୍ୟଦକ୍ଷତା ଏବଂ ସେଥିର ଆସୁଥିବା ପରିବର୍ତ୍ତନମାନ ଅଧ୍ୟୟନ କରିବା ଥିଲା ଏହାର ଲକ୍ଷ୍ୟ। ଏ ସମ୍ପର୍କରେ ସେମାନେ ପ୍ରବନ୍ଧଟିଏ ପ୍ରକାଶ କରିଛନ୍ତି 'ନେଚର କମ୍ୟୁନିକେସନ୍' ପ୍ରତିକାରେ। ତଦନୁଯାୟୀ ଜନ୍ମ ସମୟରୁ ୯ ବର୍ଷ ପର୍ଯ୍ୟନ୍ତ ବୟସକୁ 'ଶୈଶବ' ବା 'ବାଲ୍ୟକାଳ' ବୋଲି କୁହାଯାଇପାରିବ। ଏ ସମୟରେ ମସ୍ତିଷ୍କ ଦ୍ରୁତଗତିରେ ପରିବର୍ଦ୍ଧିତ ହୁଏ। କିନ୍ତୁ ତହିଁରେ ଥିବା ଅଣବ୍ୟବହୃତ ସଂଯୋଗଗୁଡ଼ିକ ନିଷ୍କାସନ କରିଦିଏ। ଏ ପ୍ରକ୍ରିୟା ସାମୟିକ ଭାବେ ଏହାର ଦକ୍ଷତା ଉପରେ କିଛିଟା ବାଧା ସୃଷ୍ଟି କରେ।

ଏହାପରେ ୯ ବର୍ଷରୁ ୩୨ ବର୍ଷ ମଧ୍ୟରେ ଆସେ କୈଶୋର, ଯାହାକି ଜୀବନର ପ୍ରଧାନ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନର କାଳ। ତେତେବେଳେ ମସ୍ତିଷ୍କରେ ବ୍ୟାପକ ପରିବର୍ତ୍ତନ ଆସେ ଏବଂ ତାହା ହଠାତ୍ ଖୁବ୍ ଦକ୍ଷ ହୋଇପଡ଼େ। ଏହି ସମୟ ମଧ୍ୟରେ ବିବିଧ ହର୍ମୋନର କ୍ଷରଣ ବୃଦ୍ଧି ପାଏ, ବିଶେଷକରି ଲିଙ୍ଗୀୟ ହର୍ମୋନ୍‌ଗୁଡ଼ିକର। ଉଦାହରଣ ସ୍ୱରୂପ ନାରୀଠାରେ 'ଓଷ୍ଟ୍ରୋଜେନ' ଓ ପୁରୁଷଠାରେ 'ଟେଷ୍ଟୋଷ୍ଟେରନ'ର କ୍ଷରଣ ଫଳରେ ସେମାନଙ୍କ ଶାରୀରିକ ଗଠନରେ ବିଭେଦତା ପରିଲକ୍ଷିତ ହୁଏ। ଚଯାପଯନ, ଆଚରଣ, ସ୍ୱର ଇତ୍ୟାଦି ଭିନ୍ନ ଭିନ୍ନ ହୁଏ। ଏହିସମୟ ମଧ୍ୟରେ ମସ୍ତିଷ୍କରେ ଅସଂଗତି ସୃଷ୍ଟି ହେବାର ଆଶଙ୍କା ମଧ୍ୟ ସର୍ବାଧିକ।

ଜୀବନର ତୃତୀୟ ପର୍ଯ୍ୟାୟଟି ହେଲା ପ୍ରାପ୍ତ ବୟସ୍କ କାଳ। ଏହା ଆସେ ୩୨ରୁ ୬୬ ବର୍ଷ ବୟସ ମଧ୍ୟରେ। ଏହା ସବୁଠାରୁ ଦୀର୍ଘତମ, ଯାହାକି ପ୍ରାୟ ୩ ଦଶକ ପର୍ଯ୍ୟନ୍ତ ବିସ୍ତୃତ। ଏ ସମୟରେ ମସ୍ତିଷ୍କର ଦକ୍ଷତା କ୍ରମଶଃ ନିମ୍ନଗାମୀ ହେବାକୁ ଲାଗେ। ଅତଏବ ବୁଦ୍ଧିମତ୍ତା ମଧ୍ୟ ଧୀରେ ଧୀରେ ହ୍ରାସ ପାଇଚାଲେ ଏବଂ ବିବିଧ ହରମୋନର କ୍ଷରଣ ନିମ୍ନଗାମୀ ତଥା ଶାରୀରିକ କ୍ରିୟାପ୍ରକ୍ରିୟା ମନ୍ଥର ହେବାକୁ ଆରମ୍ଭ କରେ। ଏହାପରେ ୬୬ ବର୍ଷ ବର୍ଷରୁ ୮୩ ବର୍ଷ ବୟସକୁ ଗବେଷକମାନେ 'ଆଦ୍ୟ ବାର୍ଦ୍ଧକ୍ୟ' ବୋଲି ନାମିତ କରିଛନ୍ତି। ଏସମୟରେ ମସ୍ତିଷ୍କର ସ୍ନାୟୁମାନଙ୍କ ସଂଯୋଗର ରୂପ କ୍ରମେ ବଦଳିବାକୁ ଲାଗେ। ଯଦିଓ ତାହା ହଠାତ୍ ନିମ୍ନଗାମୀହୁଏ ନାହିଁ, ତଥାପି ତାହା ସ୍ମୃତିହୀନତା ଆସିବାର ସୂଚନା ଦିଏ ଏବଂ ମସ୍ତିଷ୍କର ସ୍ୱାସ୍ଥ୍ୟ ଉପରେ ରକ୍ତଚାପର ପ୍ରଭାବ ଦୃଶ୍ୟମାନ ହୁଏ। ଶେଷରେ ୮୩ ବର୍ଷ ପରବର୍ତ୍ତୀ ବୟସ ହେଲା 'ବିଳମ୍ବିତ ବାର୍ଦ୍ଧକ୍ୟ କାଳ'। ଜୀବନର ଏହି ଶେଷ ଅବସ୍ଥାରେ ମସ୍ତିଷ୍କରେ ଦ୍ରୁତ ପରିବର୍ତ୍ତନ ଆସେ। ତାହା ସ୍ମୃତିଶକ୍ତି, ଚିନ୍ତନ ଶକ୍ତି ତଥା ସ୍ୱାସ୍ଥ୍ୟ ଉପରେ ଅନ୍ୟାନ୍ୟ ପ୍ରଭାବ ପକାଏ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## କ୍ଷମତାଠାରୁ କମ ଲୁହାପଥର ଉତ୍ତୋଳନ ପ୍ରସଙ୍ଗ

# ଖଣିଜ ଦ୍ରବ୍ୟ ଉତ୍ତୋଳନ ପରିମାଣ ଜଣାଇବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୨୨।୧୨(ସମିସ): ଖଣିଗୁଡ଼ିକରୁ ଅନୁମତି ଅନୁସାରେ ଉପଯୁକ୍ତ ପରିମାଣର ଖଣିଜ ଦ୍ରବ୍ୟ ଉତ୍ତୋଳନ କରାଯାଉ ନଥିବା କାରଣରୁ ରାଜସ୍ୱ ହାନି ଘଟୁଥିବା ପ୍ରସଙ୍ଗ ନେଇ ଦାୟର ମାମଲାରେ ସରକାରଙ୍କୁ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଲିଜ୍ ସର୍ତ୍ତ ଅନୁସାରେ କେଉଁ ଲିଜଧାରୀ କେତେ ପରିମାଣର ଖଣିଜଦ୍ରବ୍ୟ ଉତ୍ତୋଳନ କରିଛନ୍ତି, ସତ୍ୟପାଠ ମାଧ୍ୟମରେ ସରକାର ଜଣାଇବେ ବୋଲି କହିଛନ୍ତି ଅଦାଲତ। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ସିଟିଜେନ୍ସ ଆକ୍ସନ୍ ଫୋରମ ପକ୍ଷରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ୨୦୨୬ ଜାନୁଆରି ୮କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ମାମଲାରୁ ପ୍ରକାଶ ଯେ ରାଜ୍ୟରେ ୬୩ଟି ବୈଧ ଲୁହାପଥର ଖଣିରୁ ପରିବେଶ ମଞ୍ଜୁରୀ ଅନୁସାରେ ବାର୍ଷିକ ପ୍ରାୟ ୨୪୬ ମିଲିୟନ ଟନ୍ ଆଇରନ୍ ଓର୍ ଉତ୍ପାଦନ କରାଯିବା କଥା। କିନ୍ତୁ ୨୦୨୪-୨୫ ଆର୍ଥିକ ବର୍ଷରେ ମାତ୍ର ୧୫୯ ମିଲିଅନ ଟନ୍ ଖଣିଜ ଦ୍ରବ୍ୟ ଏହି ସବୁ ଖଣିରୁ ଉତ୍ପାଦନ କରାଯାଇଛି। ଲିଜ୍ ଚୁକ୍ତିନାମାରେ ଉଲ୍ଲେଖ ପରିମାଣଠାରୁ କମ୍ ଲୁହାପଥର ଉତ୍ତୋଳନ କରୁଥିବା ଲିଜଧାରୀଙ୍କ ବିରୋଧରେ ସରକାର ୨୦୧୬ର ନିୟମାବଳୀର ନିୟମ-୧୨ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା। କାରଣ ଲିଜ୍ ସର୍ତ୍ତରେ ଉଲ୍ଲେଖ ପରିମାଣଠାରୁ କମ ପରିମାଣର ଖଣିଜ ଦ୍ରବ୍ୟ ଉତ୍ତୋଳନ ଦ୍ୱାରା ରାଜ୍ୟ ସରକାର ପ୍ରତିବର୍ଷ ୧ ହଜାର କୋଟି ଟଙ୍କା ହରାଉଛନ୍ତି। ତେଣୁ, ଯେଉଁ ଲିଜଧାରୀ ଏପରି କ୍ଷମତାଠାରୁ କମ୍ ପରିମାଣର ଖଣିଜ ଦ୍ରବ୍ୟ ଉତ୍ତୋଳନ କରୁଛନ୍ତି, ସେମାନଙ୍କ ବିରୋଧରେ ନିୟମ ଅନୁସାରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ସରକାରଙ୍କ ତରଫରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି।

## ରୋଗୀ ମୃତ୍ୟୁ ଅଭିଯୋଗ ପରେ ପ୍ରଶାସନର କାର୍ଯ୍ୟାନୁଷ୍ଠାନ

# ସିଲ୍ ହେଲା ମୁନ୍ ହସ୍ପିଟାଲ

ବ୍ରହ୍ମପୁର,୨୨।୧୨(ସମିସ): ନୂଆ ବସ୍‌ଷ୍ଟାଣ୍ଡ ରୋଡ୍‌ରେ ଥିବା ଘରୋଇ ମୁନ ହସ୍ପିଟାଲକୁ ପ୍ରଶାସନ ସିଲ୍ କରିଦେଇଛି। ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗ ପରେ ପ୍ରଶାସନ ଏପରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସେଠାରେ ଚିକିତ୍ସାଧୀନ ଥିବା ସମସ୍ତ ରୋଗୀଙ୍କୁ ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯିବା ପରେ ହସ୍ପିଟାଲକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସିଲ୍ କରିଦିଆଯାଇଛି। ଏହି ଘଟଣାରେ ଅଧିକ ଖୋଳତାଡ଼ ଜାରି ରହିଛି।

ସୂଚନାନୁସାରେ, ଜରଡ଼ା ଥାନା ଅନ୍ତର୍ଗତ ତୁମ୍ବାଗଡ଼ ପଞ୍ଚାୟତର ସିନ୍ଦୁରାବଡ଼ା ଗ୍ରାମର ବିଜୟ ପ୍ରଧାନ (୩୦) ଦୁଇଦିନ ପୂର୍ବେ ଦୁର୍ଘଟଣାରେ ଆହତ ହୋଇଥିଲେ। ତୁମ୍ବା ମେଡ଼ିକାଲରେ ପ୍ରାଥମିକ ଚିକିତ୍ସା ପରେ ସେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ଚିକିତ୍ସା ନିମନ୍ତେ ଆସିଥିଲେ। ଏଠାରେ ଜଣେ ବ୍ୟକ୍ତି ନିଜକୁ ମୁନ ହସ୍ପିଟାଲର କର୍ମଚାରୀ ଦର୍ଶାଇ ତାଙ୍କୁ ଉକ୍ତ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରିଥିଲେ। ସେଠାରେ ଶନିବାର ରାତିରେ ବିଜୟଙ୍କ ଅସ୍ତ୍ରୋପଚାର କରାଯିବା ପାଇଁ କୁହାଗଲା। ରାତିରେ ଅସ୍ତ୍ରୋପଚାର କରିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ନିଶ୍ଚେତକ ଦେବା ପରେ ଡାକ୍ତର ଅସ୍ତ୍ରୋପଚାର ଜାରି ରହିଥିବା ବେଳେ ବିଜୟଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଥିଲା। ଏହି ସମୟରେ ହସ୍ପିଟାଲ କର୍ତ୍ତୃପକ୍ଷ ସେଠାରେ ତାଙ୍କର ଚିକିତ୍ସା କରିବା




ପରିବର୍ତ୍ତେ ନିଜେ ଏକ ଆମ୍ବୁଲାନ୍ସ ଯୋଗେ ପୁନଃ ବଡ଼ମେଡ଼ିକାଲକୁ ନେଇଯାଇଥିଲେ। ସେଠାରେ ଡାକ୍ତର ବିଜୟଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମୁନ୍ ହସ୍ପିଟାଲରେ ଭୁଲ ଆନାସ୍ଥେସିଆ ଦିଆଯିବା ଯୋଗୁଁ ବିଜୟଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଅପରେସନ ବେଳେ ଗୁରୁତର ହେବାରୁ ମେଡ଼ିକାଲ କର୍ତ୍ତୃପକ୍ଷ ତରବରିଆ ଭାବେ ବିଜୟଙ୍କ ସମ୍ପର୍କୀୟଙ୍କଠାରୁ ଜୋରଜବରଦସ୍ତ ଦସ୍ତଖତ ନେଇଥିବା ପରିବାରବର୍ଗ ଅଭିଯୋଗ କରିଛନ୍ତି।

ବିଜୟଙ୍କ ଶବ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଓ ସମ୍ପର୍କୀୟ ମୁନ ହସ୍ପିଟାଲରେ ଦୀର୍ଘ ସମୟ ଧରି ଧାରଣାରେ ବସିଥିଲେ। ଏନେଇ ଗଞ୍ଜାମ ଜିଲ୍ଲାପାଳ ତୁରନ୍ତ ହସ୍ତକ୍ଷେପ କରି ମୃତକଙ୍କ ପରିବାରକୁ ରେଡକ୍ରସରୁ ୩୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ମୁନ୍ ହସ୍ପିଟାଲରେ ଥିବା ସମସ୍ତ ରୋଗୀଙ୍କୁ ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏହାପରେ ହସ୍ପିଟାଲକୁ ପ୍ରଶାସନ ପକ୍ଷରୁ ସିଲ୍ କରି ଦିଆଯାଇଥିଲା। ସହରରେ ବେଆଇନ ଓ ମନମାନି କରି ଚଳାଉଥିବା ସମସ୍ତ ଘରୋଇ ମେଡ଼ିକାଲ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଏନେଇ ପ୍ରଶାସନିକ ସ୍ତରରେ ମଧ୍ୟ ଆଲୋଚନା ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଏନେଇ ଜିଲ୍ଲାପାଳ ରିପୋର୍ଟ ତଲବ କରିଥିବା ବେଳେ ରିପୋର୍ଟ ଆଧାରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ବ୍ରହ୍ମପୁର ଉପ-ଜିଲ୍ଲାପାଳ ଅବିନାଶ କୁମାର।

# ଥାନା ଅଧିକାରୀଙ୍କୁ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ



ଅନୁଗୋଳ,୨୨।୧୨(ସମିସ): ଅନୁଗୋଳ ସାଇବର ଥାନା ଅଧିକାରୀଙ୍କୁ ରାତି ଅଧରେ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ କରାଯାଇଛି। ଅନୁଗୋଳ ସହରରେ ବୁଢ଼ୀ ଠାକୁରାଣୀ ଛକ ନିକଟରେ ରବିବାର ରାତିରେ ଏହି ଘଟଣା ଘଟିଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁସାରେ, ଅନୁଗୋଳ ସାଇବର ଥାନା ଅଧିକାରୀ ଖଲେଶ୍ୱର ସେଠୀ ଗତ ରାତି ପ୍ରାୟ ସାଢ଼େ ୧୧ଟାରେ ଡ୍ୟୁଟି ସାରି ଥାନାରୁ ଫେରୁଥିଲେ। ବୁଢ଼ୀ ଠାକୁରାଣୀ ଛକ ନିକଟରେ ଏକ ବସ୍ (ନଂ-ଓଡି୦୫-ଏବି୧୭୬୫) ତାଙ୍କ ଉପରକୁ ମାଡ଼ି ଆସିଥିଲା। ଚାଳକଜଣଙ୍କ ତାଙ୍କ ଉପରେ ବସ୍ ଚଢ଼ାଇ ହତ୍ୟା ଉଦ୍ୟମ କରିଥିଲା। ତେବେ ଇନ୍ସପେକ୍ଟର୍ ଶ୍ରୀ ସେଠୀ ରାସ୍ତାକଡ଼କୁ ଚାଲିଯିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ପରେ ଡ୍ରାଇଭର୍ ଓ ତାଙ୍କର ଅନ୍ୟ ଦୁଇ ସହଯୋଗୀ ଗାଡ଼ିରୁ ଓହ୍ଲାଇ ତାଙ୍କୁ ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ଏ ସମ୍ପର୍କରେ ଇନ୍ସପେକ୍ଟର୍ ଶ୍ରୀ ସେଠୀ ଅନୁଗୋଳ ଥାନାକୁ ଜଣାଇଥିଲେ। ପୁଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା।

## ରୋଗୀଙ୍କୁ ନିମ୍ନମାନର ଖାଦ୍ୟ ଯୋଗାଣ

# ହାଇକୋର୍ଟଙ୍କ ଜବାବ ତଲବ

କଟକ, ୨୨।୧୨(ସମିସ): ବଲାଙ୍ଗୀରର ଶରଦେଶ୍ୱରୀ ସରକାରୀ ଆୟୁର୍ବେଦ କଲେଜ ଏବଂ ହସ୍ପିଟାଲରେ ରୋଗୀଙ୍କୁ ନିମ୍ନମାନର ଖାଦ୍ୟଯୋଗାଣ ତଥା ବିଭିନ୍ନ ଅନିୟମିତତା ପ୍ରସଙ୍ଗରେ ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟ ଜବାବ ତଲବ କରିଛନ୍ତି। ଆଇନଜୀବୀ ଆଶୁତୋଷ ଷଡ଼ଙ୍ଗୀଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଅଭିଯୋଗ କରିଛନ୍ତି ଯେ ଏହି ହସ୍ପିଟାଲରେ ଔଷଧଗୁଡ଼ିକ କେବଳ କାଗଜକଲମରେ କିଣାଯାଏ ଏବଂ ଏଠାରେ ସବୁବେଳେ ଔଷଧର ଅଭାବ ରହିଥାଏ। ହସ୍ପିଟାଲର ଭିତର ରୋଗୀଙ୍କ ପାଇଁ ଖାଦ୍ୟ ଯୋଗାଣ ପାଇଁ କୌଣସି ଖୋଲା ଟେଣ୍ଡର ଜାରି କରାଯାଇନାହିଁ। ଗତ ୮ ବର୍ଷ ଧରି ହସ୍ପିଟାଲର ଭିତର ରୋଗୀଙ୍କ ପାଇଁ ଖାଦ୍ୟ ସାମଗ୍ରୀ ଯୋଗାଣ ପାଇଁ ଜଣେ ବ୍ୟକ୍ତିଙ୍କୁ ଚୁକ୍ତିନାମା ଦିଆଯାଇଛି। ରୋଗୀଙ୍କୁ ନିମ୍ନମାନର ଖାଦ୍ୟ ବିତରଣ କରାଯାଉଥିବା ଅଭିଯୋଗ କରିଛନ୍ତି ଆବେଦନାକାରୀ। କ୍ୟାମ୍ପସରେ ଧନ୍ୱନ୍ତରୀ ମନ୍ଦିର ନିର୍ମାଣ ପାଇଁ କୋଠା ନିର୍ମାଣ ନାମରେ ୟୁଜି, ପିଜି ଏବଂ ପିଏଚଡି ଛାତ୍ରମାନଙ୍କଠାରୁ ଜୋରଜବରଦସ୍ତ ଚାନ୍ଦା ଆଦାୟ କରାଯାଉଛି। ହଷ୍ଟେଲ ଉଦ୍ଦେଶ୍ୟରେ ଏକ ଘରୋଇ ବାସସ୍ଥାନ ଭଡ଼ାରେ ନିଆଯାଇଛି, ଯେଉଁଠାରେ କୌଣସି ଛାତ୍ର କେବେ ରହିନାହାନ୍ତି ବୋଲି ଦର୍ଶାଯାଇଛି। ଏକ ସ୍ୱାଧୀନ ସଂସ୍ଥା ଦ୍ୱାରା ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ପ୍ରାର୍ଥନା କରାଯାଇଛି।

OFFICE OF THE PANCHAYAT SAMITI, BEGUNIAPADA
ODISHA, PIN-761031, Email: ori-kodala@nic.in
Lt No. 4121, Dated 18.12.2025 i-435

**e- PROCUREMENT NOTICE**
**BID IDENTIFICATION No.BPADAPS-1/2025-26**

The Block Development Officer,Beguniapada on behalf of Governor of Odisha invites percentage rate bids in single cover system from eligible class contractor registered with the State Govt. and bidders of equivalent grade/ class registered with central Govt./ MES/Railways according to norm of e-procurement system in online mode for the work as per DTCN.

1. Name of the Work :- CIVIL WORKS
2. Number of Work 04Nos.
3. Estimated cost :- As per DTCN
4. Period of Completion :- As per DTCN
5. Date and Time of availability of Bid Document in the Portal : From 10.00AM of Dt. 20/12/2025 to 5.00PM of Dt. 16/1/2026
6. Last date and time for receipt of Bid in the Portal :- 5.00PM of Dt. 16/1/2026
7. The bid received online shall be opened on 11.30 AM of dtd. 19/1/2026

Name and Address of the Officer inviting Bid: Block Bevelopment Officer,Beguniapada
Further details can be seen from the Procurement Portal: www.tendersorissa.gov.in

Block Development Officer,
Beguniapada

OIPR-19417/11/0010/2526

Email ID - eeliangul@gmail.com CAD-2798
ODISHA LIFT IRRIGATION CORPORATION LIMITED
(A Government of Odisha Undertaking)
OFFICE OF THE EXECUTIVE ENGINEER, L.I. DIVISION, ANGUL
e- Tender Notice
**Bid Identification No E.E. ANGUL (OLIC) 04/2025-26 Date 20.12.2025**

The Executive Engineer, Lift Irrigation Division, Angul, Odisha, invites tender on behalf of the Managing Director, OLIC Ltd,. Bhubaneswar through e-procurement in shape of **percentage rate** bids in online mode only for the work "**Revival & Reinforcement** of following L.I. Projects under **Athamallik, Kaniha, Kishorenagar & Talcher** blocks in Angul district on turn-key basis as detailed in the table below. The contractors must have valid Civil license of requisite class as per the Tender Call Notice and valid H.T. license and validity of both the licenses should be for a period at least 1 month from the date of the opening of the tender. Valid Joint Venture agreement should be made between Civil and Electrical Licences in case of separate Licences, where Civil Licence holder will be treated as prime contractor as because of the evaluation to be done under the capacity of PWD Contractor. The H.T. Electrical License should be issued by E.L.B.O. & Valid Civil Licence should be registered within the State, issued by PWD/ PHED/ RWSS/ Irrigation/ M.I. Deptt./ Rural works. The scanned copy of the joint venture agreement should be uploaded along with the bid, any deviations found will be summarily rejected. The bids should be submitted online on the website: www.tendersodisha.gov.in.

1. Name of Works : Revival and Reinforcement of River Lift Projects with supply of all materials on Turnkey basis.
2. Total Nos. of Packages : 7 Nos
3. Approximate Estimated Cost: Rs. 7.612 Lakh to Rs. 14.141 Lakh
4. Class of Contractor : "D" &"C" valid civil Class with H.T. valid Licence.
5. Period of completion : 90 Days from the date of issue of work order.
6. Other details as follows.

| Procurement Officer | Bid Identification No | Availability of tender On-line for bidding | | Last date & time of seeking tender clarification | Date & Time of Opening of tender in the office of the Executive Engineer, L.I. Division, Angul |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 7 |
| Executive Engineer, L.I. Division, Angul | 04/2025-26 | 24.12.2025 10.00 AM | 02.01.2026 Up to 5.00 PM | 30.12.2026 Up to 5.00 PM | 03.01.2026 11.00 AM |

- Details can be seen from the Website www.tendersorissa.gov.in / www.angul.odisha.gov.in.
- Any Corrigendum/ Addendum will be displayed in the above website only.

Sd/-
(Er. Debaraj Sethi)
Executive Engineer,
L.I. Division, Angul

OIPR-32547/11/0005/2526

GOVERNMENT OF ODISHA B-879
OFFICE OF THE SUPERINTENDING ENGINEER
GANJAM (R&D) DIVISION NO.I BERHAMPUR
Phone/Fax:(0680) 2233683.e-mail :sernb1.ganjam@yahoo.com

"e" Procurement Notice
Bid identification No. SE R&B Divn. No. I Bam. 44/2025-26, Lr No. 14795, dtd. 19.12.2025

| | | |
|---|---|---|
| Name of work | : | E.I & Civil Work. |
| No of works | : | 12 (Twelve) Nos |
| Estimated Cost | : | Approximately Rs.1.62 to 47.47 Lakh |
| Period of completion. | : | One and Three Calendar Months. |
| Date and time of Availability of bid document in the portal. | : | From 10.00 hours of 24.12.2025 to 16.00 hours of 31.12.2025. |
| Last date / time for receipt of bids in the portal | : | Upto 16.00 hours of 31.12.2025 |
| Name & address of the Officer Inviting Bid | : | Superintending Engineer, Ganjam(R&B)Division No.I, Berhampur. |

Further details can be seen from the e-Procurement portal https://tendersodisha.gov.in

Superintending Engineer
Ganjam(R&B)Division No.I
Berhampur

OIPR-34109/11/0072/2526

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନିଲାମ ହେବ ରାଜ୍ୟ...

ମାଙ୍ଗାନିଜ, ଡୋଲୋମାଇଟ, ଲାଇମଷ୍ଟୋନ, ଲାଟେରାଇଟ, ତମ୍ବା ଓ ସୁନା ଆଦି ମୂଲ୍ୟବାନ୍ ଖଣି ରହିଛି। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୪ଟି କ୍ରିଟିକାଲ ଖଣିଜ ବ୍ଲକ(କମ୍ପୋଜିଟ ଲାଇସେନ୍ସ) ମଧ୍ୟ ଅନ୍ତର୍ଭୁକ୍ତ ଅଛି। ତନ୍ମଧ୍ୟରେ କଳାହାଣ୍ଡିର ୨ଟି ଓ ରାୟଗଡାରେ ୧ଟି ଗ୍ରାଫାଇଟ ଖଣି ଥିବାବେଳେ ମୟୂରଭଞ୍ଜର ଏକ ସୁନା ଖଣି ମଧ୍ୟ ଅନ୍ତର୍ଭୁକ୍ତ ଅଛି। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୨ଟି କ୍ରିଟିକାଲ ଖଣିଜ ବ୍ଲକ(ଏକ୍ସପ୍ଲୋରେସନ ଲାଇସେନ୍ସ) ମଧ୍ୟ ସାମିଲ କରିଛି ଖଣି ବିଭାଗ। ଅପରପକ୍ଷେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୬ଟି କ୍ରିଟିକାଲ ଖଣିଜ ବ୍ଲକ(ମାଇନିଂ ଲିଜ) ସାମିଲ ଥିବାବେଳେ ଏଥିରେ ବଲାଙ୍ଗୀର ୩ଟି, ଦେବଗଡ, ନୟାଗଡ ଓ ରାୟଗଡାର ଗୋଟିଏ ଲେଖାଏଁ ବ୍ଲକ ସାମିଲ ରହିଛି। ଏସବୁ ବ୍ଲକ ଗୁଡ଼ିକ ମୁଖ୍ୟତଃ ମାଙ୍ଗାନିଜ, ଗ୍ରାଫାଇଟ, ବେସ ମେଟାଲ(କପର, ନିକେଲ, ଗୋଲ୍ଡ, ସିଲଭର) ଓ ଗ୍ରାଫାଇଟ ପରି ଖଣି ସାମିଲ ରହିଛି। ସେହିପରି ଭାବେ ୨୦୨୬-୨୭ ପାଇଁ ଅତିରିକ୍ତ ୨ଟି ଖଣିଜ ବ୍ଲକ(କମ୍ପୋଜିଟ ମେଟାଲ) କୁ ମଧ୍ୟ ତାଲିକାରେ ସାମିଲ କରାଯାଇଥିବା ଜଣାପଡ଼ିଛି।

### ୨୪ ନୂଆ ଏନ୍‌ଏସି...

ଜିଲ୍ଲାର ଗୋଦିଆ, ଗଞ୍ଜାମ ଜିଲ୍ଲାର ଜଗନ୍ନାଥ ପ୍ରସାଦ, ପାତ୍ରପୁର, କଳାହାଣ୍ଡି ଜିଲ୍ଲାର ନର୍ଲା, ଜୟପାଟଣା, ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ, କୋରାପୁଟର ବୋରିଗୁମା, ମୟୂରଭଞ୍ଜର ବେତନଟୀ, ବାଙ୍ଗିରିପୋଷି, ଚିତ୍ରଡ଼ା, କପ୍ତିପଦା, ରାସଗୋବିନ୍ଦପୁର ଆଦି ରହିଛି। ସେହିପରି ରାୟଗଡ଼ା ଜିଲ୍ଲାର ବିଷମକଟକ, ସମ୍ବଲପୁର ଜିଲ୍ଲାର ବାମରା, ରେଙ୍ଗାଲି ଓ ସୁବର୍ଣ୍ଣପୁର ଜିଲ୍ଲାର ବିରମହାରାଜପୁରକୁ ନୂତନ ଏନ୍‌ଏସି ନେଇ ତାଲିକା ଜାରି ହୋଇଛି।

ସେହିପରି ପ୍ରକାଶିତ ଚିଠା ବିଜ୍ଞପ୍ତି ତାଲିକାରେ ମ୍ୟୁନିସିପାଲିଟି ଭାବେ ବୌଦ୍ଧ ଜିଲ୍ଲାର ବୌଦ୍ଧଗଡ଼, ଗଞ୍ଜାମର ଭଞ୍ଜନଗର, କବିସୂର୍ଯ୍ୟ ନଗର ଓ ପୋଲସରା ଏବଂ ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ଆଦି ରହିଛି। ରାଜ୍ୟ ସରକାରଙ୍କ ଏହି ତାଲିକା ପରେ ଏବେ ନୂତନ ଏନ୍‌ଏସି ଗଠନ ଚୂଡ଼ାନ୍ତ ହୋଇଛି। ଏହାପରେ ସରକାରୀ ପ୍ରକ୍ରିୟା ଆରମ୍ଭ ହେବ ଏନ୍‌ଏସି ଓ ମ୍ୟୁନସିପାଲଟି ଗଠନ ପାଇଁ ପଦବୀ ମଞ୍ଜୁରୀ ସହିତ ବିଭିନ୍ନ କାର୍ଯ୍ୟାଳୟ ପାଇଁ ଜମି ଅଧିଗ୍ରହଣ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରାଯିବ। ଏହାସହିତ ଅର୍ଥ ବିଭାଗ ପକ୍ଷରୁ ଏବେ ଏହି ସ୍ଥାନଗୁଡ଼ିକ ପାଇଁ ଅର୍ଥ ମଧ୍ୟ ବ୍ୟୟବରାଦ କରାଯିବ।

### ୫% କମିଶନରେ...

ଅନୁଯାୟୀ, ଗୟାଜୀର କଳା ସଂସ୍କୃତି କେନ୍ଦ୍ରରେ ନବନିର୍ବାଚିତ ବିଧାୟକଙ୍କ ସମ୍ମାନରେ ରବିବାର ଆୟୋଜିତ କାର୍ଯ୍ୟକ୍ରମରେ ମାନ୍‌ଝୀ ସାମିଲ ହୋଇଥିଲେ। ଏଠାରେ ସେ ନିଜ ପୁଅ ସନ୍ତୋଷ କୁମାର ସୁମନ ପାଇଁ ରାଜ୍ୟସଭା ସିଟ୍ ଦାବି କରିଥିଲେ। ଏହା ନ ମିଳିଲେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସରକାରର ମନ୍ତ୍ରୀ ପଦ ଛାଡ଼ିଦେବାକୁ ପରାମର୍ଶ ଦେଇଥିଲେ। ଆଉ କହିଥିଲେ ଯେ ସାଂସଦ ଏବଂ ବିଧାୟକ କମିଶନ ନେଉଛନ୍ତି। ସାଂସଦଙ୍କୁ ୫ କୋଟି ଟଙ୍କାର ପାଣ୍ଠି ମିଳୁଛି। ଏଥିରୁ ୧୦ ପ୍ରତିଶତ କମିଶନ ନେବା ସାଧାରଣ କଥା। ସେ ନିଜେ ୪୦ ଲକ୍ଷ ଟଙ୍କା କମିଶନ ନେଇ ଦଳୀୟ ପାଣ୍ଠିକୁ ଦାନ କରି ଦେଇଥିଲେ। ଯଦି ୧୦ ପ୍ରତିଶତ କମିଶନ ନ ମିଳୁଛି ତେବେ ୫ ପ୍ରତିଶତ ନେଇଯିବା କଥା। ଏବେ ଆମ ଦଳରେ ଜଣେ ସାଂସଦ ଅଛନ୍ତି। ତେଣୁ ୪୦ ଲକ୍ଷ ଟଙ୍କା କମିଶନ ମିଳୁଛି। ସାଂସଦ ସଂଖ୍ୟା ଦୁଇ ହୋଇଗଲେ ୮୦ ଲକ୍ଷ ଟଙ୍କା ମିଳିବ। ଏହା ସହିତ ମାନଝୀ କମିଶନ ବାବଦ ଅର୍ଥକୁ ଦଳକୁ ଦାନ କରିବା ପାଇଁ ବିଧାୟକମାନଙ୍କୁ କହିଛନ୍ତି।

### ମା' ସମେତ...

ଏହାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ପରିବାରର ତିନିଜଣଙ୍କ ଏକାସାଙ୍ଗେ ମୃତ୍ୟୁ ହୋଇଥିଲେ ହେଁ କେମିତି କେହି ରାତିରେ ଜାଣି ପାରିଲେ ନାହିଁ, ତାହା ଆଲୋଚନାର ବିଷୟ ହୋଇଛି। ଖାଦ୍ୟରେ ବିଷକ୍ରିୟା କିମ୍ବା ନିଆଁଧୂଆଁରେ ଅଣନିଶ୍ୱାସୀ ହୋଇ ସେମାନଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ତେବେ ଏହା ପଛରେ କିଛି ଷଡ଼୍‌ଯନ୍ତ୍ର ରହିଥିବା ଦିଗକୁ ମଧ୍ୟ ପୁଲିସ ଏଡ଼ାଇ ପାରୁନାହିଁ।

### ରାଜଧାନୀରେ ୧୫...

ଏହିକ୍ରମରେ ମାଲକାନଗିରି ଜିଲ୍ଲାର ୧୫ ଜଣ ମାଓବାଦୀ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହେବାକୁ ନିଷ୍ପତ୍ତି ନେଇଛନ୍ତି। ସେମାନଙ୍କ ମଧ୍ୟରୁ ମିଲିସିଆ, ପାର୍ଟି ମେମ୍ବରଙ୍କ ଠାରୁ ଆରମ୍ଭ କରି ଅନ୍ୟାନ୍ୟ କ୍ୟାଡର୍ ମାଓବାଦୀ ରହିଛନ୍ତି। ସୂଚନା ଅନୁସାରେ ଏହି ବ୍ୟକ୍ତିମାନେ ସିଧାସଳଖ ମାଓ କାର୍ଯ୍ୟକଳାପ ସହ ଜଡ଼ିତ ଅଛନ୍ତି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ତେବେ ମାଓବାଦୀମାନଙ୍କ ସହ ଏମାନଙ୍କର ସମ୍ପର୍କ ଥିବା ଏବଂ ବିଭିନ୍ନ ସମୟରେ ସେମାନେ ମାଓବାଦୀମାନଙ୍କୁ ସହାୟତା କରିଥିବା ତଥ୍ୟ ପୁଲିସ ନିକଟରେ ରହିଛି। ମାଓବାଦୀଙ୍କ ସହ ସମ୍ପର୍କ ତୁଟାଇ ସମାଜର ମୁଖ୍ୟ ସ୍ରୋତକୁ ଫେରିଲେ ସରକାରଙ୍କଠାରୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ ବୋଲି ସେମାନଙ୍କୁ ପୁଲିସ ଆଶ୍ୱାସନା ଦେବା ପରେ ସେମାନେ ଆତ୍ମସମର୍ପଣ ନିମନ୍ତେ ରାଜି ହୋଇଛନ୍ତି।

### ସରକାର ଓ ସରକାରୀ...

ପ୍ରଦାନକାରୀ ସଂସ୍ଥାମାନଙ୍କ ନାମ ଉଲ୍ଲେଖ ଥିବାବେଳେ ପିଏସ୍‌ୟୁ ଉଲ୍ଲେଖ କରାଯାଇ ନାହିଁ। ଏଣୁ ନୂତନ ନିୟମର ପୁନଃ ସଂଶୋଧନ ବିନା ବୟସ ବୃଦ୍ଧି କରାଯାଇ ପାରିବ ନାହିଁ। ବୟସ ବୃଦ୍ଧିକୁ ସରକାର ଐତିହାସିକ ନିଷ୍ପତ୍ତି କହୁଥିବା ବେଳେ ପିଏସ୍‌ୟୁମାନେ କିପରି ପାଳନ କରୁନାହାନ୍ତି ବୋଲି ଆଶାୟୀମାନେ ପ୍ରଶ୍ନ କରୁଛନ୍ତି।

ଓଏଚ୍‌ପିସି ପକ୍ଷରୁ ଶେଷଥର ପାଇଁ ୨୦୨୨ରେ ପ୍ରକାଶିତ ବିଜ୍ଞପ୍ତିରେ ସର୍ବୋଚ୍ଚ ବୟସ ସୀମା ୩୮ ବର୍ଷ ଥିଲା। ଚଳିତଥର ଏହାକୁ ବଢ଼ାଇବା ବଦଳରେ କମାଇ ଦିଆଯାଇଛି। କୋଭିଡ୍ ପାଇଁ ୨୦୨୨ରେ ବୟସ ସୀମାରେ କୋହଳ କରାଯାଇଥିଲା ଏବଂ ଏହାକୁ ଚଳିତ ଥର ଉଠାଇ ଦିଆଯାଇ ୩୨ ବର୍ଷ କରାଯାଇଥିବା ଓଏଚ୍‌ପିସି କର୍ତ୍ତୃପକ୍ଷ ସଫେଇ ଦେଉଛନ୍ତି। ଓଏଚ୍‌ପିସି ବୟସ ବୃଦ୍ଧି ନ କରିବା ବିରୋଧରେ ବହୁ ଆଶାୟୀ ଗତ ମାସରେ ରାଜ୍ୟପାଳଙ୍କ ସମେତ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଓଏଚ୍‌ପିସି ଏମ୍‌ଡିଙ୍କୁ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ଏଯାଏଁ କୌଣସି ସୁଫଳ ମିଳିନାହିଁ। ରାଜ୍ୟରେ ମୋଟ୍ ୩୧ ଟି ସରକାରୀ ଉଦ୍ୟୋଗ ଥିବାବେଳେ ସମୁଦାୟ ୨୫ ହଜାର ୨୯୩ ଟି ମଞ୍ଜୁରୀପ୍ରାପ୍ତ ପଦ ରହିଛି। ତନ୍ମଧ୍ୟରେ ମାତ୍ର ୯୮୫୩ ଜଣ ନିୟମିତ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ଅର୍ଥାତ୍ ଆହୁରି ୧୫ ହଜାର ୪୪୦ ଟି ପଦରେ ନିଯୁକ୍ତି ହେବ। ବୟସ ବୃଦ୍ଧି କରା ନ ଗଲେ ବହୁ ଦିନରୁ ପ୍ରସ୍ତୁତି କରୁଥିବା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପୁଣି ଅନ୍ଧକାରମୟ ହୋଇଯିବ ବୋଲି ଆଶାୟୀ ସୁନିଲ କୁମାର ମିଶ୍ର ଅଭିଯୋଗ କରିଛନ୍ତି। ତୁରନ୍ତ ସରକାର ଏହି ବିଷୟକୁ ଗୁରୁତ୍ୱର ସହ ଗ୍ରହଣ କରି ନିଯୁକ୍ତି ବୟସ ବୃଦ୍ଧି କରିବା ପାଇଁ ପିଏସ୍‌ୟୁଗୁଡ଼ିକୁ ନିର୍ଦ୍ଦେଶ ଦେବାକୁ ଆଶାୟୀମାନେ ଦାବି କରିଛନ୍ତି।

**AFFIDAVIT**

By virtue of an affidavit sworn before Executive Magistrate, Khordha dated 20.12.2025. I Narottam Jena, S/o- Late Upendra Jena, permanent resident of Vill: Dhanasumulia P.S: Jaleswar, Dist Baleswar, Odisha - 756084 declare that I have changed my Daughter Name from Bandita Jena to Jyotirmayee Jena, Henceforth she shall be known as **Jyotirmayee Jena** for all purposes.

Sd/- Narottam Jena

**AFFIDAVIT**

By virtue of an affidavit sworn before the Notary Public, Sonepur, dtd. 20.12.2025, I, Sudam Meher, Vill- Sagarpali, P.O. Mallikmunda, P.S. Sonepur, Dist. Subarnapur hereby declare that my daughter's correct name is **JAGNYASENI MEHER**. But it wrongly mentioned as JAGNAYASENI MEHER in her Aadhaar Card. That JAGNYASENI MEHER & JAGNAYASENI MEHER is one and the same person.

**AFFIDAVIT**

By virtue of an affidavit sworn before Notary Public Badamba on 20.12.2025, I Ex-Hav Ramesh Chandra Swain, resident of Vill- Majhipatana, Po- Gopapur, Ps- Badamba Dist- Cuttack, Odisha, PIN- 754031, declare that I have changed my spouse date of birth from 28.04.1968 to **04.07.1972** for all purposes.

**AFFIDAVIT**

By virtue of an affidavit (CF No. 01, dtd- 18/12/2025) sworn before the Executive Magistrate, Padampur. I, **Sukarma Mallik,** S/o- Daman Mallik, permanent & current resident of AT- Sambalpuri, PO- Saraikela, Dist- Bargarh, PIN- 768036, Odisha declare that I have changed my minor daughter's name from **Tanuja Mallik to Tanaya Mallik.** Henceforth, she shall be known as **Tanaya Mallik** (new name) for all purposes.

**Sukarma Mallik**

**AFFIDAVIT**

By virtue of an affidavit sworn before the Notary Public, Jeypore, I JAYANT HARIRAM GOLANI, S/o Hariram Golani, resident of At- Vidya Nagar, 1st Lane, UGMIT Road, Po/Ps/DT- Rayagada, - 765001, Odisha declare by this Affidavit No.5421, Dated - 22/12/2025, that now onwards I shall be known as **JAYANT GOLANI** for all future purpose.

**LOST**

I, **Gayatri Choudhury,** D/o- late Surya Narayan Choudhury, Resident of At/PO/PS- Odagaon, Dist- Nayagarh, PIN- 752081, Odisha declare that I have passed B.Tech from Indira Gandhi institute of Technology, Sarang in the year of 2012. While travailing from Baramunda Chhak to Nayapalli in Bhubaneswar, I lost the original B.Tech Degree Certificate Regd. No. 0801105029 along with all semesters grade sheets (1st to 8th) issued by Biju Patnaik University of Technology, Odisha. After my best effort, it is unable to trace the same. If anyone found, please contact- 9438674102.

**Gayatri Choudhury**

**AFFIDAVIT**

By virtue of an affidavit sworn before Executive Magistrate, Badamba on 20.12.2025, I Ex-Hav Ramesh Chandra Swain, resident of Vill- Majhipatana, Po- Gopapur, Ps- Badamba Dist- Cuttack, Odisha, PIN- 754031, declare that I have changed my spouse name from Ranjeeta Swain to Ranjeeta Rani Swain. Henceforth, I shall be known as **RANJEETA RANI SWAIN** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Muniguda, vide no 1171, dated 20.12.2025 I, Lingaraj Gudumbaka, S/o - Late Ramsing Gudumbaka, residing at Bankili, PO - Telangapadar, PS - Muniguda, Dist - Rayagada Odisha declare that I have changed the name of my son from KAPILA GUDUMBAKA to KARAN GUDUMBAKA. Henceforth, he shall be known as KARAN GUDUMBAKA for all purposes.

Sd/- Lingaraj Gudumbaka

**LOST**

**MISSING OF ORIGINAL LINK DEEDS**

ମୁଁ, ଅଧିରାଜ ନାୟକ, ପିତା-ଜଗନ୍ନାଥ ନାୟକ, ମୋବାଇଲ ନଂ. ୯୮୫୩୬୧୫୯୬୬, ଜନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍ ରେ ଋଣ ନେବା ପାଇଁ ଜମି ବନ୍ଧକ ରଖିବାକୁ ଚାହୁଁଛି, ଯାହାରକି ଖାତା ନମ୍ବର ୧୫୯୩/୨୪୭୭, ପ୍ଲଟ୍ ନମ୍ବର ୯୩୯/୪୭୦୮ ଓ ପ୍ଲଟ୍ ନମ୍ବର ୯୪୦/୪୭୦୭, କିସମ୍-ଘରବାରି, ଭାଇଡ୍ ବିକ୍ରୟ ଡିଡ୍ ନମ୍ବର ୧୧୦୮୨୩୧୩୮୪୯, ତା ୧୩.୧୦.୨୦୨୩ ରିଖ, ମୌଜା- ଭୁବନେଶ୍ୱର ସହର, ୟୁନିଟ୍ ନଂ-୩୦, ଲକ୍ଷ୍ମୀସାଗର-୧, ପୋ-ଲକ୍ଷ୍ମୀସାଗର, ତହସିଲ-ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା। ମୂଳ ପୁରାତନ ଲିଙ୍କ୍ ଡିଡ୍ ଗୁଡ଼ିକ ଯାହାକି ଲକ୍ଷ୍ମୀସାଗର ଅଞ୍ଚଳରେ ତା୧୫.୧୨.୨୦୨୫ ରିଖରେ ହଜିଯାଇଛି ତାହା ନିମ୍ନରେ ଉଲ୍ଲେଖ କରାଯାଇଛି।

୧. ବିକ୍ରୟ ଡିଡ୍ ନଂ. ୧୩୭୩ ତା. ୧୬.୦୨.୨୦୦୪ ରିଖରେ ଶ୍ରୀ ବିଜୟ କେତନ ମହାପାତ୍ରଙ୍କ ସପକ୍ଷରେ ଶ୍ରୀମତୀ ବିଳାସ କୁମାରୀ ପଣ୍ଡାଙ୍କ ଦ୍ୱାରା ସମ୍ପାଦିତ।

୨. ବିକ୍ରୟ ଡିଡ୍ ନଂ. ୨୦୯୬ ତା. ୨୮.୦୨.୨୦୦୭ ରିଖରେ ଶ୍ରୀ ବିଜୟ କେତନ ମହାପାତ୍ରଙ୍କ ସପକ୍ଷରେ ଶ୍ରୀ ବିଜୟ କେତନ ସାହୁଙ୍କ ସପକ୍ଷରେ ସମ୍ପାଦିତ।

୩. ବିକ୍ରୟ ଡିଡ୍ ନଂ. ୬୦୦୫ ତା. ୧୯.୦୩.୨୦୧୦ ରିଖରେ ଶ୍ରୀ ଜଗନ୍ନାଥ ନାୟକଙ୍କ ସପକ୍ଷରେ ଶ୍ରୀ ବିଗ୍ରହ ସାହୁଙ୍କ ଦ୍ୱାରା ସମ୍ପାଦିତ।

୪. ଶ୍ରୀ ଦୀପକ କୁମାର ପାତ୍ରଙ୍କ ପକ୍ଷରୁ ଶ୍ରୀ ବିଜୟ କେତନ ମହାପାତ୍ରଙ୍କ ଦ୍ୱାରା ତା. ୨୭.୧୦.୨୦୦୬ ରିଖର ପାୱାର ଅଫ୍ ଆଟର୍ଣ୍ଣି ଡିଡ୍ ନଂ. ୧୦୮୯୭; ତା. ୨୦.୧୨.୨୦୨୫ ରିଖରେ ଭୁବନେଶ୍ୱରର ଲକ୍ଷ୍ମୀସାଗର ପୋଲିସ ଷ୍ଟେସନ୍‌ରେ ଏକ ହଜିବା ରିପୋର୍ଟ ଦାଖଲ କରାଯାଇଛି।

ଯଦି କୌଣସି ବ୍ୟକ୍ତିଙ୍କର ଉପରୋକ୍ତ ସମ୍ପତ୍ତି ସମ୍ପର୍କରେ କୌଣସି ଦାବି କିମ୍ବା ଆପତ୍ତି ଥାଏ, ତେବେ ସେମାନେ ଏହି ବିଜ୍ଞପ୍ତି ପ୍ରକାଶନ ତାରିଖରୁ ୭ (ସାତ) ଦିନ ମଧ୍ୟରେ ଜନ ସ୍ମଲ ଫାଇନାନ୍ସ ବ୍ୟାଙ୍କ / ଓକିଲଙ୍କ ସହିତ ଯୋଗାଯୋଗ କରିପାରିବେ।

ଓକିଲ- ଶ୍ରୀ ମାନସ ନାୟକ
ମୋବାଇଲ ନଂ.- ୮୯୦୮୨୫୭୧୧୩

**AFFIDAVIT**

By virtue of an affidavit before the Executive Magistrate, Bhubaneswar on Dated. 26.11.2025, I, Mangal Majhi, S/o- Damador Majhi, Village - Kolhadiha, Po-Gayalmunda, Ps- Anandapur, Dist- Kendujhar, Odisha, Pin-758021 do hereby declare that I have changed my daughter's name from Kumari Sonali Marandi to Sonali Majhi. Henceforth she will be known as **Sonali Majhi** for all purposes.

Sd/-MANGAL MAJHI

ୟୁକୋ ବ୍ୟାଙ୍କ

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍,
୨ୟ ମହଲା, ସି-୨, ଅଶୋକ ନଗର,
ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ହିଞ୍ଜିଳିକାଟୁ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ହିଞ୍ଜିଳିକାଟୁ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ। ଏତଦ୍ୱାରା **ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ହିଞ୍ଜିଳିକାଟୁ ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଫ୍ୟାଶନ୍ ବଜାର, ସ୍ୱତ୍ୱାଧିକାରୀ: ଶ୍ରୀ ସରୋଜ କୁମାର ପଣ୍ଡା, ପିତା: ଶ୍ରୀ ଦେବରାଜ ପଣ୍ଡା / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ରଞ୍ଜିତା ପଣ୍ଡା, ସ୍ୱାମୀ: ଶ୍ରୀ ସରୋଜ କୁମାର ପଣ୍ଡା, ଉଭୟଙ୍କ ଠିକଣା- ସା: ରାଧାକୃଷ୍ଣ ମାର୍ଗ, ପୋ: ହିଞ୍ଜିଳିକାଟୁ, ଜିଲ୍ଲା: ଗଞ୍ଜାମ-୭୬୧୧୦୨ | ଟ.୨୦,୭୮,୯୧୭/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୬.୦୫.୨୦୨୫ / ୨୦.୧୨.୨୦୨୫ | ଶ୍ରୀ ସରୋଜ କୁମାର ପଣ୍ଡା, ପିତା: ଶ୍ରୀ ଦେବରାଜ ପଣ୍ଡା, ସା: ରାଧାକୃଷ୍ଣ ମାର୍ଗ, ପୋ: ହିଞ୍ଜିଳିକାଟୁଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ହିଞ୍ଜିଳି, ତହସିଲ: ହିଞ୍ଜିଳିକାଟୁ, ଥାନା: ହିଞ୍ଜିଳି, ଜିଲ୍ଲା: ଗଞ୍ଜାମ-୭୬୧୧୦୨, ପ୍ଲଟ୍ ନଂ.: ୨୦୭୦/୭୭୧୮, ଖାତା ନଂ.: ୮୩୨/୨୭୯୧, କ୍ଷେତ୍ର: ଏକର୦.୦୩୩ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ଦଣ୍ଡପାଣି ସାହୁ, ଦକ୍ଷିଣ: ରାସ୍ତା, ପୂର୍ବ: ସରୋଜ କୁମାର ପଣ୍ଡା, ପଶ୍ଚିମ: ରାଜୁ ପଣ୍ଡା |

ସ୍ଥାନ: ଭୁବନେଶ୍ୱର, ତାରିଖ : ୨୨.୧୨.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

**NOTICE**

I, Kabita Maharana intends to create a via Mortgage or otherwise, on behalf of laminated Original title deeds for the property Mouza- Kantilo, Ps- Bhubaneswar, PS No.53, Tahasil- Jatni, Tahasil- No. 196, Dist.- Khordha, Khata No.323/495, Plot No.459/2289, Area- Ac0.072 dec. recorded in the name of Kabita Maharana and Manas Kumar Moharan.
Kabita Maharana wishes to create for availing a credit facility from State Bank of India, SME Center, Bhubaneswar, Branch Code-05042.
In case any party has any claim towards the said relevant property, the same should be lodged with the intending party and also with the above stated branch of State Bank of India, within 15 days from publication of this notice.

## ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

# କାର୍ଯ୍ୟକ୍ରମ ଆରମ୍ଭରେ ବିଳମ୍ବ ଯୋଗୁ ଫେରିଗଲେ ବିଧାୟକ

ଜଗତସିଂହପୁର,୨୨।୧୨(ସମିସ)



**ବିଭାଗୀୟ ଅଧିକାରୀଙ୍କୁ କଲେ ତାଗିଦ**

ଆଜି ପୂର୍ବାହ୍ନରେ ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡିଆ ଠାରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା - ୨୦୨୫ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଜ୍ୟୋତିଶଙ୍କର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ମୁଖ୍ୟଅତିଥି ଭାବରେ ସାଂସଦ ବିଭୂପ୍ରସାଦ ତରାଇ, ମୁଖ୍ୟବକ୍ତା ଭାବରେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ଏବଂ ସମ୍ମାନିତ ଅତିଥି ଭାବେ ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ଯୋଗଦାନ କରିଥିଲେ। ତେବେ ଏହି ମେଳାରେ ଯୋଗ ଦେବାକୁ ଆସିଥିବା ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ କାର୍ଯ୍ୟକ୍ରମ ଆରମ୍ଭରେ ବିଳମ୍ବ ଯୋଗୁ ସଭାସ୍ଥଳରୁ ଉଠି ପଳାଇଥିଲେ। ଆଗକୁ ସମୟାନୁବର୍ତ୍ତୀ ହେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିଥିଲେ ବିଧାୟକ ଶ୍ରୀ ଦାସ। ଉତ୍ସବରେ ମୁଖ୍ୟଅତିଥି ଶ୍ରୀ ତରାଇ ବିଭିନ୍ନ ଚାଷୀ ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, କାମଧେନୁ ଯୋଜନା, ଗୋଶାଳା ପ୍ରତିଷ୍ଠା, ପ୍ରାଣୀ ସମୃଦ୍ଧି ଯୋଜନା ତଥା ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ ଯୋଜନା ସମ୍ପର୍କରେ ସୂଚନା ଦେବା ସହିତ ଜଗତସିଂହପୁର ଜିଲ୍ଲାରେ ଏସବୁର ସଫଳ ରୂପାୟନ ପାଇଁ ପ୍ରଚେଷ୍ଟା କରିବାକୁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ମଧ ଅନୁରୂପ ଭାବେ ମତ୍ସ୍ୟ ଓ ପ୍ରାଣୀ ପାଳନ ବିଭାଗକୁ ପ୍ରଶଂସା କରିଥିଲେ ଏବଂ ବିଶେଷ କରି କୁକୁଡ଼ା ପାଳନ, ଘୁଷୁରି ପାଳନ ତଥା ମତ୍ସ୍ୟ ପାଳନକୁ ଗୁରୁତ୍ୱ ଦେବାକୁ କହିଥିଲେ। ପ୍ରାରମ୍ଭରେ ମୁଖ୍ୟ ଜିଲ୍ଲା ପ୍ରାଣିସମ୍ପଦ ଅଧିକାରୀ ଡା. ଅଜୟ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଜଗତସିଂହପୁର ଦେବବ୍ରତ ସାମଲ ଧନ୍ୟବାଦ୍ ଅର୍ପଣ କରିଥିଲେ।

ଦୁଇ ଦିନ ଧରି ହେବାକୁ ଥିବା ଏହି ମେଳାରେ ସର୍ବମୋଟ ୪୦ଟି ଷ୍ଟଲ୍ ନିର୍ମାଣ କରାଯାଇଛି। ତନ୍ମଧ୍ୟରୁ ୪ଟି ପ୍ରାଣିସମ୍ପଦ ବିଭାଗ ଦ୍ୱାରା ବିଭିନ୍ନ ପ୍ରକାରର ଯନ୍ତ୍ରପାତି, ବିଭିନ୍ନ ପ୍ରକାରର ଜୀବନ୍ତ ଗାଇ, ମଇଁଷି, କୁକୁଡ଼ା ଓ ସେକ୍ସସର୍ଟେଡ ସିମେନର ଉପକାରିତା ସଂପର୍କରେ ପ୍ରାଣୀ ସମ୍ପଦ ଷ୍ଟଲ୍‌ରେ ପ୍ରଦର୍ଶନ କରାଯାଇଥିବା ବେଳେ ମତ୍ସ୍ୟ ବିଭାଗର ୫ଟି ଷ୍ଟଲ୍‌ଗୁଡ଼ିକ ବିଭାଗର ବିଭିନ୍ନ କାର୍ଯ୍ୟକଳାପ ଯଥା ଜୈବକୁଣ୍ଡ ମାଧମରେ ମାଛ ଚାଷ, ଗ୍ରୋ ଆଉଟ୍ ଟ୍ୟାଙ୍କ, ବିଭିନ୍ନ ପ୍ରକାରର ଯନ୍ତ୍ରପାତି ପ୍ରଦର୍ଶନୀ ପାଇଁ ବ୍ୟବହୃତ ହୋଇଛି। ଉଦଘାଟନ ପରେ ମେଳାରେ ଅତିଥିମାନେ ବିଭିନ୍ନ ଷ୍ଟଲ ଗୁଡ଼ିକ ପରିଦର୍ଶନ କରିଥିଲେ। ଏହି ଅବସରରେ ସଫଳ ଚାଷୀମାନଙ୍କୁ ସମ୍ମାନିତ କରାଯାଇଥିଲା। ମେଳାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ବୈଜ୍ଞାନିକମାନଙ୍କ ସହ କୃଷକମାନଙ୍କର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବୈଜ୍ଞାନିକମାନେ ଉନ୍ନତ ପ୍ରଜନନ, ରୋଗ ନିୟନ୍ତ୍ରଣ ଏବଂ ଆଧୁନିକ ଚାଷ ପ୍ରଣାଳୀ ଉପରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ। ଜିଲ୍ଲା କଳା ଓ ସଂସ୍କୃତି ସଂଘ ଦ୍ୱାରା ଅନୁବନ୍ଧିତ ବିଭିନ୍ନ ଗୋଷ୍ଠୀ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ୨୬ରେ ବିଦ୍ୟୁତ୍ ଉପଭୋକ୍ତା ମଞ୍ଚର ଆନ୍ଦୋଳନ

● ମଣିଜଙ୍ଗା-ଏରସମା ରାସ୍ତା ନରୁଆ ଛକରେ ହେବ ରାସ୍ତାରୋକ

ତିର୍ତ୍ତୋଲ,୨୨।୧୨(ସମିସ): ଟିପିସିଓଡିଏଲ ବିଦ୍ୟୁତ୍ ବିତରଣ କମ୍ପାନୀ ବିରୋଧରେ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। କମ୍ପାନୀର ବିଦ୍ୟୁତ୍ ଉପଭୋକ୍ତା ଶୋଷଣ ବିରୋଧରେ ଆସନ୍ତା ୨୬ ତାରିଖ ସକାଳଠାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମଣିଜଙ୍ଗା -ଏରସମା ରାସ୍ତାର ନରୁଆ ଛକଠାରେ ରାସ୍ତାରୋକ କରାଯାଇ ପ୍ରତିବାଦ କରାଯିବ ବୋଲି ସୂଚନା ମିଳିଛି। ଜଗତସିଂହପୁର ଜିଲ୍ଲା ସହ ରାଜ୍ୟବାସୀଙ୍କ ଉପରେ ଟାଟା ପାୱାର ବିଦ୍ୟୁତ୍ ଉପଭୋକ୍ତାଙ୍କ ଘରେ ମନଇଚ୍ଛା ସ୍ମାର୍ଟ ମିଟର ଲଗାଇବା ଓ ଆସନ୍ତା ବର୍ଷ ଜାନୁଆରୀ ୬ ତାରିଖ ମଧ୍ୟରେ ଅତିରିକ୍ତ ସିକ୍ୟୁରିଟି ଅର୍ଥ ଜମା କରିବା ପାଇଁ ବାଧ କରିବା, ନହେଲେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ପାଇଁ ଧମକ ଦେବା ବିରୋଧରେ ଏହି ଆନ୍ଦୋଳନ ହେବ। ଏଥିରେ ୧୦ଟି ପଞ୍ଚାୟତର ଜନସାଧାରଣ ସାମିଲ ହେବେ। ପରେ ଜିଲ୍ଲାର ବିଭିନ୍ନ ସ୍ଥାନ ସହ ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ଆନ୍ଦୋଳନକୁ ବ୍ୟାପକ କରାଯିବ। ଏସଂପର୍କରେ ବିଦ୍ୟୁତ୍ ଉପଭୋକ୍ତା ମଞ୍ଚ ପକ୍ଷରୁ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ତିର୍ତ୍ତୋଲ ଥାନା ଅଧିକାରୀ, ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅବଗତ କରାଯାଇଥିବା ନେଇ ମଞ୍ଚର କାର୍ଯ୍ୟକର୍ତ୍ତା କିଶୋର କୁମାର ଦାସ ଓ ମନୋରଞ୍ଜନ ସାମନ୍ତରାୟ ସୂଚନା ଦେଇଛନ୍ତି। ସେହିପରି ଆସନ୍ତା ୨୭ ତାରିଖରେ ତିର୍ତ୍ତୋଲ ବିଦ୍ୟୁତ୍ ଉପଭୋକ୍ତା ସଂଘ ପକ୍ଷରୁ ତିର୍ତ୍ତୋଲ ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ ଘେରାଉ ଓ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏହାର ପ୍ରସ୍ତୁତି ନିମନ୍ତେ ତିର୍ତ୍ତୋଲ ସାଇ ମନ୍ଦିରରେ ଆସନ୍ତା ୨୪ ତାରିଖ ଏକ ବୈଠକ ହେବ ବୋଲି ସଂଘ ଆବାହକ ଅକ୍ଷୟ ଦାସ ସୂଚନା ଦେଇଛନ୍ତି।

## କାଦୁଅପଡ଼ା ଶିଶୁ ମନ୍ଦିରର କ୍ରୀଡ଼ା ପ୍ରତିଯୋଗିତା



ଜଗତସିଂହପୁର,୨୨।୧୨(ସମିସ): ଜଗତସିଂହପୁର ବ୍ଲକ୍ ଅନ୍ତର୍ଗତ କାଦୁଅପଡ଼ା ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ସ୍ଥାନୀୟ ମୁଦୁପୁର ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାକୁ ଆଇନଜୀବୀ ତଥା ଜଗତସିଂହପୁର ଜିଲ୍ଲା ହ୍ୟାଣ୍ଡବଲ୍ ଆସୋସିଏସନ୍ ସଂପାଦକ ସାରଦା ପ୍ରସାଦ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ କମିଟିର ଉପସଭାପତି ସର୍ବେଶ୍ୱର ବାରିକ ଓ ସଂପାଦକ ଆଇନଜୀବୀ ନରେଶ ଦାସ, ପ୍ରଧାନଶିକ୍ଷକ ବସନ୍ତ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କୁ କ୍ରୀଡ଼ାର ଆବଶ୍ୟକତା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ରାଉଳ ଧନ୍ୟବାଦ ଅର୍ପଣ କରିଥିଲା ବେଳେ ଆଚାର୍ଯ୍ୟ ଉମେଶ୍ ଚନ୍ଦ୍ର ରଥ ସ୍ୱାଗତ ଭାଷଣ ଦେଇଥିଲେ। କ୍ରୀଡ଼ା ପ୍ରମୁଖ ଅସିତ୍ କୁମାର ଶତପଥି କ୍ରୀଡ଼ା ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ଶିଶୁ ମନ୍ଦିରର ପାଖାପାଖି ଦୁଇ ଶହ ପିଲା ବିଭିନ୍ନ କ୍ରୀଡ଼ାରେ ଭାଗ ନେଇଥିଲେ। ଶିଶୁ ମନ୍ଦିରର ସମସ୍ତ ଗୁରୁଜୀ, ଗୁରୁମା ଓ କର୍ମଚାରୀ ଏହି ପ୍ରତିଯୋଗିତାରେ ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁମନ୍ଦିରର କ୍ରୀଡ଼ା ଉତ୍ସବ



କୁଜଙ୍ଗ,୨୨।୧୨(ସମିସ): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତାଳପଡ଼ା, ରାହାମାର ୨୭ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ସ୍ଥାନୀୟ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଦୁଇଦିନ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ ସମାରୋହରେ ଜଗତସିଂହପୁର ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଷ୍ଣୁପ୍ରିୟା ସେଠୀ ମୁଖ୍ୟଅତିଥି ଓ ସ୍ଥାନୀୟ ଏକ୍ସିସ ବ୍ୟାଙ୍କ୍‌ର ସହ ଶାଖା ପରିଚାଳକ ଜ୍ୟୋତିପ୍ରକାଶ ପରିଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ବିଶ୍ୱବିଜୟିନୀ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଜୀବନରେ ଶାରୀରିକ ଶିକ୍ଷାର ଆବଶ୍ୟକତା ସହ ସୁଷମ ଖାଦ୍ୟ, ନିୟମିତ ବିଶ୍ରାମ କିପରି ଜୀବନକୁ ସକାରାତ୍ମକ ଦିଗରେ ଆଗେଇନିଏ ସେ ସମ୍ପର୍କରେ କଥା ରଖିଥିଲେ। ବିଦ୍ୟାଳୟର ସମ୍ପାଦକ ଦୀପକ କୁମାର ଦାସ ଉଭୟ ସଭାରେ ଅଧ୍ୟକ୍ଷତା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶ୍ରୀକାନ୍ତ କୁମାର ଶତପଥି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ରଖିଥିବା ବେଳେ ଶାରୀରିକ ପ୍ରମୁଖ ସୁଦର୍ଶନ ମଲ୍ଲିକ କ୍ରୀଡ଼ା ପରିଚାଳନା କରିଥିଲେ। ବିଭିନ୍ନ ସମୟରେ ବିଦ୍ୟାଳୟର ଉପସଭାପତି ଦେବେନ୍ଦ୍ର କୁମାର ବିଶ୍ୱାଳ, ଯୁଗ୍ମ ସମ୍ପାଦକ ପ୍ରତାପ କୁମାର ବେଉରା, କୋଷାଧ୍ୟକ୍ଷ ମୃତ୍ୟୁଞ୍ଜୟ ପରିଡ଼ା, ସହ ଜିଲ୍ଲାପ୍ରମୁଖ କାହ୍ନୁ ଚରଣ ସାହୁ, ଉପଦେଷ୍ଟା ବିଭୂତି ଭୂଷଣ ବରାଳ, ଉପଦେଷ୍ଟା ଅଧିକାରୀ ରମାକାନ୍ତ ଦାସ, ଶୁଭେଚ୍ଛୁ ବନ୍ଦିତା ସେଠୀ ଉପସ୍ଥିତ ରହି କ୍ରୀଡ଼ାବିତ୍ ମାନଙ୍କୁ ଉତ୍ସାହିତ କରିଥିଲେ।

## ପୁଲିସ ଚଢ଼ଉ ବେଳେ ଆକ୍ରମଣ ଉଦ୍ୟମ
## ୧୦୫ କେଜି ଗୋମାଂସ ଜବତ

**୨ ଅଭିଯୁକ୍ତ ଗିରଫ**

ଜଗତସିଂହପୁର,୨୨।୧୨(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ସାମନ୍ତରାପୁର ଗ୍ରାମର ଅଳକା ନଦୀ କୂଳରେ ଗୋମାଂସ ବିକ୍ରି ହେଉଥିବା ଖବର ପାଇ ଆଜି ପୁଲିସ ସେଠାରେ ଚଢ଼ଉ କରିଥିଲା। ପୁଲିସକୁ ଦେଖି ସେଠାରେ ଉପସ୍ଥିତ ଥିବା ସାମନ୍ତରାପୁର ଗ୍ରାମର ମାନ ସାହା ଏବଂ କାଟସିଂହପୁର ଗ୍ରାମର ସେକ୍ ଅଫସର ଛୁରିରେ ପୁଲିସକୁ ଆକ୍ରମଣ କରିଥିଲେ। ତେବେ ପୁଲିସ ଟିମ ଉଭୟଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ଘଟଣାସ୍ଥଳରୁ ୧୦୫ କେଜି ଗୋମାଂସ, ୪ଟି ଲୁହା ଛୁରି, ଗୋରୁ ଚମଡ଼ା, ମୁଣ୍ଡ, ଦଉଡି ଏବଂ ଓଜନ ମେସିନ ପୁଲିସ ଜବତ କରିଛି। ଦୁଇ ଅଭିଯୁକ୍ତଙ୍କ ନାମରେ ୧୦୨୦/୨୫ ନମ୍ବରରେ ମାମଲା ରୁଜୁ କରିବା ସହିତ କୋର୍ଟଚାଲାଣ କରାଯାଇଛି ବୋଲି ଏସ୍‌ଡିପିଓ ଆଜିଙ୍କ୍ୟ ମାନେ ବାବୁରାୟ ସୂଚନା ଦେଇଛନ୍ତି।

## ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



ଜଗତସିଂହପୁର/ଏରସମା, ୨୨।୧୨(ସମିସ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଏରସମା ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଜେ. ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୧୭୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୬୧ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୭ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୧୫ଟି, ଆବାସ ଯୋଜନା ସମ୍ପର୍କୀୟ ୧୮ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୪୨ଟି, ପୁଲିସ୍ ସହାୟତା ପାଇବା ପାଇଁ ୪ଟି, ଭତ୍ତା ପାଇବା ପାଇଁ ୬୧ଟି ଏବଂ ଅନ୍ୟାନ୍ୟ ୧୯ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏରସମା ଦାଶରଥି ଜେନା, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟଅଧିକାରୀ, ବ୍ଲକସ୍ତରୀୟଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ପ୍ରକାଶ ଥାଉ କି, ଡିସେମ୍ବର ୧୯ରୁ ୨୫ ତାରିଖ ପର୍ଯ୍ୟନ୍ତ ସୁଶାସନ ସପ୍ତାହ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ଜନଶୁଣାଣି ଶିବିରରେ ସୁଶାସନ ଶିବିର ଆୟୋଜନ କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ଆବଶ୍ୟକୀୟ ସାଧନ ଯୋଗାଇ ଦିଆଯାଇଥିଲା।

## ବସ୍ ବିଶ୍ରାମ ଗୃହ ପାଲଟିଛି ନିଶାଡ଼ିଙ୍କ ଆଡ୍ଡା

ପାରାଦୀପ,୨୨।୧୨(ସମିସ): ପାରାଦୀପ ବନ୍ଦର ମୁଖ୍ୟ ଗେଟ ନିକଟରେ ଥିବା ବସ୍ ବିଶ୍ରାମ ଗୃହ ଏବେ ନିଶାଡ଼ିଙ୍କ କବ୍ଜାରେ ରହିଛି। ଏହି ବିଶ୍ରାମ ଗୃହ ବସ୍ ଯାତ୍ରୀଙ୍କ ପାଇଁ ରହିଥିବା ବେଳେ ସେଠାରେ କିନ୍ତୁ ନିଶାଡ଼ିଙ୍କ ଆଡ୍ଡାସ୍ଥଳ ପାଲଟିଛି। ଯେଉଁଠିକି ବସ୍‌ଯାତ୍ରୀ ମାନେ ବସକୁ ଅପେକ୍ଷା କରିବାକୁ ଉଚିତ ମଣୁନାହାଁନ୍ତି। ରାସ୍ତା ଉପରେ ବରଂ ଛିଡା ହେବାକୁ ପସନ୍ଦ କରୁଛନ୍ତି। କିନ୍ତୁ ସେଠାରେ ବସିବାକୁ ମୁହଁ ଫେରାଉଛନ୍ତି। ଏହି ବିଶ୍ରାମ ଗୃହକୁ କବ୍ଜା କରି ରଖିଛି ଏକ କବାଡ଼ିଆ ଟ୍ରକ୍। ଠିକ ବିଶ୍ରାମ ଗୃହ ସମ୍ମୁଖରେ ଏହି ଟ୍ରକ୍‌ଟି ପାର୍କିଂ ହୋଇଛି। ଟ୍ରକ୍‌କୁ ଛାଡ଼ିଲେ ସେଠାରେ ଥିବା କିଛି ଅସାମାଜିକ ଯୁବକ କେତେଖଣ୍ଡ ପିକ୍‌ଅପ ଗାଡି ସକାଳୁ ରାତି ପର୍ଯ୍ୟନ୍ତ ରଖି ତା' ମଧ୍ୟରେ ବେଆଇନ ଭାବେ ନିଶା କାରବାରରେ ଲିପ୍ତ ରହୁଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ହେଉନି। ପୁଣି ଠିକ ୧୦୦ ମିଟର ମଧ୍ୟରେ ପୁଲିସର ଏକ ଚେକିଂ ପୋଷ୍ଟ ରହିଛି। ପ୍ରତ୍ୟେକ ସମୟରେ କେହିନା କେହି ଜଣେ ପୁଲିସ କର୍ମଚାରୀ ସେଠାରେ ରହୁଛନ୍ତି। ହେଲେ ଏଭଳି ନିଶା କାରବାର ବା ଅସାମାଜିକଙ୍କ ଅଡ୍ଡା ସେଠାରେ ଚାଲିଥିବା ସମ୍ପର୍କରେ ସେ କିଭଳି ଜାଣି ପାରୁନାହାନ୍ତି। ଯଦିବା କୌଣସି ଯାତ୍ରୀ ତା ମଧ୍ୟରେ ଆଶ୍ରୟ ନେଉଛି, ତେବେ ବସ୍ ଆସିଲେ ସେ ଜାଣିବା ମୁସ୍କିଲ ହୋଇପଡୁଛି। କାରଣ ଯେହେତୁ ସମ୍ମୁଖରେ ଟ୍ରକ୍ ଓ ପିକ୍‌ଅପ ଗାଡି ଲାଇନ କରି ପାର୍କିଂ କରିଦେଉଛନ୍ତି। ସନ୍ଧ୍ୟା ହେଲେ ଗଞ୍ଜେଇ, ମଦ, ବ୍ରାଉନ ସୁଗାର ଭଳି ମାଦକ ଦ୍ରବ୍ୟର ଆସର ଜମୁଛି। ରାତିରେ ଯଦି କେହି ମାନସିକ ଭିନ୍ନକ୍ଷମ ଥିବା ମଣିଷ ଶୋଇ ରୁହେ ତେବେ ତା ମଧ୍ୟରେ ଅପରିଷ୍କାର କରିଦେଉଛି। କେହି ବି ଏ ବିଶ୍ରାମସ୍ଥଳର ଯତ୍ନ ନେଉନାହାନ୍ତି। ଯାହାଫଳରେ ବନ୍ଦର ପକ୍ଷରୁ ଲକ୍ଷାଧିକ ଟଙ୍କାରେ ନିର୍ମିତ ହୋଇଥିବା ଏହି ବସ୍ ବିଶ୍ରାମ ସ୍ଥଳ ଲୋକଙ୍କ କାମରେ ବ୍ୟବହାର ହୋଇ ପାରୁନାହିଁ। ଅଠରବାଙ୍କୀର ଏକମାତ୍ର ବସ ରହଣି ସ୍ଥଳ ଯେଉଁଠି ମହିଳାଟିଏ ଅପେକ୍ଷା କରିବା ପାଇଁ ଆଦୌ ସୁରକ୍ଷିତ ମଣୁ ନଥିବା କୁହାଯାଉଛି। ତେବେ ଏହି ସମସ୍ୟା ପ୍ରତି ବନ୍ଦର ହେଉ ଅବା ପୌର ପ୍ରଶାସନ ହେଉ ନଜର ଦେବାକୁ ଦାବି ହୋଇଛି।



ଟ୍ରକ ମଧ୍ୟରେ ନିଶା କାରବାର ଅଭିଯୋଗ

## ସହିଦ୍ ଉଗ୍ରସେନ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ



ନାଉଗାଁ,୨୨।୧୨(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ଗଳଦାରି ପଞ୍ଚାୟତ ସ୍ଥିତ ଏରଡ଼ା ନଅଗୋଠ ପଡ଼ିଆରେ ୧୮ତମ ସହିଦ ଉଗ୍ରସେନ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସମାଜସେବୀ ଗଙ୍ଗାଧର ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ସିଠାଳ ମା' ତାରିଣୀ କ୍ରିକେଟ ଟିମ୍ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଏହା ୨୦ ଓଭରରେ ୧୦ ୱିକେଟ ହରାଇ ୧୯୦ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ତାମ୍ପଡା ଗାଦିବ୍ରହ୍ମ କ୍ରିକେଟ ଟିମ୍ ୧୮.୪ ଓଭରରେ ସମସ୍ତ ୱିକେଟ ହରାଇ ୧୫୮ ରନ ସଂଗ୍ରହ କରି ୩୨ ରନରେ ପରାଜୟ ବରଣ କରିଥିଲା। ଏଥିରେ ଦୀପକ ୮୩ ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲା। ଏହି ମ୍ୟାଚକୁ ସୌମ୍ୟରଞ୍ଜନ ସ୍ୱାଇଁ, ଜୀବନ ଲେଙ୍କା, ଡମ୍ବରୁଧର ବସ୍ତିଆ, ଟାର୍ଜନ ସ୍ୱାଇଁ, ନିହାର ରଞ୍ଜନ ସ୍ୱାଇଁ, ଜିତେନ୍ଦ୍ର ବସ୍ତିଆ, ଆଶୁତୋଷ ପରିଚାଳନା କରିଥିଲେ।

## ୨୮୨ ପ୍ରକଳ୍ପ ପ୍ରଦର୍ଶନ କଲେ କୁନି ବିଦ୍ୟାର୍ଥୀ




କୁଜଙ୍ଗ,୨୨।୧୨(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ଭୁତୁମୁଣ୍ଡେଇସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ବିଜ୍ଞାନ ମେଳା ଓ କଣ୍ଢେଇ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ତଥା ବିଶିଷ୍ଟ ସଂଗୀତଜ୍ଞ ଶାନ୍ତନୁ କୁମାର ସ୍ୱାଇଁ(ମୁକୁ)ଙ୍କ ୫୯ତମ ଜୟନ୍ତୀ ଅବସରରେ ଏହି ଦୁଇ ମେଳା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟା ଅପରାଜିତା ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ମେଳାରେ ସମାଜସେବୀ ଡାକ୍ତର ବିପିନ ବିହାରୀ ସାମନ୍ତରାୟ ମୁଖ୍ୟଅତିଥି, ମୁଖ୍ୟବକ୍ତା ରୂପେ ଶିକ୍ଷକ ନେତା ତଥା ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ମାୟାଧର ଦାସ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କବି ଗୋଲାପରାଣୀ ସାହୁ, ସିଆର୍‌ସିସି ସୂର୍ଯ୍ୟକାନ୍ତ ମଲ୍ଲ ପ୍ରମୁଖ ଯୋଗଦେଥିଲେ। ମୋଟ ତିନୋଟି ବିଭାଗରେ ୨୮୨ ବିଜ୍ଞାନ ଭିତ୍ତିକ ପ୍ରକଳ୍ପ ଓ କୁନି ପିଲାମାନଙ୍କ ୮୦ କଣ୍ଢେଇ ପ୍ରଦର୍ଶନ କରାଯାଇଥିଲା। ବରିଷ୍ଠ ଗୁରୁଜୀ ଦିଲୀପ କୁମାର ତରାଇ, ସରୋଜ କୁମାର ସ୍ୱାଇଁ ଓ ନୃସିଂହ ଚରଣ ସାମଲ ପ୍ରମୁଖଙ୍କ ସହ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ମେଳା ଓ ସଭା ପରିଚାଳନା କରିଥିଲେ।

## ଶାରଳା ମନ୍ଦିରରେ ଅଣହିନ୍ଦୁ ପ୍ରବେଶ ନେଇ ନୀତିକାନ୍ତି ବିଳମ୍ବିତ

ତିର୍ତ୍ତୋଲ, ୨୨।୧୨(ସମିସ): ତିର୍ତ୍ତୋଲ ଥାନା ଅନ୍ତର୍ଗତ କନକପୁରସ୍ଥିତ ପ୍ରସିଦ୍ଧ ଝଙ୍କଡ଼ ଶାରଳା ମନ୍ଦିରରେ ସୋମବାର ଅଣହିନ୍ଦୁ ପ୍ରବେଶ ନେଇ ମା'ଙ୍କ ପୂଜାନୀତିରେ ବିଭ୍ରାଟ ସୃଷ୍ଟି ହୋଇଥିଲା। ଏହା ପରେ ମନ୍ଦିରର ପୂଜାନୀତିର ବିଧି ଅନୁଯାୟୀ ମନ୍ଦିର ପରିସର ଶୋଧ କରାଯାଇଥିଲା। ମା'ଙ୍କ ସ୍ନାନ ଓ ମାର୍ଜନା ସହ ଭୋଗ ନୈବେଦ୍ୟ ଅର୍ପଣ କରାଯାଇଥିଲା। ସୂଚନାରୁ ଜଣାଯାଏ ମଧ୍ୟାହ୍ନ ସମୟରେ ଦୁଇ ଜଣ ଯୁବକ ଯୁବତୀ ମନ୍ଦିର ପରିସରରେ ପ୍ରବେଶ କରିଥିଲେ। ସେମାନେ ପରସ୍ପର ମନ୍ଦିରରେ ବିବାହ କରିବା ନେଇ ପୂଜକଙ୍କୁ କହିଥିଲେ। ପରେ ମନ୍ଦିର କାର୍ଯ୍ୟାଳୟରେ ଯୁବକ ଯୁବତୀ ନିଜର ପରିଚୟ ପାଇଁ ଆଧାର କାର୍ଡ ଦେବା ସମୟରେ ଯୁବତୀ ଜଣକ ଅଣହିନ୍ଦୁ ବୋଲି ଜଣାପଡ଼ିଥିଲା। ମନ୍ଦିରରେ ଅଣହିନ୍ଦୁ ପ୍ରବେଶ ବାରଣ ଥିବାରୁ ମନ୍ଦିର ପୁଲିସ ଫାଣ୍ଡିକୁ ଖବର ଦିଆଯାଇଥିଲା। ପୁଲିସ ସେମାନଙ୍କୁ ମନ୍ଦିର ପରିସର ବାହାରକୁ ନେଇ ଯାଇଥିଲେ। ସେମାନେ ମନ୍ଦିର ଏହି ନିୟମ ସମ୍ପର୍କରେ ଜାଣି ନଥିଲେ। ଏହାପରେ ମା'ଙ୍କ ମନ୍ଦିର ଶୋଧ ସହ ପ୍ରସ୍ତୁତ ଥିବା ଭୋଗ ନଷ୍ଟ କରାଯାଇଥିଲା। ମନ୍ଦିରରେ ମାର୍ଜନା କରାଯାଇ ପୁଣି ଭୋଗ ଓ ପ୍ରସାଦ ପ୍ରସ୍ତୁତ କରାଯାଇଥିଲା। ମା'ଙ୍କ ନୀତିକାନ୍ତି ସ୍ୱାଭାବିକ ହୋଇଥିଲା। ଫଳରେ ମା'ଙ୍କ ନୀତି କାନ୍ତି ବିଳମ୍ବିତ ହୋଇଥିଲା।

## ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଲାଗିଲା ସିଡି ଓ ସେଡ୍



ପାରାଦୀପ,୨୨।୧୨(ସମିସ): ପାରାଦୀପ ଅଠରବାଙ୍କୀ ବିଜୁ ପଟ୍ଟନାୟକ ପାର୍କରେ ରହିଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଏକ ସ୍ଥାୟୀ ସିଡି ଓ ସେଡ୍ ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ମିଳିଛି। ପ୍ରଶାସନ ନିର୍ଦ୍ଦେଶ ମିଳିବା ପରେ ଏବେ କାର୍ଯ୍ୟ ମଧ ଆରମ୍ଭ କରାଯାଇଛି। ପାରାଦୀପ ବନ୍ଦରର ସ୍ରଷ୍ଟା ତଥା ନିର୍ମାତା ବିଜୁ ପଟ୍ଟନାୟକଙ୍କ ପାଇଁ ସର୍ବଭାରତୀୟ ସ୍ତରରେ ଓଡିଶାର ଗୌରବ ବୃଦ୍ଧି ପାଇଛି। କିନ୍ତୁ ପାରାଦୀପର ମୁଖଶାଳା ଅଠରବାଙ୍କୀଠାରେ ନିର୍ମିତ ତାଙ୍କ ପ୍ରତିମୂର୍ତ୍ତି ଅବହେଳିତ ଅବସ୍ଥାରେ ପଡିରହିଛି। ପ୍ରତିମୂର୍ତ୍ତିରେ ପୂର୍ବରୁ ପ୍ରତ୍ୟକ ଦିନ ଗୋଟିଏ ଫୁଲ ମାଳ ପଡୁଥିବା ବେଳେ ଏବେ ଆଉ ପକାଯାଉନାହିଁ। ପ୍ରତିମୂର୍ତ୍ତିରେ ରଙ୍ଗ ମଧ ଦିଆଯାଉ ନାହିଁ। ଯାହା ବିଜୁ ବାବୁଙ୍କ ପ୍ରତି ଅବହେଳା କରାଯାଉଥିବା ଅଭିଯୋଗ ହୋଇଥିଲା। ଏ ନେଇ ପାରାଦୀପ-ଏରସମା ଶିଳ୍ପାଞ୍ଚଳ ବିକାଶ ପରିଷଦର ସଭାପତି ବାପି ସର୍ଖେଲ ଅଭିଯୋଗ କରିଥିଲେ। ପ୍ରତିମୂର୍ତ୍ତିରେ ପ୍ରତିଦିନ ପୁଷ୍ପମାଲ୍ୟ ଦେବା ପାଇଁ ଏକ ସିଡିର ବ୍ୟବସ୍ଥା ସହ ରକ୍ଷଣାବେକ୍ଷଣ ସେଡ୍‌ର ବ୍ୟବସ୍ଥା ପାଇଁ ଶ୍ରୀ ସର୍ଖେଲ ଗତ ୧୪ ତାରିଖରେ ଜିଲ୍ଲା ପ୍ରଶାସନ ଓ ବନ୍ଦର ପ୍ରଶାସନକୁ ଏକ ପତ୍ର ଲେଖିଥିଲେ। ସେଠାରେ ପାର୍କର ଉନ୍ନତି ପାଇଁ ଏବେ ପୌରପାଳିକା ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଯିଏ ପାରାଦୀପ ଉନ୍ନତିର ସ୍ୱପ୍ନ ଦେଖିଥିଲେ, ତାଙ୍କ ପ୍ରତିମୂର୍ତ୍ତିରେ ଟଙ୍କାଟିଏ ଖର୍ଚ୍ଚ କରିବାକୁ କାହାର ଦରଦ ନଥିବା ସେ ଅଭିଯୋଗ କରିଥିଲେ। ଶ୍ରୀ ସର୍ଖେଲଙ୍କ ଏହି ଅନୁରୋଧକୁ ହୃଦୟଙ୍ଗମ କରି ଜିଲ୍ଲାପାଳ ଜେ. ସୋନେଲ ଓ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ତୁରନ୍ତ ଏହି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେବା ସହିତ ଏହାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଜିଲ୍ଲା ପ୍ରଶାସନ ଏହାକୁ ଗୁରୁତ୍ୱର ସହ ନେଇ କାର୍ଯ୍ୟ ଆରମ୍ଭ କରିଥିବାରୁ ଶ୍ରୀ ସର୍ଖେଲ ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ମନରେଗା ନାମ ପରିବର୍ତ୍ତନ ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ

ଜଗତସିଂହପୁର,୨୨।୧୨(ସମିସ)




ମନରେଗା ନାମ ପରିବର୍ତ୍ତନ ଏବଂ ଯୋଜନାର ରୂପରେଖ ବିକୃତ କରିବା ପ୍ରତିବାଦରେ ରାଜରାସ୍ତାକୁ ଓହ୍ଲାଇଛି କଂଗ୍ରେସ। କେନ୍ଦ୍ର ବିଜେପି ସରକାର ବିରୋଧରେ ଆଜି ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ସଭାପତି ଦେବପ୍ରସାଦ ନାୟକଙ୍କ ନେତୃତ୍ୱରେ, ଓପିସିସି ଉପସଭାପତି ଡ. ଲଲାଟେନ୍ଦୁ ମହାପାତ୍ର ଓ ଓପିସିସି ସାଧାରଣ ସମ୍ପାଦକ ତଥା ଜିଲ୍ଲା କଂଗ୍ରେସ ପର୍ଯ୍ୟବେକ୍ଷକ ୟାସିର ନୱାଜଙ୍କ ଉପସ୍ଥିତିରେ ଜଗତସିଂହପୁର ବସଷ୍ଟାଣ୍ଡ ସମ୍ମୁଖରେ ଶତାଧିକ କଂଗ୍ରେସ କର୍ମୀ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିଜେପି ସରକାର ଜାତିର ପିତାଙ୍କ ନାମରେ ନାମିତ ଯୋଜନାରେ ତାଙ୍କ ନାମକୁ ହଟାଇଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ ବିଷୟ ବୋଲି ସେମାନେ କହିଥିଲେ। ଧାରଣା ପରେ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଶାନ୍ତ ମହାପାତ୍ର, ବଲ୍ଲଭାନନ୍ଦ ସ୍ୱାଇଁ, ପ୍ରଶାନ୍ତ ଦାସ, ସର୍ବେଶ୍ୱର ପଣ୍ଡା, ପ୍ରିୟବ୍ରତ ମିଶ୍ର, ଆର୍ତ୍ତତ୍ରାଣ ପଣ୍ଡା, ନିହାର ରଞ୍ଜନ ଦାସ, ଧନଞ୍ଜୟ ସୂତାର, ଜିତେନ୍ଦ୍ର ମହାନ୍ତି, ଅଶ୍ୱିନୀ ସ୍ୱାଇଁ, ଡ. ଜଗଦାନନ୍ଦ, ଦିଲ୍ଲିପ ଗୁପ୍ତା, ସୁବ୍ରତ ରାୟ, ପ୍ରିତମ ପରିଜା, ବୃନ୍ଦାବନ ପ୍ରଧାନ, ସେକ୍ ହିଦାୟତ ଅଲ୍ଲୀ, ଦେବ ପ୍ରସାଦ ମହାପାତ୍ର, ସତ୍ୟବ୍ରତ ଦାସ, ଦିଲ୍ଲିପ କୁମାର ମାହାର, ରାକେଶ ମହାନ୍ତି, ଲକ୍ଷ୍ମୀଧର ମଲ୍ଲିକ, ଶୁଭ ନାରାୟଣ ନାୟକ, ମହମ୍ମଦ ଅବଦୁଲ ୱାହିଦ, ବିଶ୍ୱଜିତ ସେଠୀ, ସେକ୍ ଅବୁ ସୋଫିୟାନ, କିଶୋର ପଟ୍ଟନାୟକ, ଅନନ୍ତ ପୃଷ୍ଟି, ଅଜୟ ମଲ୍ଲିକ, ପଦମନ ସେଠୀ, ସୁରଜକାନ୍ତ ଦାସ, ସତ୍ୟଜିତ ମହାନ୍ତି, ସୌଭାଗ୍ୟ ସାହୁ, ଅମ୍ରିତ ପଶାୟତ, ପବିତ୍ର ମୋହନ ଦାସ, ଦେବ ପ୍ରସାଦ ମହାପାତ୍ର, ରାଜେନ୍ଦ୍ର ସ୍ୱାଇଁ, ନାରାୟଣ ନାୟକ, ପ୍ରଦୀପ୍ତ ଦାସ, ଲକ୍ଷ୍ମୀଧର ନାୟକ, ପ୍ରଶାନ୍ତ ଲେଙ୍କା, ଧୃବ ଚରଣ ପରିଡା, ଜ୍ଞାନେନ୍ଦ୍ର ସ୍ୱାଇଁ, ଦେବ ଜ୍ୟୋତି ମହାନ୍ତି, ପ୍ରକାଶ ସ୍ୱାଇଁ, ସ୍ୱାଧୀନ ମହାପାତ୍ର, ବିଜୟ ପୃଷ୍ଟି, ଶୁଭାଶିଷ ସ୍ୱାଇଁ, ବିଭୁରଞ୍ଜନ ସ୍ୱାଇଁ, ରାକେଶ ସ୍ୱାଇଁ, ସାଇ ପ୍ରଭଞ୍ଜନ ମହାପାତ୍ର, ରାହୁଲ ମଲ୍ଲିକ, ଦିଗବିଜୟ ମହାନ୍ତିଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗଦାନ କରିଥିଲେ।

# ଗୋଟିଏ ରାତିରେ ୫ ମନ୍ଦିରରୁ ଚୋରି

■ ନିକିରାଇ ଅଞ୍ଚଳରେ ଆତଙ୍କ

■ ରାତି ପାଟ୍ରୋଲିଂ ପାଇଁ ଦାବି



କେନ୍ଦ୍ରାପଡ଼ା,୨୨ ।୧୨(ସମିସ): ଗୋଟିଏ ରାତିରେ କେନ୍ଦ୍ରାପଡ଼ା ଜିଲ୍ଲା ନିକିରାଇ ଥାନା ଅନ୍ତର୍ଗତ ଢୋଲ ଓ ନଳପାରି ଗାଁର ୫ ମନ୍ଦିରରୁ ଚୋରି ହୋଇଛି । ଏହି ଘଟଣା ସମଗ୍ର ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି । ଦୁର୍ବୃତ୍ତମାନେ ମନ୍ଦିର ତାଲା ଭାଙ୍ଗି ଠାକୁରଙ୍କ ସୁନାରୁପା ଚିତା, ଚକ୍ଷୁ, ଗହଣା, ପିତ୍ତଳ ବାସନ ସହ ଦାନ ହୁଣ୍ଡି ମଧ୍ୟ ଲୁଟି ନେଇଥିବା ଅଭିଯୋଗ ହୋଇଛି ।

ଢୋଲ ଗାଁ ମଙ୍ଗଳା ମନ୍ଦିର, ହନୁମାନ ମନ୍ଦିର ଓ ତାରିଣୀ ମନ୍ଦିରରୁ ଚୋରି ହୋଇଥିବା ବେଳେ, ସେହି ଗାଁର ଝରଣା ବାରିକଙ୍କ ଘର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି । ସେହିପରି ନଳପାରି ଗାଁ ହନୁମାନ ମନ୍ଦିର ଏବଂ ଗ୍ରାମଦେବତୀ କ୍ଷେତ୍ରପାଳିନୀ ମନ୍ଦିରରୁ ମଧ୍ୟ ସର୍ବସ୍ୱ ଚୋରି ହୋଇଛି । ଅଞ୍ଚଳରେ ନିଶା କାରବାର ବୃଦ୍ଧି ପାଇଥିବାରୁ ଏଭଳି ଚୋରି ଘଟଣା ଘଟୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଧର୍ମାନୁଷ୍ଠାନରୁ ବାରମ୍ବାର ଚୋରି ହେବା ଫଳରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଗଭୀର ଉଦବେଗ ପ୍ରକାଶ ପାଇଛି । ରାତିରେ ପୁଲିସ ପାଟ୍ରୋଲିଂ ନ ଥିବାରୁ ଚୋରମାନେ ନିର୍ଭୟରେ ଚୋରି କରୁଥିବା ଗ୍ରାମବାସୀ ନିରୋଦ ସାମଲ କହିଛନ୍ତି । ମନ୍ଦିରରୁ ଠାକୁରଙ୍କ ଅଳଙ୍କାର ଚୋରି ହେବା ଆମ ଧର୍ମୀୟ ଭାବନାକୁ ଆଘାତ ଦେଇଛି ବୋଲି ପୂଜକ ଅଭିରାମ ପଣ୍ଡା କହିଛନ୍ତି । ତୁରନ୍ତ ଦୁର୍ବୃତ୍ତଙ୍କୁ ଧରିବା ସହ ରାତ୍ରିକାଳୀନ ପୁଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

## ମହାବିଦ୍ୟାଳୟରେ ଅଭିମୁଖୀକରଣ କାର୍ଯ୍ୟକ୍ରମ

ରାଜନଗର,୨୨ ।୧୨(ସମିସ): ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍) ତରଫରୁ କଲେଜରେ ଅଭିମୁଖୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏନ୍ଏସ୍ଏସ୍ର +୩ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଡ. ଆଲୋକ ବେହେରା ସଭା ପରିଚାଳନା କରିଥିଲେ । ପ୍ରାଣୀ ବିଜ୍ଞାନ ଅଧ୍ୟାପିକା ଅନସୂୟା ବେହେରା ଏନ୍ଏସ୍ଏସ୍ର ଚିହ୍ନ, ନେତୃତ୍ୱ ଓ ଗଣତାନ୍ତ୍ରିକ ଚିନ୍ତାଧାରା ସୃଷ୍ଟି ସମ୍ବନ୍ଧରେ ଆଲୋଚନା କରିଥିଲେ । ରେଡ୍କ୍ରସ୍ କାଉନସେଲର ଅଧ୍ୟାପିକା ରାଜଶ୍ରୀ ସାମନ୍ତ ଜାତୀୟ ସଂହତି ଓ ସାମାଜିକ ଏକତା ପାଇଁ କାର୍ଯ୍ୟ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ ବୋଲି କହିଥିଲେ । ଅଧ୍ୟାପକ ଚିତ୍ତରଞ୍ଜନ ସ୍ୱାଇଁ ଏନ୍ଏସ୍ଏସ୍ର ବିଭିନ୍ନ କାର୍ଯ୍ୟକଳାପ ଉପରେ ମତ ରଖିଥିଲେ । ଏନ୍ଏସ୍ଏସ୍ର +୨ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ରଞ୍ଜନ କୁମାର ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ ।

● ଜାନୁଆରୀ ୮ରୁ କୁମ୍ଭୀର ଗଣନା

## ପର୍ଯ୍ୟଟକଙ୍କ ପାଇଁ ୩ ଦିନ ଭିତରକନିକା ବନ୍ଦ




ରାଜନଗର,୨୨ ।୧୨(ସମିସ): ବଉଳା କୁମ୍ଭୀରଙ୍କ ଭୂସ୍ୱର୍ଗ ଭାବେ ପରିଚିତ ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀନାଳରେ ରହୁଥିବା ବଉଳା କୁମ୍ଭୀରଙ୍କ ଗଣନା କାର୍ଯ୍ୟ ଜାନୁଆରୀ ୮ ରୁ ଆରମ୍ଭ ହୋଇ ୧୦ ତାରିଖରେ ଶେଷ ହେବ । ଏହି ତିନିଦିନ ପର୍ଯ୍ୟଟକଙ୍କ ପାଇଁ ଜାତୀୟ ଉଦ୍ୟାନ ବନ୍ଦ ରହିବ । ବଉଳା କୁମ୍ଭୀର ବିଶାରଦ ଡ. ସୁଧାକର କର, ରାଜନଗର ଡିଏଫ୍ଓ ଭରଦରାଜ ଗାଁଙ୍କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଗଣନା କାର୍ଯ୍ୟ କରାଯିବ ବୋଲି ବନବିଭାଗ ସୂତ୍ରରୁ ସୂଚନା ଦିଆଯାଇଛି ।

## କନିକା ହାଇସ୍କୁଲର ହୀରକ ଜୟନ୍ତୀ ସମାରୋହ

ରାଜକନିକା,୨୨ ।୧୨(ସମିସ): କନିକା ସରକାରୀ ଉଚ୍ଚ ବିଦ୍ୟାଳୟର ତିନିଦିନିଆ ହୀରକ ଜୟନ୍ତୀ ସମାରୋହ ସୋମବାର ଉଦଘାଟିତ ହୋଇଛି । ପୂର୍ବାହ୍ନ ସାଢ଼େ ୮ଟାରେ ମେଘପୁରର ସହିଦ ବାସୁ-ବିଶୁନି ସ୍ମୃତିସ୍ତମ୍ଭ ନିକଟରୁ ମଶାଲ ଶୋଭାଯାତ୍ରା ବାହାରି ସ୍କୁଲରେ ପହଞ୍ଚିଥିଲା । ପୂର୍ବାହ୍ନ ୯ଟାରେ ହୀରକ ଜୟନ୍ତୀ ପତାକା ଉତ୍ତୋଳନ ପରେ ଉଦଘାଟନୀ ଅଧିବେଶନରେ ପ୍ରବକ୍ତା ବୀରେନ୍ଦ୍ର ପଣ୍ଡା ସାମାଜିକ ବାର୍ତ୍ତା ପ୍ରଦାନ କରିଥିଲେ । ଅପରାହ୍ନରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ବିଜେପି ନେତା କୃଷ୍ଣଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଭାବେ ଅଭିନେତା କୁନା ତ୍ରିପାଠୀ, ସମ୍ମାନିତ ବକ୍ତା ଭାବେ କନିକା ଭାସ୍କର ଡ. ହୟଗ୍ରୀବ ଗୁରୁ ଯୋଗଦେଇଥିଲେ । ପୁରାତନ ଛାତ୍ର କୈଳାସ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ନବକିଶୋର ସୂତାର ସମ୍ପାଦକୀୟ ବିବରଣୀ ପାଠ, ପ୍ରସନ୍ନ ଧଳ ଅତିଥି ଆବାହନ, କମଳାକାନ୍ତ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ସଙ୍ଗୀତ ନିର୍ଦ୍ଦେଶକ ଦୀନେଶ ମଲ୍ଲିକଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଶଣ କରିଥିଲେ । ସନ୍ଧ୍ୟାରେ କଟକର ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା ।



## ରାଷ୍ଟ୍ରୀୟ କଳାମଞ୍ଚ ପକ୍ଷରୁ ପ୍ରତିଯୋଗିତା

ରାଜନଗର,୨୨ ।୧୨(ସମିସ): ଆସନ୍ତା ଜାନୁଆରୀ ୧୨ରେ ରାଷ୍ଟ୍ରୀୟ ଯୁବ ଦିବସ ପାଳନ ହେବ । ଏହି ଅବସରରେ ରାଷ୍ଟ୍ରୀୟ କଳାମଞ୍ଚ ପକ୍ଷରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏବିଭିପି ରାଜନଗର ନଗର ଶାଖା ସଭାପତି ଅଧ୍ୟାପିକା ତନୁଶ୍ରୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସୁଲେଖ କୁମାର ବାରିକ ଯୋଗଦେଇଥିଲେ । ୧୨୫ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ବକ୍ତୃତା, ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ନୃତ୍ୟ, ଗୀତ ଓ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା । ବିଚାରକ ଭାବେ ମାଷ୍ଟର ରାମଚନ୍ଦ୍ର ବାରିକ, ଲିପି ମିଶ୍ର, ଅଧ୍ୟାପକ ପବିତ୍ର କଣ୍ଠ, ଅଖିଳେଶ ରାଉତ, ରୀତା ସେଠୀ, ପ୍ରଜ୍ଞା ସେଠୀ ପ୍ରମୁଖ ଯୋଗଦେଇଥିଲେ । ନଗର ସମ୍ପାଦକ ସୁକୁମାର ମାନ୍ନା, ସୁମିତ୍ରା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିଶୁ ମନ୍ଦିର ସମ୍ପାଦକ ଦୋଳଗୋବିନ୍ଦ ଜେନା, ଛାତ୍ରନେତା ସିଦ୍ଧାନ୍ତ ସାହୁ, ସୁରେନ୍ଦ୍ର ପରିଡ଼ା, ମଳୟ ପଲାଇ, ଆକାଂକ୍ଷା ରାଉତ, ଶୁଭଶ୍ରୀ ବାଗ ସହଯୋଗ କରିଥିଲେ ।

## ଭିତରକନିକା ଉତ୍ସବ ପାଇଁ ସାମ୍ବାଦିକ ସମ୍ମିଳନୀ




ରାଜନଗର,୨୨ ।୧୨(ସମିସ): ଆସନ୍ତା ଜାନୁଆରୀ ୭ରେ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନରେ ଆୟୋଜିତ ହେବାକୁ ଥିବା ଭିତରକନିକା ଉତ୍ସବ ପାଇଁ ଶନିବାର ରାଜନଗର ସିଟିଜେନ ଫୋରମ ପକ୍ଷରୁ ସ୍ଥାନୀୟ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ସିଟିଜେନ ଫୋରମ ଆବାହକ ଦିଲୀପ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପରିବେଶବିତ ଡ. ମିହିର ପଟ୍ଟନାୟକ, ହେମନ୍ତ କୁମାର ରାଉତ, ସୂର୍ଯ୍ୟକାନ୍ତ ସାହୁ, ସମାଜସେବୀ ତଥା ପ୍ରଶାନ୍ତ ରାଉତ ପ୍ରମୁଖ ଯୋଗଦେଇ ଓଡ଼ିଶା ବିଶେଷକରି କେନ୍ଦ୍ରାପଡ଼ା ଜିଲ୍ଲା ତଥା ରାଜନଗରର କଳାସଂସ୍କୃତି, ପ୍ରାକୃତିକ ସମ୍ପଦ, ବିଶ୍ୱପ୍ରସିଦ୍ଧ ଭିତରକନିକାର ସୌନ୍ଦର୍ଯ୍ୟ ଏବଂ ପରିବେଶ ପର୍ଯ୍ୟଟନର ସମ୍ଭାବନା ପ୍ରଭୃତିକୁ ବିସ୍ତୃତ ଭାବେ ପରିଚିତ କରିବା ପାଇଁ ଏହା ପ୍ରକୃଷ୍ଟ ମଞ୍ଚ ହେବ ବୋଲି କହିତିଲେ । ଦିନିକିଆ ଏହି ଉତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରର ଖ୍ୟାତନାମା ବ୍ୟକ୍ତିମାନେ ଯୋଗଦେବେ । ୪ ପର୍ଯ୍ୟାୟରେ କାର୍ଯ୍ୟକ୍ରମ ହେବ । ହେନ୍ତାଳବଣ ସଂରକ୍ଷଣ ଓ ପରିବେଶ ପର୍ଯ୍ୟଟନ ଶିଳ୍ପର ବିଭିନ୍ନ ଦିଗ, ସ୍ଥାନୀୟ ବାସିନ୍ଦା, ବନ ବିଭାଗ ଓ ପର୍ଯ୍ୟଟନ କର୍ମକର୍ତ୍ତାଙ୍କ ମଧ୍ୟରେ ମତ ବିନିମୟ କାର୍ଯ୍ୟକ୍ରମ ରହିଛି । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମରେ ରାଜନଗର ଅଞ୍ଚଳର ବୁଦ୍ଧିଜୀବୀ, ପରିବେଶବିତ, ଯୁବଛାତ୍ର, କଳାକାର, ସାମ୍ବାଦିକ, ପ୍ରକୃତିପ୍ରେମୀ ଓ ସଚେତନ ନାଗରିକ ଯୋଗଦେବାକୁ ଅୟୋଜକ ଅନୁରୋଧ କରିଛନ୍ତି ।

## କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମାଙ୍କ ଶ୍ରାଦ୍ଧୋତ୍ସବ

ଡେରାବିଶ,୨୨ ।୧୨(ସମିସ): ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ପବିତ୍ରପଡ଼ା ଡାବଳସ୍ଥିତ କବିସୂର୍ଯ୍ୟବ୍ରହ୍ମା ମଠ ପରିସରରେ ମଠର ପ୍ରତିଷ୍ଠାତା କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମାଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଛି । ମଠ ପରିସରରେ ପୂଜା ପାଉଥିବା କବିସୂର୍ଯ୍ୟ ବ୍ରହ୍ମାଙ୍କ ପାଦୁକା ଓ ବ୍ରହ୍ମାଙ୍କ ପ୍ରତିମୂର୍ତ୍ତି ନିକଟରେ ପୂଜା କରାଯାଇଥିଲା । ଏଥିସହ ମନ୍ଦିର ସମ୍ମୁଖରେ ଅବସ୍ଥାପିତ ସମାଧି ସ୍ଥଳରେ ମଧ୍ୟ ପୂଜାର୍ଚ୍ଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ଆଖପାଖ ଗ୍ରାମରୁ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ । ସନ୍ଧ୍ୟାରେ ନାମଯଜ୍ଞ ସମାପନ ପରେ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କ ଦ୍ୱାରା ରଚିତ ବିଭିନ୍ନ ଛାନ୍ଦ, ଚମ୍ପୂ, ଭଜନ, ଜଣାଣ ଇତ୍ୟାଦି ସ୍ଥାନୀୟ କଳାକାରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା । ପ୍ରବଚକ ଗୁଣନିଧି ତ୍ରିପାଠୀ, ପଣ୍ଡିତ ସୁକାନ୍ତ କୁମାର ପଣ୍ଡା, ଶ୍ରୀନିବାସ ସାହୁ, ସ୍ମାରକ ମହାନ୍ତି, ବାସନ୍ତୀ ସାମଲ, ଜାନକୀ ବଲ୍ଲଭ ଦାସ, ସୁଧୀର ରଞ୍ଜନ ମହାନ୍ତିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସଦାନନ୍ଦ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ମନ୍ଦିର ଟ୍ରଷ୍ଟି ବିଜୟ କୁମାର ନାୟକ, ଆଶିଷ ସୋମ, ରଘୁନାଥ ଦାସ, ରାଜନ୍ଦ୍ରେ ପ୍ରସାଦ ସିଂ, ବିପିନ ବିହାରୀ ଲାଲ୍, ରଘୁନାଥ ମଲ୍ଲିକ, ଗୌତମ ମଲିକ, କୈବଲ୍ୟ ମଲିକ, ଦେବେନ୍ଦ୍ରନାଥ ଦାସ, ଅନାମ ଚରଣ ଦାସ, କାମଦେବ ନାୟକ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ ।

## ଜାତୀୟ ଗଣିତ ଦିବସ ପାଳିତ




ପଟ୍ଟାମୁଣ୍ଡାଇ,୨୨ ।୧୨(ସମିସ): ପଟ୍ଟାମୁଣ୍ଡାଇ କଲେଜ ଗଣିତ ବିଭାଗ ପକ୍ଷରୁ ଜାତୀୟ ଗଣିତ ଦିବସ ଗାଣିତିକ ଶ୍ରୀନିବାସ ରାମାନୁଜନଙ୍କ ୧୩୮ ତମ ଜୟନ୍ତୀ ପାଳିତ ହୋଇଛି । କଲେଜ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କ ପୌରୋହିତ୍ୟରେ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଡ. ସୁନୀଲ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗଣିତଶାସ୍ତ୍ର ପ୍ରତି ଭାରତୀୟମାନଙ୍କ ଅବଦାନ ଅତୁଳନୀୟ ବୋଲି ମତ ରଖିଥିଲେ । ଏକ୍ୟୁଏସି ସଂଯୋଜକ ଶୁବାଶିଷ ମିଶ୍ର ଅନ୍ୟତମ ଅତିଥି ଭାବେ ଯୋଗଦେଇ ଦୈନନ୍ଦିନ ଜୀବନରେ ଗଣିତର ପ୍ରୟୋଗ ଉପରେ ଆଲୋକପାତ କରିଥିଲେ । ଗଣିତ ବିଭାଗ ମୁଖ୍ୟ ଅଧ୍ୟାପକ ଅରବିନ୍ଦ ପାଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ । ଅଧ୍ୟାପକ ଡ. ନିର୍ମଳ କୁମାର ସାହୁ ରାମାନୁଜନଙ୍କ ଜୀବନୀ ଓ ତାଙ୍କ ଗଣିତ ପ୍ରତିଭା ଅଦିତ୍ୱୀୟ ବୋଲି କହିଥିଲେ । ଗଣିତ ସମ୍ମାନ ତୃତୀୟ ବର୍ଷ ଛାତ୍ର ଅଭିଜିତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ ।

## ଶିକ୍ଷାବିତ୍ଙ୍କ ବିୟୋଗରେ ଶୋକସଭା



ଡେରାବିଶ,୨୨ ।୧୨(ସମିସ): ଡେରାବିଶ ବ୍ଲକ ରତାଦିଆ ଖଣ୍ଡସାହି ପଞ୍ଚାୟତ କାଦୁଆ ଗ୍ରାମର ଶିକ୍ଷାବିତ୍ ଦାମୋଦର ତ୍ରିପାଠୀଙ୍କ ବିୟୋଗରେ ବାଲିଆସ୍ଥିତ ବୀଣାପାଣି ସଙ୍ଗୀତ ସଦନରେ ଶୋକସଭା ଅନୁଷ୍ଠିତ ହୋଇଛି । ମଧୁସାଗର ମହୋତ୍ସବ କମିଟି ତରଫରୁ ସମ୍ପାଦକ ମଦନ ମୋହନ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ସ୍ମୃତିସଭାରେ ସ୍ୱର୍ଗତ ତ୍ରିପାଠୀଙ୍କ ସାଥୀ ଡାକ୍ତର ବିଶ୍ୱପ୍ରକାଶ କାନୁନ୍‌ଗୋ, ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ସ୍ୱାଇଁ, କାର୍ତ୍ତିକ ଚରଣ ନାୟକ, ଡ. ମୁରଲିଧର ରଥ, ନାରାୟଣ ସ୍ୱାଇଁ, ବସନ୍ତ କୁମାର ଜେନା, ନଗେନ୍ଦ୍ର ରାଉତ, ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ । ସେ ଏକାଧାରରେ ଶିକ୍ଷକ, ସଂଗଠକ, ସମବାୟ ସଂଗଠକ ଥିଲେ । ଅବସରପ୍ରାପ୍ତ କର୍ମଚାରୀ ସଂଘ, ବିଭିନ୍ନ ଶିକ୍ଷାନୁଷ୍ଠାନ, ମନ୍ଦିର ସମେତ ଅଞ୍ଚଳର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ ବୋଲି ଅତିଥିମାନେ କହିଥିଲେ । ଏହି ଅବସରରେ ଦୁଇମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ।

## ପ୍ରଧାନଶିକ୍ଷକଙ୍କ ସ୍ମୃତିଚାରଣ ସଭା



ରାଜନଗର,୨୨ ।୧୨(ସମିସ): ରାଜନଗର ଅଞ୍ଚଳର ପ୍ରବୀଣ ପ୍ରଧାନଶିକ୍ଷକ, କବି, ହଂସୁଆ କଳାପ୍ରତିଷ୍ଠାନର ସଭାପତି ଓ ରାଜନଗର ସାହିତ୍ୟସଂସ୍କୃତି ପରିଷଦର ସହ ସମ୍ପାଦକ ଭାବେ ନିଜର ଦକ୍ଷତା ପ୍ରତିପାଦନ କରିଥିବା ପ୍ରମୋଦ କୁମାର ସେଠୀଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଛି । ବିଶିଷ୍ଟ ସାହିତ୍ୟିକ ହେମନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଘନଶ୍ୟାମ ମିଶ୍ର, ସମ୍ମାନିତ ଅତିଥି ଭାବେ ବାବାଜୀ ଧଳ, କବି ଶତ୍ରୁଘ୍ନ ତରାଇ, ଭବାନୀ ପ୍ରସାଦ ମହାପାତ୍ର ଏବଂ ନାଟ୍ୟ ନିର୍ଦ୍ଦେଶକ ତୁଷାରକାନ୍ତ ବେହେରା ପ୍ରମୁଖ ଯୋଗଦେଇ ପ୍ରମୋଦଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପ୍ରଫୁଲ୍ଲ ଦାସ, ଦେବରତୀ ରାଉତ, ସୋନା ରାଉତ, ଲିପି ପଣ୍ଡା, ପୂଜାରାଣୀ ରାଉତ, ଅଭିରାମ ଦାସ, ବାବୁନି ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ସ୍ମୃତିସଭା

ପଟ୍ଟାମୁଣ୍ଡାଇ,୨୨ ।୧୨(ସମିସ): ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଭଗବତୀ ସ୍ୱାଇଁଙ୍କ ଏକାଦଶାହରେ ଏକ ଶ୍ରଦ୍ଧାଞ୍ଜଳି ସଭା କଷଣଅଣ୍ଟାଠାରେ ଅନୁଷ୍ଠିତ ହୋଇଛି । ଶିକ୍ଷକ ନେତା ପ୍ରମୋଦ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ, ପଟ୍ଟାମୁଣ୍ଡାଇ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ା, ପ୍ରାକ୍ତନ ବିଇଓ ପାବନୀ ରାଉତ, ପ୍ରାକ୍ତନ ଏବିଇଓ ଅଭିମନ୍ୟୁ ପଢ଼ିଆରୀ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଏସଆଇ ସୋମନାଥ ପଢ଼ିଆରୀ, ସନାତନ ତରାଇ, କବି ସଚିତ୍ର ବେହୁରା, ପତ୍ରପୁର ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଆରାଧନା ଦାଶ, ବଣିକ ସଂଘ ସଭାପତି ଗୋପୀନାଥ କର, ବିକାଶ ପରିଷଦ ସଭାପତି ଗୋପୀବଲ୍ଲଭ ନାୟକ, ସମ୍ପାଦକ ଗୋପୀନାଥ ତ୍ରିପାଠୀ, ଶିକ୍ଷକ ନେତା ବିଜୟ କୁମାର ସାହୁ, ପ୍ରଫୁଲ୍ଲ ଶତପଥୀ, କସ୍ତୁରୀଚରଣ ସ୍ୱାଇଁ, ସୁରେଶ ଜେନା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନଆଚାର୍ଯ୍ୟ ପ୍ରଭାତ କିଶୋର ନାୟକ, ସମାଜସେବୀ ଧୀରେନ୍ଦ୍ର ସାହୁ, ଦେବାଶିଷ ପଣ୍ଡା, ଶିକ୍ଷକ ନେତା ଗୋକୁଳ ରାଉତ, ରାଜେନ୍ଦ୍ର ପ୍ରସାଦ ସିଂହ, ଶରତ ଚନ୍ଦ୍ର ସ୍ୱାଇଁ, ଧନେଶ୍ୱର ଦାସ, ଥାନପତି ରବୀନ୍ଦ୍ର ସାହୁ, କାଉନସିଲର ମଳୟ ଓଝା, ଶରତ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଦିବଂଗତ ଶିକ୍ଷୟିତ୍ରୀଙ୍କ ସ୍ମୃତିଚାରଣ କରିଥିଲେ । ଶିକ୍ଷକ ଶ୍ରୀଧର ରାଉତ ଧନ୍ୟବାଦ ଦେଇଥିଲେ । ସଙ୍ଗୀତ ଗୁରୁ ସୁମିତ୍ରା ମଲ୍ଲିକଙ୍କ ନେତୃତ୍ୱରେ କଳାକାରମାନେ ଭଜନ ପରିବେଷଣ କରିଥିଲେ । ଇଂ ସ୍ୱାଗତିକା ରାଉତ, ଡା. ସ୍ୱାଗତ କୁମାର ରାଉତ, ଇଂ ସ୍ୱାଧୀନ କୁମାର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



## ଜିଲ୍ଲାପାଳଙ୍କ ଶିଶୁଯତ୍ନ ଅନୁଷ୍ଠାନ ପରିଦର୍ଶନ

କେନ୍ଦ୍ରାପଡ଼ା,୨୨ ।୧୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟର ସୋମବାର ପଲ୍ଲିଶ୍ରୀ ମହିଳା ସମିତି ପରିଚାଳିତ କୋରୁଆସ୍ଥିତ ଶିଶୁଯତ୍ନ ଅନୁଷ୍ଠାନ ପରିଦର୍ଶନ କରିଥିଲେ । ଅନ୍ତେବାସୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ । ପିଲାମାନଙ୍କ ଉଚ୍ଚତର ଶିକ୍ଷାକୁ ଗୁରୁତ୍ୱ ଦେଇ ବୈଷୟିକ ଶିକ୍ଷା ଆପଣାଇ ରୋଜଗାରକ୍ଷମ ହେବାକୁ ପରାମର୍ଶ ଦେଇଥିଲେ । ପିଲାଙ୍କ ମଧ୍ୟରେ ଥିବା ସ୍ୱତନ୍ତ୍ର ଗୁଣ ଚିହ୍ନଟ କରି ସେମାନଙ୍କୁ ସୁଯୋଗ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ପିଲାମାନଙ୍କୁ ଖାତା, ପେନସିଲ ବକ୍ସ, କଲମ, ଚକୋଲେଟ ସହ ଶୀତବସ୍ତ୍ର ପ୍ରଦାନ କରିଥିଲେ । ଜିଲ୍ଲାପାଳଙ୍କ ଗସ୍ତ ସମୟରେ ଶିଶୁ କଲ୍ୟାଣ କମିଟି ସଦସ୍ୟ ଲଳିତ ମୋହନ ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ସୁପେରିନଟେଣ୍ଡେଣ୍ଟ ମଞ୍ଜୁଳା ନାୟକ, ପରାମର୍ଶଦାତ୍ତା ଶ୍ରୀକାନ୍ତ ନାୟକ, ବାଦଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।



ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

## ୭୯ ଅଭିଯୋଗ ପଞ୍ଜୀକୃତ



କେନ୍ଦ୍ରାପଡ଼ା,୨୨ ।୧୨(ସମିସ): ଗରଦପୁର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ମୋଟ ୭୯ ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ୭୦ଟି ବ୍ୟକ୍ତିଗତ ଏବଂ ୯ଟି ସାମୂହିକ ଅଭିଯୋଗ ରହିଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଜଣଙ୍କୁ ୧୮ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି । ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର ଆୟର, ଅତିରିକ୍ତ ଏସ୍ପି ସୁଧାକର ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଏସ୍ଡିପିଓ ଜ୍ୟୋତିରଞ୍ଜନ ଗୌଡ଼, ଗରଦପୁର ବିଡିଓ ଆଲୋକ କୁମାର ସେଠୀ, ତହସିଲଦାରଙ୍କ ସମେତ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଜିଲ୍ଲାପାଳ ପ୍ରଥମେ ପୂର୍ବ ଅଭିଯୋଗ ଶୁଣାଣି ଶିବିରରେ ପଞ୍ଜୀକୃତ ଅଭିଯୋଗଗୁଡ଼ିକର ସମାଧାନ ଉପରେ ଅଧିକାରୀମାନେ କ'ଣ ପଦକ୍ଷେପ ନେଇଚନ୍ତି ତାହାର ସମୀକ୍ଷା କରିଥିଲେ । ସମସ୍ତ ଅଭିଯୋଗର ତୁରନ୍ତ ସମାଧାନ ପ୍ରତି ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ଜିଲ୍ଲାସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦଘାଟିତ




କେନ୍ଦ୍ରାପଡ଼ା,୨୨ ।୧୨(ସମିସ): କେନ୍ଦ୍ରାପଡ଼ା ହାଇସ୍କୁଲ ପଡ଼ିଆରେ ସୋମବାର ଜିଲ୍ଲାସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦଘାଟିତ ହୋଇଛି । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ । ସାଂସଦ ଖେଳ ମହୋତ୍ସବର ସଂଯୋଜକ ତଥା ଜିଲ୍ଲା ବିଜେପି ସଭାପତି ଶଶାଙ୍କ ସେଠୀ, ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

ଏଥିରେ କେନ୍ଦ୍ରାପଡ଼ା ଲୋକସେବା କ୍ଷେତ୍ର ଅଧୀନ ୭ ନିର୍ବାଚନ ମଣ୍ଡଳୀ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ୨ ହଜାରରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି । ଆଜି ବ୍ୟକ୍ତିଗତ ଇଭେଣ୍ଟ ଆୟୋଜିତ ହୋଇଛି । ମଙ୍ଗଳବାର ଦଳଗତ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହେବ । ଏହା ଆସନ୍ତା ୨୫ ତାରିଖ ଉଦଯାପିତ ହେବ ।

## ସରସ୍ୱତୀ ଶିଶୁ ଶିକ୍ଷା ମନ୍ଦିରରେ ଜ୍ଞାନବିଜ୍ଞାନ ଓ କଣ୍ଢେଇ ମେଳା



ପଟ୍ଟାମୁଣ୍ଡାଇ,୨୨ ।୧୨(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ଶିକ୍ଷା ମନ୍ଦିରରେ ଦ୍ୱାଦଶ ଜ୍ଞାନବିଜ୍ଞାନ ଓ କଣ୍ଢେଇ ମେଳା ଅନୁଷ୍ଠିତ ହୋଇଛି । ପୁରୀ ଗୋବର୍ଦ୍ଧନ ପୀଠ ସନ୍ଥ ସଂରକ୍ଷକ ପଟ୍ଟାମୁଣ୍ଡାଇ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସ ମେଳାକୁ ଉଦଘାଟନ କରିଥିଲେ । ଆଇନଜୀବୀ ତପନ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିକାରୀ ବନ୍ଦନା ପାତ୍ର ମୁଖ୍ୟଅତିଥି, ସିଆରସିସି ସଂଘମିତ୍ରା ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜ୍ଞାନବିଜ୍ଞାନ ମେଳା ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶରେ ସହାୟକ ହୋଇପାରିଛି ବୋଲି କହିଥିଲେ । ପ୍ରାକ୍ତନ ପ୍ରଧାନଶିକ୍ଷକ ଧବଳେଶ୍ୱର ଖଣ୍ଡାୟୀ ବିଚାରକ ଭାବେ ଯୋଗଦେଇ ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ । ପ୍ରଧାନଆଚାର୍ଯ୍ୟ ପ୍ରଭୁଦତ୍ତ ଦାଶ ସ୍ୱାଗତଭାଷଣ ଓ ସମ୍ପାଦକ ଅମ୍ବୁଜଭୂଷଣ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଆଚାର୍ଯ୍ୟା ସୁଲୋଚନା ମିଶ୍ର ଧନ୍ୟବାଦ ଦେଇଥିଲେ । ସୁଜ୍ଞାନୀ ପାଢ଼ୀ, ସଙ୍ଗୀତା ପ୍ରଧାନ ଲିପ୍ସା ସାହୁ, ସ୍ୱାଗତିକା ସ୍ୱାଇଁ, ମମତା ଦେ, ମୋନାଲିସା କର, ଅପସରା ଦାଶ ପ୍ରକଳ୍ପ ଗାଇଡ୍ ଦାୟିତ୍ୱ ନିର୍ବାହ କରିଥିଲେ । ସହକାରୀ ଆଚାର୍ଯ୍ୟ ମୃତ୍ୟୁଞ୍ଜୟ ସୂତାର, ପ୍ରଭାକର ସାହୁ, ସୌମ୍ୟରଞ୍ଜନ ଦାସ, ଚିନ୍ମୟୀ ବିଶ୍ୱାଳ, ସ୍ମିତା ଦାସ, ସୁଚିତ୍ରା ମହାନ୍ତି, କଳ୍ପନା ସେନାପତି, ରଶ୍ମିରେଖା ଦାଶ, ଜ୍ୟୋସ୍ନାରାଣୀ ପ୍ରଧାନ ମେଳା ପରିଚାଳନା କରିଲେ । ଜ୍ଞାନବିଜ୍ଞାନ ମେଳାରେ ୧୦୨ ପ୍ରକଳ୍ପ ସ୍ଥାନ ପାଇଥିଲା ।

## ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ରାଜନଗର,୨୨ ।୧୨(ସମିସ): ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳସ୍ଥିତ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ତିନିଦିନ ବ୍ୟାପୀ ଆୟୋଜିତ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଛି । ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନାଦି ଚରଣ ଜେନା, ସମ୍ମାନିତ ଅତିଥି ଭାବେ ଚିତ୍ତରଞ୍ଜନ ପଣ୍ଡା, କାହ୍ନୁଚରଣ ଚଣ୍ଡ, ପ୍ରଶାନ୍ତ ରାଉତ, ଲକ୍ଷ୍ମୀଧର ରାଉତ, ଜୟୀରାମ ରାଉତ, ବ୍ରହ୍ମାନନ୍ଦ ରାଉତ, ସୀତାକାନ୍ତ ରାଉଳ, ମହେଶ୍ୱର ରାଉତ, ଜୟରାମ ରାଉଳ, ଦର୍ପନାରାୟଣ ନାୟକ, ସଞ୍ଜୟ କୁମାର ମିଶ୍ର, ସମୀରଣ ମଣ୍ଡଳ ପ୍ରମୁଖ ଯୋଗଦେଇ ବିଜେତା ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ । ଶିକ୍ଷକ ବରଦାକାନ୍ତ ଜେନା ଉତ୍ସବ ସଂଯୋଜନା କରିଥିଲେ ।

# ପୁଣି ଶ୍ରୀମନ୍ଦିର ଡ୍ରୋନ୍ ଫଟୋ ଭାଇରାଲ

## କୁଆଡ଼େ ଗଲା ଆଣ୍ଟି ଡ୍ରୋନ ସିଷ୍ଟମ?

ପୁରୀ, ୨୨।୧୨(ସମିସ): ପୁଣି ଭାଇରାଲ ହୋଇଛି ଶ୍ରୀମନ୍ଦିର ଡ୍ରୋନ୍ ଫଟୋ। ବାରମ୍ବାର ଏଭଳି ଘଟଣା ଘଟୁଥିବା ବେଳେ ମନ୍ଦିର ପ୍ରଶାସନ ଚିରାଚରିତ ଭାବେ ଥାନାରେ ଅଭିଯୋଗ କରି କାମ ସାରିଦେଉଛି। ଏହାକୁ ନେଇ ସେମିତି କିଛି କଡ଼ା ଦଣ୍ଡବିଧାନ ନ ଥିବାରୁ ପରୋକ୍ଷରେ ଏହା ନିୟମ ଉଲ୍ଲଂଘନକାରୀଙ୍କୁ ପ୍ରୋତ୍ସାହିତ କରୁଛି। ସେମାନେ ଏଭଳି ବେନିୟମ ଉଡ଼ାଣ କରି ଫଟୋ, ଭିଡିଓ ଉତ୍ତୋଳନ କରୁଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ସୁରକ୍ଷାକୁ ଆହୁରି କଡ଼ାକଡ଼ି କରିବା ପାଇଁ ଆଣ୍ଟି ଡ୍ରୋନ ସିଷ୍ଟମ ବ୍ୟବସ୍ଥା କରାଯିବ ବୋଲି ଆଇନ ମନ୍ତ୍ରୀ ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ଆଣ୍ଟି ଡ୍ରୋନ୍ ସିଷ୍ଟମ ଆକ୍ଟିଭ ହେବା ନେଇ ସୂଚନା ବି ଦିଆଯାଇଥିଲା। ହେଲେ ସୁରକ୍ଷା ବ୍ୟବସ୍ଥାକୁ କାଟି ମନ୍ଦିର ନିଷିଦ୍ଧାଞ୍ଚଳରେ ଡ୍ରୋନ ଚକ୍କର୍ କାଟୁଛି। ତେଣୁ, ଏବେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ, କୁଆଡ଼େ ଗଲା ଆଣ୍ଟି-ଡ୍ରୋନ୍ ସିଷ୍ଟମ?

ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଦିନକୁ ଦିନ ବିପନ୍ନ ହେବାରେ ଲାଗିଛି। ବିଭିନ୍ନ ସମୟରେ ଫଟୋ, ଭିଡିଓ ବଡ଼ଦେଉଳର ବହୁ ଗୁପ୍ତ ତଥ୍ୟକୁ ପଦାରେ ପକାଉଛି। ଏବେ ମନ୍ଦିର ଉପରେ ଡ୍ରୋନ ଉଡାଣ ଚିନ୍ତା ବଢ଼ାଇ ଦେଲାଣି। କିଛି ଦିନର ବ୍ୟବଧାନ ପରେ ପୁଣି ଡ୍ରୋନ୍ ଦ୍ୱାରା ନିଆଯାଇଥିବା ଶ୍ରୀମନ୍ଦିର ଫଟୋ ଭାଇରାଲ ହୋଇଛି। ଫେସ୍‌ବୁକରେ ଏକ୍ସପ୍ଲୋର ଇଣ୍ଡିଆ ନାମକ ଏକ ସଂସ୍ଥା ଏହି ଫଟୋ ଛାଡ଼ିଛି। ଅପ୍‌ଲୋଡ ହୋଇଥିବା ଏହି ଫଟୋକୁ ଅନେକ ଲୋକ ସେୟାର ଏବଂ ରିପୋଷ୍ଟ ମଧ୍ୟ କରିଛନ୍ତି। ତେବେ ଶ୍ରୀମନ୍ଦିର ଉପରୁ ଡ୍ରୋନ ମାଧ୍ୟମରେ କିଭଳି ଏହି ଫଟୋ ନିଆଗଲା, ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଫଟୋରେ କୁରମ ବେଢ଼ା ଭିତରେ ଥିବା ବଡ଼ଦେଉଳ ଓ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କ ମନ୍ଦିର ଦେଖାଯାଉଛି। ମେଘନାଦ ପାଚେରୀ ଭିତରେ ଥିବା ଅନ୍ୟାନ୍ୟ ଐତିହ୍ୟ ଓ ମନ୍ଦିର ମଧ୍ୟ ଫଟୋରେ ରହିଛି। ଶ୍ରୀମନ୍ଦିର ଉପରେ ନୋ-ଫ୍ଲାଇଂ ଜୋନ୍ କରାଯାଇଥିବା ବେଳେ ଡ୍ରୋନ୍ ମାଧ୍ୟମରେ ଶ୍ରୀମନ୍ଦିର ଉପରୁ ଫଟୋ ଓ ଭିଡିଓ କିଭଳି ଉତ୍ତୋଳନ କରାଗଲା, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ଶ୍ରୀମନ୍ଦିର ଭିତର ଫଟୋ ଓ ଭିଡିଓ ଭାଇରାଲ ସମ୍ପର୍କିତ ଶ୍ରୀମନ୍ଦିର ଆଇନରେ କଠୋର୍ ଦଣ୍ଡବିଧାନ ବ୍ୟବସ୍ଥା ନାହିଁ। ତେଣୁ ଏହା ହୃଦ୍‌ବୋଧ କରି ଶ୍ରୀମନ୍ଦିରରେ ଆଇନରେ ପରିବର୍ତ୍ତନ ପାଇଁ ଆଇନ ବିଭାଗକୁ ୪ଟି ବିନ୍ଦୁ ଉପରେ ଚିଠା ପ୍ରସ୍ତାବ ଦିଆଯାଇଛି।

ସୂଚନାଥାଉ କି, ଚଳିତବର୍ଷ ରଥଯାତ୍ରା ପୂର୍ବଦିନ ଅର୍ଥାତ ଜୁନ୍ ୨୬ ତାରିଖରେ ଶ୍ରୀମନ୍ଦିର ନୋ-ଫ୍ଲାଇଂ ଜୋନ୍‌ରେ ଡ୍ରୋନ୍‌କୁ ନିଷ୍କ୍ରିୟ କରିବା ପାଇଁ ଆଣ୍ଟି-ଡ୍ରୋନ୍ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା ବୋଲି କୁହାଯାଇଥିଲା। ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ପାର୍ଶ୍ୱରେ ଉଡୁଥିବା ଗୋଟିଏ ଡ୍ରୋନ୍‌କୁ ନିଷ୍କ୍ରିୟ କରାଯାଇଥିଲା। ଏହି ଆଣ୍ଟି ଡ୍ରୋନ ସିଷ୍ଟମ ଦ୍ୱାରା ଏକ ନେଟ୍‌ୱର୍କ କ୍ଷେତ୍ର ସୃଷ୍ଟି ହେବ। ବେଆଇନ ଭାବେ ଡ୍ରୋନ ଉଡ଼ିଲେ ଏହି ସିଷ୍ଟମ ଚିହ୍ନଟ କରି ତୁରନ୍ତ ନିଷ୍କ୍ରିୟ କରିବ ବୋଲି ପୁଲିସ ପକ୍ଷରୁ କୁହାଯାଇଥିଲା। ହେଲେ ଏହାପରେ ଏକାଧିକଥର ଉଡ଼ିଲାଣି ଡ୍ରୋନ। କିନ୍ତୁ ଏ ପର୍ଯ୍ୟନ୍ତ ଆଣ୍ଟି ଡ୍ରୋନ ସିଷ୍ଟମ ଲାଗିପାରିଲା ନାହିଁ।

## ପୁଣି ମହାପ୍ରଭୁଙ୍କୁ ଅପମାନ

ପୁରୀ,୨୨।୧୨(ସମିସ): ପୁଣି ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଠାକୁର ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ଅପମାନ। ଏକ ଫଟୋଫ୍ରେମ୍‌ରେ ପାଦ ଚିତ୍ରକୁ ତିନି ଠାକୁରଙ୍କ ପଛପଟେ ରଖିବାର ଦୃଶ୍ୟ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି। ଅଜୟ ଖତ୍ରୀ ନାମକ

### ସବୁ ମହଲରେ ଅସନ୍ତୋଷ

ଜଣେ ବ୍ୟକ୍ତି ତାଙ୍କ ଇନ୍‌ଷ୍ଟାଗ୍ରାମ୍ ଆଇଡିରେ ଏଭଳି ଦୃଶ୍ୟକୁ ଅପ୍‌ଲୋଡ୍ କରିଛନ୍ତି। ଏହା ମହାପ୍ରଭୁଙ୍କୁ ଅପମାନ ହୋଇଥିବା ବେଳେ କୋଟିକୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଏହା ଆଘାତ ପହଞ୍ଚାଇଛି। ଏହି ଭିଡିଓକୁ ପାଖାପାଖି ୮୫ ହଜାର ଲୋକ ଦେଖିଥିବା ବେଳେ ଏବେ ବି ଏହି ଭିଡିଓ ଅଜୟ ଖତ୍ରୀଙ୍କ ଆଇଡିରେ ସକ୍ରିୟ ରହିଛି। ଏହାକୁ ନେଇ ସବୁମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହ ଶ୍ରୀମନ୍ଦିର ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

## ଆଜୀବନ ଜେଲ ଦଣ୍ଡ ଭୋଗୁଥିବା କଏଦୀ ଫେରାର୍ ଘଟଣା

# ବିଳମ୍ବିତ ଅନୁସନ୍ଧାନ ଓ ଚାର୍ଜସିଟ ଦାଖଲ ନେଇ ହାଇକୋର୍ଟ କ୍ଷୁବ୍ଧ

କଟକ, ୨୨।୧୨(ସମିସ): ଭୁବନେଶ୍ୱର ଜାମୁଝରିସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ ଆଶ୍ରମ (କାରାଗାର)ରେ ଆଜୀବନ ଜେଲ୍‌ଦଣ୍ଡ ଭୋଗୁଥିବା ଜଣେ କଏଦୀ ଫେରାର୍ ଏବଂ ପାରୋଲରେ ଯାଉଥିବା କଏଦୀ ଫେରୁନଥିବା ପ୍ରସଙ୍ଗରେ ଜେଲ ଡିଜି ଦାଖଲ କରିଥିବା ସତ୍ୟପାଠକୁ ନେଇ ହାଇକୋର୍ଟ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ନିର୍ଦ୍ଦେଶ ମୁତାବକ ସତ୍ୟପାଠ ଦାଖଲ କରାଯାଇ ନଥିବାରୁ ସାନି ସତ୍ୟପାଠ ଦାଖଲ କରିବାକୁ ଜେଲ ଡିଜିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁନସି ଭୁଇଙ୍କ ତରଫରୁ ଦାୟର ଏକ ଜେଲ୍ କ୍ରିମିନାଲ ଅପିଲର ଶୁଣାଣି କରିଜଷ୍ଟିସ ଚିତ୍ତରଂଜନ ଦାଶ ଓ ସଂଗମ କୁମାର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

### ଜେଲ ଡିଜିଙ୍କୁ ସାନି ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶ

ସେହିଭଳି ଏହି ମାମଲାରେ ଆବେଦନକାରୀ କଏଦୀଜଣଙ୍କ ୨୦୧୮ ମସିହା ଜୁନ୍ ୧୯ରୁ ଫେରାର୍ ହୋଇଯାଇଥିବା ବେଳେ ଜୁନ୨୧ରେ ଚନ୍ଦକା ଥାନାରେ ଏତଲା ଦିଆଯାଇଥିଲା। ଏପରିକି, ୨୦୨୫ ଅଗଷ୍ଟ୨୭ରେ ଚାର୍ଜସିଟ୍ ଦାଖଲ ହୋଇଥିଲା। ନିମ୍ନ ଅଦାଲତ ୨୦୨୫ ଅଗଷ୍ଟ୨୮ରେ ୱାରେଣ୍ଟ ଜାରି କରିବା ପରେ ମଧ୍ୟ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରାଯାଇପାରିନଥିଲା। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଗତ ୨୦୨୫ ଡିସେମ୍ବର୧୩ରେ ସାନି ଗିରଫ କରି ଜେଲକୁ ଅଣାଯାଇଥିଲା। ଏଭଳି ବିଳମ୍ବିତ ତଦନ୍ତ ଓ ଚାର୍ଜସିଟ୍ ଦାଖଲକୁ ନେଇ ହାଇକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ଅନ୍ୟ ସମସ୍ତ ଫେରାର୍ ଅଭିଯୁକ୍ତଙ୍କ କ୍ଷେତ୍ରରେ ଏଭଳି ଘଟୁଥିବ ବୋଲି ଅଦାଲତ ଆଶଙ୍କା ପ୍ରକାଶ କରିଛନ୍ତି। ଜେଲରୁ ଫେରାର୍ ଓ ପାରୋଲରେ ଯାଇ ଫେରୁନଥିବା ଆଜୀବନ କଏଦୀଙ୍କ ସମ୍ପର୍କିତ ସମସ୍ତ ବିବରଣୀ ସହ ଦୋଷୀ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସେ ସଂକ୍ରାନ୍ତରେ ଜେଲ ବିଭାଗର ଡିଜି ସତ୍ୟପାଠ ଦାଖଲ କରିବେ ବୋଲି ହାଇକୋର୍ଟ କହିଛନ୍ତି।

ପ୍ରକାଶଥାଉକି ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଗାରରୁ ୧୭ଜଣ କଏଦୀ ଫେରାର୍ ଥିବା ଓ ୧୫ଜଣ ପାରୋଲ ଅବଧି ଶେଷ ପରେ ଆଉ ଫେରି ନଥିବା ନେଇ ଉପସ୍ଥାପନ ହୋଇଥିବା ଏକ ରିପୋର୍ଟକୁ ନେଇ ଅଦାଲତ ଉଦ୍‌ବେଗ ପ୍ରକାଶ କରିବା ସହ ସବିଶେଷ ସତ୍ୟପାଠ ଦାଖଲ ପାଇଁ ଜେଲ ଡିଜିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜାନୁଆରି ତୃତୀୟ ସପ୍ତାହକୁ ଧାର୍ଯ୍ୟ କରାଯାଇଛି।

ଉଲ୍ଲେଖଯୋଗ୍ୟ, ଆବେଦନକାରୀ କଏଦୀଜଣଙ୍କ ଏକ ମାମଲାରେ ନିମ୍ନ ଅଦାଲତଙ୍କ ଦ୍ୱାରା ଆଜୀବନ ଜେଲ୍‌ଦଣ୍ଡାଦେଶ ଭୋଗୁଥିଲେ। ଏହା ବିରୋଧରେ ସେ ହାଇକୋର୍ଟରେ ଗତ ୨୦୦୭ ମସିହାରୁ ଏକ ଆବେଦନ କରିଥିଲେ। ଏହି ମାମଲା ଶୁଣାଣି ବେଳେ ଅଭିଯୁକ୍ତଙ୍କ ସ୍ଥିତି ସମ୍ପର୍କରେ ହାଇକୋର୍ଟ ଜାଣିବାକୁ ଚାହିଁଥିଲେ। ଜେଲ ବିଭାଗ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁସାରେ ଆବେଦନକାରୀ ଅଭିଯୁକ୍ତ ଗତ ୨୦୧୮ ଜୁନ୍ ୧୯ରୁ ଫେରାର୍ ଥିବା ଜଣାପଡ଼ିଥିଲା।

## ୬୯ ଫାଶୀକାଠ ଦାତାଙ୍କୁ ସମ୍ବର୍ଦ୍ଧନା

# ଶ୍ରଦ୍ଧାଳୁ ଚାହିଁଲେ ରଥକାଠ ପାଇଁ କେବେ ଅସୁବିଧା ହେବନି: ଗଜପତି

ପୁରୀ, ୨୨।୧୨(ସମିସ): ୨୦୨୫ ରଥଯାତ୍ରା ପାଇଁ ଫାଶୀକାଠ ଦାନ କରିଥିବା ୬୯ଜଣଙ୍କୁ ସୋମବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଗଜପତି ମହାରାଜା ଦିବ୍ୟସିଂହଦେବ ସମ୍ବର୍ଦ୍ଧିତ କରିଛନ୍ତି। ସଭାରେ ଗଜପତି ମହାରାଜା ଉଦ୍‌ବୋଧନ ଦେଇ କହିଲେ, ଫାଶୀକାଠର ଅଭାବ

### ୨୦୨୫ ରଥଯାତ୍ରା ପାଇଁ ଦାନ କରିଥିଲେ ୧୧୦ ଗଛ

ରହିଛି। ପ୍ରତିବର୍ଷ ରଥଯାତ୍ରା ହେବ। ଏଥିପାଇଁ ନୂତନ ରଥ ନିର୍ମାଣ କରାଯିବ। ମହାପ୍ରଭୁ ସାଧାରଣ ଠାକୁର ନୁହନ୍ତି, ସେ ସ୍ୱୟଂ ପରବ୍ରହ୍ମ। ଶ୍ରଦ୍ଧାଳୁ ଚାହିଁଲେ ଯୁଗଯୁଗ ଧରି ରଥକାଠ ପାଇଁ ଅସୁବିଧା ହେବ ନାହିଁ। ସମଗ୍ର ରାଜ୍ୟର ବିଭିନ୍ନ ସ୍ଥାନରେ ହୋଇଥିବା ଶ୍ରୀଜଗନ୍ନାଥ ବନ ପ୍ରକଳ୍ପ ସଫଳ କରିବାକୁ ଗଜପତି ମହାରାଜା ପରାମର୍ଶ ଦେଇଛନ୍ତି। ବନ ବିଭାଗ ଶ୍ରୀମନ୍ଦିର ପ୍ରଶାସନକୁ ଷ୍ଟାଟସ୍ ରିପୋର୍ଟ ପ୍ରଦାନ କରୁ ବୋଲି ସେ କହିଛନ୍ତି।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ୨୦୨୫ ରଥଯାତ୍ରା ପାଇଁ ୬୯ଜଣ ଦାତା ୧୧୦ ଖଣ୍ଡ ଫାଶୀକାଠ ଦାନ କରିଥିଲେ। ସାଧାରଣତଃ ଏହି ଫାଶୀକାଠ ରଥ ଚକ ପାଇଁ ଆବଶ୍ୟକ ତୁମ୍ବ ଓ ପହିରେ ବ୍ୟବହୃତ ହୋଇଥାଏ। ଫାଶୀକାଠର ଅଭାବ ଥିବାରୁ କାଠଦାତାଙ୍କ ଆବଶ୍ୟକତା ରହିଛି। ପ୍ରତିବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ରାଜ୍ୟର ବିଭିନ୍ନ




ପ୍ରାନ୍ତରେ ଶ୍ରଦ୍ଧାଳୁ ସ୍ୱେଚ୍ଛାକୃତ ଭାବେ ଫାଶୀକାଠ ଦାନ କରିଆସୁଛନ୍ତି। ସେମାନେ ପରୋକ୍ଷ ଭାବେ ମହାପ୍ରଭୁଙ୍କ ସେବା କରି ଆସୁଛନ୍ତି। ସେମାନଙ୍କୁ ଉତ୍ସାହିତ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି ବୋଲି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି।

ସୂଚନାଥାଉ କି, ଗଞ୍ଜାମ, ବରଗଡ଼, ନୟାଗଡ଼, ଢେଙ୍କାନାଳ ଜିଲ୍ଲାର ୬୯ଜଣ ଦାତା ଫାଶୀକାଠ ଦାନ କରିଥିଲେ। ଏହା ମଧ୍ୟରେ ନୟାଗଡ଼ ଜିଲ୍ଲାରୁ ସର୍ବାଧିକ ଦାତା ରହିଥିଲେ। ସମ୍ବର୍ଦ୍ଧନା ପରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଗଜପତି ମହାରାଜାଙ୍କ ସହ ଅଧିକାରୀଙ୍କର ବୈଠକ ହୋଇଥିଲା। ଶ୍ରୀମନ୍ଦିରରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ନୀତିକାନ୍ତି ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ଶ୍ରୀମନ୍ଦିର ସମ୍ପର୍କିତ ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ମଧ୍ୟ ଗଜପତିଙ୍କୁ ସୂଚନା ଦିଆଯାଇଥିଲା।

ଉଲ୍ଲେଖଯୋଗ୍ୟ, ମହାପ୍ରଭୁଙ୍କ ରଥ ନିର୍ମାଣରେ ମୁଖ୍ୟତଃ ଅସନ, ଧଉରା, ଫାଶୀକାଠ ବ୍ୟବହାର କରାଯାଇଥାଏ। ଏଥି ମଧ୍ୟରେ ଫାଶୀକାଠ ବିରଳ ଏବଂ ଏହାର ଘୋର୍ ଅଭାବ ରହିଛି। ଏହି ଅଭାବକୁ ପୂରଣ କରିବା ପାଇଁ ପ୍ରତିବର୍ଷ ସ୍ୱେଚ୍ଛାକୃତ ଭାବେ ଫାଶୀକାଠ ଦାତାଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

## ଜେଲ୍‌ରେ ବିକ୍ରମଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ଦଳ

# ରାଜନୈତିକ ଷଡ଼ଯନ୍ତ୍ରରେ ଫସିଛନ୍ତି ବିକ୍ରମ: ପ୍ରତାପ

ବ୍ରହ୍ମପୁର,୨୨।୧୨(ସମିସ): ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ରାଜ୍ୟ ବରିଷ୍ଠ ଉପସଭାପତି ପ୍ରତାପ ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ବ୍ରହ୍ମପୁର ଜେଲରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ତାଙ୍କ ସହଯୋଗୀଙ୍କୁ ଭେଟିଛନ୍ତି। ସେଠାରୁ ବାହାରିବା ପରେ ପ୍ରତାପ ଗଣମାଧ୍ୟମକୁ କହିଛନ୍ତି ଯେ ବିକ୍ରମ ରାଜନୈତିକ ଷଡ଼ଯନ୍ତ୍ରର ଶିକାର ହୋଇଛନ୍ତି। କିନ୍ତୁ ଖୁବ୍‌ଶୀଘ୍ର ସେ ମୁକୁଳିବେ। ପ୍ରଭୁ ଜଗନ୍ନାଥଙ୍କ ଉପରେ ଆସ୍ଥା ଓ ନ୍ୟାୟପାଳିକା ଉପରେ ସମସ୍ତଙ୍କର ବିଶ୍ୱାସ ଅଛି। ସତ୍ୟର ଜୟ ହେବ ଏବଂ ବିକ୍ରମ ଓ ତାଙ୍କ ସହଯୋଗୀଙ୍କୁ ନ୍ୟାୟ ମିଳିବ।

ଦଳୀୟ ନିଷ୍ପତ୍ତି ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏହି ପ୍ରତିନିଧି ଦଳରେ ବିକ୍ରମଙ୍କ ବାପା କିଶୋର ଚନ୍ଦ୍ର ପଣ୍ଡା, ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ରାଜ୍ୟ କାଜୁନିଗମ ଅଧ୍ୟକ୍ଷ ସୁବାସ ମହାରଣା, ଆଇନଜୀବୀ ମଦନ ଦଳେଇଙ୍କ ପତ୍ନୀ, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ଆସିକା ସାଂସଦ ପ୍ରାର୍ଥିନୀ ରଂଜିତା ସାହୁ, କର୍ପୋରେଟର୍ ମଳୟ ବିଶୋୟୀଙ୍କ ପତ୍ନୀ, ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଶୂନ୍ୟଚନ୍ଦ୍ର ଦାସଙ୍କ ଭଉଣୀ, ପୂର୍ବତନ ବିଧାୟକ ସୁବାସ ବେହେରା ଓ ବିଜେଡି ମୁଖପାତ୍ର ତୁମ୍ବନାଥ ପଣ୍ଡା ପ୍ରମୁଖ ସାମିଲ



ଥିଲେ। ପୂର୍ବତନ ସାଂସଦ ତଥା ବିଜେଡି ରାଜ୍ୟ ଉପସଭାପତି ଚନ୍ଦ୍ରଶେଖର ସାହୁ ଉପସ୍ଥିତ ଥିଲେ ହେଁ ଜେଲର ମାର୍ଗଦର୍ଶିକା ଓ କଟକଣା ଯୋଗୁଁ ସେ ଭିତରକୁ ଯାଇ ନଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ମହାନଗର ନିଗମର ବହୁ କର୍ପୋରେଟର୍ ଜେଲ କ୍ୟାମ୍ପସରେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ମାମଲାରେ ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ପୁଲିସ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ସମେତ ମୋଟ ୧୬ଜଣଙ୍କୁ ଗିରଫ କରିଛି। ଗତ ଅକ୍ଟୋବର ୨୨ ତାରିଖରୁ ସମସ୍ତେ ବ୍ରହ୍ମପୁର ଜେଲରେ ଅଛନ୍ତି।

## ଇସ୍କନର ଅଦିନିଆ ରଥଯାତ୍ରା ପ୍ରସଙ୍ଗ

# ସରକାରଙ୍କ ସହ ଆଲୋଚନା କରି ପଦକ୍ଷେପ

ପୁରୀ, ୨୨।୧୨(ସମିସ): ଇସ୍କନର ଅଦିନିଆ ରଥଯାତ୍ରାକୁ ନେଇ ରବିବାର ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ବାର୍ଷିକ ଉତ୍ସବରେ କ୍ଷୋଭ ପ୍ରକାଶ କରିଥିଲେ ଗଜପତି ମହାରାଜା ଦିବ୍ୟସିଂହ ଦେବ। ଅଦିନିଆ ରଥଯାତ୍ରା ଏକ ଭୟଙ୍କର ବ୍ୟତିକ୍ରମ। ଏବେ ଆଚାର୍ଯ୍ୟମାନଙ୍କ ମତ ଓ ଭକ୍ତମାନେ ମତ ଦେବାର ସମୟ ଆସିଛି। ଯଦି ଆଚାର୍ଯ୍ୟ ଓ ଭକ୍ତମାନେ ଚୁପ୍ ରହିବେ, ତେବେ ଇସ୍କନ ମନଇଚ୍ଛା ଅଦିନିଆ ରଥଯାତ୍ରା କରିବେ। ଇସ୍କନର ଏଭଳି ନିଷ୍ପତ୍ତିକୁ ଆମେ ମାନିବୁ ନାହିଁ ବୋଲି କହିଛନ୍ତି ଗଜପତି ମହାରାଜା। ବିଡ଼ମ୍ବନା ହେଉଛି ଆମର ଓଡ଼ିଆ ଭାଇମାନେ ଅଦିନିଆ ରଥଯାତ୍ରାରେ ଅଂଶଗ୍ରହଣ କରିବା ସହ ଡୋନେସନ୍ ଦେଉଛନ୍ତି। ଆଗକୁ ଅଦିନିଆ ରଥଯାତ୍ରା ଏକ ପରମ୍ପରାରେ ପରିଣତ ହୋଇଯିବ। ଶାସ୍ତ୍ର ମତ ଅନୁଯାୟୀ ରଥଯାତ୍ରା ପାଳନ ହେବା ଉଚିତ ବୋଲି କହିଥିଲେ ଗଜପତି ମହାରାଜା। ଏହି ପ୍ରସଙ୍ଗରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ଭାରତ ଭିତରେ ରଥଯାତ୍ରା ତିଥି ଅନୁସାରେ କରିବା ପାଇଁ ଇସ୍କନ ସୂଚନା ଦେଇଛି। ଭାରତ ବାହାରେ ଅଦିନିଆ ରଥଯାତ୍ରା କରୁଥିବା ସଂସ୍ଥା ବିରୋଧରେ ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ସହ ଆଲୋଚନା କରାଯାଇ ଦୃଢ଼ ପଦକ୍ଷେପ ନିଆଯିବ। ଭାରତ ବାହାରେ ଅଦିନିଆ ରଥଯାତ୍ରା ଆୟୋଜନ ନ କରିବା ପାଇଁ ଗଜପତି ମହାରାଜା ମଧ୍ୟ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଚିଠି ଲେଖି ଅବଗତ କରାଇଛନ୍ତି। ପୂର୍ବରୁ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏନେଇ ବାରମ୍ବାର ଆଲୋଚନା କରାଯାଇଛି। ରାଜ୍ୟ ସରକାରଙ୍କ ପରାମର୍ଶ କ୍ରମେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

# ମତ୍ସ୍ୟଜୀବୀଙ୍କୁ ବିପଦ ଦେବୀମୁହାଣ

## ବାଲିକୁଦରେ ପିଟି ହୋଇ ଟ୍ରଲର୍ ବୁଡ଼ିଗଲା; ବର୍ତ୍ତିଗଲେ ୭

ଅସ୍ତରଙ୍ଗ, ୨୨।୧୨ (ସମିସ): ମତ୍ସ୍ୟଜୀବୀଙ୍କ ପାଇଁ ବିପଦ ସାଜିଛି ଅସ୍ତରଙ୍ଗସ୍ଥିତ ଦେବୀନଦୀ ମୁହାଣ। ମୁହାଣ ପୋତି ହୋଇଯିବାରୁ ଡଙ୍ଗାବୁଡ଼ି ଭଳି ଅଘଟଣ ବାରମ୍ବାର ଘଟୁଛି। ରବିବାର ରାତିରେ ପୁଣିଥରେ ଏପରି ଏକ ଦୁର୍ଘଟଣା ଘଟିଛି। ମା' କାଳୀ ନାମକ ଟ୍ରଲର ସମୁଦ୍ରରୁ ମାଛ ଧରି ନୂଆଗଡ଼ ଜେଟିକୁ



ଫେରୁଥିବା ବେଳେ ମୁହାଣ ନିକଟରେ ମାଛ ଧରିବା ପାଇଁ ପଡ଼ିଥିବା ଜାଲ ଟ୍ରଲର୍‌ର ପଙ୍ଖାରେ ଗୁଡ଼େଇ ହୋଇଯାଇଥିଲା। ଫଳରେ ଲହଡ଼ି ମାଡ଼ରେ ଟ୍ରଲର୍‌ଟି ଭାସିଭାସି ମୁହାଣ ନିକଟରେ ରହିଥିବା ବାଲିକୁଦରେ ପିଟି ହୋଇ କଣା ହୋଇଯାଇଥିଲା। ଫଳରେ ସେଥିରେ ପାଣି ପଶି ବୁଡ଼ିବା ଆରମ୍ଭ କରିଥିଲା। ଟ୍ରଲର୍‌ରେ ରହିଥିବା ୭ଜଣ କ୍ରୁ-ମେମ୍ବର ଅନ୍ଧାର ରାତିରେ ଜୀବନ ବିକଳରେ ଟ୍ରଲର୍ ଛାତ ଉପରକୁ ଚଢ଼ିଯାଇଥିଲେ। ଆଖପାଖରେ ମାଛ ଧରୁଥିବା ଅନ୍ୟ ମତ୍ସ୍ୟଜୀବୀମାନେ ଅନ୍ୟ ଏକ ଟ୍ରଲର୍ ସାହାଯ୍ୟରେ ସେମାନଙ୍କୁ ଉଦ୍ଧାର କରିବା ପାଇଁ ଯାଇଥିଲେ ହେଁ ମୁହାଣ ଭିତରେ ଯାଇ ନପାରି ଫେରି ଆସିଥିଲେ। ପରେ ମୋଟର ଡଙ୍ଗା ନେଇ ଯାଇଥିବା କେତେକ ମତ୍ସ୍ୟଜୀବୀ ଟ୍ରଲର ନିକଟରେ ପହଞ୍ଚି ସମସ୍ତ ୭ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରିଥିଲେ। ପ୍ରତିବର୍ଷ ଏହି ମୁହାଣ ପୋତି ହୋଇ ଚାଲିଥିବା ବେଳେ ସାମୁଦ୍ରିକ ମତ୍ସ୍ୟ ବିଭାଗ ନିରବ ସାଜିଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ମୁହାଣ ଖୋଲିବାକୁ ବିଭାଗ ଆଗ୍ରହ ପ୍ରକାଶ କରୁନାହିଁ। ଏଥିଯୋଗୁଁ ଏହି ମୁହାଣ ଏବେ ଏଠିକା ମତ୍ସ୍ୟଜୀବୀଙ୍କ ପାଇଁ ବିପଦ ପାଲଟିଛି। ପୂର୍ବରୁ ଏହି ମୁହାଣ ଦେଇ ଟ୍ରଲର ଏବଂ ମୋଟର ଡଙ୍ଗା ସମୁଦ୍ର ମଧ୍ୟକୁ ଯିବା ସମୟରେ ଅନେକ ସମୟରେ ଦୁର୍ଘଟଣାର

- ମୁହାଣ ପୋତି ହୋଇଗଲାଣି; ଖୋଲା ହେଉନି
- ସମୁଦ୍ରରୁ ମାଛ ଧରି ଫେରିବା ସମୟରେ ଅଘଟଣ

ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ପ୍ରତିବର୍ଷ ଏହି ମୁହାଣ ନିକଟରେ ଏକାଧିକ ଟ୍ରଲର ଏବଂ ମୋଟର ଡଙ୍ଗା ବାଲିକୁଦରେ ପିଟି ହୋଇ ଭାଙ୍ଗିଯିବା ସହ ମୁହାଣଠାରେ ବୁଡ଼ିଯାଇ ସମୁଦ୍ର ଗର୍ଭରେ ଲୀନ ହୋଇଯାଇଥିବାର ନଜିର ବି ରହିଛି। ଅସ୍ତରଙ୍ଗ ଅଞ୍ଚଳର ସମାଜସେବୀ ଲକ୍ଷ୍ମୀଧର ବିଶ୍ୱାଳ ସୋମବାର ଦେବୀ ନଦୀ ମୁହାଁଣକୁ ଖୋଲିବା ପାଇଁ ସାମୁଦ୍ରିକ ମତ୍ସ୍ୟ ବିଭାଗ ନିକଟରେ ଦାବି ଜଣାଇଛନ୍ତି। ତେବେ ଦେଖିବାକୁ ବାକି ରହିଲା ଦେବୀ ମୁହାଁଣକୁ ସରକାର କେବେ ଖୋଲିବେ ଏବଂ ହଜାର ହଜାର ମତ୍ସ୍ୟଜୀବୀଙ୍କୁ ସୁରକ୍ଷା ଯୋଗାଇଦେବେ।

ଅସ୍ତରଙ୍ଗ ଅଞ୍ଚଳରେ ରହିଥିବା ପ୍ରାୟ ୧୦ହଜାର ମତ୍ସ୍ୟଜୀବୀ ପରିବାର ଦେବୀନଦୀ ଓ ସମୁଦ୍ର ଉପରେ ନିର୍ଭରଶୀଳ। ସେମାନେ ଟ୍ରଲର ଏବଂ ମୋଟର ଡଙ୍ଗା ମାଧ୍ୟମରେ ସମୁଦ୍ରରୁ ମାଛ ଧରି ପରିବାର ପ୍ରତିପୋଷଣ କରିଥା'ନ୍ତି। ସମୁଦ୍ର ମଧ୍ୟକୁ ଯିବା ପାଇଁ ଏକମାତ୍ର ରାସ୍ତା ହେଉଛି ଦେବୀ ନଦୀ ମୁହାଣ। ଏହି ମୁହାଣ ଦେଇ ପ୍ରତିଦିନ ବହୁ ସଂଖ୍ୟାରେ ଟ୍ରଲର୍, ମୋଟର ଡଙ୍ଗା ଯିବାଆସିବା କରିଥାଏ। ଏହି ନଦୀମୁହାଣ ଏଠିକା ମତ୍ସ୍ୟଜୀବୀମାନଙ୍କ ଜୀବନଜୀବିକାର ଏକମାତ୍ର ରାସ୍ତା କହିଲେ ବି ଅତ୍ୟୁକ୍ତି କିମ୍ବା ଅତିଶୟୋକ୍ତି ହେବ ନାହିଁ। କିନ୍ତୁ,

# କିଟ୍ ନନ୍ଦିପରୀର ରୌପ୍ୟ ଉଡ଼ାଣ

ଶ୍ରୀମଦ୍ ଭଗବଦ୍ ଗୀତାରେ ଅଧ୍ୟାତ୍ମ ପରିପୂର୍ତ୍ତି ପାଇଁ ଚାରିଗୋଟି ମାର୍ଗର ଅବତାରଣା କରାଯାଇଛି। ସେଗୁଡ଼ିକ ହେଲା କର୍ମଯୋଗ (କର୍ମ ମାର୍ଗ), ଜ୍ଞାନ ଯୋଗ (ଜ୍ଞାନ ମାର୍ଗ), ଭକ୍ତି ଯୋଗ (ଭକ୍ତି ମାର୍ଗ) ଓ ରାଜ ଯୋଗ (ଧ୍ୟାନ ମାର୍ଗ)। ମୁଁ କର୍ମଯୋଗରେ ବିଶ୍ୱାସ କରେ। ନିଃସ୍ୱାର୍ଥପର ସେବା ଓ କର୍ମ ମାଧ୍ୟମରେ ଜୀବନର ଲକ୍ଷ୍ୟ ଓ ଉଦ୍ଦେଶ୍ୟର ଚରିତାର୍ଥ ପାଇଁ ବ୍ରତୀ ରହିଆସିଛି। ମୋର ବୃତ୍ତିଗତ ଯାତ୍ରା ଅନେକ କ୍ଷେତ୍ର ଦେଇ ଗତି କରିଆସିଛି। ଶିକ୍ଷା, ସ୍ୱାସ୍ଥ୍ୟ ସେବା, ଜନଜାତି ସଶକ୍ତୀକରଣ, କ୍ରୀଡ଼ା, ଗଣମାଧ୍ୟମ, କଳା, ସିନେମା, ସାହିତ୍ୟ ଓ ଆଧ୍ୟାତ୍ମିକତା ଆଦି ଏଥିରେ ଅନ୍ତର୍ଭୁକ୍ତ। ପ୍ରତ୍ୟେକ କ୍ଷେତ୍ରରେ ମୋର ସମ୍ପୃକ୍ତି ଓ ଅବଦାନ ଏକ ମୌଳିକ ସତ୍ୟର ପରିପ୍ରକାଶ କରିଛି। ପ୍ରକୃତ ରୂପାନ୍ତରଣ ସେତେବେଳେ ଘଟେ ଯେତେବେଳେ ଆମେ ଅତୀତର କୃତି ଓ କୀର୍ତ୍ତିକୁ ଅତିକ୍ରମ କରି ଉଦୀୟମାନ ସମ୍ଭାବନାଗୁଡ଼ିକ ଉପରେ ଧ୍ୟାନ କେନ୍ଦ୍ରିତ କରୁ। ମୁଁ ମୋର ନିୟମିତ କାର୍ଯ୍ୟ ସହ ଅନେକ ପ୍ରୟାସ ଯଥା ଦେବାର କଳା, କନ୍ୟା କିରଣ, କଳିଙ୍ଗ ଫେଲୋସିପ୍, ଇଣ୍ଡିଆ ଏଗେନ୍‌ଷ୍ଟ ନେଗେଟିଭିଟି (ନକାରାତ୍ମକତା ବିରୋଧରେ ଭାରତ), ସମସ୍ତଙ୍କ ପାଇଁ ଶିକ୍ଷା, ନୂଆ ମନ ନୂଆ ସପନ, ଗ୍ରାମୀଣ ଓଡ଼ିଶାର ସ୍ୱାସ୍ଥ୍ୟ ସଶକ୍ତିକରଣ, କିଟ୍ କେୟାର୍‌ସ ଆଦି ନିମନ୍ତେ ଉତ୍ସର୍ଗୀକୃତ ରହିଆସିଛି।

ମୋର ବିବିଧ ପ୍ରୟାସ ମଧ୍ୟରେ କିଟ୍ ନନ୍ଦିପରୀ- ଲିଟିଲ୍ ମିସ୍ ଇଣ୍ଡିଆ ଅନ୍ୟତମ। ଏହା ଏକ ପୁରୁଣା କାର୍ଯ୍ୟକ୍ରମ ଯାହା ବର୍ଷ ପରେ ବର୍ଷ ଚାଲିଆସିଛି। ଏବଂ ଏହା ମଧ୍ୟ ମୋର ଅତ୍ୟନ୍ତ ପ୍ରିୟ। ପ୍ରାୟ ପଚିଶ ବର୍ଷ ତଳେ ସମାଜସେବୀ ମଳୟ ମହାପାତ୍ର କିଶୋରୀମାନଙ୍କ ଅନ୍ତର୍ନିହିତ ପ୍ରତିଭା ଓ ସାମର୍ଥ୍ୟର ପରିପ୍ରକାଶ ଓ ବିକାଶ ନିମନ୍ତେ ଏକ ମଞ୍ଚର ଆବଶ୍ୟକତା ସମ୍ପର୍କରେ ମୋତେ ପ୍ରସ୍ତାବ ଦେଇଥିଲେ। ମୁଁ ବୁଝିଥିଲି ଯତ୍ର ନାର୍ଯ୍ୟାସ୍ତୁ ପୂଜ୍ୟନ୍ତେ, ରମନ୍ତେ ତତ୍ର ଦେବତାଃ - ଅର୍ଥାତ୍ ଯେଉଁଠି ନାରୀମାନଙ୍କୁ ପୂଜା କରାଯାଏ, ସେଠି ଦେବତାମାନେ ଆବିର୍ଭୂତ ହୁଅନ୍ତି। ଏହି ଭାବବୋଧ ମତେ ସବୁବେଳେ ଅନୁପ୍ରାଣିତ କରିଛି। ଏହା ହିଁ କିଟ୍



ଡ. ଅଚ୍ୟୁତ ସାମନ୍ତ

ନନ୍ଦିପରୀ କାର୍ଯ୍ୟକ୍ରମର ପ୍ରେରଣା ଓ ଆଧାର। ନିଃଶୁଳ୍କ ପଞ୍ଜୀକରଣ ସହ ରହିବା, ଖାଇବା, ପରିବହନ ଓ ବୃତ୍ତିଗତ ତାଲିମ ଆଦି ସବୁକିଛି ପୂର୍ଣ୍ଣ ଆନୁଷ୍ଠାନିକ ପୃଷ୍ଠପୋଷକତାରେ ଏହା ସମ୍ପାଦିତ ହୁଏ। ଏଥିରେ କୌଣସି ସାମାଜିକ ଓ ଅର୍ଥନୈତିକ ବାଛ ବିଚାର ନଥାଏ। ପ୍ରତିଭାର ଯଥାର୍ଥ ପରିପ୍ରକାଶ ହିଁ ନନ୍ଦିପରୀ କାର୍ଯ୍ୟକ୍ରମର ଏକମାତ୍ର ଲକ୍ଷ୍ୟ। ଏହି ଆଦର୍ଶ ଓ ଆଭିମୁଖ୍ୟରେ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମ ଏବେ ପାଲଟିଛି ଗୌରବମୟ ଇତିହାସ।

ଆଜି କିଟ୍ ନନ୍ଦିପରୀ ଭାରତର ୧୩ରୁ ୧୫ବର୍ଷ ବୟସର ବାଳିକାମାନଙ୍କ ପାଇଁ ପ୍ରତିଭା ମଞ୍ଚ ଭାବରେ ପ୍ରତିଷ୍ଠିତ ହୋଇପାରିଛି। ଗତ ୨୫ ବର୍ଷ ଧରି ପନ୍ଦର ହଜାରରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଏଥିରେ ସାମିଲ ହୋଇଛନ୍ତି। ଚଳିତ ବର୍ଷ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ କିଶୋରୀ ଏଥି ପାଇଁ ପଞ୍ଜୀକରଣ କରିଥିବା ସୁଖର କଥା।

ଦେଶବ୍ୟାପୀ ୨୫ଟି ସହରରେ ଆୟୋଜିତ ଅଡ଼ିସନ୍‌ରେ ୩୫ଜଣ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛନ୍ତି। ଚଳିତବର୍ଷ ରୌପ୍ୟ ଜୟନ୍ତୀ ସଂସ୍କରଣ ଭୁବନେଶ୍ୱରରେ ୨୨ ଓ୨୩ ଡିସେମ୍ବରରେ ଅନୁଷ୍ଠିତ ହେବ। ଗ୍ରାଣ୍ଡ ଫିନାଲେ ସମ୍ପୂର୍ଣ୍ଣ ଆନୁଷ୍ଠାନିକ ସହଯୋଗ ଓ ସହାୟତାରେ ଅନୁଷ୍ଠିତ ହେବ। ଏହି ସଂଖ୍ୟା ସଫଳତାକୁ ଆଂଶିକ ସୂଚାଏ। ଏହି ବର୍ଷର ପୁରସ୍କାର ରାଶି ୫୬ ଲକ୍ଷ ଟଙ୍କା, ଯାହା ନନ୍ଦିପରୀ ଇତିହାସରେ ସର୍ବାଧିକ। ବିଜୟିନୀଙ୍କୁ ୨୮ ଲକ୍ଷ ଟଙ୍କା, ପ୍ରଥମ ଓ ଦ୍ୱିତୀୟ ରର୍ନସ୍ ଅପ୍‌ଙ୍କୁ ଯଥାକ୍ରମେ ୧୪ଲକ୍ଷ ଓ ୧୨ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ପ୍ରତ୍ୟେକ ବର୍ଗର ବିଜୟିନୀ ୨୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପାଇବେ।

କିଟ୍ ନନ୍ଦିପରୀ ଆମର ବ୍ୟାପକ ବିକାଶମୂଳକ କାର୍ଯ୍ୟକ୍ରମ ଯଥା କନ୍ୟା କିରଣ ଓ କଳିଙ୍ଗ ଫେଲୋସିପ୍ ସହ ସମନ୍ୱିତ ହୋଇପାରିଛି। ଆମେ ନିର୍ମାଣ କରୁଥିବା କୀର୍ତ୍ତି କି ସ୍ମାରକୀ ଦ୍ୱାରା ନୁହେଁ, ବରଂ ଆମେ ଆମର ଝିଅମାନଙ୍କ ମଧ୍ୟରେ ଯେଉଁ ଆତ୍ମବିଶ୍ୱାସ, ଆସ୍ଥା ଓ ସାହସ ସୃଷ୍ଟି କରୁ ତାହାଦ୍ୱାରା ସମାଜର ମୂଲ୍ୟାୟନ ହୋଇଥାଏ। ମୁଁ ବିଶ୍ୱାସ କରେ ପ୍ରତ୍ୟେକ ଝିଅ ଡେଣା ନେଇ ଆସିଥାଏ। ସମାଜର ଦାୟିତ୍ୱ ତାଙ୍କୁ ଉଡ଼ାଣ ଯୋଗାଇବା ନୁହେଁ ବରଂ ଏଥିରେ ହେଉଥିବା ପ୍ରତିବନ୍ଧକକୁ ଦୂର କରିବା। କିଟ୍ ନନ୍ଦିପରୀ ଅସାଧାରଣ କିଶୋରୀ ନିର୍ମାଣ କରେ ନାହିଁ, ଏହା ତାଙ୍କ ଅନ୍ତର୍ନିହିତ ଆଲୋକର ପ୍ରକାଶର ବାଟ ଖୋଲିଦିଏ। ଭାରତର ଝିଅମାନେ କେବେ ବି ଶକ୍ତିହୀନ ନ ଥିଲେ, ସେମାନେ କେବଳ ବିଶ୍ୱାସ ଓ ପ୍ରେରଣାକୁ ଅପେକ୍ଷା କରିଥାନ୍ତି। କିଟ୍ ନନ୍ଦିପରୀ ଓ ଆମେ ସେହି ଆସ୍ଥା ଓ ବିଶ୍ୱାସ ରୂପାୟନ ପାଇଁ ସାହସର ସହ ଆଗେଇ ଆସିଛୁ। ■

- ପ୍ରତିଷ୍ଠାତା, କିଟ୍ ଓ କିସ୍



## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।


**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ।

## ଆଜିର ଇତିହାସ

- ୧୮୯୪- ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ଶାନ୍ତି ନିକେତନରେ ପୁଷ୍ ମେଳାର ଉଦ୍‌ଘାଟନ କଲେ।
- ୧୯୨୧-ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ।
- ୧୯୨୨- ବିବିସି ରେଡିଓ ଦୈନିକ ସମାଚାର ପ୍ରସାରଣ ଆରମ୍ଭ ହେଲା।
- ୧୯୭୨- ନିକାରାଗୁଆର ରାଜଧାନୀ ମନାଗୁଆରେ ଭୂମିକମ୍ପ ହେବାରୁ ପାଖାପାଖି ୧୦ ହଜାର ଲୋକଙ୍କ ପ୍ରାଣହାନି।
- ୨୦୦୦-ପଶ୍ଚିମବଙ୍ଗର ରାଜଧାନୀର ନାମ କଲିକତାକୁ ବଦଳାଇ କୋଲକାତା କରାଗଲା।



# ଅନ୍ନଦାତାଙ୍କ ପାଇଁ ଦିନଟିଏ

ପ୍ରତିବର୍ଷ ଡିସେମ୍ବର ୨୩ ତାରିଖକୁ ଜାତୀୟ କୃଷକ ଦିବସ ରୂପେ ପାଳନ କରାଯାଇଥାଏ । ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂଙ୍କ ଜନ୍ମ ଜୟନ୍ତୀକୁ ଜାତୀୟ କୃଷକ ଦିବସ ଭାବେ ପାଳନ କରାଯାଏ। ସାମାଜିକ-ଅର୍ଥନୈତିକ ବିକାଶରେ କୃଷକଙ୍କ ଅବଦାନକୁ ଚିହ୍ନିବା ଏବଂ ସେମାନଙ୍କ କଲ୍ୟାଣ ପାଇଁ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହଙ୍କ ଜନ୍ମ ୧୯୦୨ ମସିହା ଆଜିର ଦିନରେ ହୋଇଥିଲା। ପ୍ରଧାନମନ୍ତ୍ରୀ ଥିବା କାଳରେ ଦେଶର କୃଷକଙ୍କ ଉନ୍ନତି କ୍ଷେତ୍ରରେ ସେ ଅନେକ ପଦକ୍ଷେପ ନେଇଥିଲେ। ଏହାର ମୂଳ କାରଣ ଥିଲା ସେ ନିଜେ କୃଷକ ପରିବାରରେ ଜନ୍ମ ହୋଇଥିଲେ। ସେ କୃଷକଙ୍କ ସମସ୍ୟାକୁ ଅଙ୍ଗେ ନିଭାଇଥିଲେ। ସେଥିପାଇଁ ତାଙ୍କ ଜନ୍ମଦିନକୁ ସାରାଦେଶରେ କୃଷକ ଦିବସ ଭାବେ ପାଳନ କରାଯାଉଛି। ପ୍ରଧାନମନ୍ତ୍ରୀ ଚରଣ ସିଂ ନିଜ କାର୍ଯ୍ୟକାଳରେ କୃଷକମାନଙ୍କର ରୋଜଗାର ବୃଦ୍ଧି, କୃଷି କ୍ଷେତ୍ରରେ ଆଧୁନିକ ଯନ୍ତ୍ରପାତିର ବ୍ୟବହାର, ଉନ୍ନତମାନର ବିହନ ଓ ଚାଷ ପ୍ରଣାଳୀର ପରିବର୍ତ୍ତନ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପମାନ ଗ୍ରହଣ କରିଥିଲେ। ସେ ଦେଶର ପ୍ରଧାନମନ୍ତ୍ରୀ ଭାବେ ବହୁତ୍ କମ ଦିନ କାର୍ଯ୍ୟ କରିଛନ୍ତି । ହେଲେ କୃଷକ ଓ କୃଷି କ୍ଷେତ୍ରରେ ସେ ଯେଭଳି ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ, ତାହାକୁ ନଜରରେ ରଖି ୨୦୦୧ ମସିହାଠାରୁ ଆଜିର ଦିନକୁ କୃଷକ ଦିବସ ଭାବେ ପାଳନ କରାଯାଉଛି। କୃଷି କ୍ଷେତ୍ରରେ ପରିବର୍ତ୍ତନ ସହ କୃଷକମାନଙ୍କୁ ସଶକ୍ତ କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। କୃଷି ଓ କୃଷକର ଉନ୍ନତିରେ ଦେଶର ପ୍ରଗତି ସମ୍ଭବ ହୋଇଥାଏ। କୃଷକମାନେ ଦେଶର ଅର୍ଥନୀତିର ମେରୁଦଣ୍ଡ। କୃଷି ଓ କୃଷକର ଉନ୍ନତି ବ୍ୟତିରେକ ଦେଶର ପ୍ରଗତି ଅସମ୍ଭବ। ସେଥିପାଇଁ କୃଷକଙ୍କୁ ଅନ୍ନଦାତା କୁହାଯାଏ। ଦେଶର ପ୍ରତି ନାଗରିକ ଅନ୍ନଦାତାଙ୍କ ଠାରେ ଚିରଋଣୀ। ଅଧିକାଂଶ ସମୟରେ କୃଷକ ଆତ୍ମହତ୍ୟା ଖବରର ଶିରୋନାମାରେ ରହୁଛି। ଏହିଦିନ କୃଷି ଓ କୃଷକଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଦୃଢ଼ ସଂକଳ୍ପବଦ୍ଧ ହେବା ସହ ଅକାଳରେ ଯେପରି ଅନ୍ନଦାତାଙ୍କ ଜୀବନ ନଯାଏ ସେଥିପ୍ରତି ସମସ୍ତେ ଦାୟିତ୍ୱବାନ ହେବାର ଆବଶ୍ୟକତା ରହିଛି । ଏହି ଦିନ କୃଷି ଉପରେ ବିଭିନ୍ନ କାର୍ଯ୍ୟକ୍ରମ, ସେମିନାର, ଉତ୍ସବ ଏବଂ ପ୍ରତିଯୋଗିତା ଆୟୋଜନ କରାଯାଏ।




# 'ବର୍ଡର ୨'ରେ ଦେଖାଯିବେ ଏହି ଚାରି ନାୟିକା

ବଲିଉଡ୍‌ର ଆକ୍ସନ୍ ଷ୍ଟାର୍ ସନ୍ନି ଦେଓ୍ୱଲ ଏବେ ତାଙ୍କର ବହୁ ପ୍ରତୀକ୍ଷିତ ଫିଲ୍ମ 'ବର୍ଡର ୨' ପାଇଁ ଚର୍ଚ୍ଚାରେ ଅଛନ୍ତି। ଏଥିରେ ସନ୍ନିଙ୍କ ସହ ଦିଲଜିତ୍ ଦୋସାଞ୍ଜ, ବରୁଣ ଧଓ୍ୱନ୍ ଓ ଅହାନ୍ ସେଟ୍ଟୀ ଲିଡ୍ ରୋଲରେ ନଜର ଆସିବେ। ନିକଟରେ ଫିଲ୍ମର ଟିଜର୍ ଜାରି କରାଯାଇଥିଲା। ଏହା ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି। ଅନେକ ଦିନରୁ ଏଥିରେ ନାୟିକା ଭାବେ କିଏ ଦେଖାଯିବେ ସେନେଇ କଳ୍ପନାଜଳ୍ପନା ଲାଗି ରହିଥିଲା। ଟିଜର୍‌ରୁ ଫିଲ୍ମର ନାୟିକାମାନଙ୍କ ସମ୍ପର୍କରେ ଜଣାପଡ଼ିଛି। ଏଥିରେ ମୋନା ସିଂହ ସନ୍ନି ଦେଓ୍ୱଲଙ୍କ ବିପକ୍ଷରେ ନଜର ଆସିବେ। ସେହିଭଳି ସୋନମ୍ ବାଜଓ୍ୱା, ଦିଲଜିତ୍ ଦୋସାଞ୍ଜଙ୍କ ସହ ଦେଖାଯିବେ। ସୋନମ୍‌ଙ୍କୁ ଶେଷଥର ପାଇଁ ହର୍ଷବର୍ଦ୍ଧନ ରାଣେଙ୍କ ସହ 'ଏକ ଦିବାନେ କି ଦିବାନିୟତ' ଫିଲ୍ମରେ ଦେଖାଯାଇଥିଲା। ଅହାନ୍ ସେଟ୍ଟୀଙ୍କ ପତ୍ନୀ ଭୂମିକାରେ ଅନ୍ୟା ସିଂହଙ୍କୁ ଦେଖିବାକୁ ମିଳିବ। ଏହାପୂର୍ବରୁ ଅନ୍ୟା 'ଜି କରଦା', 'ସ୍ତ୍ରୀ ୨', 'ଖୋ ଗଏ ହମ୍ କହାଁ' ଫିଲ୍ମରେ ଦେଖାଯାଇଥିଲେ । ମେଘା ରାଣା ଏଥିରେ ବରୁଣ ଧଓ୍ୱନ୍‌ଙ୍କ ବିପକ୍ଷରେ ଦେଖାଯିବେ। ଅନୁରାଗ ସିଂହ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏହା ଆସନ୍ତା ଜାନୁଆରୀ ୨୩ରେ ପରଦାକୁ ଆସିବ।

## ଆଜି ଆସିଥିଲେ

# କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ



ଆଧୁନିକ ଓଡ଼ିଆ ନାଟ୍ୟକାର, ଗୀତିକାର, କବି, ସଙ୍ଗୀତଜ୍ଞ ଓ ନୃତ୍ୟ ବିଶାରଦ ଭାବେ କାଳୀଚରଣ ପଟ୍ଟନାୟକଙ୍କ ଅବଦାନ ଅସାଧାରଣ। ସେ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଅରମ୍ଭ କରିଥିଲେ। ପରେ ସେ ଆଧୁନିକ ମଞ୍ଚ ନାଟକ ଲେଖିଲେ। ତାଙ୍କୁ ଆଧୁନିକ ଓଡ଼ିଆ ନାଟ୍ୟଶାସ୍ତ୍ରର 'ଭରତମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲା। ସେ ପାଖାପାଖି ଏକ ଦଶନ୍ଧି ଧରି ସକ୍ରିୟ ଭାବେ ନାଟକ ସହ ଜଡ଼ିତ ଥିଲେ। ମର୍ମସ୍ପର୍ଶୀ ଭକ୍ତି ଗୀତ, ପଲ୍ଲୀ ଗୀତ, ରୋମାଣ୍ଟିକ୍ ଗୀତ ଓ ଦେଶାତ୍ମବୋଧ ଗୀତ ରଚନାରେ ସେ ସିଦ୍ଧହସ୍ତ ଥିଲେ। ୧୯୨୯ରେ 'ସାକ୍ଷୀଗୋପାଳ ନାଟକ ସଂଘ' ଓ ୧୯୩୯ରେ 'ଓଡ଼ିଶା ଥିଏଟର୍ସ' ନାମରେ ରଙ୍ଗମଞ୍ଚ ଗଠନ କରି ସେ ଓଡ଼ିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନାଟକ ଗାର୍ଲ ସ୍କୁଲ (୧୯୩୯) ଓଡ଼ିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲା। କାଳୀଚରଣ ୧୮୯୭ ମସିହା ଆଜିର ଦିନରେ ବାଙ୍କୀର ଖମାରଙ୍ଗ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀ ଥିଲେ। କାଳୀଚରଣଙ୍କ ପିତା ବଡ଼ମ୍ବାଗଡ଼ର ଦେୱାନ୍ ଥିଲେ। ଏକ କଳାକାର ପରିବାରରେ ଜନ୍ମିତ କାଳୀଚରଣ ମାତ୍ର ୧୦ ବର୍ଷ ବୟସରୁ ଲେଖିବା ଆରମ୍ଭ କରିଥିଲେ। ଗଡ଼ଜାତ ପ୍ରକୃତି ଭିତରେ ବଢ଼ିଥିବା କାଳୀଚରଣ ବଣ, ପାହାଡ଼, ଝରଣାର କୁଳୁକୁଳୁ ନାଦ, କୋଇଲିର କୁହୁତାନକୁ ଉପାଦାନ କରି ଲେଖୁଥିଲେ। ତାଙ୍କର ପ୍ରାଥମିକ ଶିକ୍ଷା ସେ ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ୍ ପଢ଼ିଥିଲେ। କଟକ ରେଭେନ୍‌ସା କଲେଜରୁ ସେ ଉଚ୍ଚଶିକ୍ଷା ଗ୍ରହଣ କରିଥିଲେ। ଗୋବିନ୍ଦଚନ୍ଦ୍ର ଶୂରଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକୀୟ ଗୁଣାବଳୀ ବିକଶିତ ହୋଇଥିଲା। ରେଭେନ୍ସା କଲେଜରେ ପଢୁଥିବା ସମୟରେ 'କଳାହାଣ୍ଡିଆ ମେଘ' ନାମରେ ପ୍ରଥମ କବିତା ଲେଖିଥିଲେ। କବିତାଟି ପଢ଼ି ଭକ୍ତକବି ମଧୁସୂଦନ ରାଓ ତାଙ୍କୁ ୧୦୦ ଟଙ୍କା ପୁରସ୍କାର ଦେଇଥିଲେ। ୧୯୧୮ରେ ଆଇଏ ପଢ଼ିବାବେଳେ ସେ ପ୍ରଥମ ନାଟକ 'ଧ୍ରୁବ' ରଚନା କରିଥିଲେ ମଧ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ 'ପ୍ରତିଶୋଧ'। ପ୍ରାୟ ୪୦ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଥିଲେ ବହୁ ନୃତ୍ୟନାଟିକା, ଗଳ୍ପ, ଉପନ୍ୟାସ ଓ କବିତା। ଗଜପତି ରାମଚନ୍ଦ୍ର ଦେବଙ୍କର ରାଜଦରବାରରେ ଏକଦା ସଭାକବି ଓ ରାଜ-ସଙ୍ଗୀତଜ୍ଞ ପଦବୀ ଅଳଙ୍କୃତ କରିଥିବା କାଳୀଚରଣ ପଟ୍ଟନାୟକ ଗଜପତିଙ୍କ ଦ୍ୱାରା ୧୯୨୭ ମସିହାରେ 'କବିଚନ୍ଦ୍ର' ଉପାଧିରେ ଭୂଷିତ ହେବା ସଙ୍ଗେ ସଙ୍ଗେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଚାମର ସେବା ଓ ବୈଷ୍ଣବାଗ୍ନି ପ୍ରାପ୍ତ ହେବା ପାଇଁ ସ୍ୱୀକୃତି ଓ ଆଜ୍ଞାପ୍ରାପ୍ତ ହୋଇଥିଲେ । ୧୯୪୪ ମସିହାରେ ଉତ୍କଳ ସାହିତ୍ୟ ସମାଜ ତାଙ୍କୁ 'ନାଟ୍ୟାଚାର୍ଯ୍ୟ' ଉପାଧିରେ ସମ୍ମାନିତ କରିଥିଲା। ୧୯୭୪ ମସିହାରେ ତାଙ୍କୁ 'ପଦ୍ମଶ୍ରୀ' ସମ୍ମାନ ମିଳିଥିଲା, କିନ୍ତୁ ଅଭିମାନରେ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ୧୯୭୭ରେ ତାଙ୍କ ଆତ୍ମଜୀବନୀ 'କୁମ୍ଭାରଚକ' ପାଇଁ ତାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା। ୧୯୭୮ ମସିହା ଜୁଲାଇ ୨୪ରେ ଏହି ମହାନ ନାଟ୍ୟାଚାର୍ଯ୍ୟଙ୍କ ଦେହାନ୍ତ ହୋଇଥିଲା।






# ବାଦାମ ଚୋପାରୁ ଖତ

**ବାଦାମ ଏକ ଅର୍ଥକରୀ ଫସଲ। ଅଧିକାଂଶ ଚାଷୀ ବାଦାମ ଚାଷ କରି ଜୀବିକା ନିର୍ବାହ କରନ୍ତି। ବାଦାମ ଚୋପାକୁ ବର୍ଜ୍ୟ ଭାବି ଫିଙ୍ଗି ଦିଆଯାଏ। ହେଲେ ଜାଣନ୍ତିକି, ବାଦାମ ଚୋପା ବି ଜୈବିକ ଖତ ରୂପେ କାମ କରିଥାଏ। ଏହି ଖତ ଫସଲରେ ପ୍ରୟୋଗ କଲେ ମୃତ୍ତିକାର ଗୁଣବତ୍ତା ବଜାୟ ରହେ।**

ବାଦାମ ମଞ୍ଜିରୁ ତେଲ ବାହାରିବା ପରେ ଏହାର ଅବଶିଷ୍ଟାଂସ ଖତ ରୂପେ ବ୍ୟବହାର କରାଯାଏ। ଠିକ୍ ସେହିପରି ବାଦାମ ଚୋପାରେ ଯବକ୍ଷାରଜାନ, ଫସ୍‌ଫରସ ଏବଂ ପଟାସିୟମ ଆଦି ପୋଷକତତ୍ତ୍ୱ ଥିବାରୁ ଏହା ଗଛ ପାଇଁ ଭଲ। ଏଥିରୁ ଖତ କରିବାକୁ ପ୍ରଥମେ ବାଦାମ ଚୋପାକୁ ଶୁଖାଇ ତାହାକୁ ଗୁଣ୍ଡ କରି ସେଥିରେ ପାଣି, ଗୋବର ଖତ, ଚା' ପତି ମିଶାଇ ପାତ୍ରରେ ସପ୍ତାହ ଯାଏଁ ରଖାଯାଏ। ଏଥିରେ ୱେଷ୍ଟ ଡିକମ୍ପୋଜର ମିଶାଇ ପ୍ରତିଦିନ ଗୋଳାଯାଏ। ସପ୍ତାହ ପରେ ମିଶ୍ରଣକୁ ଛାଣି ଅନ୍ୟ ପାତ୍ରରେ ରଖି ଏଥିରେ ପାଣି ମିଶାଇ ଅନୁମୋଦିତ ହାରରେ ଫସଲରେ ପ୍ରୟୋଗ କରାଯାଏ।

ବାଦାମ ଚୋପାରୁ ତରଳ ଔଷଧ ମଧ୍ୟ ପ୍ରସ୍ତୁତ କରିପାରିବେ। ଏହି ଖତ ପ୍ରୟୋଗ କରିବା ଦ୍ୱାରା ମାଟିର ଗୁଣବତ୍ତା ଭଲ ହୁଏ। ଆର୍ଦ୍ରତା ଠିକ୍ ରହିଥାଏ। ସେହିପରି ଅଧିକ ଫୁଲ ଆସିବାରେ ଏହି ଖତ ସାହାଯ୍ୟ କରେ।

# ଶୀତଦିନେ କଅଁଳା ବାଛୁରୀର ଯତ୍ନ

**ଶୀତଋତୁରେ ପ୍ରବଳ ଥଣ୍ଡା ଯୋଗୁଁ ପ୍ରାଣୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯାଏ। ବିଶେଷ କରି ଥଣ୍ଡାପବନ, ଖାଦ୍ୟ-ପେୟରେ ଅସାବଧାନତା ଆଦି କାରଣରୁ କଅଁଳା ବାଛୁରୀଙ୍କଠାରେ ନିମୋନିଆ, ବଦହଜମି ସମସ୍ୟା ଦେଖାଦିଏ। ତେଣୁ ଏହି ଦିନେ କଅଁଳା ବାଛୁରୀଙ୍କର କିପରି ଯତ୍ନ ନେବେ ଜାଣନ୍ତୁ।**



- କଅଁଳା ବାଛୁରୀ ଥଣ୍ଡାରେ ପ୍ରଭାବିତ ହୋଇ ମାନ୍ଦା ରହିଥାନ୍ତି। ତେଣୁ ବାଛୁରୀଙ୍କୁ ଘୋଡାଇ ରଖିବା ଉଚିତ। ଗୁହାଳରେ ଥଣ୍ଡା ପବନ ନ ପଶିବାକୁ ରାତ୍ରିବେଳା ଝରକାକୁ ବନ୍ଦ କରିବା ଆବଶ୍ୟକ।
- ଏହିଦିନେ ବାଛୁରୀ ଥଣ୍ଡା ପାଣି ପିଇବାକୁ ଆଗ୍ରହ ପ୍ରକାଶ କରନ୍ତିନି। କମ୍ ପାଣି ପିଇବା ଯୋଗୁଁ ହଜମ ପ୍ରକ୍ରିୟାରେ ବାଧା ହୁଏ। ସେମାନଙ୍କ ଶାରୀରିକ ବୃଦ୍ଧିରେ ସମସ୍ୟା ହୁଏ। ତେଣୁ ବାଛୁରୀଙ୍କୁ ନଖ ଉଷୁମ ପାଣି ଦିଅନ୍ତୁ।
- ବାଛୁରୀଙ୍କୁ ନିମୋନିଆ ହେଲେ, ଜ୍ୱର, ଦୁର୍ବଳ, ଶ୍ୱାସକ୍ରିୟାରେ ସମସ୍ୟା ଆଦି ଲକ୍ଷଣ ହୋଇଥାଏ। ଏଥିପାଇଁ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେବା ଜରୁରି। ଅନ୍ୟପଟେ ବାଛୁରୀ ଅଧିକ କ୍ଷୀର ପିଇବା, କୃମି ଏବଂ ପେଟ ସଂକ୍ରମଣ ଯୋଗୁଁ ଝାଡା ହୋଇଥାଏ। ତେଣୁ ନବଜାତ ବାଛୁରୀର ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଜନ୍ମ ପରେ ତୁରନ୍ତ କୋଲୋଷ୍ଟ୍ରମ୍ ବା ଗାଈର ପ୍ରଥମ କ୍ଷୀର ଖୁଆଇବା ଉଚିତ। ଜନ୍ମର ୧୫ ଦିନ ପରେ କୃମି ଔଷଧ ଦେବା ଦରକାର। ପାଣିରେ ଅଳ୍ପ ଲୁଣ ମିଶାଇ ପିଇବାକୁ ଦେଇପାରିବେ।

# ସିଞ୍ଚନ ଓ ପୋଷଣ ଅଭାବରୁ ଫାଟିଯାଏ ଡାଳିମ୍ବ

**ଡାଳିମ୍ବ ଏକ ଲାଭଜନକ ଚାଷ। ହେଲେ ଚିନ୍ତାର ବିଷୟ ଆମ ରାଜ୍ୟରେ ପ୍ରାୟତଃ ଅମଳ ପୂର୍ବରୁ ଡାଳିମ୍ବ ଫାଟି ଯାଇଥାଏ। ତେଣୁ ଏହି ସମସ୍ୟାର ସମାଧାନ ବିଷୟରେ ଜାଣିବା।**



- ଗଛକୁ ଦୀର୍ଘ ସମୟ ପାଣି ନ ମିଳୁଥିଲେ, ହଠାତ୍ ଅଧିକ ମାତ୍ରାର ଜଳସିଞ୍ଚନ କଲେ, ଫଳ ଦାନା ଫୁଲିଯାଇ ଫାଟି ଯାଏ। ଶୁଷ୍କ ଅଞ୍ଚଳରେ ଏହି ସମସ୍ୟା ଅଧିକ ଦେଖାଯାଏ। ହଠାତ୍ ଜଳବାୟୁ ପରିବର୍ତ୍ତନ ମଧ ଡାଳିମ୍ବ ଫାଟିବାର ଆଉ ଏକ ମୁଖ୍ୟ କାରଣ ହୋଇଥାଏ।
- ମାଟିରେ କ୍ୟାଲ୍‌ସିୟମ, ବୋରନ କିମ୍ବା ପଟାସ ଆଦି ଜରୁରି ପୋଷକତତ୍ତ୍ୱର ଅଭାବରୁ, ଡାଳିମ୍ବର ଛାଲ ପତଳା ଏବଂ ଦୁର୍ବଳ ହୋଇଥାଏ। ଏହି ଛାଲରେ ଅଳ୍ପ ଚାପ ପଡ଼ିବା ମାତ୍ରେ ଏହା ଫାଟି ଯାଇପାରେ। ଫଳ ମିଠା ହେବା ଆଶାରେ ଏହାକୁ ଅଧିକ ଦିନ ଗଛରେ ରଖିଲେ ଛାଲ କଠିନ ହୋଇ ଦାନାରେ ଆର୍ଦ୍ରତା ବଢ଼ିଯାଇଥାଏ। ଚାପ ପଡ଼ି ଫଳ ଫାଟି ଯାଇଥାଏ। ମୁଖ୍ୟତଃ ବୋରନ ଅଣୁସାର ଅଭାବରୁ ଅମ୍ଳ ମାଟିରେ ଡାଳିମ୍ବ ଫଳ ଗୁଡିକ ଫାଟିଯାଏ।
- ଏହି ସମସ୍ୟାର ସମାଧାନ ପାଇଁ ଡାଳିମ୍ବର ଉନ୍ନତ କିସମ ବ୍ୟବହାର ଜରୁରି। ଗଛରେ ସଠିକ୍ ସମୟରେ ପାଣି ସିଞ୍ଚନ ଦ୍ୱାରା ମାଟିର ଆର୍ଦ୍ରତା ଠିକ୍ ରୁହେ। ଅଧିକ ଅମଳ ପାଇଁ ଗଛମୂଳରେ ପୋଷକତତ୍ତ୍ୱ ଓ ଖାଦ୍ୟସାର ପ୍ରୟୋଗ କରିବା ଆବଶ୍ୟକ।

# ଫସଲକୁ ସୁରକ୍ଷା ଦେବ ସୌରଚାଳିତ ସାଉଣ୍ଡ ସିଷ୍ଟମ

ଚାଷକାର୍ଯ୍ୟରେ ବିଦ୍ୟୁତ୍ ଖର୍ଚ୍ଚ ହ୍ରାସ କରିବାକୁ ଅଧିକାଂଶ ଚାଷୀ ସୌରଚାଳିତ ଯନ୍ତ୍ର ବ୍ୟବହାର କରୁଛନ୍ତି। ଏହି କ୍ରମରେ ଉତ୍ତରପ୍ରଦେଶ, ପିଲିଭିତ ଜିଲ୍ଲା, ଜମୁନିୟା ଗାଁ'ର କୃଷ୍ଣ କୁମାର ଏବଂ ତାଙ୍କ ସାଥି ଫସଲକୁ ଜୀବଜନ୍ତୁଙ୍କ କବଳରୁ ସୁରକ୍ଷା ଦେବାକୁ ଏକ ସୌରଚାଳିତ ସାଉଣ୍ଡ ସିଷ୍ଟମ ତିଆରି କରିଛନ୍ତି। ସୋଲାର ପ୍ୟାନେଲ ଜରିଆରେ ଏହା ଚାର୍ଜ ହୁଏ। ଏଥିରେ ପାୱାର ପ୍ଲଗ୍‌ର ଚିନ୍ତା ନ ଥାଏ। ଏହାକୁ ସବୁଠିକୁ ସହଜରେ ନେଇ ହେବ। ଏଥିରୁ ଆସୁଥିବା ଉଚ୍ଚ ଶବ୍ଦ ଜୀବଜନ୍ତୁଙ୍କୁ ଫସଲ ନିକଟକୁ ଆସିବାକୁ ଦିଏ ନାହିଁ। ସଙ୍ଗୀତ ବାଜିବା ସୁବିଧା ଥିବାରୁ ଚାଷୀଙ୍କ ମନୋରଞ୍ଜନ ହୋଇପାରେ। ବାସ୍ତବରେ ଏହା ପ୍ରଭାବୀ ହେଉଛି ବୋଲି ସ୍ଥାନୀୟ ଚାଷୀ ମତ ରଖିଛନ୍ତି।



## କୃଷି ପରାମର୍ଶ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ତ୍ତମାନ ଡାଲୁଅ ଧାନର ତଳିଘରା ପ୍ରସ୍ତୁତ ପାଇଁ ଉପଯୁକ୍ତ ସମୟ। ଏକ ଏକର ଧାନ ଚାଷ ପାଇଁ ୧୦ ଡେସିମାଲ ତଳିଘରା ଆବଶ୍ୟକ ହୋଇଥାଏ।
- କୋବି ଜାତୀୟ ଫସଲରେ ୭ରୁ୮ ଦିନ ବ୍ୟବଧାନରେ ଜଳସେଚନ କରନ୍ତୁ।
- କଖାରୁ ଜାତୀୟ ପରିବାରେ ନିମ୍ନମୁଖୀ ପାଉଁଶିଆ ରୋଗର ନିୟନ୍ତ୍ରଣ ପାଇଁ ଏକର ପ୍ରତି ମେଟାଲାକ୍ସିଲ ୮% + ମାଙ୍କୋଜେବ ୬୪% ଡବ୍ଲୁ ପି ୪୦୦ ଗ୍ରାମ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ପିପିଆର ରୋଗ ଛେଳି ମହାମାରୀ ଭାବରେ ଜଣାଶୁଣା। ଶୀତଋତୁରେ ଏହି ଭୂତାଣୁଜନିତ ରୋଗ ଛେଳି ଏବଂ ମେଣ୍ଢାକୁ ପ୍ରଭାବିତ କରି ନିମୋନିଆ ଏବଂ କାଶ ସୃଷ୍ଟି କରେ। ପ୍ରଭାବିତ ପଶୁମାନେ ଅସ୍ଥିର ଦେଖାଯାନ୍ତି। ଗର୍ଭବତୀ ପ୍ରାଣୀ ଗର୍ଭପାତ କରିପାରନ୍ତି । ତେଣୁ ପ୍ରାଣୀଙ୍କୁ ଉଚିତ ଟିକାକରଣ କରାନ୍ତୁ।
- କୁକୁଡ଼ାଙ୍କୁ ଅଧିକ ପରିମାଣର ଖାଦ୍ୟ ଓ ପାଣି ଦିଅନ୍ତୁ। ତାପମାତ୍ରା ନିୟନ୍ତ୍ରଣ ପାଇଁ କୁକୁଡ଼ା ଗୃହରେ ୨୦୦ ୱାଟର ବଲ୍‌ବ ଲଗାନ୍ତୁ। କୁକୁଡ଼ାମାନଙ୍କୁ ଉଚିତ ସମୟରେ ଟିକାକରଣ କରାନ୍ତୁ।

# ଅଢ଼େଇ ଗୁଣା ବଢ଼ିଲା ମହିଳା କ୍ରିକେଟର୍‌ଙ୍କ ମ୍ୟାଚ୍ ପାଉଣା

ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି): ବିଶ୍ୱର ସବୁଠୁ ବିତ୍ତଶାଳୀ କ୍ରିକେଟ୍ ବୋର୍ଡ ବିସିସିଆଇ ଏହାର ମହିଳା କ୍ରିକେଟର୍‌ଙ୍କ ମ୍ୟାଚ୍ ପାଉଣାରେ ଆଖିଦୃଶିଆ ବୃଦ୍ଧି କରିଛି। ସୋମବାର ଅନୁଷ୍ଠିତ ବିସିସିଆଇର ଆପେକ୍ସ କାଉନସିଲ୍ ବୈଠକରେ ଘରୋଇ ଟୁର୍ଣ୍ଣାମେଣ୍ଟରେ ଖେଳୁଥିବା ମହିଳା ଖେଳାଳିଙ୍କ ମ୍ୟାଚ୍ ପାଉଣାକୁ ଅଢ଼େଇ ଗୁଣା ବଢ଼ାଇବାକୁ ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ଘରୋଇ ସିନିଅର ଦିନିକିଆ ଟୁର୍ଣ୍ଣାମେଣ୍ଟରେ ଖେଳାଳିମାନେ ଦୈନିକ ୫୦ ହଜାର ଟଙ୍କା ପାଉଣା ପାଇବେ। ପୂର୍ବରୁ ଏହା ୨୦ ହଜାର ଟଙ୍କା ରହିଥିଲା। ସେହିଭଳି ଦିନିକିଆ ଟୁର୍ଣ୍ଣାମେଣ୍ଟରେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇ ନ ଥିବା ଖେଳାଳିଙ୍କୁ ଏହାର ଅଧା ଅର୍ଥାତ୍ ୨୫ ହଜାର ଟଙ୍କା ମିଳିବ। ପୂର୍ବରୁ ରିଜର୍ଭ ଖେଳାଳିଙ୍କୁ ଦୈନିକ ୧୦ ହଜାର ଟଙ୍କା ମ୍ୟାଚ୍ ପାଉଣା ଦିଆଯାଉଥିଲା।

## ପୁରୁଷଙ୍କ ମିଳୁଛି ୬୦ ହଜାର

ଅପରପକ୍ଷରେ ବିସିସିଆଇ ଘରୋଇ ସିନିଅର ପୁରୁଷ ଖେଳାଳିଙ୍କୁ ୩ଟି ବର୍ଗରେ ପାଉଣା ଦେଉଛି। ୪୦ରୁ ଊର୍ଦ୍ଧ୍ୱ ରଣଜୀ ଖେଳିଥିବା ଖେଳାଳି ଦୈନିକ ୬୦ ହଜାର, ୨୧ରୁ ୪୦ଟି ରଣଜୀ ଖେଳିଥିବା ଖେଳାଳି ଦୈନିକ ୫୦ ହଜାର ଏବଂ ୨୦ରୁ କମ୍ ମ୍ୟାଚ୍ ଖେଳିଥିବା କ୍ରିକେଟର୍ ଦୈନିକ ୪୦ ହଜାର ଟଙ୍କା ପାଉଛନ୍ତି। ରିଭର୍ଜ ଖେଳାଳିଙ୍କୁ ଏହାର ଅଧା ପାଉଣା ମିଳୁଛି।

**ବିସିସିଆଇର ଘରୋଇ ମହିଳା ଟୁର୍ଣ୍ଣାମେଣ୍ଟ ଲାଗି ଦୈନିକ ମ୍ୟାଚ୍ ପାଉଣା**

| ଫର୍ମାଟ୍ | ପୂର୍ବରୁ ଥିଲା | ବର୍ତ୍ତମାନ |
|---|---|---|
| ସିନିଅର ଦିନିକିଆ (ଏକାଦଶ) | ୨୦ ହଜାର | ୫୦ ହଜାର |
| ସିନିଅର ଦିନିକିଆ (ରିଜର୍ଭ) | ୧୦ ହଜାର | ୨୫ ହଜାର |
| ଜୁନିଅର ଦିନିକିଆ (ଏକାଦଶ) | ୧୦ ହଜାର | ୨୫ ହଜାର |
| ଜୁନିଅର ଦିନିକିଆ (ରିଜର୍ଭ) | ୫ହଜାର | ୧୨.୫ ହଜାର |
| ସିନିଅର ଟି-୨୦ (ଏକାଦଶ) | ୧୦ହଜାର | ୨୫ ହଜାର |
| ସିନିଅର ଟି-୨୦ (ରିଜର୍ଭ) | ୫ ହଜାର | ୧୨.୫ ହଜାର |
| ଜୁନିଅର ଟି-୨୦ (ଏକାଦଶ) | ୫ ହଜାର | ୧୨.୫ ହଜାର |
| ଜୁନିଅର ଟି-୨୦ (ରିଜର୍ଭ) | ୨.୫ ହଜାର | ୬,୨୫୦ |

**ସନ୍ତୋଷ ଟ୍ରଫି ଫୁଟ୍‌ବଲ**

# ମଧ୍ୟପ୍ରଦେଶକୁ ହରାଇଲା ଓଡ଼ିଶା



କଟକ,୨୨।୧୨ (ସମିସ): ମଧ୍ୟପ୍ରଦେଶକୁ ୪-୦ ଗୋଲରେ ହରାଇ ଓଡ଼ିଶା ୭୯ତମ ଜାତୀୟ ପୁରୁଷ ଫୁଟ୍‌ବଲ ଚାମ୍ପିଅନ୍‌ସିପ ସନ୍ତୋଷ ଟ୍ରଫିରେ ବୃହତ୍ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଛତିଶଗଡ଼ର ନାରାୟଣପୁରରେ ସୋମବାର ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ବିଜୟୀ ଓଡ଼ିଶା ଦଳ ପକ୍ଷରୁ ଶ୍ରୀକାନ୍ତ ଗଡ଼ବା ୨ଟି ଗୋଲ୍ ଦେଇଥିଲେ। ମ୍ୟାଚ୍‌ରେ ଓଡ଼ିଶା ଦଳ ପ୍ରାଧାନ୍ୟ ବିସ୍ତାର କରିଥିଲା। ୧୫ ମିନିଟରେ ଓଡ଼ିଶାର କାର୍ତ୍ତିକ ହନ୍ତାଳ ପ୍ରଥମ ଗୋଲ୍ ଦେଇଥିଲେ। ମଧ୍ୟାନ୍ତର ସୁଦ୍ଧା ଓଡ଼ିଶା ୧-୦ ଗୋଲ୍‌ରେ ଆଗୁଆ ଥିଲା। ୭୫ ମିନିଟରେ ଜିତୁ ମୁଦୁଲି ଆଉ ଏକ ଗୋଲ୍‌ଦେଇ ଓଡ଼ିଶାକୁ ୨-୦ରେ ଆଗୁଆ କରିଥିଲେ। ୭୭ ମିନିଟ୍‌ରେ ଓଡ଼ିଶାର ଶ୍ରୀକାନ୍ତ ଗଡ଼ବା ଗୋଲ୍ ଦେଇଥିବା ବେଳେ ଶେଷ ମିନିଟରେ ସେ ଆଉ ଏକ ଗୋଲ୍ ଦେଇ ଓଡ଼ିଶାକୁ ୪-୦ରେ ବିଜୟୀ କରିଥିଲେ। ଓଡ଼ିଶାର ଏହି ବିଜୟ ପାଇଁ ଖେଳାଳିଙ୍କୁ ଫୁଟ୍‌ବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ)ର ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି। ଆସନ୍ତା ୨୪ରେ ତେଲଙ୍ଗାନା ବିପକ୍ଷରେ ଓଡ଼ିଶା ଦ୍ୱିତୀୟ ମ୍ୟାଚ୍ ଖେଳିବ।

**ଦିନକ ପରେ ବିଜୟ ହଜାରେ ଟ୍ରଫି**

# ରୋହିତ୍, କୋହଲିଙ୍କ ଉପରେ ନଜର

ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି)

ଭାରତୀୟ ଘରୋଇ କ୍ରିକେଟ୍‌ର ଲିଷ୍ଟ-ଏ ତଥା ଦିନିକିଆ ଟୁର୍ଣ୍ଣାମେଣ୍ଟ ବିଜୟ ହଜାରେ ଟ୍ରଫିର ୩୩ତମ ସଂସ୍କରଣ ବୁଧବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବାକୁଯାଉଛି। ଚଳିତ ସଂସ୍କରଣରେ ୩୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ୩୨ଟି ଦଳକୁ ଏଲିଟ୍ ଗ୍ରୁପ୍‌ରେ ଏବଂ ୬ଟି ଦଳ ପ୍ଲେଟ୍ ଗ୍ରୁପରେ ସ୍ଥାନ ପାଇଛନ୍ତି। ବିହାର, ନାଗାଲାଣ୍ଡ, ମଣିପୁର, ମିଜୋରମ, ମେଘାଳୟ ଓ ଅରୁଣାଚଳ ପ୍ରଦେଶ ପ୍ଲେଟ୍ ଡିଭିଜନରେ ରହିଛନ୍ତି। ଏଲିଟ୍ ଡିଭିଜନରେ ରହିଥିବା ୩୨ଟି ଦଳକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ରାଉଣ୍ଡ ରବିନ ଫର୍ମାଟ୍‌ରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏଲିଟ୍ ଡିଭିଜନର ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ-୨ଟି ଦଳ କ୍ୱାର୍ଟର ଫାଇନାଲକୁ ଉତ୍ତୀର୍ଣ୍ଣ ହେବେ। ଅହମ୍ମଦାବାଦ, ବେଙ୍ଗାଲୁରୁ, ଆଲୁର, ଜୟପୁର ଓ ରାଜକୋଟରେ ବିଭିନ୍ନ ଗ୍ରୁପ୍‌ର ମ୍ୟାଚ୍ ଖେଳାଯିବ। ମୟଙ୍କ ଅଗରୱାଲଙ୍କ କର୍ଣ୍ଣାଟକ ଦଳ ବର୍ତ୍ତମାନ ଡିଫେଣ୍ଡିଂ ଚାମ୍ପିଅନ ରହିଛି। ଗତ ସଂସ୍କରଣର ଫାଇନାଲରେ ବିଦର୍ଭକୁ ହରାଇ କର୍ଣ୍ଣାଟକ ରେକର୍ଡ ୫ମଥର ଲାଗି ଟ୍ରଫି ଜିତିଥିଲା।



ରୋହିତ୍ ଶର୍ମା, ଶୁବମନ ଗିଲ୍‌ଙ୍କ ଭଳି ତାରକା ଖେଳାଳି ଚଳିତଥର ଏହି ଘରୋଇ ଟୁର୍ଣ୍ଣାମେଣ୍ଟରେ ଭାଗନେବେ। ଜାତୀୟ ଦଳ ପକ୍ଷରୁ ଖେଳିବାକୁ ହେଲେ ଘରୋଇ ପ୍ରତିଯୋଗିତାକୁ ବିସିସିଆଇ ବାଧ୍ୟତାମୂଳକ କରିବା ପରେ ଭାରତୀୟ ଦଳର ସମସ୍ତ ଖେଳାଳି ବିଜୟ ହଜାରେ ଟ୍ରଫି ଲାଗି ନିଜକୁ ଉପଲବ୍ଧ କରିଛନ୍ତି। କୋହଲି ଦିଲ୍ଲୀ ପକ୍ଷରୁ ୧୫ ବର୍ଷ ପରେ ଏହି ଟୁର୍ଣ୍ଣାମେଣ୍ଟ ଖେଳିବେ। ଅନ୍ୟତମ ତାରକା ଖେଳାଳି ରଷଭ ପନ୍ତ ଦିଲ୍ଲୀ ଦଳର ନେତୃତ୍ୱ ନେଉଛନ୍ତି। ସେହିଭଳି ରୋହିତ୍ ମଧ୍ୟ ଘୋଷିତ ମୁମ୍ବଇ ଦଳରେ ରହିଛନ୍ତି। ତେବେ ସୂର୍ଯ୍ୟକୁମାର ଯାଦବ, ଯଶସ୍ୱୀ ଜୟସ୍ୱାଲ ମୁମ୍ବଇର ପ୍ରାରମ୍ଭିକ ପର୍ଯ୍ୟାୟରେ କେତୋଟି ରାଉଣ୍ଡରେ ଅନୁପସ୍ଥିତ ରହିବେ ବୋଲି ଜଣାପଡ଼ିଛି।

ବିଜୟ ହଜାରେ ଟ୍ରଫିର ଚଳିତ ସଂସ୍କରଣ ଅନେକ କାରଣରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଛି। ଏଥର ବିଭିନ୍ନ ଦଳରେ ଅନ୍ତର୍ଜାତୀୟ ତାରକାଙ୍କ ସହ ଯୁବ ଖେଳାଳିଙ୍କୁ ଏକାଠି ଖେଳୁଥିବାର ଦେଖିବାକୁ ମିଳିବ। ବିଶେଷ କରି ବିରାଟ କୋହଲି,

## ପଞ୍ଜାବ ଦଳରେ ଗିଲ୍, ଅଭିଷେକ, ଅର୍ଶଦୀପ

ଚଣ୍ଡିଗଡ,୨୨।୧୨(ଏଜେନ୍ସି): ବିଜୟ ହଜାରେ ଟ୍ରଫି ଲାଗି ଘୋଷିତ ୧୮ ଜଣିଆ ପଞ୍ଜାବ ଦଳରେ ଟି-୨୦ ବିଶ୍ୱକପ୍‌ରୁ ବାଦ୍ ପଡ଼ିଥିବା ଶୁବମନ ଗିଲ୍, ବିସ୍ଫୋରକର ଓପନର ଅଭିଷେକ ଶର୍ମା ଓ ଫାଷ୍ଟ ବୋଲର ଅର୍ଶଦୀପ ସିଂହ ସ୍ଥାନ ପାଇଛନ୍ତି। ଏମାନଙ୍କ ଉପସ୍ଥିତି ବଳରେ ଦଳର ଶକ୍ତି ବୃଦ୍ଧି ପାଇଛି। ପ୍ରଭସିମରନ ସିଂହ, ଅନ୍‌ମୋଲପ୍ରୀତ୍ ସିଂହ, ନମନ ଧୀର, ରମଣଦୀପ ସିଂହ, ସାନଭିର ସିଂହ ଓ ହରପ୍ରୀତ୍ ବ୍ରାରଙ୍କୁ ନେଇ ଦଳର ବ୍ୟାଟିଂ ସମୃଦ୍ଧ। ଗିଲ୍ ଓ ଅଭିଷେକ ଏମାନଙ୍କ ନେତୃତ୍ୱ ନେବେ। ବୋଲିଂରେ ଅର୍ଶଦୀପ ସିଂହଙ୍କୁ ସହାୟତା କରିବେ ଗୁରନୁର ବ୍ରାର୍ ଓ କ୍ରିସ୍ ଭଗତ। କିନ୍ତୁ ଜାନୁଆରୀ ୧୧ରେ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ଓ ଏହା ପରେ ଟି-୨୦ ସିରିଜ୍ ଆରମ୍ଭ ହେଉଥିବାରୁ ଏହି ୩ଜଣ ଖେଳାଳି ଲିଗ୍ ଓ ନକ୍‌ଆଉଟ୍‌ରେ ସବୁ ମ୍ୟାଚ୍ ଖେଳିବା ନେଇ ସନ୍ଦେହ ରହିଛି। ଜାନୁଆରୀ ୮ରେ ଲିଗ୍ ପର୍ଯ୍ୟାୟ ଶେଷ ହେବ। ପଞ୍ଜାବ ତାହାର ସମସ୍ତ ଲିଗ୍ ମ୍ୟାଚ୍ ଜୟପୁରରେ ମୁମ୍ବଇ, ଗୋଆ, ଛତିଶଗଡ଼, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଓ ସିକ୍କିମ ସହ ଖେଳିବ।

## ଭାରତ-ଶ୍ରୀଲଙ୍କା ଦ୍ୱିତୀୟ ମହିଳା ଟି-୨୦ ଆଜି

ବିଶାଖାପାଟଣା,୨୨।୧୨(ଏଜେନ୍ସି): ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଆସନ୍ତାକାଲି ଏଠାରେ ଚଳିତ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଖେଳାଯିବ। ପ୍ରଥମ ମୁକାବିଲା ଭଳି ଏଥିରେ ମଧ୍ୟ ଭାରତୀୟ ଦଳ ପ୍ରାଧାନ୍ୟ ବିସ୍ତାର କରି ବିଜୟୀ ହେବ ବୋଲି ଆଶା ରଖିଛି। ପ୍ରଥମ ମୁକାବିଲାରେ ଭାରତ ଆସିଥିବା ଶ୍ରୀଲଙ୍କା ମହିଳା ଦଳ ଭାରତର ମୁକାବିଲା କରିପାରିଲା ନାହିଁ। ଜଣେ ହେଲେ ବ୍ୟାଟର ବଡ଼ ସ୍କୋର କରିପାରି ନ ଥିଲାବେଳେ ଦଳ ୧୨୧ ରନ୍‌ରେ ସୀମିତ ରହିଥିଲା। ଓପନର ଭିଷ୍ମି ଗୁଣରତ୍ନେ ସର୍ବାଧିକ ୩୯ ରନ୍ କରିଥିଲେ। ଦଳର ଦୁଇ ତାରକା ଖେଳାଳି ଚାମରି ଓ ହାସିନୀ ପରେରା କ୍ଲିକ୍ କରି ନ ଥିଲେ। ଯାହା ଫଳରେ ଶ୍ରୀଲଙ୍କାର ସ୍କୋର ଏତେ କମ୍ ହୋଇଥିଲା। ସମାନ ପିଚ୍‌ରେ ଏହି ମ୍ୟାଚ୍ ଖେଳାଯାଉଥିବାରୁ ବିଶେଷ କିଛି ପରିବର୍ତ୍ତନ ହେବ ନାହିଁ।

# ଅଲ୍‌ରାଉଣ୍ଡରଙ୍କ ଭରସାରେ ଓଡ଼ିଶା

କଟକ,୨୨।୧୨(ସମିସ): ରଣଜୀ ଟ୍ରଫି ଏବଂ ସୟଦ ମୁସ୍ତାକ ଅଲ୍ଲୀ ଟି-୨୦ରେ ନୈରାଶ୍ୟଜନକ ପ୍ରଦର୍ଶନ ପରେ ଓଡ଼ିଶା ଏବେ ବିଜୟ ହଜାରେ ଟ୍ରଫି ଖେଳିବାକୁ ପ୍ରସ୍ତୁତ ହୋଇଛି। ଦୀର୍ଘ ବର୍ଷର ଅଭିଜ୍ଞତା ସତ୍ତ୍ୱେ ଦଳରେ ନିୟମିତ ସୁଯୋଗ ପାଇ ପାରୁନଥିବା ବିପ୍ଳବ ସାମନ୍ତରାୟଙ୍କୁ ଚଳିତଥର ନେତୃତ୍ୱ ମିଳିଛି। ୭ଜଣ ନବାଗତଙ୍କୁ ସାମିଲ କରି ଓଡ଼ିଶା ୨୪ ତାରିଖରେ ପ୍ରଥମ ମ୍ୟାଚ୍ ଖେଳିବାକୁ ବେଙ୍ଗାଲୁରୁରେ ପହଞ୍ଚି ସାରିଥିବା ବେଳେ ଏବେ କେବଳ ଦଳର ପ୍ରଦର୍ଶନକୁ ଅପେକ୍ଷା। ୧୬ଜଣିଆ ତାଲିକାକୁ ନଜର ପକାଇଲେ ଓଡ଼ିଶା ଶିବିରରେ ଅଲରାଉଣ୍ଡରଙ୍କ ଅଭାବ ନଥିବା ପରିଲକ୍ଷିତ ହୋଇଛି। ମଧ୍ୟକ୍ରମର ବ୍ୟାଟିଂ ଭାର ସମ୍ଭାଳିବା ସହିତ ଉଭୟ ସ୍ପିନ ଏବଂ ପେସ୍ ବୋଲିଂ ଆଟାକ୍‌ରେ ଦଳକୁ ଏହି ଅଲରାଉଣ୍ଡରମାନେ ସହଯୋଗ କରିବେ ବୋଲି ଅଧିନାୟକ ବିପ୍ଳବ ମଧ୍ୟ ଆଶା ବାନ୍ଧିଛନ୍ତି।

ଜାତୀୟ ଘରୋଇ ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବିଜୟ ହଜାରେ ଟ୍ରଫି ୨୪ ତାରିଖରୁ ଆରମ୍ଭ ହେବ। ବେଙ୍ଗାଲୁରୁର ଅଲୁର କ୍ରିକେଟ ଗ୍ରାଉଣ୍ଡରେ ଓଡ଼ିଶା ପ୍ରଥମ ମୁକାବିଲାରେ ସୌରାଷ୍ଟ୍ରକୁ ଭେଟିବ। ୨୦୨୩ ସଂସ୍କରଣରେ ଶେଷଥର ସୌରାଷ୍ଟ୍ର ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶାକୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏହା ପୂର୍ବରୁ ୨୦୧୮ରେ ଓଡ଼ିଶା ୫୪ରନରେ ସୌରାଷ୍ଟ୍ରକୁ ପରାସ୍ତ କରିଥିଲା। ମିଶ୍ରିତ ଫଳାଫଳର ରେକର୍ଡ ରଖିଥିବା ଓଡ଼ିଶା ଚଳିତ ସଂସ୍କରଣରେ ସୌରାଷ୍ଟ୍ରକୁ ହରାଇ ଅଭିଯାନ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛି। ଗତ ସିଜନରେ ଓଡ଼ିଶା ନିମନ୍ତେ ସର୍ବାଧିକ ରନ୍ ସଂଗ୍ରହ କରିଥିବା ସ୍ୱସ୍ତିକ ସାମଲ (୨୭୫ରନ), ସନ୍ଦୀପ ପଟ୍ଟନାୟକ (୨୭୩ରନ) ଦଳରେ ସ୍ଥାନ ବଜାୟ ରଖିଛନ୍ତି। ସର୍ବାଧିକ ୱିକେଟ ଦଖଲକାରୀ ରାଜେଶ ମହାନ୍ତି (୧୩ୱିକେଟ) ମଧ୍ୟ ଚଳିତଥର ଦଳର ପ୍ରମୁଖ ପେସ୍ ବୋଲର ଭାବେ ପରିଗଣିତ ହେଉଛନ୍ତି। ତାଙ୍କ ବ୍ୟତୀତ ପେସ୍ ଆଟାକ୍‌ରେ କେବଳ ଦେବବ୍ରତ ପ୍ରଧାନଙ୍କ ନାମ ସାମ୍ନାକୁ ଆସୁଛି। ଉଭୟ ରାଜେଶ ଏବଂ ଦେବବ୍ରତ ବ୍ୟାଟିଂ ଦକ୍ଷତା ରଖିଛନ୍ତି। ସେହିପରି ଅଧିନାୟକ ବିପ୍ଳବ, ନବାଗତ ସୌମ୍ୟରଞ୍ଜନ ଲେଙ୍କା ଓ ପ୍ରୟାସ ସିଂହ ବ୍ୟାଟିଂରେ ଉପଯୋଗୀ ସାବ୍ୟସ୍ତ ହେବା ସହିତ ମିଡିୟମ ପେସ୍ ବୋଲିଂ କରିପାରିବେ। ନବାଗତ ଓମ ଟି ମୁଣ୍ଡେ ଓପନିଂ କରି ପାରନ୍ତି ବୋଲି ଅନୁମାନ କରାଯାଉଛି। ମୁଣ୍ଡେଙ୍କ ସହିତ ଅଭିଜ୍ଞ ଗୋବିନ୍ଦ ପୋଦ୍ଦାର ଅଲରାଉଣ୍ଡର ଭୂମିକା ତୁଲାଇ ପାରନ୍ତି। ବିଶେଷକରି ଅଲରାଉଣ୍ଡରଙ୍କୁ ଭରସା କରି ଏଥର ଓଡ଼ିଶା ବିଜୟ ହଜାରେ ଟ୍ରଫି ଖେଳିବ। ଅଧିନାୟକ ବିପ୍ଳବ କୁହନ୍ତି ଯେ, ଦଳରେ ସ୍ଥାନ ପାଇଥିବା ୭ ନବାଗତଙ୍କ ପାଖରେ ଭଲ ପ୍ରଦର୍ଶନର ସୁଯୋଗ ରହିଛି। ଓଡ଼ିଶା ପ୍ରୋ ଟି-୨୦ ଲିଗ୍ ସହିତ ଶ୍ରୀଲଙ୍କା ଏକ୍ସପୋଜର ଟୁର ଏବଂ ଛତିଶଗଡ ବିପକ୍ଷ ଅଭ୍ୟାସ ମ୍ୟାଚ୍‌ରେ ପ୍ରତ୍ୟେକ ଖେଳାଳି ନିଜର ଶ୍ରେଷ୍ଠ ପ୍ରଦର୍ଶନ କରି ଦଳରେ ସ୍ଥାନ ପାଇଛନ୍ତି।



# ଜାତୀୟ ମତ୍‌ସୋଗୀ ଚାମ୍ପିଅନସିପ୍ ଲାଗି ଓଡ଼ିଶା ଦଳ



ଭୁବନେଶ୍ୱର,୨୨।୧୨(ସମିସ): ଜମ୍ମୁ-କାଶ୍ମୀରରେ ଅନ୍ୟତମ ସାମରିକ କ୍ରୀଡ଼ା ଜାତୀୟ ମତ୍‌ସୋଗୀ ଚାମ୍ପିଆନସିପ୍‌ର ୨୦ତମ ସଂସ୍କରଣ ଚଳିତମାସ ୨୮, ୨୯ ଓ ୩୦ ତାରିଖରେ ଅନୁଷ୍ଠିତ ହେବ। ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ହେବାକୁ ଥିବା ଏହି ପ୍ରତିଯୋଗିତା ଲାଗି ଓଡ଼ିଶାର ପୁରୁଷ ଓ ମହିଳା ଦଳ ଚୟନ କରାଯାଇଛି। ଓଡ଼ିଶା ବାଳକ ଦଳରେ ଅବ୍‌ଦୁଲ ଖଲୀଦ୍, ପ୍ରିୟମ ପଟ୍ଟନାୟକ, ଆଶୀର୍ବାଦ୍ ବସ୍ତିଆ, ସୁଜଳ ଦାସ, ଆଦିତ୍ୟ ମିଶ୍ର, ବିଶ୍ୱରଞ୍ଜନ ଶତପଥୀ, ସମ୍ପୂର୍ଣ୍ଣଦାସ ବାରିକ୍, ସୟମ ସାରଥୀ ସାମନ୍ତରାୟ ସ୍ଥାନ ପାଇଛନ୍ତି। ସେହିପରି ବାଳିକା ଦଳରେ ଦିବ୍ୟାଂଶୀ ମହାପାତ୍ର, ସାଇନା ମହାପାତ୍ର, ଦିବ୍ୟାଂଶୀ ମାଲୁ, ବିଦିଶା ସାନ୍‌ଭି, ଭାଗ୍ୟଲକ୍ଷ୍ମୀ ମହାପାତ୍ର, ଅଭିସ୍ମିତା ଜେନା ରହିଛନ୍ତି। ଦଳର ପ୍ରଶିକ୍ଷକ ଭାବେ ଦୁର୍ଲଭ ବେହେରା, କିରଣବାଳା ବିଶ୍ୱାଳ, କାମଦେବ ରଣା ରହିଛନ୍ତି। ରେଫରିଭାବେ କୈଳାସ ବାରିକ୍, ତରୁଣ ସାହୁ ଓ ମ୍ୟାନେଜର ଭାବେ ବିରସ କୁମାର ଶତପଥୀ ଦଳ ସହ ଆସନ୍ତା ୨୬ରେ ଜାମ୍ମୁ-କାଶ୍ମୀର ଅଭିମୁଖେ ଯାତ୍ରା କରିବେ। ଏହି ଅବସରରେ ମତ୍‌ସୋଗୀ ଡୁ ଆସୋସିଏସନ ଅଫ୍ ଓଡ଼ିଶାର ସାଧାରଣ ସମ୍ପାଦକ ପ୍ରଭାତ ଚନ୍ଦ୍ର ସାହୁ ଖେଳାଳିମାନଙ୍କୁ ଶୁଭକାମନା ଜଣାଇଛନ୍ତି।

**■ ମୁକ୍ତେଶ୍ୱର କପ୍**

# ପ୍ରି-କ୍ୱାର୍ଟରରେ ସହିଦ ସ୍ପୋର୍ଟିଂ, ରେଡ୍ ଷ୍ଟାର୍

ଭୁବନେଶ୍ୱର, ୨୨।୧୨ (ସମିସ): ମୁକ୍ତେଶ୍ୱର କପ୍ ୧୬ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ସୋମବାର ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ଲବ ଦି ରେଡ୍ ଷ୍ଟାର୍ ଓ ସହିଦ ସ୍ପୋର୍ଟିଂ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚରେ ରେଡ୍ ଷ୍ଟାର୍ ୩୧ ରନରେ ପ୍ରଗତି ସ୍ପୋର୍ଟିଂକୁ ପରାସ୍ତ କରିଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇ ରେଡ୍ ଷ୍ଟାର୍ ୨୦ ଓଭରରେ ୪ ୱିକେଟ୍‌ରେ ୯୨ ରନ କରିଥିଲା। ଜବାବରେ ପ୍ରଗତି ଦଳ ୧୭.୫ ଓଭରରେ ୬୧ ରନରେ ସୀମିତ ରହିଥିଲା। ୪ ଓଭରରେ ୧୭ ରନ ବ୍ୟୟରେ ୨ଟି ୱିକେଟ୍ ନେଇଥିବା ଓମଶ୍ରୀ ସାହୁ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସେହିଭଳି ଦ୍ୱିତୀୟ ମ୍ୟାଚରେ ସୋଲାର କ୍ରିକେଟ୍ ଏକାଡେମୀ ଓ ସହିଦ ସ୍ପୋର୍ଟିଂ ସାମ୍ନାସାମ୍ନି ହୋଇଥିଲେ। ପ୍ରଥମେ ବ୍ୟାଟିଂ କରି ସହିଦ ସ୍ପୋର୍ଟିଂ ୯ ୱିକେଟ୍‌ରେ ୧୦୦ ରନ କରିଥିଲା। ୧୦୧ ରନକୁ ପିଛା କରିଥିବା ସୋଲାର ଦଳ ୫ ୱିକେଟ୍‌ରେ ୮୮ ରନ କରିବାକୁ ସମର୍ଥ ହୋଇଥିଲା। ୨୭ ରନ ସହ ବୋଲିଂରେ ଗୋଟିଏ ୱିକେଟ୍ ନେଇଥିବା ବିଶ୍ୱ ସାମନ୍ତରାୟ ମ୍ୟାଚର ଶ୍ରେଷ୍ଠ ଖେଳାଳି ଟ୍ରଫି ହାସଲ କରିଥିଲେ।

# କିଟ୍‌ର ୪ ଦଳକୁ କେଆଇୟୁଜିକୁ ଯୋଗ୍ୟତା




ଭୁବନେଶ୍ୱର, ୨୨।୧୨ (ସମିସ): ଜାତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ପ୍ରାଧାନ୍ୟ ବିସ୍ତାର କରିଥିବା କିଟ୍ ଡିମ୍‌ଡ ୟୁନିଭର୍ସିଟିର ୪ଟି ଦଳ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ (କେଆଇୟୁଜି)ରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛି। ଏହି ଦଳଗୁଡ଼ିକ ହେଲା ପୁରୁଷ ଓ ମହିଳା ବ୍ୟାଡ୍‌ମିଣ୍ଟନ ଟିମ୍, ମହିଳା ଭଲିବଲ ଓ ମହିଳା ସନ୍ତରଣ ଟିମ୍। ସମ୍ବଲପୁରରେ ଅନୁଷ୍ଠିତ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ବ୍ୟାଡ୍‌ମିଣ୍ଟନ ଓ ଚେନ୍ନଇର ଏସ୍‌ଆର୍‌ଏମ୍ ୟୁନିଭର୍ସିଟିରେ ଚାଲିଥିବା ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଏହି ଦଳଗୁଡ଼ିକ ଉନ୍ନତ ଖେଳ ପ୍ରଦର୍ଶନ କରି ଏହି ସଫଳତା ପାଇଛନ୍ତି। ଆଜି କିଟ୍‌ର ମହିଳା ବ୍ୟାଡ୍‌ମିଣ୍ଟନ ଟିମ୍ ସେମିଫାଇନାଲରେ ପ୍ରବେଶ କରିବା ଫଳରେ ପୁରୁଷ ଦଳ ସହ କେଆଇୟୁଜିକୁ ଯୋଗ୍ୟତା ଅର୍ଜନ କରିଥିଲା। ମହିଳା ଭଲିବଲ୍‌ରେ ପ୍ରାଧାନ୍ୟ ବିସ୍ତାର କରିଥିବା କିଟ୍ ଶେଷ ଗ୍ରୁପ୍ ଲିଗ୍ ମ୍ୟାଚ୍‌ରେ ବିଜୟୀ ହେବା ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। କ୍ୱାର୍ଟର ଫାଇନାଲକୁ ଯିବା ସହ ଦଳ କେଆଇୟୁଜିକୁ ଯୋଗ୍ୟତା ଅର୍ଜନ କରିଥିଲା। କ୍ୱାର୍ଟରରେ କିଟ୍ ସହ ଆଦାମାସ ୟୁନିଭର୍ସିଟିର ମୁକାବିଲା ହେବ। ସନ୍ତରଣରେ କିଟ୍ ଓଭରଅଲ ମେଡାଲ ତାଲିକାରେ ତୃତୀୟ ସ୍ଥାନରେ ରହିଛି।

**କନୱେ ମ୍ୟାଚ୍‌ର, ଡଫି ସିରିଜ୍‌ର ଶ୍ରେଷ୍ଠ ଖେଳାଳି**

# ନ୍ୟୁଜିଲାଣ୍ଡ ୨-୦ରେ ବିଜୟୀ

ମାଉଣ୍ଟ ମାଉଙ୍ଗାନୁଇ, ୨୨।୧୨ (ଏଜେନ୍ସି)

ଏଠାରେ ଶେଷ ହୋଇଥିବା ତୃତୀୟ ତଥା ଅନ୍ତିମ ଟେଷ୍ଟମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୩୨୩ ରନ୍‌ରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରିଛି। ଏହି ଟେଷ୍ଟରେ ରେକର୍ଡ ୪୬୨ ରନ୍‌ର ପିଛା କରିଥିବା ୱେଷ୍ଟଇଣ୍ଡିଜ୍ ସୋମବାର ପଞ୍ଚମ ତଥା ଶେଷ ଦିନରେ ମାତ୍ର ୧୩୮ ରନ୍‌ରେ ଅଲ୍‌ଆଉଟ୍ ହୋଇଛି। ପୁଣି କ୍ରମାଗତ ୨ଟି ଟେଷ୍ଟମ୍ୟାଚ୍ ଜିତି ନ୍ୟୁଜିଲାଣ୍ଡ ୩ ମ୍ୟାଚ୍‌ର ଟେଷ୍ଟ ଶୃଙ୍ଖଳାକୁ ୨-୦ରେ ଜିତିନେଇଛି। ପେସ୍ ବୋଲର ଜ୍ୟାକବ୍ ଡଫି ୫ଟି ଓ ବାମହାତି ସ୍ପିନର ଏଜାଜ୍ ପଟେଲ ୩ଟି ୱିକେଟ୍ ନେଇ ନ୍ୟୁଜିଲାଣ୍ଡକୁ ବିଜୟୀ କରିଛନ୍ତି। ଏହି ଟେଷ୍ଟରେ ଉଭୟ ଇନିଂସରେ ଯଥାକ୍ରମେ ୨୨୭ ଓ ୧୦୦ ରନ୍ କରିଥିବାନ୍ୟୁଜିଲାଣ୍ଡ ଓପନ ଡେଭନ୍ କନ୍‌ୱେ ପ୍ଲେୟର ଅଫ ଦି ମ୍ୟାଚ୍ ଏବଂ ସର୍ବାଧିକ ୨୩ଟି ୱିକେଟ୍ ନେଇଥିବା ଜ୍ୟାକବ୍ ଡଫି ପ୍ଲେୟର ଅଫ୍ ଦି ସିରିଜ୍ ହୋଇଛନ୍ତି। ପ୍ରଥମ ଇନିଂସରେ ୪୨୦ ରନ୍ କରିଥିବା ୱେଷ୍ଟଇଣ୍ଡିଜ୍ ଏହି ଟେଷ୍ଟମ୍ୟାଚ୍‌କୁ ଅତିକମ୍‌ରେ ଡ୍ର ରଖିପାରିବ ବୋଲି ଆଶା ଥିଲା। ଦ୍ୱିତୀୟ ଇନିଂସରେ ରେକର୍ଡ ୪୬୨ ରନ୍‌ର ପିଛା କରି ୱେଷ୍ଟଇଣ୍ଡିଜ୍ ୪ର୍ଥ ଦିନ ଶେଷ ସୁଦ୍ଧା ବିନା ୱିକେଟ୍‌ରେ ୪୩ ରନ୍ କରିଥିଲା। ଶେଷଦିନରେ ୱେଷ୍ଟଇଣ୍ଡିଜ୍‌ର ଓପନିଂ ଯୋଡ଼ି ସ୍କୋର୍‌କୁ ୮୭ ରନ୍‌ରେ ପହଞ୍ଚାଇଥିଲେ। ତେବେ ଏହି ସ୍କୋର୍‌ରେ ଦୁଇ ଓପନର ଲାଗଲାଗ ୨ ଓଭରରେ ଆଉଟ୍ ହୋଇ ଯାଇଥିଲେ।



ବ୍ରାଣ୍ଡନ୍ କିଙ୍ଗ୍ ୬୭ ଏବଂ ଜନ୍ କ୍ୟାମ୍ପବେଲ୍ ୧୦୫ ବଲ୍ ଖେଳି ୧୬ ରନ୍ କରିଥିଲେ। ଓପନିଂ ଯୋଡ଼ି ଭାଙ୍ଗିବା ସହ ୱେଷ୍ଟଇଣ୍ଡିଜ୍ ମାତ୍ର ୫୧ ରନ୍‌ରେ ୧୦ଟିଯାକ ୱିକେଟ୍ ହରାଇ ଅଲ୍‌ଆଉଟ୍ ହୋଇ ଯାଇଥିଲା। ମଧ୍ୟକ୍ରମରେ ପାଞ୍ଚ ଜଣଯାକ ବ୍ୟାଟ୍‌ସମ୍ୟାନ ଦୁଇ ଅଙ୍କ ସ୍କୋର୍‌ରେ ପହଞ୍ଚି ପାରିନଥିଲେ। ଆଣ୍ଡରସନ୍ ଫିଲିପ୍ ୩୮ ବଲ୍‌ରୁ ୧୦ ଓ ଟେଭିନ୍ ଇମ୍‌ଲାଚ ୯୦ ବଲ୍‌ରୁ ୧୫ ରନ୍ କରିଥିଲେ। ଜାକବ୍ ଡଫି ମାତ୍ର ୪୫ ରନ୍‌ଦେଇ ୫ଟି ଏବଂ ଏଜାଜ୍ ପଟେଲ ୨୩ ରନ୍‌ଦେଇ ୩ଟି ୱିକେଟ୍ ନେଇଥିଲେ। ଚଳିତବର୍ଷ ୮୧ଟି ଟେଷ୍ଟ ୱିକେଟ୍ ନେଇ ଜାକବ୍ ଡଫି ତାଙ୍କ ଦେଶର ମହାନ୍ ଅଲ୍‌ରାଉଣ୍ଡର ସାର୍ ରିଚାର୍ଡ ହାଡ୍‌ଲିଙ୍କ ରେକର୍ଡ ଭାଙ୍ଗିଛନ୍ତି। ୧୯୮୫ରେ ହାଡ୍‌ଲି ୭୯ଟି ଟେଷ୍ଟ ୱିକେଟ୍ ନେଇଥିଲେ।

## ପାକ୍ ଖେଳାଳିଙ୍କୁ ଏକ କୋଟି ପୁରସ୍କାର

ଇସ୍‌ଲାମାବାଦ୍,୨୨।୧୨ : ଭାରତକୁ ହରାଇ ପାକିସ୍ତାନ ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ଚାମ୍ପିଅନ ହେବା ପରେ ଦେଶରେ ବିଜୟ ଉତ୍ସବ ପାଳନ କରାଯାଉଛି। ଗତକାଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହାବାଜ୍ ସରିଫ୍ ଚାମ୍ପିଅନ ଦଳକୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ପ୍ରତ୍ୟେକ ଖେଳାଳିଙ୍କୁ ୧୦ ନିୟୁତ ପାକିସ୍ତାନୀ ଟଙ୍କା ବା ୩୬,୦୦୦ ଡଲାର ବା ଭାରତୀୟ ମୁଦ୍ରାରେ ୩୨ ଲକ୍ଷ ୨୬,୭୧୬ ଟଙ୍କା ପ୍ରଦାନ କରିବାକୁ ସରିଫ୍ ଘୋଷଣା କରିଛନ୍ତି। ନିକଟ ଅତୀତରେ ପାକିସ୍ତାନର କୌଣସି ଦଳ ଭାରତକୁ କ୍ରିକେଟ ମ୍ୟାଚ୍‌ରେ ପରାସ୍ତ କରି ନ ଥିଲା।

## କ୍ରିଷ୍ଣାପ୍ପା ଗୋଥାମ୍‌ଙ୍କ ଅବସର

ବେଙ୍ଗାଲୁରୁ,୨୨।୧୨(ଏଜେନ୍ସି): ଦୀର୍ଘ ୧୪ ବର୍ଷ ଧରି ପେସାଦାର କ୍ରିକେଟ ଖେଳିବା ପରେ କର୍ଣ୍ଣାଟକର ଅଲରାଉଣ୍ଡର କ୍ରିଷ୍ଣାପ୍ପା ଗୋଥାମ ସମସ୍ତ ପ୍ରକାର କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ୨୦୧୨ରେ କର୍ଣ୍ଣାଟକ ପକ୍ଷରୁ ରଣଜୀ ଟ୍ରଫି ଖେଳି ପ୍ରଥମଶ୍ରେଣୀ କ୍ରିକେଟ ଜୀବନ ଆରମ୍ଭ କରିଥିଲେ। ଭାରତ-ଏ' ପକ୍ଷରୁ ଏକାଧିକ ଦଳ ବିପକ୍ଷରେ ଖେଳିସେ ଗୋଥାମ୍ ୨୦୨୧ରେ ଶ୍ରୀଲଙ୍କା ବିପକ୍ଷରେ ଏକମାତ୍ର ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଖେଳିଥିଲେ। ଆଇପିଏଲ୍‌ରେ ସେ ୫ଟି ଫ୍ରାଞ୍ଚାଇଜ୍‌କୁ ପ୍ରତିନିଧିତ୍ୱ କରିଥିଲେ। ଏହି ୩୭ ବର୍ଷୀୟ ଅଲରାଉଣ୍ଡର ୫୯ଟି ପ୍ରଥମଶ୍ରେଣୀ ମ୍ୟାଚ୍‌ରୁ ୨୨୪ ଓ ଆଇପିଏଲ୍‌ରେ ୨୧ଟି ୱିକେଟ ନେଇଥିଲେ। ବ୍ୟାଟିଂରେ ୧୪୧୯ ପ୍ରଥମଶ୍ରେଣୀ ରନ୍ ସଂଗ୍ରହ କରିଛନ୍ତି।

'ନନ୍ଦିଘୋଷ ଟିଭି'
କେନ୍ଦୁଝର ଜିଲ୍ଲା ପାଇଁ ରିପୋର୍ଟର ଆବଶ୍ୟକ

କେନ୍ଦୁଝର ସଦର ମହକୁମା ପାଇଁ ରିପୋର୍ଟର ଆବଶ୍ୟକ କରୁଛନ୍ତି।
ଟେଲିଭିଜନ ରିପୋର୍ଟିଂରେ ଅନ୍ୟୁନ ୨ ବର୍ଷର ଅଭିଜ୍ଞତା ଥିବା
ପ୍ରାର୍ଥୀ ନିମ୍ନ ଠିକଣା କିମ୍ବା ଇମେଲରେ ଆବେଦନ କରିବାକୁ ଅନୁରୋଧ।

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇମେଲ୍ - hr@nandighoshatv.com
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS